ବର୍ଷ-୫୫ : ସଂଖ୍ୟା-୭ ଜୁଲାଇ, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁଲାଇ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ··· | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଧ୍ୟାନ ଓ ଏକାଗ୍ରତା | ··· | ଶ୍ରୀମା | ··· | ୭ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ | | | | |
| ( ଚତୁର୍ଦ୍ଦଶ ପରିଚ୍ଛେଦ) | | | | |
| ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ | ··· | ଶେଖ ଅବଦୁଲ କାଶମ | ··· | ୮ |
| ପ୍ରତ୍ୟାଖ୍ୟାନ | ··· | ଶ୍ରୀମା | ··· | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୨) | ··· | ··· | ··· | ୧୪ |
| ଜିଜ୍ଞାସାର ଉତ୍ତରରେ | ··· | ରାମକୃଷ୍ଣ ଦାସ | ··· | ୧୭ |
| ପୁଣ୍ୟଜୀବୀ ପ୍ରପତ୍ତି | ··· | କୃଷ୍ଣା ଦେବୀ | ··· | ୧୯ |
| ଆତ୍ମାର ଆନନ୍ତ୍ୟ (କବିତା) | ··· | ଶ୍ରୀଅରବିନ୍ଦ | ··· | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୭) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୫ |
| ନୂତନ ପରିବର୍ତ୍ତନର ଆଭିମୁଖ୍ୟ | ··· | ପ୍ରପତ୍ତି | ··· | ୨୮ |
| ପରମ ସତ୍ୟ (କବିତା) | ··· | ସୁନାମଣି ରାଉତ | ··· | ୩୦ |
| ଦ୍ୱୀପାନ୍ତରର କଥା (ଅଷ୍ଟମ ପରିଚ୍ଛେଦ) | | | | |
| ଧର୍ମଘଟର ପୁନରାବିର୍ଭାବ (୧) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୩୧ |
| ଅସ୍ଫୁଟ ଅଙ୍ଗୀକାର (କବିତା) | ··· | ଦୀପ୍ତି ମିଶ୍ର | ··· | ୩୩ |
| ନୂତନ ଶିକ୍ଷାର ଆହ୍ୱାନ (୧୦) | ··· | ଗୟାଧର ଦାଶ | ··· | ୩୪ |
| ବୁଦ୍ଧି ହ୍ରାସର ସରଳ ଧୂମାଳ ମାର୍ଗ | ··· | ମନୋଜ ଦାସ | ··· | ୩୭ |
| ପୁରାଣର ଏକ ଅନାଲୋଚିତ ବ୍ୟକ୍ତିତ୍ୱ | ··· | ପ୍ରସାଦ ତ୍ରିପାଠୀ | ··· | ୩୯ |
| ଅଜ୍ଞାତ ଦ୍ୱୀପର ରାଜା | ··· | ମନୋଜ ଦାସ | ··· | ୪୨ |
| ପ୍ରଚ୍ଛଦ ପ୍ରେରଣା | ··· | ସନ୍ତୋଷ ରଥ | ··· | ୪୪ |
| ଘନ ଅରଣ୍ୟରେ ରାତି | ··· | ବନମାଳୀ ଆଚାର୍ଯ୍ୟ | ··· | ୪୭ |
| ଗୋଟିଏ ମଣିଷଖିଆ ବାଘର କାହାଣୀ | | | | |
| [ଛୋଟ ପିଲାଙ୍କ କ୍ଲାସରେ ଶ୍ରୀମା'ଙ୍କ ଦ୍ୱାରା କଥିତ କାହାଣୀ] | ··· | ··· | ··· | ୫୧ |
| ସଂଖ୍ୟା '୯'ର କୌତୁକ | ··· | ଧର୍ମକୁମାର ଶତପଥି | ··· | ୫୩ |
| ଶୃଗାଳ-ଗଞ୍ଜା ଘଟିତ ପ୍ରଜ୍ଞାର ଉଦ୍‌ଭାସନ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ହେ ମଧୁମୟ ପ୍ରଭୁ ! ବିନମ୍ରଭାବେ, ନିରବରେ ପ୍ରାର୍ଥନା ମୋର ତୁମ ଦିଗରେ ଊର୍ଦ୍ଧ୍ୱାୟିତ – ତୁମେ ଯିଏକି ବିନା ବିତର୍କରେ, ନିର୍ବିଚାରରେ ତୁମକୁ ଅର୍ପିତ ସବୁକିଛି ଗ୍ରହଣ କରିଥାଅ; ତୁମେ ଯିଏକି ସମସ୍ତଙ୍କ ପାଖରେ ନିଜକୁ ଦେଇ ଦେଇଥାଅ, ସମସ୍ତଙ୍କ ପାଖରେ ନିଜକୁ ପରିଜ୍ଞାତ କରିଥାଅ – ସେମାନେ ସେଥିପାଇଁ ଯୋଗ୍ୟ କି ନୁହେଁ ସେ ପ୍ରଶ୍ନ ଉତ୍ଥାପନ ନକରି; ତୁମେ ଯିଏକି ନିଜକୁ ପ୍ରତିଭାତ କରିବା ଦିଗରେ କିଛିକୁହିଁ ଅତି ଦୁର୍ବଳ, ଅତି କ୍ଷୁଦ୍ର, ଅତି ଅଯୋଗ୍ୟ, ଅତି ନଗଣ୍ୟ ବିବେଚନା କର ନାହିଁ ।...

ତୁମ ପାଦ ତଳେ ମୋତେ ଲୋଟି ଯିବାକୁ ଦିଅ, ତୁମ ହୃଦୟ ମଧ୍ୟକୁ ବିଗଳିତ ହୋଇ ତହିଁ ବିଲୀନ ହେବାକୁ ଦିଅ, ତୁମ ସ୍ୱର୍ଗସୁଖ ଭିତରେ ନିଶ୍ଚିହ୍ନ ହେବାକୁ ଦିଅ, ଅଥବା ଆଉ କିଛି ଚାହିଁବା ବିନା କେବଳ ତୁମ ସେବକ ହୋଇଯିବାକୁ ଦିଅ । ମୋର ଅନ୍ୟ କୌଣସି ବାସନା ବା ଆସ୍ପୃହା ନାହିଁ । କେବଳ ମାତ୍ର ତୁମରି ସେବକ ହେବି, ଏହାହିଁ ମୋର ସମଗ୍ର ମାଗୁଣି ।

ଜୁଲାଇ ୨୭, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Keep faith in your spiritual destiny, draw back from error and open more the psychic being to the direct guidance of the Mother's light and power. If the central will is sincere, each recognition of a mistake can become a stepping stone to a truer movement and a higher progress.

(Letters on Yoga IV, pp. 501-502) – Sri Aurobindo

ତୁମର ଆଧ୍ୟାତ୍ମିକ ନିୟତି ଉପରେ ବିଶ୍ୱାସ ସ୍ଥାପନ କର, ଭ୍ରାନ୍ତିରୁ ପଛକୁ ହଟି ଆସ ଏବଂ ଚୈତ୍ୟସତ୍ତାକୁ ମା'ଙ୍କର ଆଲୋକ ଓ ଶକ୍ତିର ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ ପ୍ରତି ଅଧିକ ଉନ୍ମୀଳିତ କରି ରଖ । କେନ୍ଦ୍ରୀୟ ସଂକଳ୍ପ ଯଦି ନିଷ୍ଠାପର ହୋଇଥାଏ, ପ୍ରତିଟି ଭୁଲଭଟକାର ସ୍ୱୀକାରୋକ୍ତି ଏକ ଅଧିକତର ସତ୍ୟାତ୍ମକ ଗତିବୃତ୍ତି ଓ ଏକ ଉଚ୍ଚତର ପ୍ରଗତିର ଉତ୍ତୋଳକ ସୋପାନ-ଶିଳାରେ ପରିଣତ ହୁଏ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

**(୭)**

## ଶ୍ରୀଅରବିନ୍ଦ

Immutable in rhythmic calm and joy
He saw, sovereignly free in limitless light,
The unfallen planes, the thought-created worlds
Where Knowledge is the leader of the act
And Matter is of thinking substance made,
Feeling, a heaven-bird poised on dreaming wings,
Answers Truth's call as to a parent's voice,
Form luminous leaps from the all-shaping beam
And Will is a conscious chariot of the Gods,
And Life, a splendour stream of musing Force,
Carries the voices of the mystic Suns.

ଛନ୍ଦାୟିତ ପ୍ରଶାନ୍ତି ଓ ଆନନ୍ଦ ମଧ୍ୟରେ ଅପରିବର୍ତ୍ତନୀୟ ରହି ସେ ଦେଖିଲେ, ସୀମାହୀନ ଆଲୋକରେ ସାର୍ବଭୌମ ଭାବରେ ବିମୁକ୍ତ, ଅଚ୍ୟୁତ ଲୋକଚୟ, ଭାବନା-ସୃଷ୍ଟ ଜଗତସକଳ ଯେଉଁଠାରେ ଜ୍ଞାନ କର୍ମର ନେତା ଏବଂ ଜଡ଼ ନିର୍ମିତ ହୋଇଛି ଚିନ୍ତନଶୀଳ ଉପାଦାନରେ, ଅନୁଭବ ହେଲା ସ୍ୱପ୍ନବିଭୋର ପକ୍ଷଯୁଗଳ ଉପରେ ସନ୍ତୁଳିତ ସ୍ଥିତିରେ ସମାସୀନ ଏକ ସ୍ୱର୍ଗ-ବିହଙ୍ଗମ, ଜନ୍ମଦାତାର କଣ୍ଠସ୍ୱରକୁ ଜବାବ ଦେବା ସଦୃଶ ସେ ସତ୍ୟର ଆହ୍ୱାନର ଉତ୍ତର ଦିଏ, ସର୍ବ-ରୂପକାର ରଶ୍ମିରୁ ଲମ୍ଫଦେଇ ଆସେ ସମୁଜ୍ଜ୍ୱଳ ରୂପ ଏବଂ ସଙ୍କଳ୍ପ ହୁଏ ଦେବଗଣଙ୍କର ସଚେତନ ରଥ, ଏବଂ ଜୀବନ, ଧ୍ୟାନମଗ୍ନା ମହାଶକ୍ତିର ଏକ ମହୈଶ୍ୱର୍ଯ୍ୟ ନିର୍ଝରିଣୀ, ବହନ କରୁଥାଏ ରହସ୍ୟଘନ ସୂର୍ଯ୍ୟସମୂହର କଣ୍ଠସ୍ୱରସବୁକୁ ।

A happiness it brings of whispered truth;
There runs in its flow honeying
                    the bosom of Space
A laughter from the immortal heart of Bliss,
And the unfathomed Joy of timelessness,
The sound of Wisdom's murmur in the Unknown
And the breath of an unseen Infinity.

ତାହା ଆଣିଦିଏ କ୍ଷୀଣୋଚ୍ଚାରିତ ଏକ ସତ୍ୟର ସୁଖ; ମହାବ୍ୟୋମର ବକ୍ଷଦେଶକୁ ମଧୁସ୍ନିଗ୍ଧ କରି ସେଠାରେ ତାହାର ସ୍ରୋତରେ ପ୍ରବାହିତ ହେଉଥାଏ ଆହ୍ଲାଦର ଅମର ହୃଦୟକନ୍ଦରରୁ ନିଃସୃତ ଏକ ହାସ୍ୟ, ଏବଂ କାଳାତୀତତାର ଅପ୍ରମେୟ ପୁଲକ, ପରମ ଅଜ୍ଞାତଙ୍କ ମଧ୍ୟରେ ପ୍ରଜ୍ଞାର ମର୍ମର ଧ୍ୱନି ତଥା ଏକ ଅଦୃଷ୍ଟ ଅସୀମତାର ଏକ ପ୍ରଶ୍ୱାସ ।

In gleaming clarities of amethyst air
The chainless and omnipotent Spirit of Mind
Brooded on the blue lotus of the Idea.

ନୀଳାଭ-ଲୋହିତ ସମୀରଣର ଆଭାଦୀପ୍ତ ସ୍ୱଚ୍ଛତାରେ ମନର ଶୃଙ୍ଖଳବିହୀନ ଏବଂ ସର୍ବଶକ୍ତିମାନ୍ ଚୈତନ୍ୟ ବିଭାବନାର ନୀଳ ପଦ୍ମ ଉପରେ ଥିଲା ଚିନ୍ତାନିମଗ୍ନ ।

A gold supernal sun of timeless Truth
Poured down the mystery of the eternal Ray
Through a silence quivering
                    with the word of Light
On an endless ocean of discovery.

କାଳାତୀତ ସତ୍ୟର ଏକ ସୁବର୍ଣ୍ଣ ସ୍ୱର୍ଗୀୟ ସୂର୍ଯ୍ୟ ଆଲୋକର ଶବ୍ଦରେ ଶିହରିତ ଏକ ନିରବତା ଭିତର ଦେଇ ଆବିଷ୍କାରର ସୀମାହୀନ ମହାସିନ୍ଧୁ ଉପରେ ଢାଳି ଦେଉଥିଲା ଶାଶ୍ୱତ ରଶ୍ମିର ରହସ୍ୟ ।

Far-off he saw the joining hemispheres.

ସୁଦୂରରେ ସେ ଅବଲୋକନ କଲେ ସଂଯୋଗକାରୀ ଦୁଇ ଗୋଲାର୍ଦ୍ଧକୁ ।

On meditation's mounting edge of trance
Great stairs of thought climbed up
                    to unborn heights

Where Time's last ridges touch eternity's skies
And Nature speaks to the spirit's absolute.

ଧ୍ୟାନର ଊର୍ଦ୍ଧ୍ୱାୟିତ ସମାହିତ(ସମାଧି)ର ପ୍ରାନ୍ତଦେଶରେ ଚିନ୍ତାର ମହତୀ ସୋପାନଶ୍ରେଣୀ ଆରୋହଣ କରିଥିଲା ଅଜାତ ଉଚ୍ଚତାସକଳକୁ, ଯେଉଁଠି ଆକାଶକୁ ସ୍ପର୍ଶ କରେ ସମୟର ଶୀର୍ଷରେଖାବଳୀ ଏବଂ ଚିନ୍ମୟସତ୍ତାର ନିରଙ୍କୁଶତା ସହ କଥା ହେଉଥାଏ ପ୍ରକୃତି ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

**କଥାବାର୍ତ୍ତା ସଂପର୍କରେ :**

କଥାବାର୍ତ୍ତା ସଂପର୍କରେ ନିମ୍ନଲିଖିତ ନିୟମଗୁଡ଼ିକ ମନେ ରଖ ।

୧. କଥା କହିବାର ପ୍ରବୃତ୍ତିକୁ ଅତି ଦୃଢ଼ ଭାବରେ ଉପସ୍ଥାପିତ କରିବା ଦିଗରେ ଆଦୌ ପ୍ରଶ୍ରୟ ଦିଅ ନାହିଁ କିଂବା ଚିନ୍ତା ନ କରି କିଛି କହି ପକାଅ ନାହିଁ । ଯେତେବେଳେ କଥା କହିବ ତାହା ସଚେତନ ଭାବରେ ସଂଯତ ହୋଇ କହିବ; ଏବଂ ଯାହା ନିହାତି ଆବଶ୍ୟକ ଓ ସାହାଯ୍ୟକାରୀ ତାହାହିଁ କହିବ ।

୨. ଯେତେ ପ୍ରକାର ମତଦ୍ୱୈଧ, ତର୍କବିତର୍କ, କଳି ବା ଉତ୍ତେଜକ ଆଲୋଚନା ପ୍ରଭୃତିଠାରୁ ନିଜକୁ ସର୍ବଦା ଦୂରରେ ରଖ; ଯେତିକି କହିବା ଆବଶ୍ୟକ ସେତିକି ମାତ୍ର କହି ନୀରବ ରୁହ । ତୁମେ ଯେ ନିର୍ଭୁଲ କଥା କହୁଛ ଓ ଅନ୍ୟମାନେ ଭୁଲ୍ କହୁଛନ୍ତି ତାହା ଉପରେ ଆଦୌ ଜୋର୍ ଦିଅ ନାହିଁ । କାରଣ ଯାହା ତୁମେ କହିବା କଥା ତାହା କହିଦିଅ, ଯେପରି ତାହା ବିଷୟବସ୍ତୁର ସତ୍ୟ ପ୍ରତି କିଛିଟା ଉପାଦାନ ଯୋଗାଇବ ।

୩. କଥା କହିବାର ଢଙ୍ଗ ଏବଂ ଶବ୍ଦଯୋଜନାକୁ ଶାନ୍ତ ଓ ସ୍ଥିର ଭାବରେ ପ୍ରୟୋଗ କର, ଏବଂ ତାହା କେବେହେଲେ ନିଜକୁ ଜାହିର କରୁ ନ ଥିବ ।

୪. ଅନ୍ୟପକ୍ଷ ଯଦି ତର୍କ ମଧ୍ୟରେ ଉତ୍ତେଜନା ପ୍ରକାଶ କରେ, ତେବେ ତୁମେ ତାକୁ ଗୁରୁତ୍ୱ ଦିଅନା । କିନ୍ତୁ ଶାନ୍ତ ଓ ଅବିକ୍ଷୁବ୍ଧ ରୁହ ଏବଂ ଏ ପରିସ୍ଥିତିରେ ତୁମେ ନିଜେ କେବଳ ସେତିକି କଥା କୁହ, ଯାହାକି ଘଟଣାଟିକୁ ପୁଣି ସହଜ ସ୍ୱାଭାବିକ କରିଦେବ ।

୫. ଯଦି କୌଣସି ବ୍ୟକ୍ତି ବିଷୟରେ (ବିଶେଷତଃ ଯଦି ଜଣେ ସାଧକ ବିଷୟରେ) କୌଣସି ପ୍ରକାରର ନିରର୍ଥକ ଗଳ୍ପ, କୁତ୍ସାରଟନା ବା କଠୋର ସମାଲୋଚନା ହେଉଥାଏ, ସେପରି କ୍ଷେତ୍ରରେ ତୁମେ ସେହି ଆଲୋଚନାରେ ଆଦୌ ଅଂଶ ଗ୍ରହଣ କର ନାହିଁ । କାରଣ ଏପରି ଭାବରେ ଜଡ଼ିତ ହେବା ଦ୍ୱାରା କୌଣସି ଲାଭ ହୁଏ ନାହିଁ ବରଂ ଚେତନା ତଦ୍ୱାରା ଉଚ୍ଚସ୍ତରରୁ ନିମ୍ନକୁ ଖସି ଯାଇଥାଏ ।

୬. ଯାହା ଅନ୍ୟ ବ୍ୟକ୍ତିକୁ କଷ୍ଟ ବା ଆଘାତ ଦିଏ ସେପରି କଥା କହିବାରୁ ବିରତ ହୁଅ ।

(ପୂର୍ଣ୍ଣଯୋଗ – ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା : ୨୧୯-୨୨୦) — ଶ୍ରୀଅରବିନ୍ଦ

# ଧ୍ୟାନ ଓ ଏକାଗ୍ରତା

## ଶ୍ରୀମା

### ଧ୍ୟାନ ଓ ଏକାଗ୍ରତା

ପ୍ରଶ୍ନ : ଧ୍ୟାନ ଓ ଏକାଗ୍ରତା ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ଧ୍ୟାନ ହେଉଛି ସଂପୂର୍ଣ୍ଣଭାବେ ଏକ ମାନସିକ ପ୍ରକ୍ରିୟା, ଏହା କେବଳ ମାନସିକ ସତ୍ତାକୁ ସାହାଯ୍ୟ କରେ । ... ତୁମେ ଦିନକୁ କୋଡ଼ିଏ ଘଣ୍ଟା ଧ୍ୟାନରେ ରହିପାର ଏବଂ ଅବଶିଷ୍ଟ ଚାରିଘଣ୍ଟା ତୁମେ ଅତି ସାଧାରଣ ଲୋକର ଅବସ୍ଥାକୁ ଚାଲି ଆସିପାର । କାରଣ, ସେତେବେଳେ ମନଟି କେବଳ ଧ୍ୟାନ ଧାରଣାର ବଶୀଭୂତ ଥାଏ – ବ୍ୟକ୍ତିର ଅନ୍ୟ ସତ୍ତାଗୁଡ଼ିକ, ଯଥା : ତା'ର ପ୍ରାଣସତ୍ତା ଏବଂ ଦେହସତ୍ତା ଦୁଇଟି ସେଇ ଚାପର ଅଧୀନରେ ଥାଆନ୍ତି, ତେଣୁ ସେମାନେ ଗୋଳମାଳ କରି ପାରନ୍ତି ନାହିଁ । ଧ୍ୟାନାବସ୍ଥାରେ ଥିଲାବେଳେ ତୁମର ଅନ୍ୟାନ୍ୟ ସତ୍ତାମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବେ କୌଣସି କାର୍ଯ୍ୟ କରାଯାଇ ପାରେ ନାହିଁ । ...

ଏକାଗ୍ରତା କିନ୍ତୁ ଆଉ ଏକ ଅଧିକ ସକ୍ରିୟ ଅବସ୍ଥା । ତୁମେ ମାନସିକ ସ୍ତରରେ ଏକାଗ୍ର ହୋଇପାର, ତୁମେ ପ୍ରାଣିକ ସ୍ତରରେ, ଚୈତ୍ୟ-ସ୍ତରରେ ଓ ଦେହ-ସ୍ତରରେ ଏକାଗ୍ର ହୋଇପାର ଏବଂ ସମଗ୍ର ସତ୍ତାରେ ବି ଏକାଗ୍ର ହୋଇପାର । ଏକାଗ୍ରତା ବା ଗୋଟିଏ ବିନ୍ଦୁରେ ନିଜକୁ ସଂକେନ୍ଦ୍ରିତ କରିବାର କ୍ଷମତା ସାଧାରଣ ଧ୍ୟାନ ଅପେକ୍ଷା ଅଧିକ କଷ୍ଟସାଧ୍ୟ ।

### ଧ୍ୟାନର ପ୍ରକାରଭେଦ

ବିଭିନ୍ନ ପ୍ରକାର ଧ୍ୟାନ ଅଛି ! ସାଧାରଣତଃ ଲୋକେ ଯେଉଁ ଧ୍ୟାନର କଥା କହନ୍ତି, ଉଦାହରଣ ସ୍ୱରୂପ ତୁମେ ଗୋଟିଏ ବିଷୟ ନିର୍ବାଚନ କରିଛ କିଂବା ଗୋଟିଏ ଭାବନା ତୁମ ଭିତରେ ଉଦୟ ହୋଇଛି, ତୁମେ ତା'ର ବିକାଶ-ପ୍ରଣାଳୀକୁ ଅନୁସରଣ କରି କରି ଚାଲିଲ କିଂବା ତାହାର ଅର୍ଥ କ'ଣ ସେ ବିଷୟଟିକୁ ବୁଝିବାକୁ ଚେଷ୍ଟା କଲ । ଏଥିରେ ଏକ ଏକାଗ୍ରତା ଅଛି, କିନ୍ତୁ ପ୍ରକୃତ ଏକାଗ୍ରତା ବୋଲି ଯାହାକୁ କୁହାଯାଏ, ସେଇ ଏକାଗ୍ରତାର ସଂପୂର୍ଣ୍ଣତା ଏଥିରେ ନାହିଁ । ଏଥିରେ ଯେଉଁ ବିନ୍ଦୁଟି ଉପରେ ଏକାଗ୍ରତା ରଖାଯାଉଛି, ତା'ଛଡ଼ା ଆଉ କିଛି ରହିବ ଉଚିତ ନୁହେଁ । ଧ୍ୟାନ କିନ୍ତୁ ଏକ ଚାପହୀନ ସହଜ ଗତି । ଏଥିରେ ଏକାଗ୍ରତା ଅପେକ୍ଷା ଚାପ (tense) କମ୍ ଥାଏ ।

ଗୋଟିଏ ସମସ୍ୟା ଆସିଲେ ତୁମେ ଯେତେବେଳେ ତାହାକୁ ବୁଝିବାକୁ ଚେଷ୍ଟାକର – ସେହି ସମସ୍ୟାଟି ମନସ୍ତାତ୍ତ୍ୱିକ ହୋଇପାରେ ବା ପରିସ୍ଥିତିଗତ ହୋଇପାରେ – ଏବଂ ସେ ସ୍ଥିର ହୋଇ ବସେ, ସମସ୍ୟାଟିକୁ ଦେଖେ, ତା'ର ସବୁକିଛି ସମ୍ଭାବନାକୁ ନିରୀକ୍ଷଣ କରେ, ସେମାନଙ୍କୁ ତୁଳନା କରେ, ଅଧ୍ୟୟନ କରେ, ଏହା ହେଲା ଗୋଟିଏ ପ୍ରକାର ଧ୍ୟାନ; ଏହିସବୁ ପରିସ୍ଥିତିରେ ଜଣେ ହୁଏତ ସ୍ୱତଃସ୍ଫୁର୍ତ୍ତ ଭାବେ ଧ୍ୟାନ କରିଥାଏ । ଜଣେ ଯେତେବେଳେ ଗୋଟିଏ ସିଦ୍ଧାନ୍ତ ନେବା ପାଇଁ ବସେ, ଉଦାହରଣ ସ୍ୱରୂପ କେଉଁ ସିଦ୍ଧାନ୍ତ ନେବ ଜାଣି ପାରୁ ନ ଥାଏ – ସେପରି କ୍ଷେତ୍ରରେ ଜଣେ ସାଧାରଣତଃ ଚିନ୍ତା କରେ, ତା' ବିଚାର ଶକ୍ତିର ପ୍ରୟୋଗ କରେ, ସବୁ ପ୍ରକାର ସମ୍ଭାବନାଗୁଡ଼ିକୁ ତୁଳନା କରେ ଏବଂ ଶେଷରେ ପସନ୍ଦ ମୁତାବକ ସିଦ୍ଧାନ୍ତଟିଏ ନିଏ ... ଉଣାଧିକେ ଆମେ ଏହାକୁ ମଧ୍ୟ ଏକ ପ୍ରକାର ଧ୍ୟାନ ବୋଲି କହି ପାରିବା ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଚତୁର୍ଦ୍ଦଶ ପରିଚ୍ଛେଦ)

## ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ

**ଶେଖ ଅବଦୁଲ କାଶମ**

ଧର୍ମର କାର୍ଯ୍ୟ ହେଲା ବୁଦ୍ଧିର ଅତୀତ ହୋଇ ରହିଥିବା ଆଧ୍ୟାତ୍ମିକ ବିଷୟର ସନ୍ଧାନ କରିବା । ଏହି କାର୍ଯ୍ୟରେ ବୁଦ୍ଧି କିଛି ପରିମାଣରେ ସାହାଯ୍ୟ କରିପାରେ; ମାତ୍ର ତାହା ଯଥେଷ୍ଟ ନୁହେଁ । ଏକ ଉଚ୍ଚତର ସାମର୍ଥ୍ୟ ବା ଉର୍ଦ୍ଧ୍ୱତର ଆଲୋକ ଆଡ଼କୁ ଯିବାକୁ ହେଲେ ବୁଦ୍ଧିକୁ ଝୁଣ୍ଟି ଝୁଣ୍ଟି ଯିବାକୁ ହୁଏ । ମାନବୀୟ କ୍ରିୟାଶୀଳତାର ନିମ୍ନ କ୍ଷେତ୍ରଗୁଡ଼ିକରେ ବୁଦ୍ଧି ଅଧିକ ନିଶ୍ଚୟତା ଓ ସାମର୍ଥ୍ୟ ସହ କାର୍ଯ୍ୟ କରିପାରେ । ଏହା ବୁଦ୍ଧିଗତ ଓ ଅବବୌଦ୍ଧିକ ଭୂମିର ସଂଯୋଗ ସ୍ଥଳରେ ସହଜାତ ପ୍ରବୃତ୍ତିଗୁଡ଼ିକୁ ନିୟନ୍ତ୍ରଣ କରିପାରେ । ଦର୍ଶନ, ବିଜ୍ଞାନ ଓ ଉପଯୋଗୀ କଳାଗୁଡ଼ିକ କ୍ଷେତ୍ରରେ ବୁଦ୍ଧିର ସର୍ବପ୍ରଧାନ ଅଧିକାର ରହିଛି ବୋଲି ଆମେ ମନେ କରିପାରୁ, ମାତ୍ର ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ବୁଦ୍ଧି ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେହିଁ କାର୍ଯ୍ୟ କରିଥାଏ । ମନୁଷ୍ୟର ସୌନ୍ଦର୍ଯ୍ୟବୋଧଗତ ସତ୍ତା ତଥା ନୈତିକ ସତ୍ତା, ଏ ଦୁଇଟି ମଧ୍ୟରେ ଏକ ମଧ୍ୟବର୍ତ୍ତୀ ତତ୍ତ୍ୱ ଭାବରେ ବୁଦ୍ଧି ଆପଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ପ୍ରଥମ ସତ୍ତାଟି ସୌନ୍ଦର୍ଯ୍ୟର ଅନ୍ୱେଷଣ କରୁଥିବା ବେଳେ ଦ୍ୱିତୀୟଟି ଶିବ ବା ମଙ୍ଗଳ ଅନ୍ୱେଷଣ କରୁଥାଏ ।

କାବ୍ୟ, ଚିତ୍ରାଙ୍କନ, ନୃତ୍ୟ, ମୂର୍ତ୍ତିକଳା ଓ ସ୍ଥାପତ୍ୟ ପ୍ରଭୃତି କ୍ଷେତ୍ରରେ ମନୁଷ୍ୟର ସୌନ୍ଦର୍ଯ୍ୟବୋଧ ଓ ସୌନ୍ଦର୍ଯ୍ୟ ପ୍ରୀତି ପ୍ରକାଶିତ ହୋଇଥାଏ । ପ୍ରକୃତରେ ଜୀବନର ଏପରି କୌଣସି ବିଷୟ ନାହିଁ ଯାହାକି ସୌନ୍ଦର୍ଯ୍ୟ ପରିପ୍ରକାଶରେ ମାଧ୍ୟମ ହୋଇ ପାରିବ ନାହିଁ । ଆମେ ଯଦି ଜୀବନରେ ପରିପୂର୍ଣ୍ଣତା ଚାହୁଁ ତେବେ ସୌନ୍ଦର୍ଯ୍ୟକୁ ବିଶ୍ୱମୟ ଭାବରେ ଅନୁଭବ କରିବାକୁ ହେବ । ସୌନ୍ଦର୍ଯ୍ୟର ଆକାଙ୍କ୍ଷାଟି ଏକ ବୁଦ୍ଧିଗତ ପ୍ରେରଣା ନୁହେଁ, ଏହା ହେଉଛି ଏକ ସହଜାତ ପ୍ରବୃତ୍ତି ଓ ସହଜାତ ଆବେଗ । ଅବବୌଦ୍ଧିକ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟର ଆକାଙ୍କ୍ଷାଟି ଅଶୁଦ୍ଧତା ଓ ଅପୂର୍ଣ୍ଣତାକୁ ଦୂର କରିବା ଲାଗି କାର୍ଯ୍ୟ କରିପାରେ । ଏହି ପର୍ଯ୍ୟାୟରେ ବୁଦ୍ଧି ଅଶୁଦ୍ଧତାଗୁଡ଼ିକୁ ଦେଖାଇ ଦିଏ ଏବଂ ସୌନ୍ଦର୍ଯ୍ୟବୋଧର ବିଧାନଗୁଡ଼ିକୁ ନିରୂପଣ କରିଦିଏ । ଆମ ଭିତରେ ବୁଦ୍ଧି ସୌନ୍ଦର୍ଯ୍ୟବୋଧଗତ ବିବେକ ରୂପେ ଏବଂ ସୌନ୍ଦର୍ଯ୍ୟର ଏକ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରିପାରେ । ଏହା ଆମ ଭିତରେ ଆତ୍ମ-ସଚେତନତା ଆଣିଦିଏ ଏବଂ ଉଚିତ ଅନୁଚିତର ପ୍ରଭେଦ ବାଛିବା ଲାଗି ଆମକୁ ସମର୍ଥ କରେ ।

ସୌନ୍ଦର୍ଯ୍ୟର ଅନୁଭୂତି ଓ ଉପଭୋଗକୁ ସର୍ବୋଚ୍ଚ ସୀମାକୁ ଉନ୍ନୀତ କରିବାକୁ ହେଲେ ଆମେ ବୁଦ୍ଧି ଉପରେ ଏକାନ୍ତ ଭରସା କରି ତାହା କରିପାରିବା ନାହିଁ । ସୌନ୍ଦର୍ଯ୍ୟର ବଳିଷ୍ଠତମ ସୃଷ୍ଟିକୁ ସମ୍ଭବ କରିବା ଲାଗି ଆମକୁ ବୁଦ୍ଧିର ସୀମା ଡେଇଁ ଏକ ବୁଦ୍ଧି-ଅତୀତ ରାଜ୍ୟରେ ପ୍ରବେଶ କରିବାକୁ ହେବ । ଏ ସମ୍ପର୍କରେ ଶ୍ରୀଅରବିନ୍ଦ କହନ୍ତି – "The intellect is not the poet, the artist, the creator within us; creation comes by a suprarational influx of light and power which must work always, if it is to do its best, by vision and inspiration."

(The Human Cycle, p. 137)

ଅର୍ଥାତ୍, ''ଆମର ଏହି ବୁଦ୍ଧିଟାହିଁ ଆମ ଭିତରେ କବି, କଳାବିତ୍ କିଂବା ସ୍ରଷ୍ଟା ହୋଇ ବସି ନାହିଁ; ବୁଦ୍ଧିର ଅତୀତ ଆହୁରି ଏକ ରାଜ୍ୟରୁ ଆମ ଭିତରକୁ ଆଲୋକ ତଥା ସାମର୍ଥ୍ୟର ଆଲୋଡ଼ନ ଘଟିଲେ ଯାଇ ଏହି କ୍ଷେତ୍ରରେ ଯାବତୀୟ ସୃଷ୍ଟିର ଉନ୍ମେଷ ହୋଇଥାଏ, ଏବଂ ସର୍ବୋତ୍ତମ ସୃଷ୍ଟିର କ୍ଷେତ୍ରରେ ଏହି ଆଲୋକ ଓ ସାମର୍ଥ୍ୟ ସର୍ବଦା କେବଳ ଅନ୍ତର୍ଦୃଷ୍ଟି ଏବଂ ଅନ୍ତଃପ୍ରେରଣା ଦ୍ୱାରାହିଁ କାର୍ଯ୍ୟ କରୁଥାଏ ।''

ସର୍ଜନାର ଏକ ସୀମିତ କ୍ଷେତ୍ରରେହିଁ ବୁଦ୍ଧିର ସାହାଯ୍ୟ ନିଆଯାଇପାରେ । ମାତ୍ର ବୁଦ୍ଧି ଯଦି ଅଧିକ ହସ୍ତକ୍ଷେପ କରିବାକୁ ବସେ, ତେବେ ଉର୍ଦ୍ଧ୍ୱରୁ ଆସୁଥିବା ଦିବ୍ୟ ଉତ୍ସାହ ଓ ପ୍ରେରଣା ଠିକ୍ ଭାବରେ କାର୍ଯ୍ୟ କରିପାରେ ନାହିଁ, ତାହା ଅବଦମିତ ହୋଇଯାଏ ବା ତା'ର ସାମର୍ଥ୍ୟ କ୍ଷୀଣ ହୋଇଯାଏ । ବୁଦ୍ଧି-ଅତୀତ ରାଜ୍ୟରୁ ଆସିଥିବା ପ୍ରେରଣାକୁ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଦେଲେ ତାହା ସୃଜନ ପ୍ରତିଭାକୁ ଶକ୍ତିମନ୍ତ କରେ ।

ଯେଉଁ କ୍ଷେତ୍ରରେ ବୁଦ୍ଧିର ନିୟନ୍ତ୍ରଣ ନଥାଏ, ସେଇଠି ସୃଷ୍ଟି ମଧ୍ୟରେ ଉଚ୍ଚତା, ଗଭୀରତା ଓ କମନୀୟତା ପରିଲକ୍ଷିତ ହୁଏ । ବୁଦ୍ଧିର ସୀମା ଭିତରେ କାର୍ଯ୍ୟ କରି ଯଦି କଳା ସୃଷ୍ଟି କରାଯାଏ ତାହା ହୁଏତ ସୁନ୍ଦର ଓ ଚମତ୍କାର ହୋଇପାରେ, ମାତ୍ର ତାହାକୁ ଏକ କାରିଗରୀ ବୋଲିହିଁ କୁହାଯିବ, ତାହା ପ୍ରକୃତ କଳାସୃଷ୍ଟି ନୁହେଁ । ସେଇ ଧରଣର କଳାସୃଷ୍ଟି ଶୈଳୀ, ପଦ୍ଧତି ଓ ଗଠନ-କୁଶଳତା ଦୃଷ୍ଟିରୁ ହୁଏତ ବାହ୍ୟ ସଫଳତା ଲାଭ କରିପାରେ, ମାତ୍ର ସେଥିରେ ସୌନ୍ଦର୍ଯ୍ୟର ଅବିନାଶୀ ସତ୍ୟ ନଥାଏ କି ସୃଷ୍ଟିଗତ ଦିବ୍ୟାନନ୍ଦ ନଥାଏ । ଆତ୍ମିକ ଗୁଣର ଅଭାବ ଯୋଗୁଁ ସେପରି ସୃଷ୍ଟିର କୌଣସି ସ୍ଥାୟୀ ମୂଲ୍ୟ ରହି ନଥାଏ ।

କଳାତ୍ମକ ସୃଷ୍ଟିର ବୁଦ୍ଧିପ୍ରଧାନ ଯୁଗରେ ବୁଦ୍ଧିଗତ ପ୍ରବୃତ୍ତିହିଁ କାବ୍ୟ ଓ କଳାକ୍ଷେତ୍ରରେ ପ୍ରଧାନ ସ୍ଥାନ ଅଧିକାର କରିଛି । ସେତେବେଳେ ସୌନ୍ଦର୍ଯ୍ୟର ଗଭୀରତମ ସତ୍ୟ ଆବିଷ୍କାର କରିବା ସୃଜନଶୀଳତାର ଉଦ୍ଦେଶ୍ୟ ହୋଇ ରହି ନଥାଏ । ସେହି ଯୁଗରେ କବି ଓ କଳାକାରମାନେ ବୁଦ୍ଧିଗତ ବିଶ୍ଳେଷଣ, ବିଚାରଣା ଓ ସମୀକ୍ଷାତ୍ମକ ଦୃଷ୍ଟିକୋଣକୁ ସେମାନଙ୍କ ଯାବତୀୟ ସୃଷ୍ଟିର ପ୍ରଧାନ ଅବଲମ୍ବନ କରିଥା'ନ୍ତି । ଭଗବାନ୍, ମନୁଷ୍ୟ ଓ ପ୍ରକୃତି ସମ୍ବନ୍ଧୀୟ କୌଣସି ସତ୍ୟ ଉଦ୍‌ଘାଟନ କରିବା ସେମାନଙ୍କର ଲକ୍ଷ୍ୟ ହୋଇ ନଥାଏ । ମହାନ୍ କଳା ବୁଦ୍ଧିଗତ ସତ୍ୟଗୁଡ଼ିକର ପରିବେଷଣ କରି ସନ୍ତୁଷ୍ଟ ରହିପାରିବ ନାହିଁ । ମହାନ୍ କଳାରେ ଫୁଟି ଉଠିଥାଏ ଏକ ଗଭୀର ଓ ମୌଳିକ ସତ୍ୟ । ଆତ୍ମାର ସତ୍ୟକୁ ଆବିଷ୍କାର କରିବା ଏବଂ ତାକୁ ଯଥାର୍ଥ ଆକାର ଓ ଭାବ ଦେଇ ପ୍ରକାଶ କରିବା ହେଉଛି ଶ୍ରେଷ୍ଠ କଳାର ଉଦ୍ଦେଶ୍ୟ । ବାହ୍ୟ ପ୍ରକୃତି ମଧ୍ୟରେ ରହିଥିବା ଆକାରକୁ ଅବିକଳ ନକଲ କରିନେଲେ ତାହା ମହାନ୍ କଳା ହୋଇପାରେ ନାହିଁ । ମହାନ୍ କଳା ଯେଉଁ ଆକାର ଦେଇ ସତ୍ୟକୁ ପ୍ରକାଶ କରେ ତାହା ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥାଏ, ଯେଉଁ ଭାବକୁ ନେଇ ତାହା ସୌନ୍ଦର୍ଯ୍ୟକୁ ଫୁଟାଏ ତାହା ଏକ ଉନ୍ମୋଚନକାରୀ ଭାବ ହୋଇଥାଏ । ସୌନ୍ଦର୍ଯ୍ୟର ସତ୍ୟକୁ ଅନୁସନ୍ଧାନ କରିବା ହେଉଛି ମହାନ୍ କଳାର ଲକ୍ଷ୍ୟ । ଏହା ବାହ୍ୟ ଗଠନର ସୌନ୍ଦର୍ଯ୍ୟକୁ ବିଶେଷ ଗୁରୁତ୍ୱ ନଦେଇ ବସ୍ତୁ ଭିତରେ ନିଗୂଢ଼ ହୋଇ ରହିଥିବା ଦିବ୍ୟ ସ୍ରଷ୍ଟାଙ୍କର ତାତ୍ପର୍ଯ୍ୟକୁ ଅଭିବ୍ୟକ୍ତ କରିବାକୁ ଚାହେଁ । ପ୍ରତ୍ୟେକ ବସ୍ତୁ ଭିତରେ ଆତ୍ମା ବା ଚିନ୍ମୟ ସତ୍ତା ରହିଛନ୍ତି । ସେହି ଆତ୍ମାଗତ ଭାବକୁ ପ୍ରକଟିତ କରି ଆଣିବା ଜଣେ କଳାକାରର ପ୍ରଥମ ଅଭିପ୍ରାୟ ହେବା ଉଚିତ ।

ରୋମାଣ୍ଟିକ୍ ଯୁଗର କଳା ଓ କାବ୍ୟ ଯାହାକିଛି ବୈଶିଷ୍ଟ୍ୟଯୁକ୍ତ ଓ ବ୍ୟକ୍ତିଗତ, ତାହାକୁହିଁ ଅଭିବ୍ୟକ୍ତ କରିଥାଏ । ଅନ୍ୟ ପକ୍ଷରେ କ୍ଲାସିକାଲ୍ ଯୁଗର କଳା ଓ କାବ୍ୟ ଯାହାକିଛି ବିଶ୍ୱଗତ ଓ ସାର୍ବଜନୀନ, ତାହାକୁ ଅଭିବ୍ୟକ୍ତ କରିଥାଏ । ପ୍ରତ୍ୟେକ ଯଥାର୍ଥ କଳା ବିଶ୍ୱଗତତା ଓ ସାର୍ବଜନୀନତାକୁ ଆଧାର କରି ରୂପାୟିତ ହେବା ଉଚିତ । ମହାନ୍ ଶ୍ରେଣୀର କଳାରେ ଏକ କ୍ଲାସିକାଲ୍, ଏକ ରୋମାଣ୍ଟିକ୍ ତଥା ଏକ ବାସ୍ତବବାଦୀ ଉପାଦାନ ରହିଥାଏ । ସେଥିରେ କୌଣସି କୁତ୍ସିତ, ନିହାତି ସାଧାରଣ ବା ବିକୃତ ଭାବ ସ୍ଥାନ ପାଇ ନଥାଏ । ଅତିରିକ୍ତତା ଓ ଅତିରଞ୍ଜନରୁ ତାହା ମୁକ୍ତ ହୋଇଥାଏ । କ୍ଲାସିକାଲ୍ କଳା ବୁଦ୍ଧିସର୍ବସ୍ୱ ହୋଇ ନଥାଏ । ଏହା ଏକ ପ୍ରଶସ୍ତ ଦୃଷ୍ଟି ଓ ଉଚ୍ଚ ପ୍ରେରଣାକୁ ବହନ କରୁଥାଏ । ଗଠନର ନିର୍ଦ୍ଦିଷ୍ଟ ଛାଞ୍ଚକୁ ଅନୁସରଣ କରିବା, କାରିଗରିଗତ ସିଦ୍ଧାନ୍ତକୁ ମାନିନେବା ଏବଂ ବାହ୍ୟ ରୂପର ଦାସ ହୋଇ ରହିବା — ଏହା କୌଣସି ଉଚ୍ଚ ଶ୍ରେଣୀର କଳାକାର ପାଖରେ ଦେଖାଯାଏ ନାହିଁ । ଯଥାର୍ଥ ସୌନ୍ଦର୍ଯ୍ୟ, ପ୍ରାଣୋଚ୍ଛଳତା ଓ ଶକ୍ତିମତ୍ତାହିଁ ମହାନ୍ କଳାର ଲକ୍ଷଣ ।

ଗୋଟିଏ କଳାତ୍ମକ ସୃଷ୍ଟି ସେତେବେଳେ ପରିପୂର୍ଣ୍ଣତାର ଗୌରବ ଅର୍ଜନ କରେ ଯେତେବେଳେ ସେଥିରେ ଗୁଣାତ୍ମକ ଭେଦ ନିରୂପଣର ସାମର୍ଥ୍ୟ ପ୍ରକାଶିତ ହୁଏ; ଅର୍ଥାତ୍, ଯେତେବେଳେ ତାହା ସୌନ୍ଦର୍ଯ୍ୟ ଓ ସତ୍ୟର ସିଦ୍ଧାନ୍ତକୁ ଅନୁସରଣ କରି ବିଭିନ୍ନ ଉପାଦାନକୁ ଗ୍ରହଣ କରେ ବା ବର୍ଜନ କରେ । ସେଥିରେ ସଙ୍ଗତି ଓ ଆନୁପାତିକତା ଅନ୍ତର୍ନିହିତ ଗୁଣ ରୂପେ ରହିଥାଏ । ଭାବ ଓ ରୂପ ମଧ୍ୟରେ ବି ନିବିଡ଼ ସମ୍ବନ୍ଧ ଦେଖିବାକୁ ମିଳେ । ସ୍ରଷ୍ଟା ମଧ୍ୟରେ କାର୍ଯ୍ୟ କରୁଥିବା ଗୁଣାତ୍ମକ ଭେଦ ନିରୂପଣର ସାମର୍ଥ୍ୟଟି ବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ନଥାଏ । ବୁଦ୍ଧିଗତ ଆତ୍ମସମୀକ୍ଷା ବା ବୁଦ୍ଧିପ୍ରସୂତ ନିୟମାବଳୀ ତାକୁ ପ୍ରଭାବିତ କରି ନଥାଏ । ସେହି ଭେଦ ନିରୂପଣ ସାମର୍ଥ୍ୟଟି ସ୍ୱୟଂ ସୃଜନାତ୍ମକ ଓ ସ୍ୱୟଂ ସମ୍ବୋଧିଶୀଳ । ବୁଦ୍ଧି-ଅତୀତ ଏକ ଉଚ୍ଚତର ଭୂମିରୁ ଅବତରିତ ହେଉଥିବା ଏକ ପ୍ରେରଣାହିଁ ସେହି ସାମର୍ଥ୍ୟକୁ ସୃଷ୍ଟି କରିଥାଏ । ଶ୍ରୀଅରବିନ୍ଦ କହନ୍ତି — ''ଅନୁପ୍ରେରିତ ସୌନ୍ଦର୍ଯ୍ୟ-ସ୍ରଷ୍ଟାର ସାଧନଗୁଡ଼ିକରେ ସମୀକ୍ଷାଧର୍ମୀ ବୁଦ୍ଧିଟି କେତେବେଳେ ବି କୌଣସି ପ୍ରତ୍ୟକ୍ଷ କିଂବା ସ୍ୱାଧୀନ ଭୂମିକା ଗ୍ରହଣ କରିପାରେ ନାହିଁ ।''

ଯଥାର୍ଥ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ଲାଗି ବୁଦ୍ଧି କୌଣସି

ପଦ୍ଧତି, ପ୍ରକ୍ରିୟା ବା ଉପାୟ ବତାଇ ଦେଇପାରେ ନାହିଁ । ସୌନ୍ଦର୍ଯ୍ୟକୁ ବୁଝିବା ପାଇଁ ବୁଦ୍ଧି କିଛି ପରିମାଣରେ ସାହାଯ୍ୟ କରିପାରେ, ମାତ୍ର ତାହା ସର୍ବୋଚ୍ଚ ବିଚାରକ ହୋଇ କାର୍ଯ୍ୟ କରିପାରେ ନାହିଁ । ସୌନ୍ଦର୍ଯ୍ୟକୁ ବୁଝିବା ଲାଗି ଏକ ଗଭୀରତର ଅନ୍ତର୍ଦୃଷ୍ଟି ଓ ଏକ ସଂବୋଧିଗତ ଅନୁସ୍ପନ୍ଦନ ଆବଶ୍ୟକ । ବୁଦ୍ଧି ସର୍ବଦା ବାହାରେ ରହିହିଁ ବିଷୟର ଅଧ୍ୟୟନ କରିଥାଏ । କଳାତ୍ମକ ସୃଷ୍ଟିର ଗଭୀରରେ ଯେଉଁ ଉପାଦାନସବୁ ସୌନ୍ଦର୍ଯ୍ୟକୁ ଅଭିବ୍ୟକ୍ତ କରିଥା'ନ୍ତି ତା' ଭିତରେ ପ୍ରବେଶ କରିବାର ସାମର୍ଥ୍ୟ ବୁଦ୍ଧିର ନଥାଏ ।

ସାହିତ୍ୟିକ ଓ କଳାତ୍ମକ ସମୀକ୍ଷାର ବିକାଶଧାରାକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ସର୍ବପ୍ରଥମ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟର ବୋଧ ପ୍ରଧାନତଃ ସହଜାତ ଓ ପ୍ରବୃତ୍ତିଗତ ହୋଇଥାଏ । ତାହା ଆତ୍ମାର ସୌନ୍ଦର୍ଯ୍ୟବୋଧଗତ ଗ୍ରହଣଶୀଳତା ପ୍ରତି ପ୍ରତିସ୍ପନ୍ଦନ ଜଣାଏ । ମନନଧର୍ମୀ ବୁଦ୍ଧି ତାହାର ବ୍ୟାଖ୍ୟା କରିବାକୁ ସୁଯୋଗ ପାଏ ନାହିଁ । ପରେ ଯେତେବେଳେ ମସ୍ତିଷ୍କଗତ ବୁଦ୍ଧି ସୌନ୍ଦର୍ଯ୍ୟବୋଧର କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆରମ୍ଭ କରେ ତାହା କଳାସୃଷ୍ଟିର ବିଶ୍ଳେଷଣ କରିବାକୁ ଲାଗେ, ଶୈଳୀର ନିୟମ ପ୍ରସ୍ତୁତ କରେ, କଳାତ୍ମକ ରଚନାର ପ୍ରଣାଳୀସବୁ ନିର୍ଦ୍ଧାରିତ କରେ । ଏହା ଫଳରେ ପାଣ୍ଡିତ୍ୟପୂର୍ଣ୍ଣ ସମୀକ୍ଷାର ଏକ ଯୁଗ ଆରମ୍ଭ ହୁଏ । ସେହି ସମୀକ୍ଷା ଉପରଭାଗୀୟ ଓ କୃତ୍ରିମ ହୋଇଥାଏ, ସେଥିରେ ଗଭୀରତା ନଥାଏ । ସେତେବେଳେ କେବଳ ଶୈଳୀ (technique)ହିଁ କଳାସୃଷ୍ଟିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ଭୁଲ୍ ଧାରଣା ସୃଷ୍ଟି ହୁଏ । ପ୍ରତ୍ୟେକ ସୃଜନାତ୍ମକ କଳାକୁ ବ୍ୟାଖ୍ୟା କରିବାକୁ ଏକ ବିଶଦ ବିଜ୍ଞାନର ଆବଶ୍ୟକତା ରହିଛି ବୋଲି ବିଚାର କରାଯାଏ । ତା'ପରେ ଏପରି ଏକ ସମୟ ଆସି ପହଞ୍ଚେ ଯେତେବେଳେ କି ସୌନ୍ଦର୍ଯ୍ୟର ସ୍ରଷ୍ଟା ଏହା ବିରୋଧରେ ବିଦ୍ରୋହ କରି ଉଠେ, ସେ ଆପଣା ସ୍ୱାଧୀନତା ଦାବି କରେ ।

ସ୍ରଷ୍ଟାର ସ୍ୱାଧୀନତା ଯେତେ ପ୍ରସାରିତ ହୁଏ ସମୀକ୍ଷାତ୍ମକ ବୁଦ୍ଧିକୁ ମଧ୍ୟ ସେତେ ତା'ର ସୀମାଗୁଡ଼ିକୁ ଡେଇଁ ଯିବାକୁ ହୋଇଥାଏ । ଏହା ପରେ ସୌନ୍ଦର୍ଯ୍ୟବୋଧର ସାମର୍ଥ୍ୟ ଅଧିକ ବିକଶିତ ହୋଇଥାଏ ଏବଂ ତାହା କଳାକୃତିର ଆତ୍ମାଟିକୁ ସନ୍ଧାନ କରିବାକୁ ପ୍ରୟାସ କରେ । କଳା-ସମୀକ୍ଷକ କଳାର ଆତ୍ମାକୁ ଆଧାର କରି ତା'ର ଆଙ୍ଗିକଟିକୁ ବ୍ୟାଖ୍ୟା କରେ । ସେ କଳାକୃତିକୁ ଯଥାର୍ଥ ଭାବେ ବୁଝି ପାରିବାକୁ ସ୍ରଷ୍ଟାର ଭାବ, ସ୍ୱଭାବ ଓ ବିଚାରଗୁଡ଼ିକୁ ଅଧ୍ୟୟନ କରିବାକୁ ଆରମ୍ଭ କରେ । ବୁଦ୍ଧିର କାର୍ଯ୍ୟ ହେଲା ସ୍ରଷ୍ଟା ଓ ସୃଷ୍ଟିକୁ ଯଥାର୍ଥ ରୂପେ ବୁଝିପାରିବା ଲାଗି ଆମକୁ ସାହାଯ୍ୟ କରିବା । ଏହାହିଁ ସମୀକ୍ଷାର ଅସଲ ମାର୍ଗ । ଏହି ମାର୍ଗରେ ଅଧିକ ଅଗ୍ରସର ହେଲେ ବୁଦ୍ଧି ଦେଇ ବୁଝିବାର ପଦ୍ଧତିଟି ଅତିକ୍ରାନ୍ତ ହୋଇଯିବ ଏବଂ ତା' ସ୍ଥାନରେ ବୁଦ୍ଧିର ଅତୀତ ଏକ ଉଚ୍ଚତର ସାମର୍ଥ୍ୟ ଉନ୍ମୋଚିତ ହୋଇ ଆସିବ । ସେତେବେଳେ ରସଗ୍ରାହୀ ବ୍ୟକ୍ତି ଭିତରର ସୌନ୍ଦର୍ଯ୍ୟାତ୍ମା ସୃଷ୍ଟ ବସ୍ତୁର ସୌନ୍ଦର୍ଯ୍ୟାତ୍ମା ସହିତ ଏକାତ୍ମତା ଅର୍ଜନ କରେ । ଫଳରେ ସୃଷ୍ଟି କଲାବେଳେ ସ୍ରଷ୍ଟା ଯେଉଁ ଦିବ୍ୟ ଭାବାବେଶ ଓ ଦିବ୍ୟ ଉତ୍ତୋଳନର ଅନୁଭୂତି ଲାଭ କରିଥିଲା ରସଗ୍ରାହୀ ବ୍ୟକ୍ତି ସେହି ଅନୁଭୂତିକୁ ଲାଭ କରିପାରେ । ଏହି ସମଗ୍ର ପ୍ରକ୍ରିୟାରୁ ଏହା ସ୍ପଷ୍ଟ ହୁଏ ଯେ ମସ୍ତିଷ୍କର ବୁଦ୍ଧି (rational intelligence) ଯେଉଁ କାର୍ଯ୍ୟଟିକୁ ଆରମ୍ଭ କରିଥାଏ ସମ୍ବୋଧିଶୀଳ ମନ (intuitive mind) ସେହି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିଦିଏ । ଏହି ସମ୍ବୋଧିଶୀଳ ମନ ବା ସଂବୁଦ୍ଧ ମନ କଳାକୃତିର ସମଗ୍ର ରୂପ, ଦୋଷଗୁଣ ଓ ଅନ୍ତର୍ନିହିତ ମର୍ମକୁ ଆମ ପାଖରେ ଉନ୍ମୋଚିତ କରିଦିଏ । ଭେଦ ନିରୂପଣ କରିବାରେ ଏହି ସଂବୁଦ୍ଧ ମନଟି ତର୍କଶୀଳ ବୁଦ୍ଧି ଅପେକ୍ଷା ଅଧିକ ସମର୍ଥ ।

ବୁଦ୍ଧି ସୌନ୍ଦର୍ଯ୍ୟବୋଧର ସହଜାତ ପ୍ରବୃତ୍ତି ଓ ଆବେଗଗୁଡ଼ିକୁ ଶୁଦ୍ଧ କରିଥାଏ ସତ, ମାତ୍ର ସୌନ୍ଦର୍ଯ୍ୟବୋଧଗତ ସର୍ବୋଚ୍ଚ ପରିତର୍ପଣ ଦେଇପାରେ ନାହିଁ । ଅତିବୌଦ୍ଧିକ ସୋପାନଟି ସହିତ ସଂଯୁକ୍ତ ହେଲେ ଯାଇ ଆମେ ସୌନ୍ଦର୍ଯ୍ୟର ଯଥାର୍ଥ ଆସ୍ୱାଦନ କରିପାରିବା ।

ସୌନ୍ଦର୍ଯ୍ୟ ମାଧ୍ୟମରେ ଆମେ ପରମ ଦିବ୍ୟସତ୍ତାଙ୍କୁହିଁ ଅନ୍ୱେଷଣ କରୁଛୁ । ପ୍ରଥମ ପର୍ଯ୍ୟାୟରେ ଆମେ ବାହ୍ୟ ରୂପର ସୌନ୍ଦର୍ଯ୍ୟରେ ପରିତୃପ୍ତ ଲାଭ କରୁ । ସେହି ସୌନ୍ଦର୍ଯ୍ୟ ଆମର ଭୌତିକ ଇନ୍ଦ୍ରିୟଗୁଡ଼ିକୁ, ଆମର ଆବେଗ ଓ ବାସନାଗୁଡ଼ିକୁ ଆକୃଷ୍ଟ କରିଥାଏ । ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ଆମେ ବିଚାରଗୁଡ଼ିକର ସୌନ୍ଦର୍ଯ୍ୟ, ସଂବେଗଗୁଡ଼ିକର ସୌନ୍ଦର୍ଯ୍ୟ ତଥା ସଙ୍ଗତିଯୁକ୍ତ ପ୍ରକ୍ରିୟା ଓ ଅବଧାରଣାଗତ ସୌନ୍ଦର୍ଯ୍ୟରୁ ତୃପ୍ତି ଲାଭ କରୁ । ମାତ୍ର ପରିଶେଷରେ ଏପରି ଏକ ପର୍ଯ୍ୟାୟ ଆସେ ଯେତେବେଳେ ଆମେ ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ସଂସ୍ପର୍ଶ ଓ ପ୍ରତ୍ୟେକ ଘଟଣା ଭିତରେ ସୌନ୍ଦର୍ଯ୍ୟକୁ ଅନୁଭବ କରିପାରୁ । ଆମର ଯାବତୀୟ ସହଜାତ ପ୍ରବୃତ୍ତି, ଆମର ଇନ୍ଦ୍ରିୟଚୟ, ଆମର ତର୍କବିଚାର ଓ ବୁଦ୍ଧି ମାଧ୍ୟମରେ ଆମେ ଯେଉଁ ସୌନ୍ଦର୍ଯ୍ୟ

ଅନୁଭବ କରୁ ତାହା ଆମକୁ ଯଥାର୍ଥ ପରିତୃପ୍ତି ଦେଇପାରେ ନାହିଁ । ମାତ୍ର ଯେତେବେଳେ ଆମ ଭିତରେ ବୁଦ୍ଧିର ଅତୀତ ଏକ ସାମର୍ଥ୍ୟ ଓ ଅନ୍ତର୍ଦୃଷ୍ଟି ଉନ୍ମୋଚିତ ହୋଇଯାଏ ସେତେବେଳେ ଆମେ ବିଶ୍ୱର ସବୁକିଛି ମଧ୍ୟରେ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରୁ ଏବଂ ଆମର ସୌନ୍ଦର୍ଯ୍ୟବୋଧ ପରମ ପରିତୃପ୍ତି ଲାଭ କରେ । ଶ୍ରୀଅରବିନ୍ଦ କହନ୍ତି –

"... When it can get the touch of this universal, absolute beauty, this soul of beauty, this sense of its revelation in any slightest or greatest thing, the beauty of a flower, a form, the beauty and power of a character, an action, an event, a human life, an idea, a stroke of the brush or the chisel or a scintillation of the mind, the colours of a sunset or the grandeur of the tempest, it is then that the sense of beauty in us is really, powerfully, entirely satisfied."

(The Human Cycle, p. 144)

ଅର୍ଥାତ୍, ''ଆମ ଭିତରର ସୌନ୍ଦର୍ଯ୍ୟର ଆକାଂକ୍ଷା ବା ବୋଧଟି ଯେତେବେଳେ ଏହି ବିଶ୍ୱଗତ ପରମ ସୌନ୍ଦର୍ଯ୍ୟର ସ୍ପର୍ଶ ପାଏ, ଯେତେବେଳେ ଯେକୌଣସି କ୍ଷୁଦ୍ରାତିକ୍ଷୁଦ୍ର ଅଥବା ବିରାଟରୁ ବିରାଟ କୌଣସି ବସ୍ତୁ ଭିତରେ କେବଳ ସେହି ସୌନ୍ଦର୍ଯ୍ୟହିଁ ଆପଣାକୁ ଅନାବୃତ କରି ଦେଉଥିବାର ଅନୁଭୂତି ଲାଭ କରେ, କୌଣସି ଗୋଟିକ ଫୁଲରେ ବା କୌଣସି ରୂପରେ, କୌଣସି ଏକ ଚରିତ୍ରର ସୌନ୍ଦର୍ଯ୍ୟ ଓ ଶକ୍ତିମତ୍ତା ଭିତରେ, କୌଣସି ଏକ କାର୍ଯ୍ୟରେ, ଏକ ଘଟଣାରେ, ଏକ ମନୁଷ୍ୟ ଜୀବନରେ, କୌଣସି ବିଚାରରେ, ତୂଳୀର କୌଣସି ଗୋଟିଏ ସ୍ପର୍ଶରେ କିଂବା ହାତୁଡ଼ିର କୌଣସି ଗୋଟିଏ ମାତ୍ର ଆଘାତରେ ଅଥବା ମନୋରାଜ୍ୟର କୌଣସି ସଦ୍ୟୋଦ୍ଭାସରେ, କୌଣସି ସୂର୍ଯ୍ୟାସ୍ତର ରଙ୍ଗ ବିଭବରେ ବା ଝଡ଼ର ମହୋଲ୍ଲାସ ମଧ୍ୟରେ ଯେତେବେଳେ ସେହି ସୌନ୍ଦର୍ଯ୍ୟର ସ୍ପନ୍ଦନକୁ ଅନୁଭବ କରେ, କେବଳ ସେତିକିବେଳେ ଯାଇ ଆମ ଭିତରର ସୌନ୍ଦର୍ଯ୍ୟ ବୋଧଟି ପ୍ରକୃତରେ ପରିତୃପ୍ତ ହୁଏ, ଶକ୍ତିଶାଳୀ ଭାବରେ ତଥା ସମ୍ପୂର୍ଣ୍ଣ ରୂପରେ ତୃପ୍ତି ଲାଭ କରେ ।''

ଆମେ ନିଷ୍ଠାର ସହିତ ଯେତେବେଳେ ମନୁଷ୍ୟ ଭିତରେ ତଥା ପ୍ରକୃତି ଭିତରେ ସୌନ୍ଦର୍ଯ୍ୟକୁ ଖୋଜିବାକୁ ଯାଉ ତାହା ପ୍ରକୃତରେ ପରମ ଦିବ୍ୟତାରହିଁ ଅନ୍ୱେଷଣ ।

ଶ୍ରୀଅରବିନ୍ଦ କହନ୍ତି – "To find highest beauty is to find God;" (ibid, p. 145)

ଅର୍ଥାତ୍, ''ସର୍ବୋଚ୍ଚ ସୌନ୍ଦର୍ଯ୍ୟର ଉପଲବ୍ଧି କରିବା ହେଉଛି ଈଶ୍ୱରଙ୍କ ଉପଲବ୍ଧି କରିବା ।''

ବାହ୍ୟଜଗତ୍ ଓ ଅନ୍ତର୍ଜଗତରେ ବିଦ୍ୟମାନ ଥିବା ପରମ ସୌନ୍ଦର୍ଯ୍ୟକୁ ଉନ୍ମୋଚିତ କରି ଆଣିବା ତଥା ତାକୁ ମୂର୍ତ୍ତ ରୂପ ଦେବା ହେଉଛି ଏକ ମହାନ୍ କାର୍ଯ୍ୟ । ଏହାର ଅର୍ଥ ହେଲା ଏହା ଦ୍ୱାରା ଆମେ ଦିବ୍ୟଶକ୍ତିଙ୍କୁ ହିଁ ପ୍ରକଟିତ କରିଆଣୁଛୁ ।

❑❑❑

ବାକ୍‌ଶକ୍ତି ଓ କାର୍ଯ୍ୟ ଉପରେ ତୁମର କର୍ତ୍ତୃତ୍ୱ ଲାଭ କରିବାର ସର୍ବୋତ୍ତମ ଉପାୟ ହେଉଛି ପ୍ରଥମେ ତୁମେ ବାହ୍ୟ ମନ ଓ ପ୍ରାଣ ନିକଟରୁ ନିଜକୁ ଅପସାରିତ କରି ଆଣି ରଖିବ ଏବଂ ଆନ୍ତର ନୀରବତା ଅର୍ଜନ କରିବ ଯେଉଁଠାରେ ରହି ତୁମେ ବାହ୍ୟ ଚେତନା ଉପରେ କାର୍ଯ୍ୟ କରିପାରିବ । ଯଦି ଜଣେ ଦିବ୍ୟଜନନୀଙ୍କ ସହିତ ଯଥାର୍ଥ ସଂପର୍କ ରଖିପାରିବ, ତେବେ ସେ ଯେତେ ସାହାଯ୍ୟ ଗ୍ରହଣ ତଥା ବ୍ୟବହାର କରିପାରିବ ତାହା ତାଙ୍କଠାରୁ ନିଶ୍ଚିତରୂପେ ପାଇପାରିବ ।

– ଶ୍ରୀଅରବିନ୍ଦ

# ପ୍ରତ୍ୟାଖ୍ୟାନ

## ଶ୍ରୀମା

*''ରୂପାନ୍ତର ହେବା ଉଚିତ ପରିପୂର୍ଣ୍ଣ, ଏବଂ ସେଇଥିଯୋଗୁଁ ଯାହାକିଛି ଏହାର ପ୍ରତିରୋଧ କରେ ସେସବୁର ପ୍ରତ୍ୟାଖ୍ୟାନ ମଧ୍ୟ ହେବା ଉଚିତ ପରିପୂର୍ଣ୍ଣ ।''*

('ମା' ପୁସ୍ତକ, ପୃଷ୍ଠା - ୫) — ଶ୍ରୀଅରବିନ୍ଦ

ଶ୍ରୀମା : ଏହି କଥାଟି ଖୁବ୍ ଭଲ ଭାବରେ ବୁଝି ହେଉଛି । କେବଳ ଏକ ଅସ୍ତିବାଚକ ଗତିବୃତ୍ତି ରହିଲେ ତାହା କଦାପି ଯଥେଷ୍ଟ ହେବ ନାହିଁ; ପ୍ରତ୍ୟାଖ୍ୟାନର ନେତିବାଚକ ଗତିବୃତ୍ତିଟି ମଧ୍ୟ ଆବଶ୍ୟକ । କାରଣ ବିରୋଧୀ ଉପାଦାନଗୁଡ଼ିକୁ ନିଜର ସତ୍ତା ମଧ୍ୟରେ ଯେପର୍ଯ୍ୟନ୍ତ ଆଶ୍ରୟ ଦେଇ ରଖିଥିବ ସେପର୍ଯ୍ୟନ୍ତ ତୁମେ ସ୍ଥାୟୀ ରୂପାନ୍ତର କଦାପି ଲାଭ କରିପାରିବ ନାହିଁ । ଯଦି ତୁମେ ଅନ୍ଧକାର, ଅସ୍ପଷ୍ଟତାକୁ ନିଜ ମଧ୍ୟରେ ସ୍ଥାନ ଦିଅ ତେବେ ସେମାନେ କିଛିକାଳ ଲାଗି ନୀରବ ରହିଯାଇ ପାରନ୍ତି, ଅଚଳ ସଦୃଶ ପଡ଼ିରହି ପାରନ୍ତି, ଏତେ ସୁନ୍ଦର ଭାବରେ ନୀରବ ଓ ଅଚଳ ହୋଇଯିବେ ଯେ ତୁମେ ହୁଏତ ସେସବୁ ଉପରେ ଆଦୌ ଗୁରୁତ୍ୱ ଦେବ ନାହିଁ; କିନ୍ତୁ ହଠାତ୍ ଦିନେ ଆକସ୍ମିକ ଭାବରେ ସେମାନେ ଜାଗ୍ରତ୍ ହୋଇ ଉଠିବେ ଏବଂ ତୁମର ରୂପାନ୍ତର ସେଗୁଡ଼ିକର ପ୍ରତିରୋଧ କରିବା ଲାଗି ଆଦୌ ସମର୍ଥ ହେବ ନାହିଁ । ତେଣୁ ନିଜକୁ ଅର୍ପଣ କରି ଦେବାର ଅସ୍ତିବାଚକ ଗତିବୃତ୍ତିଟି ଯେ କେବଳ ଆବଶ୍ୟକ ତା' ନୁହେଁ, କିନ୍ତୁ ଏହି ଅର୍ପଣ କରିଦେବାର ପଥରେ ଯେଉଁମାନେ ବିରୋଧ କରିଥା'ନ୍ତି ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବାର ନେତିବାଚକ ଗତିବୃତ୍ତିଟିର ମଧ୍ୟ ସମାନ ପରିମାଣରେ ଆବଶ୍ୟକତା ରହିଛି । ତେଣୁ ବିଷୟଗୁଡ଼ିକୁ ''ସେହିପରି ଭାବରେ'' କୌଣସି ନା କୌଣସି ସ୍ଥାନରେ ଖାଲି ପୋତି ହୋଇ ରହିବାକୁ ଛାଡ଼ି ଦେଲେ ଚଳିବ ନାହିଁ, କାରଣ ସେପରି ହୋଇଥିଲେ ସେମାନେ ପ୍ରଥମ ସୁଯୋଗଟି ପାଇବା ମାତ୍ରେହିଁ ଜାଗ୍ରତ୍ ହୋଇଉଠି ତୁମର ସମସ୍ତ କାର୍ଯ୍ୟକୁ ପଣ୍ଡ କରିଦେବେ । ସତ୍ତାରେ ଏପରି କେତେକ ଅଂଶ ଅଛନ୍ତି, ଯେଉଁମାନେ କି ଏହି କାର୍ଯ୍ୟଟିକୁ ଭଲ ଭାବରେ କରି ଜାଣିଛନ୍ତି; ପ୍ରାଣିକ ସ୍ତରରେ ଏଭଳି କେତୋଟି ଉପାଦାନ ରହିଛନ୍ତି ଯେଉଁମାନଙ୍କୁ କି ଏହି ଦୃଷ୍ଟିରୁ ଅସାଧାରଣ ଶକ୍ତିସଂପନ୍ନ ବୋଲି କୁହାଯାଇ ପାରିବ : ସେମାନେ ଚୁପ୍ ହୋଇ ଏକ କୋଣ-ଜାଗା ଦେଖି ଲୁଚି ରହିଥିବେ, ଏପରି ଚୁପ୍‌ଚାପ୍, ନିଶ୍ଚଳ ହୋଇ ରହିଥିବେ ଯେ ସେମାନଙ୍କର ଆଉ କୌଣସି ଅସ୍ତିତ୍ୱ ନାହିଁ ବୋଲି ତୁମେ ଭାବୁଥିବ । ତେଣୁ ତୁମେ ଆଉ ସତର୍କ ରୁହ ନାହିଁ, ତୁମର ରୂପାନ୍ତର ଓ ସମର୍ପଣକୁ ନେଇ ସନ୍ତୁଷ୍ଟ ରୁହ, ତୁମେ ଭାବ ସବୁକିଛି ଠିକ୍ ଚାଲିଛି; ଏବଂ ତା'ପରେ ଦିନେ ହଠାତ୍ କୌଣସି ପ୍ରକାର ଚେତାବନୀ ନ ଦେଇ ସେହି କଥାଟି ବାକ୍ସ ଭିତରେ ବନ୍ଦ ହୋଇ ରହିଥିବା ବିଲେଇଟି ପରି ଖପ୍ କରି ଉପରକୁ ଡେଇଁ ପଡ଼ିବ ଏବଂ ତା'ପରେ ତୁମେ ଧରାତଳେ ରହିଥିବା ଯାବତୀୟ ନିର୍ବୋଧତାଗୁଡ଼ିକୁ କରିବାକୁ ଆରମ୍ଭ କରିଦେବ । ଏବଂ ଏତେ ଦିନ ଅବଦମିତ ହୋଇ ରହିଥିବାରୁ ତାହା ଅଧିକ ଶକ୍ତିଯୁକ୍ତ ହୋଇଯାଇଥିବ, — ଗୋଟିଏ କୋଣରେ ଦବି କରି ବନ୍ଦ ହୋଇ ରହିଥିବାରୁ ଅଧିକ ବଳବାନ୍ ହୋଇ ବାହାରିବ । ସତେ ଯେପରି ତୁମର ଦୃଷ୍ଟି ଆକର୍ଷଣ ନ କରିବାକୁହିଁ ତାହା ପୋତି ହୋଇ ଲୁଚି ରହିଥିଲା, ପ୍ରକୃତରେ ଖୁବ୍ ଚୁପ୍ ହୋଇ ରହିଥିଲା, ଏବଂ ଯେଉଁ ମୁହୂର୍ତ୍ତରେ ତା'ର ଆବିର୍ଭାବ ଲାଗି ତୁମେ ଆଦୌ କୌଣସି ଆଶଙ୍କାହିଁ କରୁ ନ ଥିଲ, ତାହା ଫକ୍ କରି ବାହାରକୁ ଡେଇଁ ପଡ଼ିଲା । ତୁମେ ମନେ ମନେ କହିବାକୁ ଆରମ୍ଭ କଲ, ''ତେବେ ମୋର ଏହି ଯାବତୀୟ ରୂପାନ୍ତର ଦ୍ୱାରା ଆଉ କ'ଣ ଫଳ ହେଲା ?'' ସେହି ବସ୍ତୁଟି ସେଇଠି ରହିଥିଲା, ତେଣୁ ସେକଥା ଘଟିଲା । ଏସବୁ ଠିକ୍ ସେହିପରି ହୋଇଥାଏ, ଏହିସବୁ ବସ୍ତୁ ନିଜକୁ ସେହିଠାରେହିଁ ରଖିଥା'ନ୍ତି, ସେହିଠାରେହିଁ ଲୁଚି ରହିଥା'ନ୍ତି ଏବଂ ଏପରି କୁଶଳତାର ସହ ଲୁଚି ରହିଥା'ନ୍ତି ଯେ ଯଦି ସଫା ହୋଇ ଜଳୁଥିବା ବତିଟିଏ ନେଇ ତୁମେ ସେଗୁଡ଼ିକୁ ଖୋଜିବା ଲାଗି ନ ଯାଅ, ତେବେ ସେମାନେ ସେଠାରେ ରହିଛନ୍ତି ବୋଲି ତୁମକୁ ସୂଚନାହିଁ ମିଳିବ ନାହିଁ ଏବଂ ଶେଷରେ ଦିନେ ସେମାନେ ବାହାରକୁ ବାହାରି ଆସିବେ ଏବଂ ଗୋଟାଏ ମୁହୂର୍ତ୍ତରେହିଁ ତୁମର ସବୁଯାକ କାର୍ଯ୍ୟକୁ ଧୂଳିସାତ୍ କରିଦେଇ ଯିବେ ।

*ପ୍ରଶ୍ନ : ଯଦି ସାଧକର ଅଭୀପ୍ସା ଖୁବ୍ ବିପୁଳ ହୋଇଥାଏ ତା'ହେଲେ ବି କ'ଣ ଏପରି ଘଟେ ?*

ଶ୍ରୀମା : ସେହି ଅଭୀପ୍ସା ଅତ୍ୟନ୍ତ ସତର୍କ ପରାୟଣ ହେବା ଉଚିତ ।

ମୁଁ ଏପରି ଲୋକଙ୍କୁ ଜାଣେ (ଯୋଗ କରୁଥିବା ଲୋକମାନଙ୍କ ଭିତରୁ ଅନେକ, ସେମାନଙ୍କ ସଂଖ୍ୟା କମ୍ ନୁହେଁ), ମୁଁ ଏପରି ଅନେକଙ୍କୁ ଜାଣେ, ପ୍ରତ୍ୟେକ ଥର ଯେତେବେଳେ ସେମାନେ ଏକ ସୁନ୍ଦର ଅଭୀପ୍ସା ପୋଷଣ କରନ୍ତି, ଏବଂ ସେମାନଙ୍କର ସେହି ଅଭୀପ୍ସା ଖୁବ୍ ଦୃଢ଼ ଓ ଶକ୍ତିଶାଳୀ ହୋଇଥାଏ ଓ ସେମାନେ ସେ ଅଭୀପ୍ସାର ଉତ୍ତର ମଧ୍ୟ ପାଇଥା'ନ୍ତି କିନ୍ତୁ ପ୍ରତ୍ୟେକ ବାର ସେହିଦିନ ବା ଅତି ବେଶୀରେ ତା' ପରଦିନ ତାଙ୍କ ଚେତନାର ଏକ ପତନୋନ୍ମୁଖୀ ଅବସ୍ଥା ଆସେ ଏବଂ ସେମାନେ ସେମାନଙ୍କ ଅଭୀପ୍ସାର ଠିକ୍ ବିପରୀତ ଜିନିଷଟିର ସମ୍ମୁଖୀନ ହୋଇ ଥାଆନ୍ତି । ପ୍ରାୟ ପ୍ରତି ନିୟତ ଏହିପରି ଘଟୁଥିବାର ଦେଖାଯାଏ । ଏହି ଲୋକମାନେ କେବଳ ଅସ୍ତିବାଚକ ଦିଗଟିକୁହିଁ ବିକଶିତ କରାଇ ଥାଆନ୍ତି । ସେମାନେ ଏକ ପ୍ରକାର ଅଭୀପ୍ସାର ସାଧନା କରି ଥାଆନ୍ତି, ସାହାଯ୍ୟ ପ୍ରାର୍ଥନା କରନ୍ତି, ଉଚ୍ଚତର ଶକ୍ତି ସହ ସଂଯୋଗ ସ୍ଥାପନ କରିବାକୁ ଉଦ୍ୟମ କରନ୍ତି, ସେ ଦିଗରେ ସଫଳ ମଧ୍ୟ ହୁଅନ୍ତି, ନାନା ଅନୁଭୂତି ମଧ୍ୟ ପାଆନ୍ତି; କିନ୍ତୁ ନିଜ ଘରଟିକୁ ପରିଷ୍କାର କରିବା ଦିଗରେ ଚରମ ଅବହେଳା ପ୍ରଦର୍ଶନ କରି ଥାଆନ୍ତି, ତାହା ସେହି ପୂର୍ବ ଭଳି ଆବର୍ଜନାପୂର୍ଣ୍ଣ ହୋଇ ରହିଥାଏ । ତେଣୁ ଏହା ସ୍ୱାଭାବିକ ଯେ ଯେତେବେଳେ ଉଚ୍ଚତର ଅନୁଭୂତିଟି ଚାଲିଯାଏ ସେହି ମଇଳା ଓ ଆବର୍ଜନାଗୁଡ଼ିକ ପୂର୍ବଠାରୁ ଆହୁରି ତିକ୍ତ ଓ ବିରକ୍ତିକର ଲାଗେ ।

ନିଜର ପ୍ରକୋଷ୍ଠଟିକୁ ପରିଷ୍କାର କରିବାରେ କେବେହେଲେ କୌଣସି ଅବହେଳା ଦେଖାଇବା ଉଚିତ ନୁହେଁ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭିତରର ଶୁଦ୍ଧି ଅନ୍ତତଃପକ୍ଷେ ବାହାରର ଶୁଦ୍ଧି ଭଳି ସମାନ ଗୁରୁତ୍ୱପୂର୍ଣ୍ଣ ।

ବିବେକାନନ୍ଦ ଲେଖିଛନ୍ତି (ମୁଁ ମୂଳ ଲେଖାଟି ପଢ଼ି ନାହିଁ, କେବଳ ଫରାସୀ ଅନୁବାଦଟି ପଢ଼ିଛି) : ''ସବୁଦିନ ସକାଳେ ନିଜର ଆତ୍ମା ଓ ନିଜର ଶରୀରକୁ ଶୁଦ୍ଧ ଓ ପରିଷ୍କାର କରିବା ଉଚିତ, ଯଦି ଉଭୟଟା ପାଇଁ ତୁମର ସମୟ ନ ଥାଏ ତେବେ ଶରୀରକୁ ପରିଷ୍କାର କରିବା ଅପେକ୍ଷା ଆତ୍ମାକୁ ପରିଷ୍କାର କରିବା ଅଧିକ ଉପାଦେୟ ।''

('' 'ମା' ବହି ପ୍ରସଙ୍ଗରେ'' ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୪- ୭) ❑

ଭୌତିକ ପଦାର୍ଥସବୁ ସମ୍ପର୍କରେ ତୁମେ ଯାହା ଅନୁଭବ କରୁଛ ତାହା ସତ୍ୟ – ସେମାନଙ୍କ ମଧ୍ୟରେ ଏକ ଚେତନା ରହିଛି, ରହିଛି ଏକ ଜୀବନ ଯାହାକି ଆମେ ଜାଣିଥିବା ମଣିଷ ଓ ପଶୁମାନଙ୍କ ଜୀବନ ତଥା ଚେତନା ସଦୃଶ ନୁହେଁ, କିନ୍ତୁ ତଥାପି ତାହା ପ୍ରଚ୍ଛନ୍ନ ଓ ବାସ୍ତବଭାବେ ରହିଛି । ସେଇଥିଯୋଗୁଁ ଭୌତିକ ପଦାର୍ଥ ସକଳ ପ୍ରତି ଆମର ରହିବା ଉଚିତ ଏକ ସମ୍ମାନବୋଧ ଓ ସେସବୁକୁ ଆମେ ଯଥାର୍ଥ ଢଙ୍ଗରେ ବ୍ୟବହାର କରିବା ଉଚିତ । ସେସବୁର ଅପବ୍ୟବହାର ଓ ବିନଷ୍ଟି ଯେପରି ଆମେ ନ ଘଟାଉ, ସେସବୁ ପ୍ରତି ଅସମ୍ମାନ ଯେପରି ପ୍ରଦର୍ଶନ ନ କରୁ କିଂବା ଅଯତ୍ନ, ଅମାର୍ଜିତ ଭାବେ ସେସବୁର ବ୍ୟବହାର ଯେପରି ନ କରୁ । ସବୁକିଛି ଚେତନମୟ ଅଥବା ଜୀବନ୍ତ, ଏହି ବୋଧ ଆସିଥାଏ ଯେତେବେଳେ ଆମର ଭୌତିକ ଚେତନା – କେବଳ ମନ ନୁହେଁ – ତା'ର ଅନ୍ଧକାର ମଧ୍ୟରୁ ଜାଗ୍ରତ୍ ହୋଇଥାଏ ଏବଂ ସକଳ ବସ୍ତୁରେ ସେହି ଏକ ଅଦ୍ୱିତୀୟଙ୍କ ଉପସ୍ଥିତି ସମ୍ପର୍କରେ ଓ ଭଗବାନଙ୍କର ସର୍ବବ୍ୟାପକତ୍ୱ ସମ୍ପର୍କରେ ସଚେତନ ହୋଇଉଠେ ।

– ଶ୍ରୀଅରବିନ୍ଦ

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

**(୧୩୨)**

## ଆରୋଗ୍ୟ ଲାଭ ପରେ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା (ଖ) :

ନୀରଦଙ୍କର ବର୍ଣ୍ଣନାରୁ : ''(ପୂର୍ବବର୍ଣ୍ଣିତ) ଏଭଳି ଦେବଦୁର୍ଲଭ ସ୍ୱଚ୍ଛନ୍ଦତା ଓ ସ୍ୱାଭାବିକ ପ୍ରଭୁତ୍ୱ ସହକାରେ ତେବେ ସେ କ'ଣ କରନ୍ତି ? ସେ ଥରେ ମୋତେ ଲେଖିଥିଲେ ଯେ ଯେତେବେଳେ ତାଙ୍କର କିଛି ବିଶେଷ କାର୍ଯ୍ୟ କରିବାର ଥାଏ ସେତେବେଳେ ତାଙ୍କୁ ଅଭିନିବିଷ୍ଟ ହେବାକୁ ହୁଏ । ଏଇଟି ସେହି ରହସ୍ୟର ସୂତ୍ର ବୋଲି ମୋର ମନେ ହେଉଛି । ମହାଜାଗତିକ କାର୍ଯ୍ୟ ପାଇଁ ତାଙ୍କର ଏହି ସମୟଟି ଥିଲା ଏକମାତ୍ର ସମୟ । ସେ ଅତିମାନସ ଜ୍ୟୋତିଃକୁ ଅବତରଣ କରାନ୍ତି କି ନିଶ୍ଚେତନାର ନର୍କ ମଧ୍ୟକୁ ଲମ୍ଫ ଦିଅନ୍ତି କି ସ୍ପେନର ସମର ବା ଦ୍ୱିତୀୟ ବିଶ୍ୱସମର ଭଳି ଜାଗତିକ ଉଦ୍ଦେଶ୍ୟରେ ତାଙ୍କର ଶକ୍ତି ପ୍ରେରଣ କରନ୍ତି କି ମିତ୍ର ରାଷ୍ଟ୍ରକୁ ସହାୟତା କରନ୍ତି କି ଆଶ୍ରମର କିଂବା ଏପରିକି ବ୍ୟକ୍ତିବିଶେଷଙ୍କର ଦୁଃଖର ସମାଧାନ କରନ୍ତି – ତାଙ୍କର ବିଶେଷ କାର୍ଯ୍ୟ ଏହିଭଳି କିଛି ପ୍ରକାରର ହୋଇଥିବ ନିଶ୍ଚୟ । ଦିନେ ତାଙ୍କର ତପୋମଗ୍ନତାର ଶେଷରେ ସେ କୌଣସି ପ୍ରସଙ୍ଗ ନଥାଇ ଏକଥା କହିଥିବାର ମୋର ମନେଅଛି, 'ନିଶିକାନ୍ତ କିପରି ଅଛି, ତାହା ମୁଁ ଦେଖୁଥିଲି ।' ସେ ସମୟରେ ନିଶିକାନ୍ତ ସୁସ୍ଥ ନଥିଲେ । ଏହି ଜଟିଳ ସମସ୍ୟାଟି ସମ୍ବନ୍ଧରେ ମୁଁ ବେଶୀ ଦୂର କଳ୍ପନା କରିବି ନାହିଁ, କାରଣ ହୁଏତ ମୋତେ ତାଙ୍କର ବ୍ୟଙ୍ଗମିଶା ସ୍ୱର ଶୁଣିବାକୁ ମିଳିବ, 'ନୀରଦ ନିଜର କଳ୍ପନାଜାଲ ବୁଣୁଛି !' ସେ ଏହିସବୁ କାର୍ଯ୍ୟ କିପରି କରୁଥିଲେ ତାହା ମୋ ମଗଜ ବା ବୁଦ୍ଧି (grey matter)ର ବାହାରେ ।

''ଯଦିଓ ବହୁତ କ୍ୱଚିତ୍, ତଥାପି ବେଳେବେଳେ କେତେକ ଉପଲକ୍ଷ୍ୟରେ ଆମକୁ ତାଙ୍କର ସେହି ସମ୍ପୂର୍ଣ୍ଣ ନୀରବତା ମଧ୍ୟକୁ ଅନାହୂତ ଭାବରେ ପ୍ରବେଶ କରିବାକୁ ହେଉଥିଲା । ଥରେ ତାଙ୍କ ବହିର ପ୍ରୁଫ୍ ସଂଶୋଧନ ସମ୍ବନ୍ଧରେ ଆଶ୍ରମ ପ୍ରେସରୁ ଜରୁରୀ ଡାକରା ଆସିଲା ତାଙ୍କ ଦ୍ରୁତ ଦୃଷ୍ଟିପାତର ଦାବି ନେଇ । ମୁଁ ସନ୍ତର୍ପଣରେ ପଶ୍ଚାତ୍ ଭାଗରୁ ଅଗ୍ରସର ହୋଇ ତାଙ୍କ ପାର୍ଶ୍ୱରେ ଯାଇ ଛିଡ଼ାହେଲି । ମୋ ଆଡ଼େ ନବୁଲି ସେ ଏକ ନୈର୍ବ୍ୟକ୍ତିକ ସ୍ୱରରେ ପଚାରିଲେ, 'କଥା କ'ଣ ?' – ପ୍ରଶାନ୍ତ ନୀରବତାର ମହାସାଗରରେ କ୍ଷଣିକ କ୍ଷୁଦ୍ର ତରଙ୍ଗ । ଶ୍ରୀମା ପ୍ରକୋଷ୍ଠଟିରେ ପ୍ରବେଶ କଲା କ୍ଷଣି ସେହି ବ୍ୟାପ୍ତିଶୀଳ ନୀରବତା ଅନୁଭବ କରୁଥିଲେ । ପ୍ରେସରୁ ସନ୍ଦେହାତ୍ମକ ପ୍ରଶ୍ନ ଆସିଛି ବୋଲି ମୁଁ ଶ୍ରୀଅରବିନ୍ଦଙ୍କୁ ଜଣାଇଲି । ଜନ୍‌ସନୀୟ ମାନସଧାରୀ କେତେକ ପ୍ରୁଫ୍ ପାଠକ ଶ୍ରୀଅରବିନ୍ଦଙ୍କର ଅବ୍ୟୟ (preposition) ବ୍ୟବହାରର ନମନୀୟତା ତଥା ବାକ୍ୟାଂଶ ବ୍ୟବହାରରେ ଅଭିନବ ଦିଗ୍‌ପରିବର୍ତ୍ତନକୁ ଗ୍ରହଣ କରିନେଇ ପାରିଲେ ନାହିଁ । ହୁଏତ ସେମାନେ ଭାବିଲେ ସେଗୁଡ଼ିକ ଶ୍ରୀଅରବିନ୍ଦଙ୍କ ଦୃଷ୍ଟି ଏଡ଼ାଇ ଯାଇଛି କିଂବା ସେମାନଙ୍କର ବ୍ୟାକରଣସିଦ୍ଧ ମନ ନିଜକୁ ଶ୍ରୀଅରବିନ୍ଦଙ୍କଠାରୁ ଅଧିକ ଜ୍ଞାନୀ ବୋଲି ଭାବି ନେଲା ନା କ'ଣ ? ସର୍ବଶେଷରେ ଶ୍ରୀଅରବିନ୍ଦଙ୍କୁ ମନ୍ତବ୍ୟ ଦେବାକୁ ହେଲା, 'ମୋ ଇଂରାଜୀରେ ସେମାନେ ହସ୍ତକ୍ଷେପ ନ କରନ୍ତୁ !' ତାଙ୍କର ମୃଦୁ ଭର୍ତ୍ସନା ସର୍ବଦା ଅତ୍ୟନ୍ତ ଭଦ୍ର । ଶ୍ରୀମା ଯେତେବେଳେ ଏ ବିଷୟରେ ଶୁଣିଲେ, ସେ କହିଲେ, 'ଶ୍ରୀଅରବିନ୍ଦଙ୍କ ଇଂରାଜୀକୁ ସଂଶୋଧନ କରିବାର ଦୁଃସାହସ ସେମାନଙ୍କର କିପରି ହେଲା ? ଶ୍ରୀଅରବିନ୍ଦ ଜଣେ ଭଦ୍ରଲୋକ । କାହାକୁ ଆଘାତ କଲା ଭଳି କିଛି ସେ କହିବେ ନାହିଁ – ମୁଁ କିନ୍ତୁ ଭଦ୍ରଲୋକ ନୁହେଁ ।' ''...

('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ' : ପୃଷ୍ଠା. ୪୩ - ୪୪)

ଏହି ପରିପ୍ରେକ୍ଷୀରେ ଆମେ ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସର ଏକ ସଂକ୍ଷିପ୍ତ ବୃତ୍ତାନ୍ତ ଦେଉଛୁ : ଆଶ୍ରମର ନିଜସ୍ୱ ପ୍ରେସ ୧୯୪୫ରେ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ପୁସ୍ତକସବୁର ମୁଦ୍ରଣ ହାଇଦ୍ରାବାଦର 'ଗଭର୍ଣ୍ଣମେଣ୍ଟ ସେଣ୍ଟ୍ରାଲ ପ୍ରେସ' ଏବଂ କଲିକତାସ୍ଥ 'ଆର୍ଯ୍ୟ ପବ୍ଲିଶିଂ ହାଉସ୍'ରୁ ହେଉଥିଲା । ୧୯୪୪ - ୪୫ ମସିହାରେ ଶ୍ରୀମା ଶ୍ରୀଅରବିନ୍ଦ ସିଦ୍ଧାନ୍ତ ନେଲେ ଯେ ଆଶ୍ରମର ନିଜସ୍ୱ ଏକ ପ୍ରେସ ରହିବା ଏକାନ୍ତ ଆବଶ୍ୟକ । ଏହା ସମ୍ଭବ କରିବାରେ ପ୍ରଥମ ପିଢ଼ିର ଭକ୍ତ-ସେବକବୃନ୍ଦଙ୍କ ମଧ୍ୟରେ ଥିଲେ ଆର. ଭି. ପିଲ୍ଲାଇ

(ହାଇଦ୍ରାବାଦ ଗଭର୍ଣ୍ଣମେଣ୍ଟ ସେଣ୍ଟ୍ରାଲ ପ୍ରେସର ପୂର୍ବତନ ଡାଇରେକ୍ଟର ତଥା ଜଣେ ସୁଦକ୍ଷ ଓ ନିପୁଣ ପ୍ରିଣ୍ଟର୍‌ସ୍ ମଧ୍ୟ) । ମି. ପିଲ୍ଲାଇ ଶ୍ରୀମା ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶ ଓ ଆଶୀର୍ବାଦ ଲାଭ କରି ମାଡ୍ରାସରୁ ପ୍ରେସ ପ୍ରସ୍ତୁତିର ସମସ୍ତ ଉପକରଣ ସହ ଆଶ୍ରମରେ ଉପସ୍ଥିତ ହୋଇ କଠୋର ପରିଶ୍ରମପୂର୍ବକ ଆଶ୍ରମ ପ୍ରେସ ଚାଲୁ କରିଥିଲେ । ମି. ପିଲ୍ଲାଇ ଥିଲେ ଏହାର ପ୍ରଥମ ଜେନେରାଲ ମ୍ୟାନେଜର । ତାଙ୍କୁ ସାହାଯ୍ୟ କଲେ ଆଶ୍ରମର ଅନ୍ତେବାସୀ ଡଃ. ଇନ୍ଦ୍ରସେନ୍ (ଜ୍ଞାନୀ ବ୍ୟକ୍ତି) ଏବଂ ଦାରାଙ୍କର ଅନୁଜ ରେନେ (Renée) । ଏହାର ପ୍ରଥମ ଆକାଉଣ୍ଟେଣ୍ଟ୍ ଥିଲେ ଭାରତର ପୂର୍ବାଞ୍ଚଳ ରେଳ ବିଭାଗର ପୂର୍ବତନ ଡେପୁଟି ଅଡ଼ିଟର ମି. ନଳିନୀ ସେନ । ପ୍ରେସର ଏହି ପ୍ରସ୍ତୁତି ପର୍ବରେ ପ୍ରାୟ ପ୍ରତିଦିନ ବିଭିନ୍ନ ସମସ୍ୟା ଉପୁଜୁ ଥିଲା । ତେଣୁ ଶ୍ରୀମା ପ୍ରାୟ ପ୍ରତିଦିନ ପ୍ରେସକୁ କାର୍ ଯୋଗେ ଆସୁଥିଲେ ଏବଂ ସେସବୁର ସମାଧାନ କରୁଥିଲେ । କିଛି ବର୍ଷ ପରେ ମି. ପିଲ୍ଲାଇ ସ୍ୱଗୃହକୁ ଯିବାକୁ ବାଧ୍ୟ ହେବାରୁ ଶ୍ରୀମା ନବାଗତ ଭକ୍ତ-ସେବକ ନରେନ୍ ଦାସଗୁପ୍ତ(ମନୋଜ-ଦା'ଙ୍କ ପିତୃଦେବ, ଜ୍ଞାନୀ ଗୁଣୀ ବ୍ୟକ୍ତି)ଙ୍କୁ ଏହାର ଜେନେରାଲ ମ୍ୟାନେଜର ପଦରେ ନିଯୁକ୍ତ କଲେ । ମି. ଦାସଗୁପ୍ତ ଆଶ୍ରମକୁ ଆସିବା ପୂର୍ବରୁ କଲିକତାସ୍ଥ 'ଆର୍ଯ୍ୟ ପବ୍ଲିଶିଂ ହାଉସ୍'ରେ ଜଣେ ସ୍ୱେଚ୍ଛାସେବକ କର୍ମୀ ରୂପେ କାର୍ଯ୍ୟ କରୁଥିଲେ । ... ୧୨.୧୨.୧୯୬୦ରେ ତଦାନୀନ୍ତନ ପ୍ରେସ ଦାୟିତ୍ୱରେ ଥିବା ସାଧକ-କର୍ମୀଙ୍କୁ ଶ୍ରୀମା ସ୍ୱହସ୍ତରେ ଲେଖି ଦେଇଥିଲେ (ମର୍ମାନୁବାଦ) : ଏହି ପୁସ୍ତକ ପ୍ରକାଶନ ମାଧ୍ୟମରେ ମୁଁ ଇଉରୋପୀୟାନ୍ ପବ୍ଲିକ୍‌ଙ୍କୁ ଦର୍ଶାଇ ଦେବାକୁ ଚାହେଁ ଯେ ଆଶ୍ରମ ପ୍ରେସ ଯଥାର୍ଥରେ ଅତି ସୁନ୍ଦର, ମାର୍ଜିତ ଓ ସୁରୁଚିସମ୍ପନ୍ନ କିଛି ସୃଷ୍ଟି କରିପାରେ; ପାଶ୍ଚାତ୍ୟର ଯେକୌଣସି ସ୍ଥାନରେ ପରିକଳ୍ପିତ କିଛି କାର୍ଯ୍ୟାଦିକୁ ଅତି ନିପୁଣତାର ସହ ସମ୍ପାଦନ କରିବାର ସମତୁଲ ନିପୁଣତା ଏହା ସୃଷ୍ଟି କରିପାରେ । ଏଥିସକାଶେ ଆମକୁ ନିଶ୍ଚିତ ରୂପେ କଠୋର ପରିଶ୍ରମ କରିବାକୁ ହେବ ଏବଂ ଏଥିନିମିତ୍ତ ସମୟକାଳ ତଥା ଉଦ୍ୟମରୁ କ୍ଷାନ୍ତ ହେଲେ ଚଳିବ ନାହିଁ ।

ପୁନଶ୍ଚ ନୀରଦଙ୍କ ବର୍ଣ୍ଣନାରୁ : ''ଶ୍ରୀମା କେଉଁ ଅର୍ଥରେ 'ଶ୍ରୀଅରବିନ୍ଦ ଜଣେ ଭଦ୍ରଲୋକ' – ଏହା କହିଥିଲେ ଆମେ ତାହା ବେଶ୍ ଭଲ ଭାବରେ ବୁଝିଥିଲୁ । ଏହି ବିଷୟଟିକୁ ବ୍ୟାଖ୍ୟା କରିବା ପାଇଁ ଦୁଇଟି ଉପାଖ୍ୟାନର ଅବତାରଣା କରୁଛି ।

''ଶ୍ରୀଅରବିନ୍ଦ ଯେତେବେଳେ ସପରିବାର କଲିକତାରେ ବାସ କରୁଥିଲେ ତାଙ୍କର ଭଉଣୀ ସରୋଜିନୀ ପାଚକର ରୂଢ଼ ବ୍ୟବହାର ତଥା ଅଶିଷ୍ଟାଚାର ସମ୍ବନ୍ଧରେ ପ୍ରାୟ ଅଭିଯୋଗ କରୁଥିଲେ । ଶ୍ରୀଅରବିନ୍ଦ ଖାଲି ଶୁଣୁଥିଲେ ଓ ତା'ପରେ ସେକଥା ଭୁଲି ଯାଉଥିଲେ । ସର୍ବଶେଷରେ ସରୋଜିନୀ ମଧ୍ୟ ଧୈର୍ଯ୍ୟ ହରାଇଲେ ଓ ଦୃଢ଼ତାର ସହ ଏକ ପଦକ୍ଷେପ ନେବା ଲାଗି ଶ୍ରୀଅରବିନ୍ଦଙ୍କୁ ସନିର୍ବନ୍ଧ ଅନୁରୋଧ ଜଣାଇଲେ । ଗମ୍ଭୀର ସ୍ୱରରେ ଶ୍ରୀଅରବିନ୍ଦ ପାଚକକୁ ଡାକିଲେ ଏବଂ କହିଲେ, 'ମୁଁ ଶୁଣୁଛି, ତୁମେ ରୂଢ଼ ବ୍ୟବହାର କରୁଛ । ଆଉ କେବେ ସେମିତି କରିବ ନାହିଁ ।' ଏଇ ବହ୍ୱାଡ଼ମ୍ବର ଓ ଲଘୁକ୍ରିୟା ସମସ୍ତଙ୍କୁ ହତାଶ କଲା ଓ ସମସ୍ତେ ବେଶ୍ ହୃଦୟଙ୍ଗମ କଲେ ଯେ ଏହାଠୁଁ ବେଶୀ କଠିନତା ଶ୍ରୀଅରବିନ୍ଦଙ୍କ ଠାରୁ ଆଶା କରାଯାଇ ନପାରେ ।

''ଥରେ ଆଶ୍ରମର ଜଣେ ସାଧକ ରାଗରେ ଜଣକୁ ପିଟି ପକାଇ ଥା'ନ୍ତି । ଠିକ୍ ସେହିଭଳି ଘଟିଲା ଶ୍ରୀମା ଯେତେବେଳେ ତା' ବିରୁଦ୍ଧରେ ଅଭିଯୋଗ ଆଣି ଶ୍ରୀଅରବିନ୍ଦଙ୍କୁ କହିଲେ, 'ଏଇଟା ହେଲା ତୃତୀୟ ଥର ! କ'ଣ କରାଯିବା ଉଚିତ ? ମୁଁ ଆପଣଙ୍କଠାରେ ବିଚାରପ୍ରାର୍ଥୀ, ପ୍ରଭୁ ।' ଶ୍ରୀଅରବିନ୍ଦ ସଧୀରେ ଉତ୍ତର ଦେଲେ, 'ତାକୁ ଶେଷଥର ପାଇଁ ସତର୍କ ବାଣୀ ଦିଆଯାଉ ।' 'ଶେଷ ସତର୍କ ବାଣୀ' ଯେ କେବେ ପ୍ରକୃତରେ ଶେଷ ସତର୍କ ବାଣୀ ହେବନି ତାହା ଆମେ ଭଲ ଭାବରେ ଜାଣିଥିଲୁ ।''... (ତତ୍ରୈବ : ପୃଷ୍ଠା. ୪୪)

ଏହିଠାରେ ଗୁରୁଦେବଙ୍କର ଏକ ଚିତ୍ତାକର୍ଷକ ମୌନ ସତର୍କ ବାଣୀ ସମ୍ବନ୍ଧେ ଉଲ୍ଲେଖ କରୁଛୁ ଯାହାକି ପ୍ରକୃତରେ 'ଶେଷ ସତର୍କ ବାଣୀ' ହୋଇଉଠିଥିଲା । ଆଶାକରୁ ଏହା ଅପ୍ରାସଙ୍ଗିକ ହେବ ନାହିଁ । –

ଘଟଣାଟି ୧୯୧୪ ମସିହାର କଥା । ସେତେବେଳେ କତିପୟ ଅନ୍ତେବାସୀଙ୍କ ସହ ଶ୍ରୀଅରବିନ୍ଦ 'ଗେଷ୍ଟ ହାଉସ୍'ରେ ରହୁଥିଲେ । ପ୍ରତିଦିନ ଦ୍ୱିପ୍ରହରରେ ସମସ୍ତ ଅନ୍ତେବାସୀ ବିଶ୍ରାମ ନେଉଥିବା ବେଳେ ଉପର ମହଲା ବାରଣ୍ଡାରେ ପାଉଁରୁଟି ଦେଉଥିବା ବାଳକଟି ରୁଟି ରଖିଦେଇ ଚାଲିଯାଉଥିଲା । କିଛି ଦିନ ପରେ ଅନ୍ତେବାସୀମାନେ ଟେର୍ ପାଇଗଲେ ଯେ ବାଳକଟି ରୁଟି ରଖିଦେଇ ସେଠାରେ ଥିବା ଟେବୁଲର ଡ୍ରୟାରରୁ ନିତି କିଛି ଟଙ୍କା ଚୋରି କରିନେଉଛି । ... ସେଦିନ ସେ ଟଙ୍କା ନେଉଥିବା ବେଳେ ଆଗରୁ ଲୁଚି କରି ରହିଥିବା ଦୁଇ ତିନି ଜଣ ଅନ୍ତେବାସୀ ହଠାତ୍ ତା' ଉପରକୁ ଝାମ୍ପି ପଡ଼ି ପ୍ରଚଣ୍ଡ ଭାବରେ

ତାଙ୍କୁ ପ୍ରହାର କରିବାକୁ ଲାଗିଲେ । ବାଳକଟି ବିକଳରେ ଆର୍ତ୍ତନାଦ କରୁଥିବାର ଶୁଣି ଶ୍ରୀଅରବିନ୍ଦ ପାଖ ପ୍ରକୋଷ୍ଠରୁ ବାହାରି ଆସି ବାରଣ୍ଡାର ଦରଜା ସାମନାରେ ଛିଡ଼ା ହୋଇଗଲେ । ପିଲାଟିର ପ୍ରଥମ ନଜର ତାଙ୍କ ଉପରେ ପଡ଼ିବା ମାତ୍ରେ ତ୍ରାଣକର୍ତ୍ତାଙ୍କର ଦର୍ଶନ ପାଇବା ସଦୃଶ ନୀରବ ହୋଇଗଲା । ମାଡ଼ ମାରୁଥିବା ଅନ୍ତେବାସୀଗଣଙ୍କ ମଧ୍ୟରୁ ଜଣେ ହଠାତ୍ ଶ୍ରୀଅରବିନ୍ଦଙ୍କୁ ଦେଖି ନେଲେ ଓ ଛିଡ଼ା ହୋଇଗଲେ । ଅତଃପର ଅନ୍ୟମାନେ ଛିଡ଼ା ହୋଇଗଲେ — ପକ୍କା ଦୋଷୀ ସଦୃଶ ନିମ୍ନମୁଖ, ସ୍ଥିର । ... ଶ୍ରୀଅରବିନ୍ଦଙ୍କ ଶାନ୍ତ ନିର୍ଦ୍ଦେଶରେ ବାଳକଟି ସେଦିନ ଯେତିକି ଟଙ୍କା ଚୋରି କରିଥିଲା, ସେତକ ତା' ହାତକୁ ଜଣେ ଅନ୍ତେବାସୀ ବଢ଼ାଇ ଦେଇ ସମସ୍ତେ ନିଜ ନିଜ ପ୍ରକୋଷ୍ଠକୁ ଅପସରି ଯାଇଥିଲେ । — ଏହି ଘଟଣାର ଆଉ କେବେ ବି ପୁନରାବୃତ୍ତି ଘଟି ନଥିଲା ।

ପୁନଶ୍ଚ ନୀରଦଙ୍କର ବର୍ଣ୍ଣନାରୁ : ''ଦିବାକାଳୀନ ପ୍ରଥମ ଓ ପ୍ରଧାନ ଭୋଜନ ଆସିଲେ ଯାଇ ତାଙ୍କର ସେହି ସୁଦୀର୍ଘ ନୀରବତା ଭଗ୍ନ ହୁଏ । ତଥାପି ଆମେ ତାଙ୍କୁ ଖୁବ୍ କ୍ୱଚିତ୍ କହିବାର ଶୁଣିଛୁ, 'ମୋତେ କ୍ଷୁଧା ଲାଗୁଛି ।' ଦିନର ଦ୍ୱିତୀୟ ଭୋଜନ — ରାତ୍ରି ଭୋଜନର ଖାଦ୍ୟ ଥିଲା ବେଶ୍ ଲଘୁପାକ । ପ୍ରାରମ୍ଭରୁ ଗୋଟିଏ ବିଷୟ ଉପରେ ଜୋର୍ ଦେଇ କହି ରଖେ ଯେ ଜୀବନର ସମସ୍ତ ପ୍ରଚଳିତ ଧାରାରେ ସେ ଗୀତା ପ୍ରଦତ୍ତ ନୀତି — ସବୁଥିରେ ମଧ୍ୟପନ୍ଥା ବା ପରିମିତି ମାନି ଚଳୁଥିଲେ । ଏହା ଥିଲା ତାଙ୍କର ଉପଦେଶ ତଥା ସାଧନା । ଜୀବନର ସାଧାରଣ ଘଟଣାବଳି — ଜଣଙ୍କର ଖାଇବା, ଶୋଇବା, ପରିହାସ କରିବା ଇତ୍ୟାଦି ଦେଖି ତୁରନ୍ତ ମନ୍ତବ୍ୟ ଦେଇଦେବା — ସେ ଆମରି ଭଳି ଜଣେ — ତାହା ଯୁକ୍ତିଯୁକ୍ତ ହୋଇପାରେ; କିନ୍ତୁ ସତ୍ୟ ନୁହେଁ । ଠିକ୍ ସେହିଭଳି ଶ୍ରୀଅରବିନ୍ଦଙ୍କ ଯୋଗରେ, ଏପରିକି ଏକ ଅତ୍ୟୁଚ୍ଚ ଅଭିଜ୍ଞତା ମଧ୍ୟ ଜୀବନର ସ୍ୱାଭାବିକ ଛନ୍ଦକୁ ବ୍ୟାହତ କରିବ ନାହିଁ । ସ୍ୱଭାବତଃ, ମୁଁ ବହୁତ କୌତୂହଳୀ ଥିଲି — ମୋର ବିଶ୍ୱାସ ଅନ୍ୟମାନେ ବି କୌତୂହଳୀ ଥିଲେ — ଏହା ଦେଖିବା ପାଇଁ ଯେ ସେ କିଭଳି ଖାଦ୍ୟ ଖାଉଛନ୍ତି; ତାଙ୍କର କୌଣସି ସ୍ୱତନ୍ତ୍ର ଖାଦ୍ୟ ପ୍ରତି ବିଶେଷ ଅଭିରୁଚି ଅଛି କି ନାହିଁ ଏବଂ ଆମ ରୁଚି ସହ ତାଙ୍କ ରୁଚିର କେତେ ପରିମାଣରେ ସାମଞ୍ଜସ୍ୟ ରହିଛି । ତାଙ୍କ ସ୍ୱାସ୍ଥ୍ୟର ପୁନର୍ଲାଭ ପର୍ଯ୍ୟନ୍ତ ଓ ସେ ବସି କରି ଯଥାଯଥ ଭୋଜନ 'ଉପଭୋଗ' କରିବା ପର୍ଯ୍ୟନ୍ତ ଆମକୁ ଦୀର୍ଘ ସମୟ ପ୍ରତୀକ୍ଷା କରିବାକୁ ହେଲା । ଯେମିତି ଲୋକେ ଏ କଥା ଜାଣିଗଲେ, ଅନେକ ସାଧିକାଙ୍କ ପାଖରୁ ମନ୍ଦିରରେ ଦେବଦେବୀଙ୍କ ପାଇଁ ପ୍ରସାଦ ଆସିଲା ଭଳି ବହୁ ଖାଦ୍ୟପୂର୍ଣ୍ଣ ଥାଳି ଆସିବାକୁ ଲାଗିଲା ଏବଂ ଦେବଦେବୀ ଯେଭଳି କରନ୍ତି ଶ୍ରୀଅରବିନ୍ଦ ସେହି ଭଳି କରୁଥା'ନ୍ତି — ବରଂ କହିଲେ ହେବ ଶ୍ରୀମା ତାଙ୍କ ତରଫରୁ ସେଇଆ କରି ଦେଉଥା'ନ୍ତି । ପ୍ରତି ଥାଳିରୁ ସାମାନ୍ୟ ଅଂଶ ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରାଯାଏ ଏବଂ ବାକିତକ ପ୍ରସାଦ ରୂପେ ଫେରିଯାଏ । ତାଙ୍କ ପାଇଁ ନିୟମିତ ଖାଦ୍ୟ ପ୍ରସ୍ତୁତ କରିବାକୁ ଅମୀୟା, ନଳୀନା ଓ ମୃଦୁ ଇତ୍ୟାଦି କେତେଜଣ ସାଧିକା ଶ୍ରୀଅରବିନ୍ଦ ପସନ୍ଦ କରୁଥିବା କେତେକ ଖାଦ୍ୟକୁ ଉତ୍ତମ ଭାବେ ରନ୍ଧନ କରିପାରୁଥିବା ହେତୁ ଶ୍ରୀମା'ଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ... ଯେଉଁ ଖାଦ୍ୟ ଭକ୍ତମାନଙ୍କଠାରୁ ଆସୁଥିଲା ତାହା ସୁସ୍ୱାଦୁ ହେଲେ ବି ଅଧିକ ତେଲ ମସଲାଯୁକ୍ତ ଥିଲା ବୋଲି ଏକ ସମୟରେ ତାହା ଶ୍ରୀଅରବିନ୍ଦଙ୍କ ପାଇଁ ଉପଯୁକ୍ତ ହେଲା ନାହିଁ । ତେଣୁ 'ମାଆଙ୍କର ରନ୍ଧନଶାଳା' ନାମରେ ଏକ ସ୍ୱତନ୍ତ୍ର ରନ୍ଧନଶାଳା ଖୋଲାଗଲା — ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ନିମିତ୍ତ । ଶ୍ରୀମା'ଙ୍କର ବିଶେଷ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟରକ୍ଷାର ନିୟମାବଳିର ସମ୍ପୂର୍ଣ୍ଣ ଅନୁସରଣରେ ଏହି କାର୍ଯ୍ୟ ହେଉଥିଲା । ଶ୍ରୀମା ସବୁବେଳେ ପରିଷ୍କାର-ପରିଚ୍ଛନ୍ନତା ଉପରେ ଜୋର୍ ଦେଉଥିଲେ । (ସେହି ସମୟରେ ଶ୍ରୀମା ଏକ ବାଣୀରେ କହିଥିଲେ : 'ଅତିମାନସ ଅଭିବ୍ୟକ୍ତି ନିମିତ୍ତ ପ୍ରଥମ ଅପରିହାର୍ଯ୍ୟ ପଦକ୍ଷେପ ହେଉଛି ପରିଷ୍କାର-ପରିଚ୍ଛନ୍ନତା । ...') ମୁଁ ଶ୍ରୀଅରବିନ୍ଦଙ୍କୁ ଥରେ ଏହି ବିଷୟରେ ପ୍ରଶ୍ନ କରିଥିଲି, ''ସ୍ପର୍ଶଜନିତ ରୋଗ ସଂକ୍ରମଣ ଇତ୍ୟାଦି ବିଷୟରେ ଭଗବାନ୍ ଏତେ ସତର୍କ କାହିଁକି ? ଜୀବାଣୁ ପ୍ରତି ସେ ଅସୁରକ୍ଷିତ କି ?'' ସେ ଉତ୍ତର ଦେଲେ, ''ପୃଥିବୀପୃଷ୍ଠରେ ଭଗବାନ୍ ଜୀବାଣୁ, ସବୁପ୍ରକାର ବିଷ ଭୋଜନ କରନ୍ତୁ ଏ ଆଶା ତୁମେ କାହିଁକି କରୁଛ ? ଧନ୍ୟ ତୁମର ଧର୍ମତତ୍ତ୍ୱଜ୍ଞାନ !''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଜିଜ୍ଞାସାର ଉତ୍ତରରେ

## ରାମକୃଷ୍ଣ ଦାସ

***ପ୍ରଶ୍ନ :*** *ଭଗବାନ୍ ନିଜକୁ ପ୍ରକାଶ କରିବା ସକାଶେ ଜଗତ୍ ସୃଷ୍ଟି କରିଅଛନ୍ତି । ବିକାଶ ଜଡ଼ରୁ ପଶୁ ପକ୍ଷୀ ମଧ୍ୟଦେଇ ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଅଛି । ଏହାକୁ ଅତିକ୍ରମ କରି ମନୁଷ୍ୟ ଅତିମାନବତ୍ୱକୁ ପ୍ରାପ୍ତ ହେବ । କିନ୍ତୁ ଏହି ବିକାଶରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା କ'ଣ ? ସ୍ପଷ୍ଟରୂପେ ବୁଝାଇ ଦିଅନ୍ତୁ ।*

**ଉତ୍ତର :** ବ୍ରହ୍ମଚର୍ଯ୍ୟର ଅସାଧାରଣ ଶକ୍ତି । ସେହି ଶକ୍ତିହିଁ ମନୁଷ୍ୟର ମନ, ପ୍ରାଣ, ଶରୀରକୁ ଆବଶ୍ୟକ ଉପାଦାନ ଯୋଗାଇ ଅତିମାନସ ଶକ୍ତିକୁ ଧାରଣ କରିବା ତଥା ରୂପାନ୍ତର ହେବାକୁ ଯୋଗ୍ୟ କରେ । ତେବେ ବ୍ୟକ୍ତିର ମନ, ପ୍ରାଣ, ଶରୀରରେ ଅତିମାନସ ଶକ୍ତି ଅବତରଣ କରି ସେସବୁକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ବ୍ରହ୍ମଚର୍ଯ୍ୟ ସାହାଯ୍ୟରେ ବ୍ୟକ୍ତିର ସତ୍ତା ରୂପାନ୍ତର ହେଉଥିବାରୁ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ଆବଶ୍ୟକ । ରୂପାନ୍ତରିତ ଅତିମାନବ ହୁଅନ୍ତି ଅଜ୍ଞାନ ଶକ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ । ତାଙ୍କ ମଧ୍ୟରେ ହୁଅନ୍ତି ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶ । ସେ ସମସ୍ତ ସତ୍ତାରେ ପ୍ରାପ୍ତ କରନ୍ତି ଭଗବାନଙ୍କ ସହିତ ଏକତ୍ୱ ଏବଂ ନିବାସ କରନ୍ତି ପୂର୍ଣ୍ଣରୂପେ ବିଜ୍ଞାନ ତଥା ଆନନ୍ଦରେ ।

ବିକାଶର ଦୁଇଟି ସ୍ତର – ଗୋଟିଏ ଅଜ୍ଞାନ, ଅନ୍ୟଟି ଜ୍ଞାନ ଏବଂ ଆନନ୍ଦ । ଏହାକୁ ଶାସ୍ତ୍ରରେ କୁହାଯାଇଅଛି ଅପରାର୍ଦ୍ଧ ଓ ପରାର୍ଦ୍ଧ । ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ । ଏହି ସ୍ତରର ପ୍ରାଣୀମାନଙ୍କୁ ପରିଚାଳନା କରେ ଅଜ୍ଞାନ ଅପରାଶକ୍ତି । ଏହାର ଊର୍ଦ୍ଧ୍ୱସ୍ତର ଅତିମାନସ ବିଜ୍ଞାନ ଏବଂ ଆନନ୍ଦ – ଏହା ପରାର୍ଦ୍ଧ । ଏହି ସ୍ତରର ପ୍ରାଣୀ ଦିବ୍ୟ । ଏମାନେ ନିବାସ କରନ୍ତି ବିଜ୍ଞାନ ଏବଂ ଆନନ୍ଦରେ । ଏମାନେ ପରିଚାଳିତ ହୁଅନ୍ତି ବିଜ୍ଞାନ ପରମାନନ୍ଦ ସ୍ୱରୂପା ଆଦ୍ୟା ଶକ୍ତି ଦ୍ୱାରା । କ୍ରମବିବର୍ତ୍ତନ ବିଧାନ ଅନୁସାରେ ଅପରାର୍ଦ୍ଧ ଅଜ୍ଞାନ ସ୍ତରର ମାନବଙ୍କୁ ପରାର୍ଦ୍ଧରେ ପ୍ରବେଶ କରିବାକୁ ହେବ । ଅପରାର୍ଦ୍ଧ ସ୍ତରର ଧର୍ମ ଯେପରି ଅଜ୍ଞାନ, ଅଦିବ୍ୟ, ସେହିପରି ପରାର୍ଦ୍ଧ ସ୍ତରର ଧର୍ମ ଦିବ୍ୟ, ବିଜ୍ଞାନ ଏବଂ ଆନନ୍ଦ । ସେ ସ୍ତରରେ ପ୍ରବେଶ କରିବାକୁ ହେଲେ ସେହି ସ୍ତରର ଧର୍ମ ଅନୁସାରେ ବ୍ୟକ୍ତିର ସମସ୍ତ ସତ୍ତା, ସମସ୍ତ ତତ୍ତ୍ୱ ରୂପାନ୍ତର ହେବା ଆବଶ୍ୟକ । ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ ସ୍ତରରେ ମଧ୍ୟ ବହୁତ ସ୍ତର ବା ବିଭେଦ । ପଶୁମାନଙ୍କର ମନ, ବୁଦ୍ଧି, ବିଚାର, ବିବେକ ନଥାଏ । ସେମାନେ ଜୀବନ ପ୍ରାପ୍ତ କରିବାର ରହସ୍ୟ ଜାଣି ପାରନ୍ତି ନାହିଁ । ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଭୋଜନ, ନିଦ୍ରା ତଥା ମୈଥୁନରେ ଜୀବନ ସମାପ୍ତ କରନ୍ତି । ସେମାନେ ବହୁତ ମନ୍ଥର ଗତିରେ ଅଜ୍ଞାତରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଆସନ୍ତି ମନୋମୟ ମନୁଷ୍ୟ ସ୍ତରକୁ ।

ମନୁଷ୍ୟ ଯଦ୍ୟପି ନିବାସ କରେ ଅପରାର୍ଦ୍ଧ, ଅଜ୍ଞାନ ସ୍ତରରେ ତଥାପି ତାକୁ ପ୍ରାପ୍ତ ହୋଇଥାଏ ମନ, ବୁଦ୍ଧି ତଥା ବିଚାର । ଯେଉଁ ବ୍ୟକ୍ତିଙ୍କର କେବଳ ମନ, ବୁଦ୍ଧି ବିକାଶ ହୋଇ ଥାଏ କିନ୍ତୁ ଆତ୍ମା ଦ୍ୱାରା ପ୍ରଭାବିତ ହୋଇ ନଥାଏ, ସେମାନେ ଭଲ, ମନ୍ଦ, ହିତ, ଅହିତ କିଛି ଅଂଶରେ ବୁଝିପାରନ୍ତି । ସେମାନଙ୍କ ବୁଦ୍ଧି ଯଦି ତୀବ୍ର ଥାଏ ତେବେ ସେମାନେ ବଡ଼ ବଡ଼ ନେତା ହୋଇପାରନ୍ତି, ବେପାର ବାଣିଜ୍ୟରେ ବହୁତ ଅର୍ଥ ଉପାର୍ଜନ କରିପାରନ୍ତି ଅଥବା ଜାଗତିକ କାର୍ଯ୍ୟରେ ବିଶେଷ ଦକ୍ଷତା ସହିତ କଳ-କୌଶଳରେ ସେସବୁକୁ ସମ୍ପାଦନ କରିପାରନ୍ତି । କିନ୍ତୁ ସେମାନଙ୍କର ପ୍ରାଣ ଶୁଦ୍ଧ ହୋଇ ନଥାଏ କିଂବା ଆତ୍ମାର ପ୍ରଭାବରେ ପ୍ରଭାବିତ ହୋଇ ନଥାଏ । ସେଥିରେ ଥାଏ ପୂର୍ଣ୍ଣ ରୂପେ ପଶୁତ୍ୱ । ଏହିପରି ବ୍ୟକ୍ତିର ପାଶବିକ, ଅଶୁଦ୍ଧ, ଦୁର୍ବାର ପ୍ରାଣ ବିକଶିତ ବୁଦ୍ଧିକୁ ଜବରଦସ୍ତି ଟାଣି ନେଇ ନିଜ ବାସନା ପୂର୍ଣ୍ଣ କରିବାରେ ନିୟୋଜିତ କରେ । ବିକଶିତ ବୁଦ୍ଧିରେ ଆତ୍ମାର ପ୍ରଭାବ ନଥିବାରୁ ବିବେକ ଉତ୍ପନ୍ନ ହୁଏ ନାହିଁ । ଏହିପରି ବ୍ୟାମୋହନ ବୁଦ୍ଧି ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା ପରିବର୍ତ୍ତେ ତା'ର ଦାସତ୍ୱ ସ୍ୱୀକାର କରେ । ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝିପାରେ ନାହିଁ । ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରି ପ୍ରାଣର ସେବା କରେ । ଯେଉଁ ବୁଦ୍ଧି-ପ୍ରଧାନ ବ୍ୟକ୍ତିଙ୍କର ପ୍ରାଣ, ମନରେ କିଛି ଅଂଶରେ ଆତ୍ମାର ପ୍ରଭାବ ପଡ଼ିଥାଏ; ସେମାନେ ନୈତିକ ନିୟମ ଅନୁସାରେ ପୁରୁଷ ଏକ ପତ୍ନୀବ୍ରତ ଏବଂ ନାରୀ ଏକ ପାତିବ୍ରତ୍ୟ ଧର୍ମ ପାଳନ କରନ୍ତି । ଯେଉଁମାନଙ୍କର ଏଥିରେ ଦୃଢ଼ ନିଷ୍ଠା ଥାଏ ସେମାନେ ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ଧାରଣ

କରନ୍ତି । କ୍ରମଶଃ ଏହି ପ୍ରଣାଳୀରେ ବ୍ୟକ୍ତି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । ଏହି ରୂପେ ବ୍ରହ୍ମଚର୍ଯ୍ୟ ପାଳନର ପ୍ରଣାଳୀ କ୍ରମ-ବିକାଶର । କିନ୍ତୁ ଏହା ଛଡ଼ା ଆତ୍ମା ଯେଉଁମାନଙ୍କର ଜାଗ୍ରତ୍ ହୁଏ ସେମାନେ ଅଧ୍ୟାତ୍ମ ସାଧନା ଆରମ୍ଭ କରନ୍ତି ଏବଂ ଅଖଣ୍ଡ ରୂପେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସେମାନଙ୍କୁ କ୍ରମ-ବିକାଶ ପ୍ରଣାଳୀରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହୁଏ ନାହିଁ ।

*ପ୍ରଶ୍ନ : ବ୍ରହ୍ମଚର୍ଯ୍ୟ ପାଳନରେ କ୍ରମ-ବିକାଶ ପ୍ରଣାଳୀ କିପରି ?*

**ଉତ୍ତର :** ପଶୁମାନଙ୍କର କୁଟୁମ୍ବ, ପରିବାର, ବିବାହ, ବନ୍ଧନ ନଥାଏ । ସେମାନେ ସ୍ୱଚ୍ଛନ୍ଦରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି । ପଶୁମାନଙ୍କର ଅଧିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାରୁ ସେମାନେ ବୁଦ୍ଧି, ବିବେକ ଧାରଣ କରିପାରନ୍ତି ନାହିଁ । କିଂବା ଅଧିକ ଦିନ ଜୀବିତ ରହିପାରନ୍ତି ନାହିଁ । ପଶୁ ପରେ ମନୋମୟ ସ୍ତରରେ ମନୁଷ୍ୟ ପ୍ରବେଶ କରିବା ମାତ୍ରେ ତାକୁ ବୁଦ୍ଧି ଏବଂ ବିବେକ ଧାରଣ କରିବାକୁ ହୁଏ । ସେଇଥିପାଇଁ ତା'ର ବ୍ରହ୍ମଚର୍ଯ୍ୟ ସଂଯମ ପାଇଁ ଭଗବାନଙ୍କ ଦ୍ୱାରା ତା'ର ଗୁଣକର୍ମ ଅନୁସାରେ ସୃଷ୍ଟ ହେଲା ବର୍ଣ୍ଣ ଧର୍ମ – ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ତଥା ଅନ୍ତ୍ୟଜ । ନିର୍ଦ୍ଧାରିତ କରାହେଲା ପାରିବାରିକ ସମ୍ବନ୍ଧ ଭିନ୍ନ ବୈବାହିକ ସମ୍ବନ୍ଧ । ଏହି ନିୟମ ଦ୍ୱାରା କେତେ ପରିମାଣରେ ବ୍ରହ୍ମଚର୍ଯ୍ୟ ନିୟନ୍ତ୍ରିତ କରାହେଲା । ଅନ୍ତ୍ୟଜ ଏବଂ ଶୂଦ୍ର ବର୍ଣ୍ଣରେ ନାରୀମାନେ ଏକ ପତି ତ୍ୟାଗ କରି କିଂବା ପତିର ମୃତ୍ୟୁ ପରେ ଅନ୍ୟ ପତି ଗ୍ରହଣ କରିବାର ବ୍ୟବସ୍ଥା ଥିଲା । କିନ୍ତୁ ବୈଶ୍ୟ, କ୍ଷତ୍ରିୟ ଏବଂ ବ୍ରାହ୍ମଣ ବର୍ଣ୍ଣରେ ନାରୀ ସକାଶେ ଗୋଟିଏ ପତିର ବିଧାନ ଥିଲା । ଏହା ଥିଲା ସମାଜର ନିୟମ । ଏହାର ପ୍ରତିକୂଳ ଆଚରଣ କରିବା ବ୍ୟକ୍ତିଙ୍କୁ ସମାଜ ସ୍ୱୀକାର କରୁ ନଥିଲା । ଉଚ୍ଚତର ସତ୍ୟ ବା ଚେତନାକୁ ଧାରଣ କରିବାର ସାମର୍ଥ୍ୟ ଥାଏ କେବଳ ବ୍ରହ୍ମଚର୍ଯ୍ୟରେ । ସତ୍ୟଯୁଗରୁ ଆଜି ପର୍ଯ୍ୟନ୍ତ ସମସ୍ତ ଅଧ୍ୟାତ୍ମ ସାଧକମାନେ ଉଚ୍ଚତର ସତ୍ୟ ଉପଲବ୍ଧି କରିଛନ୍ତି ବ୍ରହ୍ମଚର୍ଯ୍ୟକୁ ଧାରଣ କରିବା ଦ୍ୱାରା ।

ମନୋମୟ ସ୍ତର ପରେ ବିଜ୍ଞାନ ଏବଂ ଆନନ୍ଦ ସ୍ତରରେ ସତ୍ୟଧାରଣ କରିବାର ଏକମାତ୍ର ସାମର୍ଥ୍ୟ ପ୍ରାପ୍ତ ହୁଏ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । କ୍ରମ-ବିବର୍ତ୍ତନର ଲକ୍ଷ୍ୟ ବିଜ୍ଞାନ ଆନନ୍ଦ ସ୍ତରରେ ପ୍ରବେଶ କରିବା । ସେହି କାରଣରୁ କ୍ରମ-ବିକାଶ ପ୍ରଣାଳୀରେ ବ୍ୟକ୍ତିକୁ ଅଗ୍ରସର କରିବା ସକାଶେ ନୈତିକ ଧର୍ମର ବ୍ୟବସ୍ଥା କରାହୋଇଛି ।

*ପ୍ରଶ୍ନ : ତୁମ କହିବା ଅନୁସାରେ ଯଦି ନୈତିକ ନିୟମ ଅନୁସାରେ, କ୍ରମ-ବିବର୍ତ୍ତନରେ ବ୍ୟକ୍ତିକୁ ଅଗ୍ରସର ହେବା ସକାଶେ ବ୍ରହ୍ମଚର୍ଯ୍ୟ ପାଳନ ଅନିବାର୍ଯ୍ୟ ହୋଇଥା'ନ୍ତା; ନୈତିକ ଧର୍ମ ସ୍ଥାୟୀ ହୋଇ ରହିଥା'ନ୍ତା । ତାହା ତ ହୋଇ ନାହିଁ, ସବୁଭାଙ୍ଗି ଚୂର୍‌ମାର ହୋଇଯାଇଛି । ଅଧିକ ପରିମାଣରେ ନରନାରୀମାନେ ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରୁଛନ୍ତି । ପୂର୍ବ ନୈତିକତାକୁ କୁସଂସ୍କାରଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବାର ଘୋଷଣା କରୁଛନ୍ତି । ଆଧୁନିକ ସଭ୍ୟ ବ୍ୟକ୍ତିଙ୍କ ଏହି ଉକ୍ତି ଠିକ୍ ବା ଶାସ୍ତ୍ର ପୁରାଣ ଅଧ୍ୟାତ୍ମ ସାଧକମାନଙ୍କର ବ୍ରହ୍ମଚର୍ଯ୍ୟ ପାଳନ ଠିକ୍ ?*

**ଉତ୍ତର :** ଜନ୍ମାନ୍ଧ ଦୃଢ଼ତା ସହିତ ଘୋଷଣା କରେ ପୁଷ୍ପ, ଫଳରେ ସୌନ୍ଦର୍ଯ୍ୟର ଏକେବାରେ ଅଭାବ । ଏହି ସିଦ୍ଧାନ୍ତକୁ କୋଟି କୋଟି ଜନ୍ମାନ୍ଧ ଅକୁଣ୍ଠିତ ଭାବେ ସମର୍ଥନ କରନ୍ତି । କିନ୍ତୁ ଗୋଟିଏ ଦୃଷ୍ଟି ଥିବା ବ୍ୟକ୍ତି ଏହି ସିଦ୍ଧାନ୍ତକୁ ବିନା ଦ୍ୱିଧାରେ ଅସ୍ୱୀକାର କରେ । ମୋହଗ୍ରାସିତ ବିଷୟାସକ୍ତ ଅନ୍ଧମାନଙ୍କର ଯେପର୍ଯ୍ୟନ୍ତ ଆତ୍ମା ଜାଗ୍ରତ୍ ରୂପେ ଦୃଷ୍ଟି ପ୍ରାପ୍ତ ନହୁଏ କିଂବା ଯୁକ୍ତି-ବୁଦ୍ଧିରୂପ ହାତରେ ଅଣ୍ଡାଳି ବିଭିନ୍ନତା ଜାଣି ନ ପାରନ୍ତି ସେପର୍ଯ୍ୟନ୍ତ ତାଙ୍କ ପାଖରେ ଯଥାର୍ଥତା ନିର୍ଣ୍ଣୟ ହୋଇପାରେ ନାହିଁ ।

ନୈତିକତା ବିଶୃଙ୍ଖଳାରେ ପରିଣତ ହେବାର କାରଣ ହେଉଛି କ୍ରମ-ବିବର୍ତ୍ତନର ଅଗ୍ରସର ତଥା କ୍ରମ-ବିବର୍ତ୍ତନରେ ଅଗ୍ରସର ହେଲେ ପୂର୍ବ ନିର୍ଦ୍ଧାରିତ ନିୟମ ଭାଙ୍ଗିଯାଏ । ଯେଉଁମାନେ ସଚେତ ଥାଆନ୍ତି ସେମାନେ ଉଚ୍ଚତର ସତ୍ୟର ଅବଲମ୍ବନରେ ପୂର୍ବ ନିୟମକୁ ତ୍ୟାଗ କରନ୍ତି । ଯେଉଁମାନେ ଅଚେତନ ଥାଆନ୍ତି ସେମାନେ ଯୁଗ ପରିବର୍ତ୍ତନ ଅବସ୍ଥାକୁ ବୁଝି ପାରନ୍ତି ନାହିଁ । ପୂର୍ବ ପନ୍ଥା ରୂପେ ଛିଡ଼ା ହୋଇଥିବା ଡାଳ ଭାଙ୍ଗିଯାଏ, ଉପରକୁ ଚଢ଼ିବା ସକାଶେ ସତ୍ୟ ରୂପକ ଡାଳକୁ ଧରି ପାରନ୍ତି ନାହିଁ, ଛିଡ଼ା ହୋଇଥିବା ପୂର୍ବ ନିୟମ ରୂପକ ଡାଳ ଭାଙ୍ଗିଯିବା ସଙ୍ଗେ ସଙ୍ଗେ ତଳକୁ ପଡ଼ି ଯାଆନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ ।

ମନର ବିକାଶ ଶେଷ ହୋଇ ସାରିଛି । ମନୁଷ୍ୟକୁ ପ୍ରବେଶ କରିବାକୁ ହେବ ମନ ଊର୍ଦ୍ଧ୍ୱ ଅତିମାନସ ବିଜ୍ଞାନ ଚେତନା ସ୍ତରରେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ଦ୍ୱିତୀୟ ଖଣ୍ଡ, ପୃଷ୍ଠା : ୯୧-୯୩) ❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ପୁଣ୍ୟଜୀବୀ ପ୍ରପତ୍ତି

## କୃଷ୍ଣା ଦେବୀ

ମହାପୁରୁଷମାନଙ୍କର ଜୀବନର ତଥା କର୍ମର ବହୁବିଧ ଦିଗ ରହିଥାଏ କିନ୍ତୁ ଆମେ କେବଳ ସେଇଦିଗ ସହିତ ପରିଚିତ, ଯାହା ଆମ ଆଡ଼କୁ ଉନ୍ମୁଖ ଥାଏ । ତେଣୁ ସମଗ୍ର ଭାବରେ ସେଭଳି ବ୍ୟକ୍ତିଙ୍କ ଜୀବନର ଅଭିଲେଖ ଆଙ୍କିବା କେବେହେଁ ସମ୍ଭବ ନୁହେଁ । ପ୍ରପତ୍ତି ମହାଶୟ ବା ଅଧ୍ୟାପକ ପତିବାବୁଙ୍କ ସହ ଆମର ସମ୍ପର୍କ ଓ ତାଙ୍କ ବିଷୟରେ ଧାରଣା ମଧ୍ୟ ସେହି କାରଣରୁ ସୀମିତ । ତଥାପି ପ୍ରତ୍ୟେକ ଦିଗ ତାଙ୍କ ମହାନୁଭବତାର କିଛି ଅଂଶ ଅବଶ୍ୟ ବର୍ଦ୍ଧିତ କରିବ, ସେହି ଆଶାରେ ଆମେ ଏହାର ପ୍ରୟାସ କରୁଛୁ ।

ଓଡ଼ିଶାବାସୀଙ୍କର ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଡ଼କୁ ଉନ୍ମୁଖ ହେବା ପଛରେ ଶ୍ରୀଯୁକ୍ତ ପତିବାବୁ ଓ ବାବାଜି ମହାରାଜଙ୍କର ପ୍ରଭୂତ ଅବଦାନ ରହିଛି – ଏକଥା ସମସ୍ତେ ଜାଣନ୍ତି । ନିମାଇଁ ବାବୁଙ୍କର ନ୍ୟାୟଶାସ୍ତ୍ର ଓ ଦର୍ଶନର ଅଧ୍ୟାପକ ପ୍ରପତ୍ତି କିପରି ଭାବରେ ତାଙ୍କ ଜୀବନର ମୋଡ଼କୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଆଡ଼କୁ ନେଇ ଆସିଥିଲେ ସେ କଥା ମୋର ବୈବାହିକ ଜୀବନର ଆରମ୍ଭରୁହିଁ ଶୁଣି ଆସୁଥିଲି । ସେତେବେଳ ପର୍ଯ୍ୟନ୍ତ ଚାକ୍ଷୁଷ ଦର୍ଶନ ନ ହୋଇଥିଲେ ବି ପ୍ରପତ୍ତିଙ୍କର ସ୍ନେହ ଓ ଶୁଭେଚ୍ଛା ମୋତେ ସ୍ପର୍ଶ କରିଥିଲା । ତେଣୁ ଯେତେବେଳେ ୧୯୫୮ ମସିହାରେ ବମ୍ବେରୁ ଆସି ପଣ୍ଡିଚେରୀରେ ପହଞ୍ଚିଲୁ, ପତିବାବୁଙ୍କୁ ଷ୍ଟେସନରେ ଦେଖି ମୋତେ କିଛି ଅଜଣା ବ୍ୟକ୍ତି ଭଳି ଲାଗିଲା ନାହିଁ, ଅନେକ ଦିନରୁ ଯେପରି ଆମର ଜଣାଶୁଣା ଓ କଥାବାର୍ତ୍ତା ରହିଛି ସେଇପରି ନିଃସଙ୍କୋଚରେ ମୁଁ ତାଙ୍କୁ ପରିବାରର ଜଣେ ଗୁରୁଜନ ଓ ଶୁଭେଚ୍ଛୁ ସଦସ୍ୟ ରୂପେ ମାନ୍ୟ କରିବାକୁ ଲାଗିଲି । ସେ ଆମର ରହିବାର ବ୍ୟବସ୍ଥା କରିଥିଲେ । ସନ୍ଧ୍ୟାବେଳେ ପ୍ଲେ-ଗ୍ରାଉଣ୍ଡରେ ଶ୍ରୀମା'ଙ୍କର ଦର୍ଶନ ପାଇଁ ନେଇଗଲେ । ଏପରିକି ଶ୍ରୀମା'ଙ୍କୁ ଯେ ପୁଷ୍ପ ଅର୍ପଣ କରିବାକୁ ହୁଏ, ତା' ବି ଆମକୁ ଜଣା ନଥିଲା । ପ୍ଲେ-ଗ୍ରାଉଣ୍ଡରେ ଅଖଣ୍ଡ ଭାରତର ମାନଚିତ୍ର ତଳେ ଶ୍ରୀମା'ଙ୍କର ବସିବାର କଥା । ପ୍ରଥମେ ପତିବାବୁ ମୋତେ ଧ୍ୟାନରେ ଯୋଗ ଦେବାକୁ କହିଲେ, ଅନ୍ଧକାର ଭିତରେ ଶ୍ରୀମା'ଙ୍କୁ ମୁଁ ଠାବ କରି ନପାରି ଫେରି ଆସିଲି, ସେ ପୁଣିଥରେ ସଠିକ ନିର୍ଦ୍ଦେଶ ଦେଇ ଏକ ପ୍ରକାର ଜୋର୍ କରି ମୋତେ ଭିତରକୁ ପଠାଇଲେ । ମୋର ସୌଭାଗ୍ୟ – ଧ୍ୟାନର ଅର୍ଥ ନ ଜାଣି, ନ ବୁଝି ମଧ୍ୟ ମୁଁ ଶ୍ରୀମା'ଙ୍କ ସାନ୍ନିଧ୍ୟରେ ସମବେତ ଧ୍ୟାନରେ ବସିଲି । ତା'ପରେ ଆମ୍ଭେମାନେ ଧାଡ଼ିବାନ୍ଧି ଶ୍ରୀମାଙ୍କର ପ୍ରକୋଷ୍ଠ ମଧ୍ୟକୁ ଜଣ ଜଣ କରି ଗଲୁ, ତାଙ୍କ ହାତରେ ପୁଷ୍ପାର୍ପଣ କଲୁ ଓ ସେ ଆମକୁ ଗୋଟିଏ ଦୁଇଟି କାଠଚମ୍ପା ଫୁଲ (Psychological Perfection) ସହିତ ଟଫି ଦେଲେ । ଶ୍ରୀମା'ଙ୍କ ପ୍ରକୋଷ୍ଠର ଦୁଆରବନ୍ଧରେ ଆମର ବଡ଼ଝିଅ (ସେତେବେଳେ ସେ ସାଢ଼େ ତିନିବର୍ଷର) ଝୁଣ୍ଟି ପଡ଼ିବାରୁ ଶ୍ରୀମା ଖୁବ୍ ଜୋର୍‌ରେ ହସିଥିଲେ ।

ଶ୍ରୀମା'ଙ୍କର ପ୍ରଥମ ଦର୍ଶନ ଓ ତାଙ୍କର ଆଶୀର୍ବାଦ ଲାଭ କରିବା ସହିତ ପତିବାବୁଙ୍କର ଶୁଭେଚ୍ଛା ପୁଣ୍ୟସ୍ମୃତି ରୂପେ ଆମ ପରିବାରର ସମସ୍ତଙ୍କ ହୃଦୟରେ ଆଜୀବନ ରହିଥିବ ।

ଓଡ଼ିଶାରେ ଆମର ସ୍ୱଳ୍ପ ରହଣି ଭିତରେ ମାତୃ କାର୍ଯ୍ୟରେ ପତିବାବୁ ସବୁବେଳେ ଓଡ଼ିଶା ଗସ୍ତ କରୁଥିଲେ, କିନ୍ତୁ ମୋର ତାଙ୍କ ସହ ବିଶେଷ ଯୋଗାଯୋଗ ହୋଇପାରି ନଥିଲା । କାରଣ ମୋର ଥିଲା ଏକ ଗୃହିଣୀର ଦାୟିତ୍ୱ । ଚାକିରି ଯୋଗୁଁ ଅନେକ ଜାଗାରେ ରହଣୀ ପରେ ଆମେ ଯେତେବେଳେ ବିଶାଖାପଟ୍ଟନମ୍‌ରେ ପହଞ୍ଚିଲୁ, କୌଣସି ଏକ ଧର୍ମଘଟ ଯୋଗୁଁ ଆନ୍ଧ୍ରରେ ରେଳ ଓ ବସ୍ ଚଳାଚଳ ବ୍ୟାହତ ହୋଇଥିଲା । ଯାତ୍ରାରେ ଅସୁବିଧା ଯୋଗୁଁ ଅଧ୍ୟାପକ ପତିବାବୁ ଅନିମେଷଙ୍କୁ ସାଙ୍ଗରେ ନେଇ ସେତିକିବେଳେ ଆମ ଘରେ ଦୁଇ, ତିନିଦିନ ରହିଥିଲେ – ଉଡ଼ାଜାହାଜରେ ତାଙ୍କର ଯାତ୍ରାର ବ୍ୟବସ୍ଥା ହେବାଯାଏ । ଆମ ପିଲାଙ୍କର ଆଶ୍ରମର ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପଢ଼ିବାର ଓ ସେମାନଙ୍କୁ ନେଇ ସେଠାରେ ରହିବାର ବ୍ୟବସ୍ଥା କେମିତି ହୋଇପାରିବ ସେଥିପାଇଁ ମୁଁ ତାଙ୍କୁ ଅନୁରୋଧ କଲି । ଶ୍ରୀମା ଯଦି ଅନୁମତି ଦିଅନ୍ତେ, ପିଲାଙ୍କୁ ଧରି ଆମେ ଆଉ ଉଦ୍‌ଭ୍ରାନ୍ତଙ୍କ ଭଳି ଦେଶସାରା ନ ବୁଲି ଶ୍ରୀମା'ଙ୍କ ଚରଣପ୍ରାନ୍ତରେ ସବୁଦିନ ପାଇଁ ନିଜକୁ ଉତ୍ସର୍ଗ କରନ୍ତୁ – ଏହାହିଁ ଆମର ଇଚ୍ଛା ଥିଲା । ଯଦିଓ ୧୯୬୪ ମସିହାରେ

ବାବାଜି ମହାରାଜ ଆମକୁ ପଣ୍ଡିଚେରୀ ଚାଲି ଆସିବାକୁ କହିଥିଲେ ତଥାପି ଭିତରେ ହୁଏତ କେଉଁଠି ଟିକିଏ ଦ୍ୱିଧା ରହିଥିଲା । ତେଣୁ ସେଇ ଦୁଇବର୍ଷ ମଧ୍ୟରେ ସରକାର ଆମକୁ ଏପରି ଘନ ଘନ ବଦଳିରେ ସ୍ଥାନାନ୍ତର କରାଇଲେ ଯେ ଆମେ ମନସ୍ଥିର କରିନେଲୁ ଆଉ ବିଳମ୍ବ ନକରି ଆଶ୍ରମରେ ରହିବା ପାଇଁ । କିନ୍ତୁ ପତିବାବୁ ମୋ କଥା ଶୁଣିବା ମାତ୍ରେ କହିଲେ, ''ଆପଣ ଏଠାରେ ଏତେ ସୁବିଧାରେ ଅଛନ୍ତି । ଚାକର, ପିଅନ, ସରକାରୀ ଘର, ଭଲ ବ୍ୟବସ୍ଥା ଛାଡ଼ି ଅପରିଚିତ ଭାଷା, ଅଜଣା ଜାଗା ପଣ୍ଡିଚେରୀରେ ଏକା ଏକା ଛୋଟ ଛୋଟ ପିଲାଙ୍କୁ ଧରି ରହିବେ କିପରି ? ଅସମ୍ଭବ-ଅସମ୍ଭବ ! ଆପଣ ପାରିବେ ନାହିଁ ।'' ପତିବାବୁଙ୍କର ଏହି ନିରୁତ୍ସାହିତ କଥା ବିପରୀତ ଭାବରେ କାମ କଲା ଓ ମୁଁ ଆଶ୍ରମରେ ଏକାକୀ ଚଳିବି ଓ ପିଲାଙ୍କୁ ଚଳେଇବି — ଏଥିପାଇଁ ନିଜ ମନରେ ଦୃଢ଼ ସଂକଳ୍ପ କରି ନେଇଥିଲି । ଶ୍ରୀମା'ଙ୍କ ପାଖକୁ ପିଲାମାନେ ନିଜେ ଚିଠି ଦେଲେ ଓ ଶ୍ରୀମା ସେମାନଙ୍କୁ ଡକାଇ ପଠାଇଲେ । ତେଣୁ ପତିବାବୁ ଓଡ଼ିଶାରୁ ଫେରିବା ପୂର୍ବରୁହିଁ ଆମେ ଏଠାରେ ପହଞ୍ଚିଗଲୁ । ତାଙ୍କର ଓ ବାବାଜି ମହାରାଜ ତଥା 'ନବଜ୍ୟୋତି'ର ଭାଇମାନଙ୍କର ଅକୁଣ୍ଠ ସାହାଯ୍ୟ ଓ ସହାନୁଭୂତି ପାଇ ଆମେ ଛିନ୍ନମୂଳ ବୃକ୍ଷ ପରି ବିନଷ୍ଟ ନହୋଇ ନୂଆ ଭାବରେ ଥଇଥାନ ହେଲୁ ଏହି ପବିତ୍ର ପୀଠରେ । ଆମ୍ଭମାନଙ୍କ ପାଇଁ ଘରଭଡ଼ାର ବ୍ୟବସ୍ଥା ପତିବାବୁହିଁ କରି ଦେଲେ ।

ସେ ସମୟରେ ଉତ୍କଳୀୟଙ୍କ ସଂଖ୍ୟା ଏତେ ବେଶୀ ନଥିଲା, ପୁଣି ଓଡ଼ିଆ ପରିବାରଙ୍କ ସଂଖ୍ୟା ଆହୁରି ବି କମ୍ ଥିଲା, ତେଣୁ ପରସ୍ପରକୁ ଜାଣିବାରେ ଏବଂ ପରସ୍ପରର ସୁବିଧା ଅସୁବିଧା ସମୟରେ ପାଖରେ ଠିଆ ହେବାରେ ଏତେ ଅନ୍ତରଙ୍ଗ ଭାବ ଥିଲା ଯେ ସତେ ଯେପରି ଆମେ ସମସ୍ତେ ଗୋଟିଏ ପରିବାରର ଏବଂ ଶ୍ରୀମାହିଁ ଆମର ଅଭିଭାବକ — ଆମ ଭିତରୁ କିଏ ଆଶ୍ରମର ବାହାରେ ଅଛି, ଆଉ କିଏ ଆଶ୍ରମ ପରିସରରେ ରହିଛି, ସେତିକି ମାତ୍ର ତଫାତ୍ । କେବେ କୌଣସି ପରାମର୍ଶ ଦରକାର ହେଲେ ଆମେ ଆସି ପତିବାବୁଙ୍କ ପାଖରେ କିଂବା ବାବାଜି ମହାରାଜଙ୍କ ପାଖରେ ପହଞ୍ଚ ଯାଉଥିଲୁ, ସେତିକି ଭରସା ଓ ଅଭୟ ସେମାନେ ଆମକୁ ଦେଇଥିଲେ । ତଥାପି ବାରଂବାର ଅଭାବ ଅନଟନ ବା ଅଭିଯୋଗକୁ ନେଇ ମୁଁ ତାଙ୍କ ପାଖରେ ନ ପହଞ୍ଚିବାକୁ ସବୁବେଳେ ଚେଷ୍ଟା କରୁଥିଲି । ପାଠଚକ୍ରକୁ ଆସିବା ଓ ସଦ୍‌ଗ୍ରନ୍ଥ ପଢ଼ିବା, ବୁଝିବାରେ ସେମାନେ ସାହାଯ୍ୟ କରୁଥିଲେ । ଏଠାରେ ରହିବା ପରେ ତଥା ପୂର୍ବରୁ ଅଧ୍ୟାତ୍ମ-ସାହିତ୍ୟ, ଦର୍ଶନର ଗ୍ରନ୍ଥ ପାଠ କରିବା ମୋର ଅଭ୍ୟାସ ଥିଲା, ତେଣୁ ନିଜ ଚେଷ୍ଟାରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ରଚନା, ନଳିନୀକାନ୍ତଙ୍କ ରଚନାବଳି, ଓଡ଼ିଆ ଭାଷାରେ ପ୍ରକାଶିତ ଲୋକ-ସାହିତ୍ୟ, ମାତୃବାଣୀ ଓ ଅନ୍ୟାନ୍ୟ ଛୋଟ ଛୋଟ ଅନୁବାଦ ପୁସ୍ତିକା ମଧ୍ୟ ପାଠ କରୁଥିଲି । ଏଠାରେ ଆସି ଆଉ ଏକ ସୁବିଧା ହେଲା, ପ୍ରୌଢ଼ ଶିକ୍ଷାର ଯେତେଗୁଡ଼ିଏ ସୁବିଧା ଆଶ୍ରମରେ ରହିଛି, ମୋର ସୁବିଧା ଅନୁଯାୟୀ ମୁଁ ସେଥିରେ ଯୋଗ ଦେଉଥିଲି । ବିଶେଷ କରି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଚିନ୍ତାଧାରା ଓ ଜୀବନ ଦର୍ଶନରେ ନିଜକୁ ମିଶେଇ ନୂଆ କରି ତିଆରି କରିବା ପାଇଁ ମୁଁ ଚାହୁଁଥିଲି । ଏହିପରି ଭାବରେ ପାଞ୍ଚବର୍ଷ କଟିଗଲା ଆମ ଜୀବନର ।

ପତିବାବୁ ଓଡ଼ିଶା ଗସ୍ତରୁ ମଝିରେ ମଝିରେ ଫେରିବା ମାତ୍ରେ ତାଙ୍କ ସହ ଦେଖା କରିବା ଓ ତାଙ୍କଠାରୁ ଆଶ୍ରମ ସ୍ଥାପନାକାଳୀନ ପୁରୁଣା କଥା ସବୁ ଶୁଣିବା, ଶ୍ରୀମା'ଙ୍କ ଜୀବନର ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବିଷୟରେ ଜାଣିବା — ଏହା କେବଳ ପତିବାବୁଙ୍କ ସାହାଯ୍ୟରେହିଁ ହୋଇଥିଲା । କିପରି ଶ୍ରୀମା ଜୀବନର ସବୁକ୍ଷେତ୍ରରେ ଯୋଗ-ସାଧନାକୁ ପ୍ରବେଶ କରାଇଥିଲେ — ରୋଷଶାଳାଠାରୁ ନେଇ ବିଦ୍ୟାଚର୍ଚ୍ଚା ପର୍ଯ୍ୟନ୍ତ, ଗୋ ସେବା, ଜମିବାଡ଼ିର ତତ୍ତ୍ୱାବଧାନ, ଆଶ୍ରମରେ ଲୁଗା ଧୁଆ ବିଭାଗଠାରୁ ଆରମ୍ଭ କରି ନାନାଦି କଳକାରଖାନା ଖୋଲିବା, ତନ୍ତ ଆଦି ବସାଇ ଆଶ୍ରମକୁ ସ୍ୱାବଲମ୍ବୀ କରିବା ଇତ୍ୟାଦି ସମ୍ପୂର୍ଣ୍ଣ ଜୀବନର ସର୍ବାଙ୍ଗୀଣ ବିକାଶ ପଛରେ ଶ୍ରୀମାଙ୍କର କିପରି ହାତ ରହିଛି, ଦୃଷ୍ଟି ରହିଛି — ସବୁ କଥା ସେ କହୁଥିଲେ । ପ୍ରତିଥର ଶ୍ରୀଅରବିନ୍ଦ ତଥା ଶ୍ରୀମା'ଙ୍କ ବିଷୟରେ ନୂଆ ନୂଆ କଥା ଶୁଣୁଥିଲି — କେମିତି ଗୋଧନ କିଣାଗଲା, କେମିତି ପ୍ରତିଦିନ ଆସି ସେମାନେ ଶ୍ରୀମାଙ୍କର ପରିଦର୍ଶନ ପାଇଁ ଅପେକ୍ଷା କରୁଥିଲେ ଓ ଶ୍ରୀମା ଉପର ମହଲାରୁ ଓହ୍ଲାଇ ଆସି ଜଣ ଜଣ କରି ସମସ୍ତଙ୍କୁ କରୁଣା ଦୃଷ୍ଟିରେ ଦେଖୁଥିଲେ; ପୁନଶ୍ଚ ନୂଆ ନୂଆ ଜମି କିଣିବା, ସେଥିରେ ଗୋରୁମାନଙ୍କ ପାଇଁ ନୂଆ ଧରଣର ଘାସଚାଷ କରିବା, ସେ ଜମିକୁ ଚାଷୋପଯୋଗୀ କରିବା, ପୁଣି ଆଶ୍ରମବାସୀମାନେ କିପରି ପରିଚ୍ଛନ୍ନତା ଓ ସୌନ୍ଦର୍ଯ୍ୟର ଆଦର କରିବେ ସେଦିଗରେ ଶ୍ରୀମାଙ୍କର ସଜାଗ ଦୃଷ୍ଟି ରହିଥିଲା । ସେଥିପାଇଁ ଶ୍ରୀମା ପ୍ଲେ-ଗ୍ରାଉଣ୍ଡରେ ଜାପାନ ଦେଶ ଓ ସେଠାକାର ଲୋକଙ୍କର ଜୀବନଯାତ୍ରା ଉପରେ ସୌନ୍ଦର୍ଯ୍ୟ-ବୋଧର ତଥା ସୁସଙ୍ଗତିର କେମିତି ପ୍ରଭାବ ରହିଛି, ସେ ବିଷୟରେ କହୁଥିଲେ । ଶ୍ରୀମା' କ'ଣ କ'ଣ କହିଛନ୍ତି ଏବଂ

ସେହିଭଳି ଅର୍ଥ ପ୍ରତି କିପରି ମନୋଭାବ ରହିବା ଉଚିତ — କୃଚ୍ଛ୍ରତା ଆଡ଼କୁ ଢଳିବ ନାହିଁ କି ବିଳାସ ଆଡ଼କୁ ଝୁଙ୍କିବ ନାହିଁ; ବୀତସ୍ପୃହତା ବା ଘୃଣାର ଭାବ ନୁହେଁ କି ଆସକ୍ତି ବା ବେପରୁଆ ଭାବରେ ଖର୍ଚ୍ଚ କରିବା ନୁହେଁ, ଏହିପରି ଏକ ତୃତୀୟ ସ୍ଥିତି କେମିତି ଆସିବ, ସେ କଥା ବି ଶ୍ରୀମା ଯେଉଁ ଯେଉଁ ଦୃଷ୍ଟାନ୍ତ ଦେଇ ଶିକ୍ଷା ଦେଇଛନ୍ତି, ସେ ବିଷୟରେ ପ୍ରପତ୍ତି ମହାଶୟ ଗପଛଳରେ କହୁଥିଲେ । ପୁଣି କେଉଁ ମନୋଭାବ ନେଇ ବାଣିଜ୍ୟ ବ୍ୟବସାୟ କରାଯିବ — ସତ୍ୟତା ସହ ଯୋଗଯୁକ୍ତ ହୋଇ ସାମାନ୍ୟ ଲାଭ ରଖି, ବଣ୍ଟନର ସୁବ୍ୟବସ୍ଥାକୁ ହାତରେ ରଖି କେମିତି ବାଣିଜ୍ୟ ଓ ବ୍ୟବସାୟ ପ୍ରତିଷ୍ଠାନ କରାଯିବ, ପ୍ରଥମେ କେମିତି ଆଶ୍ରମ ସେ ଦିଗରେ ପ୍ରଚେଷ୍ଟା କଲା ଶ୍ରୀମା'ଙ୍କ ନିର୍ଦ୍ଦେଶରେ ତାହାର ଆଲୋଚନା ପତିବାବୁ କରୁଥିଲେ । ପଣ୍ଡିଚେରୀ ଜଳବାୟୁରେ ଯେଉଁ ଫୁଲ ବା ଶାକସବ୍‌ଜି ଉତ୍ପାଦିତ ହୋଇପାରୁ ନଥିଲା, ଶ୍ରୀମା'ଙ୍କ ତତ୍ତ୍ୱାବଧାନରେ ଉପଯୁକ୍ତ ଯତ୍ନ, ଖତ ଓ ବିଜ୍ଞାନର ଉପଯୋଗ କରି ସେସବୁ କିପରି ଆଶ୍ରମ ବଗିଚାରେ ପରୀକ୍ଷା କରାଗଲା ଓ ସଫଳ ହେଲା, ତାହାର ଦୃଷ୍ଟାନ୍ତ ବି ଦେଉଥିଲେ । ପତିବାବୁ ପୁଣି କହୁଥିଲେ —

''ସବୁଠାରୁ ବଡ଼ କଥା, ମନୁଷ୍ୟର ନିଜ ନିଜ ଭିତରେ ସ୍ୱାଭାବିକ ସମ୍ପର୍କ — ପରିଦର୍ଶକ, ଆଶ୍ରମବାସୀ ଓ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ କିପରି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧ ରହିପାରିବ, ସେ ବିଷୟରେ ବି ଶ୍ରୀମା'ଙ୍କର ଦୃଷ୍ଟି ଥିଲା — କେହି ଆଶ୍ରମର ଇଞ୍ଜିନିୟର ଓ ସୁପରଭାଇଜର ଯଦି କେଉଁଠାରେ କେଉଁ ଦିନ କାହା ପ୍ରତି କଠୋର ହୋଇଥା'ନ୍ତି ବା କାହାକୁ କାମରୁ ବାହାର କରି ଦେଇଥା'ନ୍ତି ବା ମଜୁରି କାଟି ଦିଅନ୍ତି — ଶ୍ରୀମା ସେମାନଙ୍କୁ ଡକାଇ କେତେବେଳେ ଭର୍ତ୍ସନା, କେତେବେଳେ ବୁଝାଇବା ଦ୍ୱାରା ଏକ ଭଲ ସମ୍ପର୍କ ରଖିବା ଦିଗରେ ଶିକ୍ଷା ଦେଉଥିଲେ ।''

ଅନ୍ୟ ଏକ ପ୍ରସଙ୍ଗରେ ପତିବାବୁ ଥରେ କହିଥିଲେ — ''ମୁଁ ନବଜ୍ୟୋତିର କର୍ମୀମାନଙ୍କ ଉପରେ ରାଗିଯାଏ, ନିଜର କ୍ରୋଧକୁ ସମ୍ବରଣ କରିପାରେ ନାହିଁ, କାରଣ ବିଶୃଙ୍ଖଳାକୁ ବରଦାସ୍ତ କରିବା ଆଜି ଯାଏଁ ମୋ ଦ୍ୱାରା ହୋଇ ପାରିଲା ନାହିଁ, କିନ୍ତୁ ପ୍ରକୃତରେ ଏହା ଠିକ୍ ନୁହେଁ, ଯେତେବେଳେ ସମସ୍ତେ ବିନା ଭୟରେ ସ୍ୱତଃସ୍ଫୂର୍ତ୍ତ ଭାବେ ଆନନ୍ଦରେ କାମ କରିବେ ସେତେବେଳେ ଯାଇ ଗୋଟିଏ ସଂସ୍ଥା ଠିକ୍ ଭାବରେ ଚାଲିଛି ବୋଲି ବୁଝାଯିବ ।''

ଦିନେ ମୁଁ ତାଙ୍କୁ କଥା ମଝିରେ ପଚାରିଲେ, ''ଶୁଣିଥିଲି, ଆପଣଙ୍କୁ ଶ୍ରୀମା ଆଶ୍ରମ 'ଡାଇନିଂ ହଲ୍'ରେ ବର୍ଷକ ପାଇଁ ଦୁଧ ଆଉଟିବା କାମ ଦେଇଥିଲେ । ସେହି କାମରେ ଆପଣଙ୍କ ସାଧନାରେ କ'ଣ କିଛି ଲାଭ ହେଲା ?''

ପତିବାବୁ ଉତ୍ତରରେ କହିଲେ, ''ହଁ, ପ୍ରାୟ ବର୍ଷେ ଖଣ୍ଡେ କରିଛି । କିନ୍ତୁ ମଝିରେ ମଝିରେ ଡାଇନିଂ ହଲ୍‌ରେ କାମ କରିବାକୁ ଯାଇଛି ବିଶେଷ ଭାବେ ଦର୍ଶନାଦି ସମୟରେ । ସେଇଠି ଥିବାବେଳେହିଁ ଶ୍ରୀମା'ଙ୍କର ବହୁବିଧ ବ୍ୟକ୍ତିତ୍ୱର କେତେ ବିଚିତ୍ର ଦିଗ ଅନୁଧ୍ୟାନ କରିବାକୁ ସୁଯୋଗ ପାଇଛି; ଆଉ ବୟୋଜ୍ୟେଷ୍ଠ ସାଧକମାନଙ୍କ ପାଖରୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜୀବନ ତଥା କର୍ମର ପୂର୍ଣ୍ଣତାର କଥା ଶୁଣିବାର ସୁଯୋଗ ପାଇଛି । ସେଇଦିନଠାରୁ ମୋର ଧାରଣା ଦୃଢ଼ୀଭୂତ ହୋଇଛି ଯେ ଶିକ୍ଷାର ଅତି ସାମାନ୍ୟ ଅଂଶହିଁ ପୋଥିରେ ରହିଛି, ପ୍ରକୃତରେ ବାକି ସବୁ ଜୀବନରେ ଏଠାରେ ସେଠାରେ ଖେଳେଇ ହୋଇ ରହିଛି — ତାକୁ ଖୋଜିବାକୁ ହେବ, ପାଇବାକୁ ହେବ, ସେସବୁ ବହି ପଢ଼ିବା ପରି ଏତେ ସହଜ ନୁହେଁ ।''

ଏହି କାରଣରୁ ବୋଧହୁଏ ସେ ନୂଆ ଧରଣର ଶିକ୍ଷାକୁ ପ୍ରଚଳନ କରିବା ପାଇଁ ଓଡ଼ିଶାରେ ଏକ ଅନୁକୂଳ କ୍ଷେତ୍ର ପାଇଥିଲେ ଏବଂ ବାବାଜି ମହାରାଜଙ୍କ ପ୍ରୋତ୍ସାହନରେ କାମରେ ଲାଗିଥିଲେ । ନିଜର ଶରୀରର ଯତ୍ନକୁ ଭ୍ରୂକ୍ଷେପ ନକରି କଠିନ ଶ୍ରମ ବିନିମୟରେ ଓଡ଼ିଶାରେ ଛୋଟ ଛୋଟ ସ୍କୁଲ ଖୋଲିବା, କେଉଁଠି ଶ୍ରେଣୀଗୃହ ତିଆରି କରିବା, କେଉଁଠି ଶିକ୍ଷକ ତାଲିମର କେନ୍ଦ୍ର ଖୋଲିବା, ପୁନଶ୍ଚ ନୂଆ ଶିକ୍ଷାକୁ ଗ୍ରହଣ କରିବା ପାଇଁ ପରିବେଶ ପ୍ରସ୍ତୁତ କରିବା, ଉପଯୁକ୍ତ କର୍ମୀ ଗଠନ କରିବା — ଏହି ସବୁଥିରେ ସେ ଜୀବନର ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲେ । ଓଡ଼ିଶାରେ କର୍ମୀ ମହଲରେ କେଉଁଠି ମତାନୈକ୍ୟ ହେଲା, କେଉଁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି ହେଲା, କେଉଁଠି ଶିକ୍ଷକ ଶିକ୍ଷୟିତ୍ରୀ ଭଲ ଚାକିରି ପାଇ ଏହି ଶିକ୍ଷାକେନ୍ଦ୍ର ଛାଡ଼ି ଚାଲିଗଲେ, କେଉଁଠି ଅର୍ଥର ଅଭାବରୁ ଅନୁଷ୍ଠାନ ଭଲ କରି ଚାଲି ପାରିଲା ନାହିଁ, ... ଏହିପରି ସମସ୍ୟାମାନ ତାଙ୍କୁ ସବୁବେଳେ ଚିନ୍ତାଗ୍ରସ୍ତ କରୁଥିଲା ଏବଂ ତାଙ୍କ ଶରୀର ଉପରେ ବହୁତ ଚାପ ପକାଉଥିଲା । ଦିନେ ଏ ବିଷୟରେ କଥା ପ୍ରସଙ୍ଗରେ ମୁଁ କହିଲି — ''ଯେଉଁମାନେ ଭଲ ଜିନିଷକୁ ରକ୍ଷଣାବେକ୍ଷଣ କରିବାକୁ ଶିଖି ନାହାନ୍ତି ବା ଆଗ୍ରହୀ ନୁହଁନ୍ତି, କାହିଁକି ଆପଣ ସେଭଳି ଲୋକଙ୍କ ପାଇଁ ଏତେ ଭାବୁଛନ୍ତି,

ସେମାନଙ୍କ ପଛରେ ଏତେ ଶ୍ରମ, ଅର୍ଥ ଏବଂ ଜୀବନର ମୂଲ୍ୟବାନ୍ ସମୟ ଆଶ୍ରମରେ ନ କଟାଇ ଓଡ଼ିଶାର ପ୍ରତିକୋଣରେ ବୁଲି ବୁଲି ସ୍ୱାସ୍ଥ୍ୟ ନଷ୍ଟ କରି କାଳ କଟାଉଛନ୍ତି ।'' ପତିବାବୁ କହିଥିଲେ, ''ଶ୍ରୀମା'ଙ୍କ ପାଖରୁ ଆମେ ଏତେକଥା ଶିଖିଲୁ – ସେସବୁକୁ ଅନ୍ୟମାନଙ୍କ ସହ ଭାଗ ନକଲେ କେମିତି ହେବ ? ଏହା ନକଲେ ଆମେ କ'ଣ ଶ୍ରୀମା'ଙ୍କର ଶ୍ରମ, ଅର୍ଥ, ଚେତନା, ଯତ୍ନକୁ ଯଥାର୍ଥ ମୂଲ୍ୟ ଦେଇ ପାରିବୁ ? ଆମ୍ଭେମାନେ କ'ଣ ରଖିପାରିବୁ ଶ୍ରୀମା'ଙ୍କର କଥା ? ପୁଣି ଶ୍ରୀମା ନିଜେ ଏଠାରେ ବିଦ୍ୟମାନ । ସେ ତୁଳନାରେ ଓଡ଼ିଶାରେ କ'ଣ ଏମିତି ପ୍ରଚେଷ୍ଟା ହୋଇଛି ? ଥରେ ସେହିମାନେ ସଚେତ ହୋଇଗଲେ, ନୂଆ ଶିକ୍ଷା ଓ ନୂଆ ଜୀବନର ମୂଲ୍ୟ ବୁଝିଗଲେ ନିଜେ ନିଜେ ସାଧନା ମାର୍ଗରେ ଚାଲିବାର ଦାୟିତ୍ୱ ନେବେ । ମୁଁ ଯଦି ଗଢ଼ିବା ଓ ରକ୍ଷାଣାବେକ୍ଷଣର ଭାରସବୁ ନେଇ ବସିବି, ତାହାହେଲେ ସେହିସବୁ ଶିକ୍ଷାନୁଷ୍ଠାନ ବା ପାଠଚକ୍ର ଅନୁଷ୍ଠାନ କେବେ ବି ସ୍ୱାବଲମ୍ବୀ ହେବ ନାହିଁ ।'' ସତକୁ ସତ ଆମେ ଏବେ ଦେଖୁଥାଉଁ ପତିବାବୁଙ୍କ ଅନୁପସ୍ଥିତିରେ ବି ସେସବୁ କାମ ଚାଲିଛି ଓ ଚାଲିବ । ଏପରି ଏକ ବିବର୍ତ୍ତନ ଆଣିବା ପାଇଁ ଉତ୍କଳବାସୀଙ୍କ ମନରେ ସେଥିପ୍ରତି ଜାଗରଣ ଆଣିବା ପାଇଁ ପତିବାବୁ ନିଜର ଜୀବନ ଓ ସ୍ୱାସ୍ଥ୍ୟ ଅକାତରେ, ଅକୁଣ୍ଠରେ ଢାଳିଦେଲେ । ତାଙ୍କର କର୍ମସବୁ ଦେଖି ଗୋପବନ୍ଧୁଙ୍କର ଗୋଟିଏ ଉକ୍ତି ମନେପଡ଼େ –

''ସ୍ୱରାଜ୍ୟ ସାଧନ ପଥେ ଅଛି ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ॥''

ପତିବାବୁ ନିଜର ସର୍ବସ୍ୱ ଦେଇ ଓଡ଼ିଶାରେ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ଅଭୀପ୍ସୁ ଲୋକଙ୍କ ଚେତନାରେ ପ୍ରବେଶ କରାଇଥିଲେ ।

ଖାଲି ତାଙ୍କର କର୍ମର ଦିଗଟା ପ୍ରତି ଚାହିଁ ରହିଲେ ତାଙ୍କ କଥା ଶେଷ ହେବ ନାହିଁ । କିଏ କେବେ ଭାବିଥିଲା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ରଚନା, ତାଙ୍କ ଭକ୍ତମାନଙ୍କୁ ସେସବୁକୁ ଅପେକ୍ଷାକୃତ ସରଳ ଭାବରେ ବୁଝାଇବାର ପ୍ରଚେଷ୍ଟା, ସେହି ଗଭୀର ଆଶାଜନକ ଭାବ ଓଡ଼ିଶାର ଗାଁ ଗହଳର ଶିକ୍ଷିତ, ଅଶିକ୍ଷିତ ଲୋକମାନଙ୍କଠାରେ ପହଞ୍ଚି ପାରିବ ? ବାଳକ, ବୃଦ୍ଧ, ନରନାରୀ, ଯୁବକ, ଯୁବତୀ, ଶିକ୍ଷକ ଓ ଛାତ୍ର – ସମସ୍ତଙ୍କ ମନ, ପ୍ରାଣରେ ଏସବୁ ବାଣୀ ଯେ ପହଞ୍ଚି ସେମାନଙ୍କ ଜୀବନଧାରାରେ, ଦୃଷ୍ଟିକୋଣରେ ଏକ ଆମୂଳ ପରିବର୍ତ୍ତନ ଘଟାଇବ, ଏକଥା କ'ଣ କେହି ଏହି ଶତାବ୍ଦୀର ମଧ୍ୟଭାଗରେ ବି ଭାବିଥିଲା ! ଏଇ କେତୋଟି ମାତ୍ର ବର୍ଷ ତଳେ, ୧୯୫୪ ମସିହାରେ ପ୍ରପତ୍ତି ଆଶ୍ରମରେ ଯୋଗ ଦେଲେ, ଓଡ଼ିଆ ଛାପା କାର୍ଯ୍ୟ ତ ମାତ୍ର ୧୯୫୮ ମସିହାରେ ଆରମ୍ଭ ହେଲା, ମାତ୍ର ଏଇ କେତୋଟି ବର୍ଷ ଭିତରେ ଅନେକେ ଜାଣନ୍ତି ତ୍ରିବିଧ ରୂପାନ୍ତର କ'ଣ, ଅତିମାନସ ଶକ୍ତି କ'ଣ, ଅଭୀପ୍ସା, ଊର୍ଦ୍ଧ୍ୱମୁଖୀ ତ୍ରିଭୁଜ, ଅଧୋମୁଖୀ ତ୍ରିଭୁଜ, ଶରୀରରେ ଅମରତ୍ୱ କି ଜିନିଷ – ଏସବୁର ମାନସିକ ବିବରଣୀ ଅନ୍ତତଃ ଯେଉଁଠି ଯେଉଁଠି ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରହିଛି, ସେଠାରେ ଓ ଯେଉଁ ଭକ୍ତମାନେ ଏଠାକୁ ଆସନ୍ତି ସେମାନଙ୍କ ପରିବେଶରେ ଓ ଗୃହରେ ଅନେକଙ୍କୁ ବିଦିତ । ସେଥିମଧ୍ୟରୁ କେତେକେ ନବ-ଚେତନାର ଛାଞ୍ଚରେ ନିଜକୁ ଗଢ଼ିବାକୁ ଦୃଢ଼ ପ୍ରଯତ୍ନଶୀଳ । ଓଡ଼ିଶାର ଗାଁଗହଳରେ, ସ୍ୱଳ୍ପ ଶିକ୍ଷିତ ଭକ୍ତମଣ୍ଡଳୀରେ ବି ଏ ବିଷୟ ଆଲୋଚିତ ହୁଏ । ଲୋକେ ବିଶ୍ୱାସ କରନ୍ତି, ମାତ୍ର ତିରିଶ-ବତିଶଟି ବର୍ଷ ଭିତରେ ଏପରି ଏକ ମୌଳିକ ପରିବର୍ତ୍ତନକୁ ଚାହିଁଲେ କେତେ ବଡ଼ କାମ ଯେ ଓଡ଼ିଶାରେ ହୋଇ ଯାଇଛି ଏବଂ ଏହାର ପଛରେ ଯେଉଁ ମହାମାନବଙ୍କର ପ୍ରେରଣା ଓ ନିଷ୍ଠା ରହିଅଛି, ସେମାନଙ୍କ ପ୍ରତି ସ୍ୱତଃ ମୁଣ୍ଡ ନଇଁଯାଏ, ସେଥିପାଇଁ ଭାଷା ଯଥେଷ୍ଟ ନୁହେଁ ।

ମୋର ବିଦ୍ୟାନୁଶୀଳନକୁ ପତିବାବୁ ସାହାଯ୍ୟ କରିଥିଲେ, ମୁଁ ମଧ୍ୟ ଚାହିଁଥିଲି କିପରି ଆଶ୍ରମର କିଛି କାମରେ ଭାଗନେଇ ପାରନ୍ତି । କାରଣ ଆମର ଘରର ପରିବେଶ ଓ ଦାୟିତ୍ୱ ଏଭଳି ଥିଲା ଯେ ଆଶ୍ରମରେ ଅଧିକ ସମୟ ଦେଇ ହେବ ନାହିଁ, ତେଣୁ ପତିବାବୁ ଯେତେବେଳେ ତାଙ୍କର ବିଶେଷ ଚିଠିଗୁଡ଼ିକର ଉତ୍ତର ଲେଖିବାକୁ କହିଲେ ମୁଁ ଖୁସି ହେଲି । ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଆସି ପହଞ୍ଚୁଥିଲି । ଇଂରାଜୀ ଚିଠିର ଉତ୍ତର ସେ ଡାକି ଦେଉଥିଲେ ଓ ଓଡ଼ିଆରେ ଆସୁଥିବା ଚିଠିଗୁଡ଼ିକ ତାଙ୍କ ବତାଇବା ଭଳି ଉତ୍ତର ଲେଖୁଥିଲି, ସବାଶେଷରେ ସବୁଗୁଡ଼ିକ ସେ ନିଜ ଦସ୍ତଖତ ଦେଇ ଡାକରେ ଦେଉଥିଲେ । ଏଇ କାମ ମଝିରେ ସେ ଅନେକ ପ୍ରସଙ୍ଗ କହୁଥିଲେ ଏବଂ ମୁଁ ସେଇଥିରୁ ଆଲୋକ କଣିକାମାନ ସଂଗ୍ରହ କରି ନେଉଥିଲି । କେବେ ଥରେ ଶିକ୍ଷା ଓ ପିଲାଙ୍କର ମନସ୍ତତ୍ତ୍ୱ ନେଇ କଥା ପଡ଼ିଲା । ସେ କହିଲେ, ''ଏତେ ଟିକି ଟିକି ପିଲାଙ୍କୁ ଭାରବୁହା ପଶୁ ପରି ମେଞ୍ଚେ ଲେଖାଏଁ ବହିଖାତା ଧରି ସ୍କୁଲକୁ ଯିବା ଓ ରସ ନଥାଇ ବି ପରୀକ୍ଷାରେ ପାଶ୍ କରିବାକୁ ଗଧ ଭଳି ତା'ର ପାଠ୍ୟକୁ ମୁଣ୍ଡରେ ବୋହିବା – ଏହା

ଏକାବେଳେକେ ମନ, ପ୍ରାଣ ଓ ଶରୀର ପାଇଁ ଅଯୌକ୍ତିକ, ଅସ୍ୱାସ୍ଥ୍ୟକର; ତା' ଫଳରେ ପ୍ରକୃତରେ ଯେତେବେଳେ ସେମାନଙ୍କର ଆଗ୍ରହ ଆସିବା କଥା – ଯଥା ଦଶ, ବାର ବର୍ଷ ବୟସରେ, ସେତିକିବେଳକୁ ଏହି ପିଲାମାନଙ୍କର ବିଦ୍ୟା ପ୍ରତି, ବିଦ୍ୟାନୁଷ୍ଠାନ ପ୍ରତି, ଶିକ୍ଷକ ତଥା ପୁସ୍ତକ ପ୍ରତି ଏକ ପ୍ରକାର ବିରକ୍ତି ଓ ବୀତସ୍ପୃହତା ଆସିଯାଇଥାଏ । ପିଲାଦିନେ ସେମାନେ ପ୍ରକୃତିର ଗଛପତ୍ର ଫୁଲ ଭଳି ଯତ୍ନରେ, ନିଜର ଅଜାଣତରେ ବିକଶିତ, ପ୍ରସ୍ଫୁଟିତ ହେବାର କଥା – ଶ୍ରୀମା ତାହାହିଁ ଚାହୁଁଥିଲେ ପିଲାଙ୍କ ପାଇଁ । – ଏକଥା କେବେ ଆମ ଦେଶର ଶିକ୍ଷାବିତ୍‌ମାନେ ବୁଝିବେ ?''

ଆଉ ଥରେ କହୁ କହୁ ନିଜ ପିଲାଦିନର କଥା କହିଥିଲେ,– ବିଷୟ ଥିଲା ଶିକ୍ଷକ ଓ ଅଭିଭାବକ ସ୍ନେହପରାୟଣ, ଉଦାର ଓ କ୍ଷମାଶୀଳ ହେବା ଉପରେ । କଥାଟି ଏହିପରି – ''ମୁଁ ପିଲାଦିନେ କୌଣସି ଏକ ସମୟରେ ନନାଙ୍କ ପକେଟରୁ ପଇସା ନେଇ ସାଙ୍ଗମାନଙ୍କୁ ଧରି ଗୁଡ଼ି, ନଟେଇ କିଣୁଥିଲି, କେବେ ଲଟୁ, କେବେ ମିଠେଇ କିଣି ବାଣ୍ଟିବୁଣ୍ଟି ଖାଉଥିଲୁ । ପଇସା ଯେ ମୁଁ ନେଉଛି, ଅଥଚ ନନା ମୋତେ ଗାଳି ଦେଉ ନାହାନ୍ତି, ଡାକି ପଚାରୁ ନାହାନ୍ତି, ଧମକଉ ନାହାନ୍ତି, ଏହା ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ । ଭାବିଲି, ବୋଧହୁଏ ଜାଣିପାରୁ ନାହାନ୍ତି – ଖୁଚୁରା ପଇସାରୁ କେତେଟା ତ । କିନ୍ତୁ ସେ ଜାଣୁଥିଲେ ଠିକ୍ । ମୋତେ ନିଜ କାମ ପାଇଁ ଲାଜ ମାଡୁଥାଏ, କିନ୍ତୁ ମଝିରେ ମଝିରେ ସାଙ୍ଗମାନଙ୍କ ଚାପରେ ନେଇ ଯାଉଥାଏ । ମନ ଭିତରେ ସେଥିପାଇଁ ସବୁବେଳେ ବ୍ୟଥା ଅନୁଭବ କରୁଥାଏ । ଦିନେ ମୋ ନିଜର ଅପରାଧ ମୋତେ ଏତେ କଷ୍ଟ ଦେଲା ଯେ ମୁଁ ନନାଙ୍କ ପାଖରେ ଚୁପ୍‌ଚାପ ଯାଇ ଠିଆହେଲି – କିଛି କହୁ ନଥାଏ – ମୁଣ୍ଡକୁ ତଳକୁ କରି ଠିଆ ହୋଇଥାଏ । ନନା ମୁହଁଟେକି ପଚାରିଲେ – କଥା 'କ'ଣ, ପଇସା ଦରକାର ?' ସେତେବେଳେ ମୁଁ ଆଉ ରହିପାରିଲି ନାହିଁ, କାନ୍ଦି ପକାଇଲି । ସେ ମୋ ପାଖକୁ ଆସି ମୋତେ ବହୁତ ଆଉଁଷି ଦେଲେ, ସାନ୍ତ୍ୱନା ଦେଇ କହିଲେ – 'ମୁଁ ଜାଣିଥିଲି ତୁ ପଇସା ନେଉଛୁ ବୋଲି, କିନ୍ତୁ ତୋର ଭୁଲ୍ ତୁ ନିଜେ ନ ବୁଝିବାଯାଏ, ସେ ଭୁଲ୍ ଆପଣାଛାଏଁ ତୋତେ ନ ଦେଖାଯିବାଯାଏଁ, ନ ବାଧିବାଯାଏ ମୁଁ ତୋତେ କିଛି କହିଲି ନାହିଁ, ଅପେକ୍ଷା କଲି; ଭଲହେଲା – ଏବେ ତୁ ତୋର ଯାହା ଦରକାର କହିବୁ ।' ସେଦିନ ଯେମିତି ମୁଁ ହଠାତ୍ ବଡ଼ ହୋଇଗଲି, ନନା ତା' ପରଠାରୁ ସବୁବେଳେ ମୋତେ ବନ୍ଧୁ ଭଳି ବ୍ୟବହାର କରୁଥିଲେ । ମୁଁ ମଧ୍ୟ ନିର୍ଭୟ ନିଃସଂକୋଚରେ ସବୁ ବିଷୟ ତାଙ୍କୁ କହୁଥିଲି । ଆଉ ସେ ତାଙ୍କ ମୃତ୍ୟୁ ପୂର୍ବରୁ ମୋତେ କହିଥିଲେ – 'ମୋର ଶ୍ରାଦ୍ଧକ୍ରିୟା ତୁ କରିବୁ ନାହିଁ, ଆଉ ଯିଏ ଯାହା କରିବେ କରନ୍ତୁ । ମୋର ସେଥିରେ ବିଶ୍ୱାସ ନାହିଁ । ତୁ ଯାହା କରୁଥାଉ, ଯେଉଁଠି ରହିଥାଉ, ଭଲ କାମରେ ଲାଗି ରହିଥିଲେ, ସେହି ମୋର ଶ୍ରାଦ୍ଧ' ।'' ଯେତେଦୂର ମନେ ହୁଏ ପତିବାବୁ ତାଙ୍କ କଥା ରଖିଥିଲେ ।

ତାଙ୍କ ବାପାଙ୍କ ପ୍ରତି ତାଙ୍କର ଅପରିସୀମ ଶ୍ରଦ୍ଧା ଥିଲା । ଖାଲି ବାପା ବୋଲି ନୁହେଁ, ତାଙ୍କ ବ୍ୟକ୍ତିତ୍ୱର ଦୃଢ଼ତା, ମହତ୍ତ୍ୱ, ଜନ୍ମକର୍ମର ମିଥ୍ୟା ସଂସ୍କାରକୁ ନୀରବରେ ଭାଙ୍ଗି ଦେବାର ପ୍ରଚେଷ୍ଟା, ସମାଜରେ ବ୍ରାହ୍ମଣ କୁଳରେ ରହି ମଧ୍ୟ ନବୀନତାର ପନ୍ଥୀ ହେବାରେ ଅକୁଣ୍ଠିତ ପଦକ୍ଷେପ – ଏସବୁ ତାଙ୍କୁ ଛୋଟ ବେଳଠାରୁ ଆକୃଷ୍ଟ କରିଥିଲା ଓ ସେ ନିଜେ ମଧ୍ୟ କିଛି ବଡ଼ ପରିବର୍ତ୍ତନ ଆସିବା ଉଚିତ ବୋଲି ଭାବୁଥିଲେ ।

୧୯୭୦-୭୧ ମସିହା : ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଆସି ପହଞ୍ଚିବା ଉପରେ, ତେଣୁ ତାଙ୍କର ରଚନାସବୁ ଓଡ଼ିଆ ଭାଷାରେ ଅନୂଦିତ ହେଲା । ସେଗୁଡ଼ିକୁ ଶ୍ରୀଅରବିନ୍ଦଙ୍କ ନିଜସ୍ୱ ରଚନା ସହ ମିଳାଇ ଦେଖିବା ଦରକାର ପଡ଼ିଲା । ସେ କାମ ପାଇଁ ସେ ମୋତେ ସାହାଯ୍ୟ କରିବାକୁ କହିଥିଲେ । ପାଣ୍ଡୁଲିପିକୁ ସେ ପଢୁଥିଲେ ଓ ମୁଁ ଇଂରାଜୀ ମୂଳରେଖା ପଢୁଥିଲି, ଏବଂ ଶ୍ରୀମାନ୍ ଅନିର୍ବାଣଙ୍କ ଲେଖାକୁ ଆମେ ସାହାଯ୍ୟ ରୂପେ ରଖିଥିଲୁ ପାଖରେ । ଏହିପରି ଭାବରେ କାମ ଆଗେଇ ଚାଲିଲା । ବିଶ୍ୱମ୍ଭରବାବୁ ବି ବେଳେ ବେଳେ ବସୁଥିଲେ । କିଛି ଦିନ ପରେ ତାଙ୍କୁ କାର୍ଯ୍ୟାନ୍ତରରେ ଓଡ଼ିଶା ଯିବାକୁ ପଡ଼ିଲା, ଭାବିଥିଲି ହୁଏତ ଏ କାମ ବନ୍ଦ ରହିବ ବା ଆଉ କୌଣସି ଉପଯୁକ୍ତ ଲୋକଙ୍କ ଜିମା ଦିଆଯିବ । କିନ୍ତୁ ପତିବାବୁ ମୋତେହିଁ ମୂଳଲେଖା ଓ ଓଡ଼ିଆ ପାଣ୍ଡୁଲିପି ଧରାଇ ଦେଇଥିଲେ । ଏହିପରି ଭାବରେ ପ୍ରଥମ ତିନିଗୋଟି ଶତବାର୍ଷିକୀ ଗ୍ରନ୍ଥ ଦେଖିବା ଓ 'ଧର୍ମ' ପତ୍ରିକାର ସମ୍ପାଦକୀୟଗୁଡ଼ିକର ଅନୁବାଦ କରିବାର କାମ ଦେଇ ସେ ମୋତେ 'ନବଜ୍ୟୋତି' କାମରେ ତାଲିମ ଦେଇଥିଲେ । ମୋ ଭଳି ଜଣେ ଅର୍ଦ୍ଧ-ଶିକ୍ଷିତା ମହିଳାଙ୍କୁ ନିଜ ପାଖରେ ବସାଇ ଶିକ୍ଷାଦେବା ଓ ଗଢ଼ି ତୋଳିବା ତାଙ୍କର ମହାନୁଭବତାର ଏକ ଦିଗ । ଆମର ଏଠାକୁ ଆସିବା ପଛରେ ବି ତାଙ୍କର ସ୍ନେହାଶିଷ ଥିଲା ଓ ଦିନେ ମୋର ବାପାଙ୍କୁ କଥା ଛଳରେ ସେ କହିଥିଲେ –

'She has taken a bold step' । ସେ ଭରସା ଓ ଅଭୟ ଦେଇ ନଥିଲେ ଆମ୍ଭେମାନେ ଶ୍ରୀମା'ଙ୍କ ଚେତନାରେ ବଢ଼ିଉଠି ନଥା'ନ୍ତୁ । ଏହିପରି ଭାବରେ ନାନା ବିଘ୍ନ ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ସେ କେତେ କ'ଣ ନ କରିଛନ୍ତି – ଏଠାରେ ଗୋଟିଏ ଓଡ଼ିଆ ବିଭାଗ ଖୋଲି ଓଡ଼ିଶା ସହ ସମ୍ପର୍କ ରଖିବା, ଓଡ଼ିଆ ଭାଷାରେ ଛାପାଖାନା ଖୋଲିବା ଓ ଯନ୍ତ୍ରପାତି ସବୁ ଧୀର ଧୀରେ କିଣି ଏକ ସ୍ୱାବଲମ୍ବୀ ସ୍ୱତନ୍ତ୍ର ଅନୁଷ୍ଠାନ ଭାବରେ ଠିଆ କରାଇବା ଯେ କେତେ କଠିନ ବ୍ୟାପାର ଥିଲା ସେ ସମୟରେ, ତାହା ଯେଉଁମାନେ ଗଢ଼ି ତୋଳିଛନ୍ତି ସେଇମାନେ ହିଁ ସବୁଠୁ ବେଶୀ ଜାଣନ୍ତି । ସେହିପରି ଓଡ଼ିଶାବାସୀ ଦର୍ଶନ ସମୟରେ ଆସିଲେ, କେଉଁଠି ବସବାସ କରିବେ ସେ ବିଷୟରେ ବି ସେ ଉଦ୍ୟମଶୀଳ ହୋଇ ଯାହା କରିଯାଇଛନ୍ତି, ତାହାର ସୁଯୋଗ ଶତ ଶତ ଦର୍ଶନାର୍ଥୀ ସବୁଦିନ ପାଇପାରିବେ । ଏସବୁ ତାଙ୍କର ଦୂରଦର୍ଶିତା ଓ ଦୃଢ଼ସଙ୍କଳ୍ପର ପରିଣାମ । ବିଶେଷ କାମ କରିବା ଲାଗି କାଳର ବିଶେଷ ସନ୍ଧିକ୍ଷଣରେ ଯେଉଁ ସ୍ୱଳ୍ପଙ୍କୁ ଭଗବାନ୍ ନିର୍ବାଚନ କରି ପଠାଇଥା'ନ୍ତି ତାଙ୍କ କାମରେ ସହଯୋଗିତା କରିବାକୁ, ପ୍ରପତ୍ତି ସେଇମାନଙ୍କ ମଧ୍ୟରୁ ଜଣେ । ଏକଥା ଶ୍ରୀମା ଜାଣିଥିଲେ ବୋଲି ତାଙ୍କ ସେବାରେ ସମର୍ପିତ ଏଇ ପ୍ରାଣଟିକୁ ସେ ''ପ୍ରପତ୍ତି'' ନାମ ଦେଇଥିଲେ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ "A Flame of Gratitude" ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

# ଆତ୍ମାର ଆନନ୍ତ୍ୟ

## ଶ୍ରୀଅରବିନ୍ଦ



କାଳର ସୂଚନା ପୂର୍ବେ ଯାହାଥିଲି ହୋଇଛି ମୁଁ ତାହା ଆଜି ।
ଇନ୍ଦ୍ରିୟ ଚେତନା, ଚିନ୍ତା ସବୁ ଶାନ୍ତ କା'ର ଗୋପନ ପରଶରେ :
ମାନସର ପ୍ରତିନିଧି ଉତ୍ପାଦିତ ସକଳ ବସ୍ତୁରାଜି
ହୋଇଗଲେ ଲୀନ ବାଣୀହୀନ ଏ ମହାଶୂନ୍ୟ ରମ୍ୟତାରେ ।

ମୋ ଜୀବନ ଏକ ନୀରବତା ଯାହା କାଳାତୀତ କରଧୃତ;
ଚିରନ୍ତନ ଏଇ ଇକ୍ଷଣ ଗରଭେ ବସୁନ୍ଧରା ନିମଜ୍ଜିତ ।
ଅନାବୃତ ମୋର ଆତ୍ମା ତାହାର ବେଶବାସ ଯାଏ ଖସି;
ଅନ୍ତରୀକ୍ଷେ ଆତ୍ମ-ସତ୍ତା ଏକାକୀ ଅନ୍ୟ କା'ର ସ୍ଥାନ ନାହିଁ ।

ହୃଦୟ ମୋହର କେନ୍ଦ୍ରବିନ୍ଦୁ ଏକ ହୋଇଅଛି ଅସୀମର,
ଆତ୍ମାର ବିଶାଳ ବିସ୍ତାରେ ଏକ ବିନ୍ଦୁ ମୋର ଏ ଶରୀର ।
ନିମ୍ନେ ମୋର ଜାଗିଉଠେ ଅଖିଳ ସତ୍ତାର ସୁବିପୁଳ ରସାତଳ,
ଦିନେ କେଉଁ କାଳେ ବିରାଟ ଅଜ୍ଞାନେ ଥିଲା ଯାହା ସମାବୃତ ।

ମୁହୂର୍ତ୍ତାତୀତ ବିପୁଳତା ଏକ ଅନାବିଳ ଅନାବୃତ,
ମୁଁ ସେହି, ନିଜକୁ ବିସ୍ତାର କରେ ଚିରନ୍ତନ ସର୍ବତ୍ର ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Self's Infinity"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୮୭)

ମହେନ୍ଦ୍ରନାଥ ସ୍ୱାଇଁ

**ଅଲୌକିକତା :**

ଫେବ୍ରୁଆରୀ ୧୭, ୧୯୧୪ରେ ଶ୍ରୀମା ଏକ ଛୋଟ ପ୍ରାର୍ଥନାଟିଏ ଲେଖିଛନ୍ତି । କିନ୍ତୁ ଏହି ପ୍ରାର୍ଥନାରେ ପୂର୍ଣ୍ଣଯୋଗ ସାଧନାରେ ଆବଶ୍ୟକ ସକଳ ପ୍ରକାର ପ୍ରଚେଷ୍ଟା, ଅଭୀପ୍ସା ନିମନ୍ତେ ଯାହାସବୁ ଦରକାର ସେସବୁକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଇଛନ୍ତି । ଆମେ ଭୁଲ୍ କରୁ, କାରଣ ଆମେ କୌଣସି କଥାକୁ ଭଲ ଭାବରେ ବୁଝିପାରୁ ନାହୁଁ, ଗ୍ରହଣ କରିପାରୁ ନାହୁଁ, କାରଣ ଆମେ ପ୍ରଭୁଙ୍କର ଦିବ୍ୟ-ବିଧାନ ସମ୍ପର୍କରେ ସଚେତନ ନୋହୁଁ ଅଥବା ପ୍ରଭୁଙ୍କର ଇଚ୍ଛା କ'ଣ ସେ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ସମୟ ନାହିଁ । ନିଶ୍ଚିତ ଭାବରେ ଆମର ଅଜ୍ଞାନତା କୌଣସି ଅମଙ୍ଗଳକର ଚିନ୍ତାରୁ ଜନ୍ମ ନେଇ ନାହିଁ ଅଥବା ଆମର କୌଣସି ସାଧନା ନାହିଁ ବୋଲି ଯେ ଆମେ ଅଜ୍ଞାନୀ ହୋଇଛୁ, ସେକଥା ନୁହେଁ – ଏହା ଆସିଛି ଆମର ବହୁ ଜନ୍ମର ପୂର୍ବ ଅଭ୍ୟାସ ଭିତରୁ; ସେହି ଅଭ୍ୟାସଟି ହେଲା ମନ ଓ ପ୍ରାଣର ପ୍ରଭୁତ୍ୱ ସ୍ୱୀକାର କରିବା । ଆମେ କାମ କଲା ବେଳେ, କଥା କହିଲା ବେଳେ, ଭାଷଣ ଦେଲା ବେଳେ ପ୍ରଭୁ ଆମ ପାଇଁ ପ୍ରସ୍ତୁତ କରିଥିବା ଆଧ୍ୟାତ୍ମିକ ଚେତନାର ମାପକାଠିରେ ସେସବୁର ସୁପରିଣାମ ଓ କୁପରିଣାମକୁ ଓଜନ କରୁ ନାହୁଁ । ଆମର କାର୍ଯ୍ୟକଳାପକୁ ପ୍ରଭୁ ସ୍ୱୀକୃତି ଦେଉଛନ୍ତି କି ନାହିଁ, ତାହା ତାଙ୍କୁ ଜିଜ୍ଞାସା କରିବାକୁ ଆମେ ଭୁଲି ଯାଉଛେ । ଯଦି ଆମେ ସକଳ କର୍ମ ହାତକୁ ନେବା ପୂର୍ବରୁ, କଥା କହିବା ପୂର୍ବରୁ ପ୍ରଭୁଙ୍କୁ ଜଣାଇ ଦିଅନ୍ତେ, ତାହାହେଲେ ଆମେ ଭୁଲ୍ ବାଟରେ ଗଲାବେଳେ ସେ ଆମ ହାତ ଧରି ପକାନ୍ତେ ଏବଂ ଠିକ୍ ବାଟଟିକୁ ଦେଖାଇ ଦିଅନ୍ତେ । ଆଲୋଚ୍ୟ ଏସମସ୍ତ ବିଷୟକୁ ଦିବ୍ୟ ଜନନୀ ଶ୍ରୀମା ଫେବ୍ରୁଆରୀ ୧୭, ୧୯୧୪ ପ୍ରାର୍ଥନାଟିରେ ସିଧାସଳଖ ପରମପ୍ରଭୁଙ୍କୁ ନିବେଦନ କରି କହୁଛନ୍ତି –

''O LORD, how ardently my aspiration rises to Thee: give us the full consciousness of Thy law, the constant perception of Thy will, so that our decision may be Thy decision and our life solely consecrated to Thy service and as perfect an expression as possible of Thy inspiration.

O Lord, dispel all darkness, all blindness; may every one enjoy the calm certitude that Thy divine illumination brings!"

''ହେ ପ୍ରଭୁ ! ମୋର ଅଭୀପ୍ସା ଦୃଢ଼ ଭାବରେ ତୁମ ନିକଟକୁ ଉଠି ଚାଲିଛି । ଆମକୁ ତୁମ ବିଧାନର ସମ୍ପୂର୍ଣ୍ଣ ଚେତନା ପ୍ରଦାନ କର, ତୁମ ଇଚ୍ଛାର ନିରବଚ୍ଛିନ୍ନ ଅନୁଭବ ପ୍ରଦାନ କର, ଫଳତଃ ଆମର ସିଦ୍ଧାନ୍ତ ତୁମ ସିଦ୍ଧାନ୍ତ ହୋଇପାରିବ ଏବଂ ଆମର ଜୀବନ ସମ୍ପୂର୍ଣ୍ଣ ରୂପେ ତୁମ ସେବାରେ ଉତ୍ସର୍ଗୀକୃତ ହୋଇ ପାରିବ ଏବଂ ଯେତେଦୂର ସମ୍ଭବ ହୋଇପାରେ ତୁମ ପ୍ରେରଣାର ଏକ ସମ୍ପୂର୍ଣ୍ଣ ପରିପ୍ରକାଶ ରୂପରେ ନିଜକୁ ପ୍ରକାଶିତ କରିପାରେ ।

''ହେ ପ୍ରଭୁ ! ସକଳପ୍ରକାର ଅନ୍ଧକାର ଓ ଅନ୍ଧତ୍ୱକୁ ଦୂରୀଭୂତ କର; ପ୍ରତ୍ୟେକ ବ୍ୟକ୍ତି ତୁମର ନୀରବ ନିଶ୍ଚଳ ନିଶ୍ଚିତ ଭାବକୁ ଉପଭୋଗ କରନ୍ତୁ, ଯେଉଁ ଭାବକୁ ତୁମର ଦିବ୍ୟ ଜ୍ୟୋତିର୍ମୟ ଆଲୋକ ଆନୟନ କରୁଛି ।''

ଏହି ସୃଷ୍ଟିକୁ ପରିଚାଳନା କରିବା ନିମନ୍ତେ ପ୍ରଭୁଙ୍କର ଏକ ନିର୍ଦ୍ଦିଷ୍ଟ ବିଧାନ ବା ନିୟମ ରହିଛି, ଏହାକୁ ବୁଝିବା ପାଇଁ ଆମକୁ ସମ୍ପୂର୍ଣ୍ଣ ସଚେତନ ହେବା ଆବଶ୍ୟକ; ଏହି ସଚେତନତା କେବଳ ପ୍ରଭୁହିଁ ପ୍ରଦାନ କରି ପାରିବେ । କିନ୍ତୁ ପ୍ରଭୁଙ୍କର ଇଚ୍ଛା କ'ଣ, ସେ ଆମଠାରୁ କ'ଣ ଚାହାଁନ୍ତି ବା ଆମେ କି କାମ କଲେ ପ୍ରଭୁଙ୍କର ଏହି ସୃଷ୍ଟିରେ ତାଙ୍କ ଯନ୍ତ୍ର ହୋଇ ପାରିବୁ, ସେକଥା ଆମକୁ ସଦାସର୍ବଦା ଅନୁଭବ କରିବାକୁ ହେବ ।

ଶ୍ରୀମା ଏକ 'constant perception'ର କଥା କହୁଛନ୍ତି । ଏହି 'perception'ର ଅର୍ଥ ହେଉଛି ଆମ ଇନ୍ଦ୍ରିୟମାନଙ୍କର ସହାୟତାରେ କୌଣସି ବିଷୟରେ ସଚେତନ ହେବା, ସେଗୁଡ଼ିକୁ ଜାଣିବା ଏବଂ ଅନୁଭବ କରିବା । ଯେଉଁ ଅନୁଭବ ପ୍ରାପ୍ତ ହେଲା ତାହା ହୃଦୟଙ୍ଗମ କରିବା ଏବଂ

ତଦନୁସାରେ କର୍ମ କରି ଚାଲିବା । ଏହି ପ୍ରକ୍ରିୟା ଦ୍ୱାରା ସାଧକ ବା ଭକ୍ତଟିଏ ପ୍ରଭୁଙ୍କ ସହିତ ଏକାକାର ହୋଇଯାଏ । ନିଜର ନିଷ୍ପତ୍ତି ଏବଂ ପ୍ରଭୁଙ୍କ ନିଷ୍ପତ୍ତି ଭିତରେ କୌଣସି ତାରତମ୍ୟ ଲକ୍ଷ୍ୟ କରି ପାରେ ନାହିଁ । ଫଳତଃ ସାଧକ ହୋଇଯାଏ ପ୍ରଭୁଙ୍କର 'servitor' ବା ସେବକ ଭକ୍ତ, ପ୍ରଭୁଙ୍କର ଇଚ୍ଛା ଶକ୍ତିକୁ ପୂର୍ବରୁ ଜାଣିପାରେ ଏବଂ କର୍ମ କରି ସାରି କର୍ମର ଫଳକୁ ପ୍ରଭୁଙ୍କ ଶ୍ରୀଚରଣରେ ସମର୍ପଣ କରିଦିଏ । ଆତ୍ମନିବେଦନର ପ୍ରକ୍ରିୟାକୁ ପ୍ରୟୋଗ କରି ସ୍ୱୟଂ ନିବେଦିତ ହୋଇଯାଏ ପ୍ରଭୁଙ୍କ ପାଖରେ । ଅନ୍ତର ଭିତରୁ ଯାହା ପ୍ରେରଣା ଆସେ ସେହି ଅନୁସାରେ ଆଗକୁ ପାଦ ବଢ଼ାଇ ଥାଏ ।

ବେଳେବେଳେ ସାଧକ ବା ଭକ୍ତଟିଏ ତା'ର ସର୍ବୋତ୍ତମ ମନୋଭାବଟିକୁ ପୋଷଣପୂର୍ବକ ନିଜର ଅନୁଭବ ସକଳକୁ ବହୁ ଗୁଣରେ ବର୍ଦ୍ଧିତ କରି ସର୍ବୋତ୍ତମ ଲକ୍ଷ୍ୟ ଉପରେ ଦୃଷ୍ଟି ନିବଦ୍ଧ କରି ସାରା ଜୀବନକୁ ତପସ୍ୟାରେ ଲଗାଇ ଦେଇଥିଲେ ମଧ୍ୟ ଅଧିକାଂଶ ସମୟରେ ତା'କୁ ଆଖିଦୃଶିଆ ମୂଲ୍ୟାଙ୍କ ପ୍ରାପ୍ତ ହୋଇ ନଥାଏ । ତାହା ଯେ କେବଳ ଅଭୀପ୍ସାର ଅଭାବରୁ ହୋଇଥାଏ ସେତିକି ନୁହେଁ କିନ୍ତୁ ଆମ ବୁଝାମଣାରେ କୌଣସି ନା କୌଣସି ସ୍ଥାନରେ ତ୍ରୁଟି ରହି ଯାଇଥାଏ । ସେଥିପାଇଁ ଭଗବାନ୍ ଆମଠାରୁ କ'ଣ ଚାହୁଁଛନ୍ତି ତାହା ଜାଣିବାକୁ ଆମେ ସକ୍ଷମ ହୋଇପାରୁ ନାହିଁ । ଆମର ହୃଦୟ, ମନ, ପ୍ରାଣ ଏବଂ ଅନ୍ୟାନ୍ୟ ନିମ୍ନତର ଉତ୍ସରୁ ଆସୁଥିବା ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହୋଇ ଆମେ ଏଣେତେଣେ ଘୁରି ବୁଲୁଥାଉ । ଉଚ୍ଚତର ଚେତନା ସ୍ତରରେ ରହିଥିବା ଦେବଦେବୀମାନେ ଅପେକ୍ଷା କରିଥା'ନ୍ତି – ଆମେ ଠିକ୍ ବାଟରେ ଯାଉଛୁ କି ନାହିଁ ଦେଖିବା ପାଇଁ । କିନ୍ତୁ ଆମେ ତାଙ୍କ ଇଚ୍ଛା ପୂରଣ କରିବାରେ ସକ୍ଷମ ହୋଇପାରୁ ନାହିଁ । ଫଳରେ ସେମାନେ ଦୀର୍ଘଶ୍ୱାସ ପକାଇ ଆମ ଉପରୁ ଦୃଷ୍ଟି ଫେରାଇ ନିଅନ୍ତି । କିନ୍ତୁ ଦିବ୍ୟ ଜନନୀ ତାହା କରନ୍ତି ନାହିଁ, ସେ ଅପେକ୍ଷା କରି ରହିଥା'ନ୍ତି, – ଦିନେ ନା ଦିନେ ଆମେ ନିଶ୍ଚୟ ତାଙ୍କ ପାଖକୁ ଫେରି ଆସିବୁ ।

ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାର ଶେଷରେ ଆମ ଭିତରୁ ସକଳ ପ୍ରକାରର ଅନ୍ଧକାର ଦୂରୀଭୂତ କରିବା ନିମନ୍ତେ – ଆମେ ଯେ ପ୍ରଭୁଙ୍କୁ ଦେଖିପାରୁ ନାହୁଁ, କାରଣ ଆମେ ଚକ୍ଷୁଷ୍ମାନ୍ ନୋହୁଁ, ଆମେ ଅନ୍ଧ, ଆମର ଏହି ଅନ୍ଧ ଚକ୍ଷୁଦ୍ୱୟରେ ଦିବ୍ୟାଲୋକ ଭରିଦେଇ ସେ ଦର୍ଶନକ୍ଷମ କରିଦେବା ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ଜଣାଉଛନ୍ତି । ପ୍ରଭୁଙ୍କ ନିକଟରେ ତାଙ୍କ ନିଜର ଦିବ୍ୟ-ଆଲୋକ 'divine illumination' ରହିଛି, ତାହା ତାଙ୍କର ଦିବ୍ୟ-ସମ୍ପତ୍ତି । ସେହି ଆଲୋକ ଭିତରେ ଦୃଢ଼ ନିଶ୍ଚିତତା ପ୍ରଚ୍ଛନ୍ନ ରୂପରେ ନିହିତ ରହିଛି, ଯାହାକୁ ଶ୍ରୀମା 'the calm certitude' ବୋଲି କହିଛନ୍ତି । 'certitude' ଶବ୍ଦଟିର ଅର୍ଥ ହେଉଛି ଦୃଢ଼ ନିଶ୍ଚୟତା ରଖିବା – ସାଧାରଣତଃ ଏହି ଶବ୍ଦଟିର ବିଶ୍ୱାସ, ଦୃଢ଼ ମତାମତ ଏବଂ ଦୃଢ଼ ନିଶ୍ଚିତତା ବା 'certanity' ଶବ୍ଦ ସହିତ ସମ୍ପର୍କ ରହିଛି । ସେହି ଦିବ୍ୟ ଜ୍ୟୋତିଃ ମଧ୍ୟରେ ସ୍ଥିତ ଦୃଢ଼ ନିଶ୍ଚିତତାକୁ ପ୍ରତ୍ୟେକ ମନୁଷ୍ୟ ଉପଭୋଗ କରନ୍ତୁ – ଏହି ଆଶୀର୍ବାଦକୁ ଦିବ୍ୟ ଜନନୀ ଶ୍ରୀମା ପ୍ରଭୁଙ୍କ ପାଖରୁ ପ୍ରାପ୍ତ ହେବା ନିମନ୍ତେ ବିନୀତ ପ୍ରାର୍ଥନା ଜଣାଉଛନ୍ତି ।

ଏହି ପରିପ୍ରେକ୍ଷୀରେ କଲିକତାର ଜଣେ ଜନୈକ ଭକ୍ତ ଆଶ୍ରମକୁ ଆସି ଶ୍ରୀମାଙ୍କର ଦିବ୍ୟ ଆଲୋକରେ ଅବଗାହନ କରି ସେ ଅବସ୍ଥାନ କରୁଥିବା ଅତିଥି ଭବନର ଛାତ ଉପରେ ଧ୍ୟାନ କରୁଥିବା ସମୟରେ ଦିବ୍ୟ ଜନନୀ ଶ୍ରୀମା'ଙ୍କୁ ରାଜରାଜେଶ୍ୱରୀ ରୂପରେ କିପରି ପ୍ରତ୍ୟକ୍ଷ ଦର୍ଶନ ଲାଭ କରି ନିଜକୁ ଧନ୍ୟ ମନେ କରିଥିଲେ ସେହି ବିଷୟରେ ଆଲୋଚନା କରିବା ।

ସାଧକ-ଭକ୍ତ ଜଣଙ୍କର ନାମ ଥିଲା 'ବି' । ଫେବ୍ରୁଆରୀ ୨୧ ତାରିଖ ଦିନ ଦର୍ଶନକୁ ଆସି ସେ ସେହି ମାସ ଦୁଇ ତାରିଖରେ ଆଶ୍ରମରେ ପହଞ୍ଚିଲେ । ସେ ଥିଲେ ସଂସାରତ୍ୟାଗୀ, ନିଜେ ରୋଷେଇ କରି ଭୋଜନ କରୁଥିଲେ, ଅନେକ କୁସଂସ୍କାର ତାଙ୍କ ଭିତରେ ରହିଥିଲା । ଜାତିଗତ ଭେଦଭାବ, ଉଚ୍ଚନୀଚ ଭାବକୁ ସାଥିରେ ନେଇ ସେ ଆଗକୁ ବଢୁଥିଲେ । ସେ ଜାଣିଥିଲେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଜାତି ଓ ଧର୍ମର କୌଣସି ବାଛବିଚାର ନଥାଏ । ସମସ୍ତେ ଶ୍ରୀମା'ଙ୍କର ସନ୍ତାନ । ସେ ବୁଝିଗଲେ ତାଙ୍କର ପୁରାତନ ସଂସ୍କାରକୁ ଏଠାରେ ଛାଡ଼ିବାକୁ ହେବ । ଯେତେବେଳେ ସେ ଆଶ୍ରମକୁ ଆସିବା ପାଇଁ ଅନୁମତି ପତ୍ର ତଥା ଟେଲିଗ୍ରାମଟିଏ ପାଇଲେ, ତାକୁ ବାରଂବାର ପଢ଼ିଲେ, ସେଥିରେ ଥିବା ଶବ୍ଦ ତଥା ବାକ୍ୟ ଭିତରେ କ'ଣ ଥିଲା କେଜାଣି, ତାଙ୍କୁ ଏକ ଅପୂର୍ବ ଆନନ୍ଦ ଭିତରେ ବୁଡିଗଲା ଭଳି ଲାଗିଲା, ହୃଦୟ ହାଲୁକା ହୋଇଗଲା ଏବଂ ସେ ଭାବିଲେ ବହୁ ଦିନରୁ ମୁଣ୍ଡରେ ମୁଣ୍ଡାଇ ଚାଲୁଥିବା ପୁରାତନ ସଂସ୍କାର ଓ ଧାରଣାର ବୋଝ ନିଶ୍ଚିତ ରୂପେ ଦିବ୍ୟ ଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଉପସ୍ଥିତି ଯୋଗୁଁ ସ୍ୱୟଂକ୍ରିୟ ଭାବେ, 'automatically' ଶରତ ଋତୁରେ ଗଛରୁ ଝଡ଼ି ପଡୁଥିବା ଶୁଷ୍କ ପତ୍ର ପରି ଖସି ପଡ଼ିବ । କିନ୍ତୁ ସେପରି କିଛି ହେଲା ନାହିଁ, ତତ୍ପରେ 'ବି' 'ଡାଇନିଂ ରୁମ୍'କୁ ଗଲେ, ଲାଇନରେ ଯାଇ

ହାତରେ ଥାଳି ଧରି କାଉଣ୍ଟରରେ ଠିଆ ହୋଇ ଦେଖିଲେ ଯେ ଯେଉଁ ଯୁବକ ଜଣକ ଖାଦ୍ୟ ପରିବେଷଣ କରୁଛନ୍ତି ତାଙ୍କ ମୁଖମଣ୍ଡଳରେ ଛୋଟ ଛୋଟ ଦାଢ଼ି (French-cut) । ସେ ଭାବିଲେ, ସେହି ଯୁବକ ଜଣକ ମୁସଲମାନ ହୋଇ ପାରନ୍ତି, କିନ୍ତୁ ତାଙ୍କୁ ପଚାରିବା ପାଇଁ ତାଙ୍କର ସାହସ ନଥିଲା । ତାଙ୍କଠାରୁ ଖାଦ୍ୟ ନେଇ, ଆସନ ଉପରେ ବସି ସମ୍ମୁଖସ୍ଥ ଛୋଟ ଡେସ୍କ ଉପରେ ଥାଳି ରଖିଲେ, ମନରେ ଅନେକ ପ୍ରଶ୍ନମାନଙ୍କର ଭିଡ଼, ଭାବିଲେ, ଛୋଟ ଘରଟିଏ ଭଡ଼ାରେ ନେଇ, ହାତରେ ରୋଷେଇ କରି ଖାଇଥିଲେ ଭଲ ହୋଇଥା'ନ୍ତା। କିନ୍ତୁ ପରମୁହୂର୍ତ୍ତରେ ଭାବିଲେ, ଭିତରେ କିଛି ପରିବର୍ତ୍ତନ ହୋଇଗଲେ ବୋଧହୁଏ ଏହି ସମସ୍ୟାର ସମାଧାନ ହୋଇଯିବ । ଦିନେ ସନ୍ଧ୍ୟାବେଳେ ସେ ଶ୍ରୀମା'ଙ୍କୁ ପ୍ରାର୍ଥନା କଲେ ଏହି ସମସ୍ୟାର ସମାଧାନର ବାଟ ଦେଖାଇ ଦେବା ପାଇଁ । ହଠାତ୍ ତାଙ୍କ ଅନ୍ତରରୁ ସେ ଏକ ଉତ୍ତର ପାଇଲେ, ତାହାହେଲା – ''ଏଠାରେ ତ ସମସ୍ତେ ଶ୍ରୀମା'ଙ୍କର ସନ୍ତାନ, ସେଥିରେ ଜାତିଭେଦ କେଉଁଠୁ ଆସିବ !'' ହଠାତ୍ ତାଙ୍କ ମନ ଭିତରେ ଆସିଲା ଏକ ଆଲୋକର ଝଲକ ଏବଂ ହୃଦୟ ଦିବ୍ୟ ଆଲୋକର ଆଭାରେ ଆଲୋକିତ ହୋଇ ଉଠିଲା । ତାଙ୍କ ହୃଦୟ ଭିତରେ ଥିବା ଜାତିଗତ ବୋଝ ଓହ୍ଲାଇ ଗଲା, – 'A load was lifted from his heart' ।

ବର୍ତ୍ତମାନ 'ବି'ଙ୍କର ହୃଦୟ ଭିତରେ ଶାନ୍ତି ବିରାଜିତ । ସେ ଫେବ୍ରୁଆରୀ ୨୧ ଦର୍ଶନ ନିମନ୍ତେ ପ୍ରସ୍ତୁତ ହେବାକୁ ଲାଗିଲେ । ପୁରୁଣା ସାଧକମାନଙ୍କ ପାଖରୁ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଅନେକ ଆଶ୍ଚର୍ଯ୍ୟଚକିତ କଥା, miraculous tales ଶୁଣିଥିଲେ – କେତେକେ ଶ୍ରୀମା'ଙ୍କୁ ମାତା ଜାନକୀ ଓ ଶ୍ରୀଅରବିନ୍ଦଙ୍କୁ ଲୋକାଭିରାମ ଶ୍ରୀରାମଙ୍କ ସ୍ୱରୂପରେ, ଆଉ କେତେଜଣ ଶ୍ରୀରାଧା ଓ ଶ୍ରୀକୃଷ୍ଣ ରୂପରେ ଦର୍ଶନ କରିଥିବାର ପ୍ରକାଶ କରିଥିଲେ; ଆଉ କେତେ ଜଣ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଦୁଇଟି ଉଜ୍ଜ୍ୱଳ ଆଲୋକ ସ୍ତମ୍ଭ ରୂପରେ ଦର୍ଶନ କରିଥିଲେ ବୋଲି କହି ନିଜକୁ ଧନ୍ୟ ମନେ କରୁଥିଲେ । ଯେହେତୁ ଏହି ଦର୍ଶନଟି ଥିଲା 'ବି'ଙ୍କ ଜୀବନରେ ପ୍ରଥମ ଦର୍ଶନ, ତେଣୁ ସେ ଭାବି ନେଇଥିଲେ ଶ୍ରୀମା ଓ ଶ୍ରୀଅରବିନ୍ଦ ତାଙ୍କୁ କୌଣସି ଅଲୌକିକ ଦିବ୍ୟ ରୂପରେ ଦର୍ଶନ ଦେବେ – କିନ୍ତୁ ସେପରି କିଛି ହେଲା ନାହିଁ । ତାଙ୍କ ମନରେ ବହୁତ ଦୁଃଖ, ସେ ଭାବିଲେ ହୁଏତ ମୋ ଭିତରେ ଅନେକ ଭ୍ରମାତ୍ମକ ଧାରଣା, ଅଶୁଦ୍ଧତା ରହିଛି, ସେଥିପାଇଁ ଶ୍ରୀମା ଓ ପ୍ରଭୁଙ୍କର ଅଲୌକିକ ରୂପ ଦର୍ଶନ ପାଇଁ ମୁଁ ଯୋଗ୍ୟ ହୋଇ ପାରିଲି ନାହିଁ । ଦୁଃଖରେ ଜର୍ଜରିତ ହୋଇ ସେ ରହୁଥିବା ଅତିଥିଭବନର ଛାତ ଉପରକୁ ଯାଇ ସେଠାରେ ବସି ପଡ଼ିଲେ ଏବଂ ଧ୍ୟାନମଗ୍ନ ହୋଇଗଲେ । ହଠାତ୍ ତାଙ୍କ ମସ୍ତକରେ କୌଣସି ଏକ ଦିବ୍ୟ ସ୍ପର୍ଶ ଯୋଗୁଁ ତାଙ୍କ ମୁଦ୍ରିତ ଚକ୍ଷୁ ଉନ୍ମିଳୀତ ହୋଇଗଲା, ସେ ଦେଖିଲେ ତାଙ୍କ ସମ୍ମୁଖରେ ଦିବ୍ୟ ଜନନୀ ଶ୍ରୀମା – ରାଜରାଜେଶ୍ୱରୀ ସ୍ୱରୂପରେ ଦଣ୍ଡାୟମାନା ଏବଂ ତାଙ୍କ ବାମହସ୍ତ 'ବି'ଙ୍କର ମସ୍ତକର କପାଳ ଉପରେ । ତତ୍କ୍ଷଣାତ୍ ସେହି ଦିବ୍ୟ ଆନନ୍ଦର ମୁହୂର୍ତ୍ତ ତାଙ୍କୁ ଲଗାତର ଥରେ ନୁହେଁ ଦୁଇଥର ପ୍ରାପ୍ତ ହୋଇଥିଲା, ତାଙ୍କ ଆନ୍ତର ଚେତନା ବିଗଳିତ ହୋଇ ଯାଇଥିଲା, ଚତୁଃପାର୍ଶ୍ୱରେ ବିରାଜମାନ କରୁଥିଲା ଦିବ୍ୟ ପ୍ରଶାନ୍ତି ଏବଂ ଦିବ୍ୟ ଆନନ୍ଦ ।

'ବି'ଙ୍କ ଭିତରେ ଥିବା ସମସ୍ତ ପ୍ରକାର ପ୍ରାରବ୍ଧ ଓ ସଂସ୍କାର କେଉଁଆଡ଼େ ଉଭେଇ ଯାଇଥିଲା । ସେ ଅନୁଭବ କରୁଥିଲେ ଯେପରି ଶ୍ରୀମା ତାଙ୍କର ଦିବ୍ୟ କୃପାର ହସ୍ତଦ୍ୱୟକୁ ପ୍ରସାରିତ କରି ତାଙ୍କୁ ଦୃଢ଼ଭାବେ ଜଡ଼ାଇ ଧରିଛନ୍ତି । ସେ ନିଜକୁ ଶ୍ରୀମା'ଙ୍କର ଏକ ସନ୍ତାନ ଭାବରେ ଅନୁଭବ କଲେ ।

ଅଳ୍ପ କିଛି ଦିନ ପରେ 'ବି' ନଳିନୀଦା'ଙ୍କ ନିକଟକୁ ଯାଇ ଆଶ୍ରମରେ ସବୁଦିନ ପାଇଁ ରହିବା ନିମନ୍ତେ ଅନୁମତି ଦେବା ନିମନ୍ତେ ଅନୁରୋଧ କଲେ । ନଳିନୀଦା' ତାଙ୍କର ସ୍ୱଭାବସୁଲଭ ଢଙ୍ଗରେ କହିଲେ, ''Who has asked you to leave ?'' ଅର୍ଥାତ୍, ''ତୁମକୁ କ'ଣ କିଏ ଚାଲିଯିବା ପାଇଁ କହୁଛି କି ?''

ଏହିପରି ଭାବରେ 'ବି'ଙ୍କର ସମଗ୍ର ଜୀବନ ଦିବ୍ୟ ଜନନୀଙ୍କର ପାଦପଦ୍ମରେ ନିବେଦିତ ହୋଇଗଲା ।

('How they came to Sri Aurobindo and The Mother' ପୁସ୍ତକର ପୃଷ୍ଠା. ୫୨-୫୪)

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. I, Shyam Kumari

# ନୂତନ ପରିବର୍ତ୍ତନର ଆଭିମୁଖ୍ୟ

## ପ୍ରପତ୍ତି

ଆମ୍ଭେମାନେ ଯେ ଏକ ବିଶାଳ, ବହୁମୁଖୀ ଓ ସାମଗ୍ରିକ ପରିବର୍ତ୍ତନର ଦିଗରେ ଗତି କରୁଛୁ – ଏହା ବେଶ୍ ଉପଲବ୍ଧି କରି ହେଉଛି । ପୃଥିବୀ ଓ ମନୁଷ୍ୟସମାଜ କେବେ ବି ଅଚଳାୟତନ ନୁହେଁ, ଏହା ସର୍ବଦା ପରିବର୍ତ୍ତନର ସମ୍ମୁଖୀନ ଏବଂ ଏହି ପରିବର୍ତ୍ତନ ଯୋଗୁହିଁ ଏହା କ୍ଷଣଭଙ୍ଗୁର ଓ ଅସ୍ଥାୟୀ ବୋଲି ମନେ ହୁଏ । ଆଜି ଯାହା ଅଛି, କାଲି ତାହା ନାହିଁ । ବୃକ୍ଷଲତା, ପଶୁପକ୍ଷୀ, ଗୃହସଂସାର, ମନୁଷ୍ୟ ସବୁକିଛି ଏହି ପରିବର୍ତ୍ତନର ଅଧୀନ । ଏଠାରେ କିଛି ବି ସ୍ଥିର ବା ସ୍ଥାୟୀ ବା ଚିରନ୍ତନ ହୋଇ ରହିପାରେ ନାହିଁ । ପ୍ରତି ମୁହୂର୍ତ୍ତରେ ଏହି ପରିବର୍ତ୍ତନର ଧାରା ପ୍ରବାହିତ ହେଉଛି । ଗ୍ରୀକ୍ ଦାର୍ଶନିକ ହିରାକ୍ଲିଟସ୍ ସେଥିପାଇଁ କହୁଥିଲେ, “You Cannot dive twice into the same river.” ଅର୍ଥାତ୍, ‘‘ଏକହିଁ ନଦୀରେ ତୁମେ ଦୁଇଥର ସ୍ନାନ କରିପାରିବ ନାହିଁ ।’’ କାରଣ, ପ୍ରଥମେ ଯେଉଁ ନଦୀରେ ତୁମେ ସ୍ନାନ କରିଥିଲ, ପରମୁହୂର୍ତ୍ତରେ ତାହା ଭିନ୍ନ ହୋଇ ଯାଇଛି । ଏହି ପରିବର୍ତ୍ତନର ବେଗ ଜଳପ୍ରବାହ ତୁଲ୍ୟ ଅତ୍ୟନ୍ତ ତୀବ୍ର, ଏପରିକି ସାଧାରଣ ମନରେ ଏହି ପରିବର୍ତ୍ତନର ବେଗକୁ ଧାରଣା କରିବା ଅସମ୍ଭବ । ସମୟର ସ୍ରୋତ ଏହି ପରି ତୀବ୍ର ବେଗରେ ଧାବିତ ହେଉଛି । ବସ୍ତୁସକଳ ଯାହା ଆପାତତଃ ଏକହିଁ ବସ୍ତୁ ବୋଲି ବୋଧହୁଏ, ତାହା ତୀବ୍ର ବେଗରେ ପରିବର୍ତ୍ତିତ ହୋଇ ଚାଲିଛି । ବୌଦ୍ଧବାଦୀମାନେ ଜଳୁଥିବା ଦୀପଶିଖା କିପରି ପ୍ରତି ମୁହୂର୍ତ୍ତରେ ଭିନ୍ନ ସେ ବିଷୟର ଉଲ୍ଲେଖ କରିଛନ୍ତି । ଫ୍ରେଞ୍ଚ୍ ଦାର୍ଶନିକ ବର୍ଗସଁ ଏହି ପରି ଅଖଣ୍ଡ ପରିବର୍ତ୍ତନର ବିଷୟ ଉଲ୍ଲେଖ କରିଛନ୍ତି । ଏମାନଙ୍କ ମତରେ ପୃଥିବୀରେ ସ୍ଥିର, ନିର୍ଦ୍ଦିଷ୍ଟ, ଶାଶ୍ୱତ, ଚିରନ୍ତନ ବୋଲି କିଛି ନାହିଁ । ଏହି ପରିବର୍ତ୍ତନହିଁ ସାର କଥା । ବାସ୍ତବରେ ଏହି ଜଗତ୍ ପ୍ରତି ମୁହୂର୍ତ୍ତରେ ବଦଳୁଛି । ତେବେ ନଦୀର ଜଳପ୍ରବାହ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତିତ ହେବା ସତ୍ତ୍ୱେ ସେହି ଏକହିଁ ଜଳ ପ୍ରବାହିତ ହେଉଛି । ଜଳ-ତତ୍ତ୍ୱ (Principle of water)ରେ କିଛି ପରିବର୍ତ୍ତନ ହୋଇ ନାହିଁ । ଅଗ୍ନିଶିଖା ପ୍ରତିକ୍ଷଣରେ ଭିନ୍ନ ଭିନ୍ନ ହେବା ସତ୍ତ୍ୱେ ଅଗ୍ନି-ତତ୍ତ୍ୱଟି (Principle of fire) ସମାନ ରହିଛି । ସେହି ଏକହିଁ ଅଗ୍ନି ଭିନ୍ନ ଭିନ୍ନ ରୂପ ଧରୁଛି । ଅଗ୍ନି-ତତ୍ତ୍ୱରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ପୃଥିବୀରେ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ହୋଇ ଚାଲିଛି; କିନ୍ତୁ ଅନ୍ୟ ଦୃଷ୍ଟିରେ ଦେଖିଲେ ବୁଝାଯିବ ବସ୍ତୁସକଳର ତତ୍ତ୍ୱ ପରିବର୍ତ୍ତିତ ହୋଇ ନାହିଁ । ଏ ପରିବର୍ତ୍ତନରେ କିଛି ବି ନୂତନତା ନାହିଁ । ସେହି ଘରାରେ, ଗୁଳାରେ ପରିବର୍ତ୍ତନ ହୋଇ ଚାଲିଛି । ଦଶହଜାର ବର୍ଷ ପୂର୍ବେ ପୃଥିବୀ ଯାହା ଥିଲା, ମନୁଷ୍ୟର ପ୍ରକୃତି ଯେପରି ଥିଲା ସେହିପରି ରହିଛି । ଯେଉଁ ସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି, ତାହା ନିତ୍ୟ-ନୈମିତ୍ତିକ, ରୁଟିନ୍‌ଗତ । ଅବଶ୍ୟ ଏହି ପରିବର୍ତ୍ତନ ଭିତର ଦେଇ ଏକ ପ୍ରସ୍ତୁତି ଚାଲିଛି ଏବଂ ଏକ ପରିଣାମର ଦିଗରେ ପରିବର୍ତ୍ତନର ଧାରା ଚାଲିଛି । ମାୟାବାଦୀମାନେ ଏହି କ୍ଷଣଭଙ୍ଗୁର, ପରିବର୍ତ୍ତନଶୀଳ ଜଗତକୁ ଛାଡ଼ି ତାହାର ଅନ୍ତରାଳରେ ଥିବା ନିତ୍ୟ, ସନାତନ, ଶାଶ୍ୱତ ବସ୍ତୁ ମଧ୍ୟକୁ ଫେରି ଯିବାକୁ ଚାହିଁଛନ୍ତି । ଜଗତର ବାହ୍ୟ ରୂପ ଏବଂ ତାହାର ଅନ୍ତରାଳରେ ଥିବା ନିତ୍ୟ, ସନାତନ, ଧ୍ରୁବ ସତ୍ୟର କୌଣସି ସମ୍ବନ୍ଧ ଅଛି କି ନାହିଁ ଏଥିରେ ଭ୍ରମ ରହି ଯାଇଛି । ପଶ୍ଚାତରେ ଥିବା ଦିବ୍ୟ ସତ୍ୟ ଏବଂ ବହିର୍ଭାଗରେ ପ୍ରସ୍ଫୁଟିତ ପ୍ରତିରୂପ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇ ପାରି ନାହିଁ । ସାଂଖ୍ୟ ଦର୍ଶନରେ ଏହି ବାହ୍ୟ ରୂପକୁ ଅପରା ପ୍ରକୃତିର କ୍ରିୟା ବୋଲି ଅଭିହିତ କରାଯାଇଛି ଏବଂ ଯାହା ନିତ୍ୟ, ସତ୍ୟ, ଧ୍ରୁବ, ଅଜ, ଅମର ଓ କୂଟସ୍ଥ – ସେ ହେଲେ ପୁରୁଷ । ଏହିସବୁ ଦାର୍ଶନିକ ଉପଲବ୍ଧି କେତେକ ପରିମାଣରେ ସତ୍ୟକୁ ଉପସ୍ଥାପିତ କରୁଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ସତ୍ୟଠାରୁ ବହୁ ଦୂରରେ ରହିଛି । ହୁଏତ ସେତେବେଳେ ପୂର୍ଣ୍ଣାଙ୍ଗ ସତ୍ୟ ଉଦ୍‌ଘାଟନର ବେଳ ଆସି ନଥିଲା ।

ଶ୍ରୀମା ଶ୍ରୀଅରବିନ୍ଦ ଯେଉଁ ପରିବର୍ତ୍ତନର ସୂଚନା ଦେଉଛନ୍ତି ତାହା କେବଳ ଏକ ନିତ୍ୟ ଦୃଶ୍ୟମାନ ପରିବର୍ତ୍ତନ ନୁହେଁ । ତାହା ଏକ ତତ୍ତ୍ୱଗତ, ଧର୍ମଗତ, ଗଭୀର, ବିଶାଳ, ଅକଳ୍ପନୀୟ ପରିବର୍ତ୍ତନ ଓ ରୂପାନ୍ତର । ଏହି ପରିବର୍ତ୍ତନରେ ସମଗ୍ର ବିଶ୍ୱ, ଜଡ଼, ପ୍ରାଣ, ମନ, ଅପରା-ପ୍ରକୃତିର ତାତ୍ତ୍ୱିକ ପରିବର୍ତ୍ତନ ହେବ ।

ପ୍ରଥମତଃ, ଏ ପୃଥିବୀରେ, ଅପରାର୍ଦ୍ଧରେ ଯେଉଁ ଦିବ୍ୟ-ଅତିମାନସ ସତ୍ୟର ଅବତରଣ ଓ କ୍ରିୟା ସମ୍ବନ୍ଧରେ ଶ୍ରୀଅରବିନ୍ଦ

ଘୋଷଣା କରିଛନ୍ତି, ତାହା କେବେ ବି ପୂର୍ବେ ଘଟି ନଥିଲା । ପରାର୍ଦ୍ଧର ତତ୍ତ୍ୱ ଅପରାର୍ଦ୍ଧରେ କେବେ ବି ପ୍ରତିଷ୍ଠା ହେବା ସମ୍ଭବ ନଥିଲା । ଅପରାର୍ଦ୍ଧରେ ସବୁକିଛି ଅଦିବ୍ୟ, ମୃତ୍ୟୁଶୀଳ, ଅବିଦ୍ୟାଗ୍ରସ୍ତ ଓ ଅନ୍ଧକାରମୟ । ପରାର୍ଦ୍ଧରେ ସବୁକିଛି ଦିବ୍ୟ, ଶାଶ୍ୱତ, ଜ୍ୟୋତିର୍ମୟ ଓ ଅଖଣ୍ଡ । ଏହି ପରାର୍ଦ୍ଧ-ତତ୍ତ୍ୱର ଅବତରଣ ଫଳରେ ଏହି ସୃଷ୍ଟିର ମୂଳତତ୍ତ୍ୱ ପରିବର୍ତ୍ତିତ ହେବ । ମନୁଷ୍ୟର ଦେହ-ପ୍ରାଣ-ମନ ତଥା ସମଗ୍ର ପ୍ରକୃତି ଓ ସ୍ୱଭାବର ତାତ୍ତ୍ୱିକ ପରିବର୍ତ୍ତନ ହେବ, ଯାହା ଫଳରେ ମୃତ୍ୟୁଶୀଳ ଶରୀର ଅମରତ୍ୱ ଲାଭ କରିବ ।

ଦ୍ୱିତୀୟତଃ, ଏହି ପରିବର୍ତ୍ତନ ସ୍ୱୟଂ ଉଚ୍ଚତର ଭାଗବତୀ ଶକ୍ତି – ଅର୍ଥାତ୍, ଅତିମାନସ ଶକ୍ତି ଓ ଚେତନା ସଂଘଟିତ କରାଇବ । ଏହି ଶକ୍ତି ବ୍ୟତୀତ ରୂପାନ୍ତର କାର୍ଯ୍ୟ ହୋଇ ପାରିବ ନାହିଁ । ଆଜି ପର୍ଯ୍ୟନ୍ତ ଯେଉଁ ପରିବର୍ତ୍ତନ ହୋଇଛି ତାହା ପ୍ରକୃତି ଦ୍ୱାରା ହୋଇଥିଲା । ଜଡ଼ରୁ ପ୍ରାଣ ଓ ପ୍ରାଣରୁ ମନର ଉଦ୍ଭବ ପ୍ରକୃତି ସଙ୍ଘଟିତ କରାଇଛି । ବିବର୍ତ୍ତନ ମନ ସ୍ତରରେ ପହଞ୍ଚିବା ପରେ ଊର୍ଦ୍ଧ୍ୱତନ ଦିବ୍ୟ ଶକ୍ତିର ହସ୍ତକ୍ଷେପ ଫଳରେହିଁ ପରିବର୍ତ୍ତନ ଆସେ । ଯଦି ଊର୍ଦ୍ଧ୍ୱତନ ଶକ୍ତିଙ୍କର ଅବତରଣ ନଘଟେ, ତେବେ ପ୍ରଳୟ ଆସେ । ସୃଷ୍ଟି ପୁନର୍ବାର ଆରମ୍ଭ ହୁଏ । ବ୍ରହ୍ମ-ବିଦ୍ୟା-ବାଦୀମାନେ ତଥା କେତେକ ରହସ୍ୟବାଦୀମାନେ କହନ୍ତି ଯେ ଏହି ସୃଷ୍ଟିଟି ସପ୍ତମ ସୃଷ୍ଟି । ଏହା ପୂର୍ବରୁ ଛଅ ଥର ପ୍ରଳୟ ହୋଇ ଯାଇଛି । ସେମାନେହିଁ ଘୋଷଣା କରନ୍ତି ଯେ ଏହି ସପ୍ତମ ସୃଷ୍ଟି ପ୍ରଳୟ ନହୋଇ ରହିଯିବ; ଅର୍ଥାତ୍, ମନର ଊର୍ଦ୍ଧ୍ୱରେ ବିକାଶ ସମ୍ଭବ ହେବ । ଶ୍ରୀମା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ସୃଷ୍ଟି ପ୍ରଳୟ ହେବ ନାହିଁ ବରଂ ଏହାର ରୂପାନ୍ତର ହେବ । ଅତିମାନସ ସତ୍ୟର ଅବତରଣ ଫଳରେ ପ୍ରକୃତି ମଧ୍ୟରେ ଏକ ନୂତନ ଚେତନା, ଜ୍ୟୋତିଃ ଓ ଶକ୍ତିର ପ୍ରତିଷ୍ଠା ହେବ । କ୍ରମଶଃ ଏହି ଶକ୍ତି କ୍ରିୟାଶୀଳ ହୋଇ ଆବଶ୍ୟକୀୟ ପରିବର୍ତ୍ତନ ଆଣିବ । ଅତିମାନସ ସତ୍ୟ ପରାର୍ଦ୍ଧର ହୋଇଥିବାରୁ ପରାର୍ଦ୍ଧର ଶାଶ୍ୱତତା, ଚିରନ୍ତନତ୍ୱ ଏଠାରେ କିଛି ପରିମାଣରେ ପ୍ରତିଷ୍ଠିତ ହେଲେହିଁ ତାହା ଧ୍ୱଂସ ହେବ ନାହିଁ, ପ୍ରଳୟ ହେବ ନାହିଁ । ଗୋଟିଏ ସ୍ତରରେ ଏହି ସତ୍ୟ ପ୍ରତିଷ୍ଠିତ ହେବ ଏବଂ ତାହା କ୍ରମଶଃ ପୂର୍ଣ୍ଣତରରୁ ପୂର୍ଣ୍ଣତମ ଦିଗରେ ଯାତ୍ରା କରିବ । ଅର୍ଥାତ୍, ବର୍ତ୍ତମାନ ପୃଥିବୀରେ ବିବର୍ତ୍ତନ ଯେପରି ଅଜ୍ଞାନ ଭିତରେ ଚାଲିଛି ତାହା ନହୋଇ ଊର୍ଦ୍ଧ୍ୱତନ ସତ୍ୟର ଧାରାରେ କ୍ରମଶଃ ସତ୍ୟରୁ ସତ୍ୟ ବୃଦ୍ଧି ହେବ । ଏହି ବିବର୍ତ୍ତନ ଅଜ୍ଞାନ ଓ ଅନ୍ଧକାର ମଧ୍ୟରେ ନହୋଇ ଜ୍ଞାନ, ଆଲୋକ ଓ ସଚେତନତା ଭିତରେ ଅଗ୍ରଗତି କରିବ ।

ତୃତୀୟତଃ, ଏହି ସୃଷ୍ଟିର ଗୋଟିଏ ସ୍ତରରେ ପରାର୍ଦ୍ଧ ତତ୍ତ୍ୱ ପ୍ରତିଷ୍ଠା ଫଳରେ ତାହା ପରାର୍ଦ୍ଧର ଧର୍ମ ଗ୍ରହଣ କରିବ । ଅର୍ଥାତ୍, ଏହା ଦିବ୍ୟଭୂମି ତୁଲ୍ୟ ହୋଇଯିବ । ସ୍ୱର୍ଗରାଜ୍ୟର ପ୍ରତିଷ୍ଠା ହେବ । ଜ୍ଞାନ, ଶକ୍ତି, ଆନନ୍ଦ, ସମତା, ଶାନ୍ତି ଧୀରେ ଧୀରେ ପ୍ରତିଷ୍ଠିତ ହୋଇ ବିଶେଷଭାବେ ବୃଦ୍ଧି ପାଇବ । ଏହି ସତ୍ୟର ଚାପ ଦ୍ୱାରା ଓ କ୍ରିୟା ଦ୍ୱାରା ନିମ୍ନ ଜଗତରେ ଜଡ଼, ପ୍ରାଣ ଓ ମନ ସ୍ତରରେ ଗୁରୁତର ପରିବର୍ତ୍ତନ ହେବ । ନିମ୍ନ ପ୍ରକୃତି ମଧ୍ୟ ଏହି ସତ୍ୟ ଓ ଜ୍ୟୋତିଃ ଦ୍ୱାରା ବିପୁଳଭାବେ ପରିବର୍ତ୍ତିତ ହୋଇ ତାହା ମଧ୍ୟରୁ ବହୁ ଜିନିଷର ଧ୍ୱଂସ ହେବ । ହିଂସା, ଦ୍ୱେଷ, ବାଦ-ବିବାଦ, ଈର୍ଷ୍ୟା, କୁତ୍ସିତତା ପ୍ରଭୃତି ଗୁଣର ଗୋଟାଏ ଗୁଣଗତ ପରିବର୍ତ୍ତନ ହେବ । ମନୁଷ୍ୟ ଯେଉଁ ଉଚ୍ଚତର ସତ୍ୟର ସ୍ୱପ୍ନ ଦେଖିଛି ତାହା ଏହି ନୂତନ ରୂପାନ୍ତର ଦ୍ୱାରା ସଂଘଟିତ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ,
ପୃଷ୍ଠା : ୧୮୪ - ୧୮୬)

❑❑❑

ତୁମେ ଯଦି କୌଣସି କର୍ମ କରିବ ନାହିଁ, ତୁମର କିଛି ଅନୁଭୂତି ହେବ ନାହିଁ । ସମଗ୍ର ଜୀବନଟା ହେଉଛି ଅନୁଭୂତିର କ୍ଷେତ୍ର । ତୁମର ପ୍ରତ୍ୟେକଟି ଗତିବୃତ୍ତି, ତୁମର ପ୍ରତ୍ୟେକଟି ବିଚାର, ପ୍ରତ୍ୟେକଟି ଆଚରଣ, ପ୍ରତ୍ୟେକଟି କର୍ମ ଗୋଟିଏ ଗୋଟିଏ ଅନୁଭୂତି ହୋଇପାରେ ଏବଂ ତାହା ଏକ ଅନୁଭୂତି ହେବା ମଧ୍ୟ ଉଚିତ । ସ୍ୱାଭାବିକ ଭାବରେ ବିଶେଷତଃ କର୍ମ ହେଉଛି ଏପରି ଏକ କ୍ଷେତ୍ର ଯେଉଁଠି ତୁମେ ଆନ୍ତର କ୍ଷେତ୍ରରେ ଯେଉଁସବୁ ଅଗ୍ରଗତି କରିବାକୁ ପ୍ରୟାସ କରିଥାଅ ସେହିସବୁ ପ୍ରୟୋଗ କରିବା ଉଚିତ ।

– ଶ୍ରୀମା

# ପରମ ସତ୍ୟ

## ସୁନାମଣି ରାଉତ

"Lord, give us the strength to reject falsehood and emerge in Thy truth, pure and worthy of Thy victory."

(CWM, Vol. 15, p. 167) – The Mother

''ହେ ପ୍ରଭୁ, ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଆମକୁ ଶକ୍ତି ଦିଅ, ତୁମର ପରମ ସତ୍ୟ ମଧ୍ୟରେ ଆମେମାନେ ଶୁଦ୍ଧ ହୋଇ ଉତ୍ତୀର୍ଣ୍ଣ ହେଉ ଏବଂ ତୁମର ପରମ ବିଜୟର ଉପଯୁକ୍ତ ହେଉ ।''

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ପରମ ସତ୍ୟ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ମିଥ୍ୟା-ବାଦଲ-ପରଦା ଉହାଡ଼େ
ସତ୍ୟ-ସୂର୍ଯ୍ୟର ଲୁଚଇ ମୁହଁ,
ସତ୍ୟ-ସୂର୍ଯ୍ୟ କି ଲୁଚି ରହିପାରେ
ଚିରଦିନ ପାଇଁ କୁହରେ କୁହ ।

ଆଲୋକ ରାଜ୍ୟରେ ଅନ୍ଧକାରର
ସ୍ଥାୟିତ୍ୱ ଯେମିତି ଅଳ୍ପ କାଳ,
ସତ୍ୟ ଉପରେ ମିଥ୍ୟାର ଦାଉ
ସେମିତି ଅଟଇ ଛିନ୍ନମୂଳ ।

ଯୁଗ ପରେ ଯୁଗ ବିତି ଯାଉଅଛି
ସତ୍ୟ-ମିଥ୍ୟାର ତୁଟିନି କଳି,
ମିଥ୍ୟା ହଟିବ ଧରାଧାମ ପରେ
ସତ୍ୟର କୀର୍ତ୍ତି ଉଠିବ ଝଳି ।

ସତ୍ୟ ଶାଶ୍ୱତ, ସତ୍ୟ ଚିରନ୍ତନ
ସତ୍ୟ ଯେ ଶିବ ସୁନ୍ଦର ସଦା,
ସତ୍ୟ ଧର୍ମର ନ୍ୟାୟ ନିକିତିରେ
ଜୀବନର ପଲା ହୋଇଛି ବନ୍ଧା ।

ଜରାଜୀର୍ଣ୍ଣ ଏ ଜୀବନ ଯଜ୍ଞରେ
ମିଥ୍ୟା-ସମିଧ ହୋଇବ ସ୍ୱାହା,
ସତ୍ୟର ସତ୍ତା ଅବତୀର୍ଣ୍ଣ ହୋଇ
ନବ ଜୀବନରେ ଆଣିବ ରାହା ।

ହେ ପ୍ରଭୁ, ଆମକୁ ଅମିତ ଶକ୍ତିରେ
କରି ଦିଅ ବାରେ ଶକ୍ତିଶାଳୀ,
ମିଥ୍ୟା ହଟାଇ ସତ୍ୟ ରଟାଇ
ଭବକୁ କରିବୁ ଭାଗ୍ୟଶାଳୀ ।

ବହ୍ନି-ଆଉଟା ଶୁଦ୍ଧ ସୁବର୍ଣ୍ଣ
ଦାଉ ଦାଉ ହୋଇ ଯେମିତି ଫୁଟେ,
ତଟିନୀ ଯେମିତି ପାରାବାର ସାଥେ
ମିଶିବା ସକାଶେ ନିରତେ ଛୁଟେ ।

ଆସ ଶୁଦ୍ଧ ଆତ୍ମା ସତ୍ୟ ପଥରେ
ତୁମରି ସାନ୍ନିଧ୍ୟ ସେମିତି ଲଭୁ,
ତୁମ ବିଜୟର ତୂର୍ଯ୍ୟନାଦରେ
ଉଲ୍ଲସିତ ହେଉ ଏ ଧରା ପ୍ରଭୁ ! ❑



# ଦ୍ୱୀପାନ୍ତରର କଥା

## (ଅଷ୍ଟମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଧର୍ମଘଟର ପୁନରାବିର୍ଭାବ
### (୧)

ମିଆଦୀ କଏଦୀମାନଙ୍କୁ ଯେତେବେଳେ ଭାରତବର୍ଷକୁ ପଠାଇ ଦିଆଗଲା, ସେତେବେଳେ ଆମେ କିଛିଟା ନିଶ୍ଚିତ ହେଲୁ । ଯେଉଁ ଛଅ, ସାତ ଜଣ ବାକି ରହିଗଲୁ ସେମାନଙ୍କୁ ଯଦି ପୋର୍ଟ ବ୍ଲେୟାରରେହିଁ ରହିବାକୁ ହେବ ତା'ହେଲେ ଆଉ ବେଶୀ ଗୋଳମାଳ କରି ଲାଭ କ'ଣ ? ଛାଡ଼ ପାଇବାର ଯେତେବେଳେ କୌଣସି ଆଶାହିଁ ନାହିଁ, ସେତେବେଳେ ମରଣ ଅପେକ୍ଷାରେ ଶାନ୍ତ ଭାବେ ଦିନ କଟାଇବାହିଁ ଭଲ ।

କିନ୍ତୁ କପାଳରେ ସେ ଶାନ୍ତି ଆମର ନଥିଲା । ୧୯୧୪ ମସିହାରେ ଯୁଦ୍ଧ ଆରମ୍ଭ ହୋଇଗଲା । ଭାରତବର୍ଷରେ ଯେଉଁ ଚାଞ୍ଚଲ୍ୟର ସ୍ରୋତ ଆସି ଧକ୍କା ମାରିଲା, ତା'ଫଳରେ ଲାହୋର ଷଡ଼୍ୟନ୍ତ୍ରର ଉତ୍ପତ୍ତି ଓ 'ଗଦର' ଦଳର ପ୍ରାୟ ପଚାଶ ଜଣଙ୍କର ପୋର୍ଟ ବ୍ଲେୟାରକୁ ଆଗମନ । ପଲଟନର ଅନେକ ଶିଖ ସିପାହୀ ମଧ୍ୟ ରାଜନୈତିକ ଅପରାଧରେ ଦଣ୍ଡିତ ହେଲେ । ବାଂଲାଦେଶରୁ ମଧ୍ୟ ପନ୍ଦର, ଷୋହଳ ଜଣ ଆସିଲେ । ଫଳରେ ପୋର୍ଟ ବ୍ଲେୟାରର ଜେଲଖାନା ଏଥର ରାଜନୈତିକ କଏଦୀରେ ଭର୍ତ୍ତି ହୋଇ ଏଇ ସୁଖର ନରକ ସରଗରମ ହୋଇ ଉଠିଲା । ଏମାନଙ୍କ ମଧ୍ୟରେ ଚାରି, ପାଞ୍ଚ ଜଣଙ୍କ ବ୍ୟତୀତ ଅନ୍ୟ କାହାରିକୁ ବି ଘଣା ପେଲିବାକୁ ଦିଆ ହୋଇ ନାହିଁ; କିନ୍ତୁ ନଡ଼ିଆ କତା ପିଟିବା କମ୍ ପରିଶ୍ରମର କଥା ନୁହେଁ । ତା' ଉପରେ ଆଉ ଏକ ଉପସର୍ଗ ଏହି ଯେ ସରକାରୀ ଖୋରାକରେ ଏମାନଙ୍କର ପେଟ ପୂରେନା । ଏକେ ତ ପ୍ରକାଣ୍ଡ ପ୍ରକାଣ୍ଡ ଲମ୍ବା ଚଉଡ଼ା ପଞ୍ଜାବୀ, ଅନେକେ ବହୁଦିନ ଧରି ଆମେରିକାରେ ରହିଥିବା ଫଳରେ ଯଥେଷ୍ଟ ପରିମାଣରେ ମାଂସାଦି ଖାଇବାରେ ଅଭ୍ୟସ୍ତ । ସୁତରାଂ ଦୁଇଖଣ୍ଡ ରୁଟି ଓ ଗିନାଏ ଭାତ ଏମାନଙ୍କ ପେଟର ଏକ କୋଣରେ କୁଆଡ଼େ ମିଳାଇଯାଏ, ତା'ର ସନ୍ଧାନ ବି ପାଇ ହୁଏନା । ବିଶେଷତଃ ଅପମାନିତ ଓ ଲାଞ୍ଛିତ ହୋଇ ଚୁପ୍ କରି ବସି ରହିବାର ପାତ୍ର ବି ଏମାନେ ନୁହନ୍ତି । ସୁତରାଂ ଅଳ୍ପଦିନ ଭିତରେ ଜେଲର କର୍ତ୍ତୃପକ୍ଷଗଣଙ୍କ ସଙ୍ଗେ ଏମାନଙ୍କର ନରମ ଗରମ ହାତାହାତି ଆରମ୍ଭ ହୋଇଗଲା ।

ଝାନ୍ସିର ପରମାନନ୍ଦଙ୍କୁ ନେଇ ଝଗଡ଼ା ଆରମ୍ଭ ହେଲା । କୌଣସି ଗୋଟିଏ କଥାକୁ ନେଇ ତାଙ୍କୁ ଜେଲର୍‌ଙ୍କ ନିକଟକୁ ନିଆଯାଏ । ଜେଲର୍ ନିଜର କର୍ତ୍ତୃତ୍ୱ ଦେଖାଇ ଯେଉଁ ଓଜନର କଥା କହିଲେ ପରମାନନ୍ଦ ମଧ୍ୟ ସେଇ ଓଜନର କଥା ଫେରାଇ ଦେଲେ । ଶେଷରେ ମୁହାଁମୁହିଁ, ହାତାହାତି ଆଡ଼କୁ ଗଲା । ବିଚାରରେ ପରମାନନ୍ଦଙ୍କୁ କୋଡ଼ିଏ ଥର ବେତ୍ରାଘାତ ହେବାରେ ଧର୍ମଘଟ ଆରମ୍ଭ ହେଲା । କିନ୍ତୁ ତାହା ଅଧିକ ଦିନ ସ୍ଥାୟୀ ରହିଲା ନାହିଁ । ଜେଲର୍ ନିଜେହିଁ ସମସ୍ତଙ୍କୁ ବୁଝାଇ ସୁଝାଇ ଭବିଷ୍ୟତରେ ସଦ୍-ବ୍ୟବହାର କରିବାର ଆଶା ଦେଇ ସେହି ଧର୍ମଘଟ ଭାଙ୍ଗି ଦେଲେ ।

ଅସନ୍ତୋଷର ବୀଜ କିନ୍ତୁ ମରିଲାନି । କେତେଟା ଦିନ ପରେ ସାମାନ୍ୟ କାରଣରେ ପୁଣି ଗୋଳମାଳ ଆରମ୍ଭ ହେଲା । ରବିବାରରେ କଏଦୀମାନଙ୍କର ଛୁଟି, ସେଦିନ ନିଜ ନିଜର ବସ୍ତ୍ର ଆଦି ପରିଷ୍କାର କରିବା ବ୍ୟତୀତ ଅନ୍ୟ କର୍ମରୁ ସେମାନଙ୍କୁ ଅବ୍ୟାହତି ଦିଆ ହୁଏ । ପୋର୍ଟ ବ୍ଲେୟାରରେ କିନ୍ତୁ ସେଦିନ ଜେଲର ଅଗଣାରୁ ଘାସ ଉପାଡ଼ିବାକୁ ହୁଏ । ପ୍ରଥମତଃ ଛୁଟିର ଦିନ । ସମସ୍ତ ଦ୍ୱିପହରଟା କଏଦୀମାନଙ୍କୁ କୋଠରି ମଧ୍ୟରେ ବନ୍ଦ ରହିବାକୁ ପଡ଼େ, ଅଧିକନ୍ତୁ ସକାଳ ବେଳା ଅଗଣାରେ ବୁଲି ଘାସ ଉପାଡ଼ିବାକୁ ଗଲେ ସେମାନଙ୍କର ଛୁଟି ନିତାନ୍ତ ନାମମାତ୍ର ହୋଇ ଉଠେ । ଆମେରିକାର 'ଗଦର' ପତ୍ରିକାର ସମ୍ପାଦକ ଜଗତ୍‌ରାମ ପ୍ରଭୃତି କେତେଜଣ ଏଇ ବ୍ୟବସ୍ଥାର ପ୍ରତିବାଦ କରି ରବିବାରରେ ଘାସ ଉପାଡ଼ିବାକୁ ଅସ୍ୱୀକୃତ ହୁଅନ୍ତି । ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କ ବିଚାରରେ ସେମାନଙ୍କୁ ଛଅ ମାସ କରି ବେଡ଼ି ଓ କୋଠରି ବନ୍ଦ ହୋଇ ରହିବାକୁ ହୁଏ । କହିବା ବାହୁଲ୍ୟ ଲଘୁପାପରେ ଏଇ ଗୁରୁଦଣ୍ଡ ଦେଖି କେହି କେହି ବିଶେଷ ଖୁସି ହେଲେ ନାହିଁ । ତା'ପରେ ଦିନ ପରେ ଦିନ ଯେତେବେଳେ କଷ୍ଟର ମାତ୍ରା କମିବାର କୌଣସି ସମ୍ଭାବନା ଦେଖାଗଲା ନାହିଁ ସେତେବେଳେ ଅନେକେ କାମଦାମ ତ୍ୟାଗ

କଲେ । ଏଇ ସମୟରେ ଏକ ଘଟଣାକୁ ନେଇ ଖୁବ୍ ଗୋଳମାଳ ହୁଏ । ଜଣେ ବୃଦ୍ଧ ଶିଖଙ୍କ ସହିତ ଜେଲର ପ୍ରହରୀମାନଙ୍କର ବିବାଦ ହୁଏ; ସେ କହିଲେ ଯେ ପ୍ରହରୀମାନେ ତାଙ୍କୁ କୋଠରି ମଧ୍ୟକୁ ନେଇଯାଇ ଖୁବ ପ୍ରହାର କରନ୍ତି । ସତ୍ୟ, ମିଥ୍ୟା ଭଗବାନ୍ ଜାଣନ୍ତି; ଫଳରେ ସେ କିନ୍ତୁ ଦିନେ ଦୁଇଦିନ ମଧ୍ୟରେ କଠିନ ରକ୍ତ ଆମାଶୟ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାକୁ ଆସିଲେ । ସେଠାରେ ଯକ୍ଷ୍ମା ରୋଗର ସୂତ୍ରପାତ ହୁଏ ଏବଂ ଅଳ୍ପଦିନ ମଧ୍ୟରେ ସେ ମୃତ୍ୟୁମୁଖରେ ପଡ଼ନ୍ତି । ସେଠାକାର ଅନେକଙ୍କର ଏଇ ବିଶ୍ୱାସ ଯେ ଗୁରୁତର ପ୍ରହାର ହିଁ ତାଙ୍କ ମୃତ୍ୟୁର କାରଣ, କିନ୍ତୁ କର୍ତ୍ତୃପକ୍ଷଗଣ ଏକଥାର ସତ୍ୟତା ଅସ୍ୱୀକାର କରନ୍ତି । ଏଇ ଘଟଣାର କୌଣସି ପ୍ରତିକାର ହେଲା ନାହିଁ ଭାବି ଚାରି, ପାଞ୍ଚଜଣ ଆହାର ତ୍ୟାଗ କଲେ । ପୃଥ୍ୱୀ ସିଂ ସେମାନଙ୍କର ଅଗ୍ରଣୀ । ତାଙ୍କୁ ନାକ ମଧ୍ୟ ଦେଇ ଜୋର୍ କରି କ୍ଷୀର ଖୁଆଇ ଦିଆଯାଉଥାଏ । ଏଇ ଅବସ୍ଥାରେ ସେ ପାଞ୍ଚ ମାସ ରହିଲେ । ଅନ୍ୟ ଦେଶ ହୋଇଥିଲେ ହୁଲସ୍ଥୁଲ ପଡ଼ି ଯାଇଥା'ନ୍ତା; କିନ୍ତୁ ପୋର୍ଟ ବ୍ଲେୟାରର ସମ୍ବାଦ ରଖେ କିଏ । ସେଠାରେ ଦଶ, ବାରଜଣ କଏଦୀ ମରିଗଲେ ବି କାହାର ଯାଏ ଆସେ କେତେ ?

ଶିଖମାନଙ୍କ ଭିତରେ ଆହୁରି ତିନି, ଚାରିଜଣ ଏଇ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଦୁଇ, ତିନି ମାସ ଯନ୍ତ୍ରଣା ଭୋଗି ମରି ଯାଆନ୍ତି । ପ୍ରୟାଗରୁ ଧୃତ ପଣ୍ଡିତ ରାମରକ୍ଷାଙ୍କ କଥା ଆଗରୁ କହିଛି । ଜେଲ ମଧ୍ୟକୁ ପ୍ରବେଶ ମାତ୍ରେ ପଇତା କାଢ଼ି ନେବାରୁ ସେ ଆହାର ତ୍ୟାଗ କରିଥିଲେ; ଏଇ ସମୟରେ ଯକ୍ଷ୍ମା ରୋଗରେ ତାଙ୍କର ବି ମୃତ୍ୟୁ ହୁଏ । ଅବ୍ୟାହତି ନିମିତ୍ତ କୌଣସି ଉପାୟ ନଦେଖି କେହି କେହି ସୀସା ଗିଳି ବି ମରିଥିଲେ ।

ଯେଉଁମାନେ ମରି ଗଲେ ସେମାନେ ତ' ତରି ଗଲେ; ଯେଉଁମାନେ ପାଗଳ ହୋଇ ଜୀବନ୍ତ ମରି ରହିଲେ, ସେମାନଙ୍କ ଅବସ୍ଥା ଆହୁରି ଶୋଚନୀୟ । ବାଲେଶ୍ୱର ମକଦ୍ଦମାର ଯତିଶ ଚନ୍ଦ୍ର ପାଲ ତାଙ୍କ ମଧ୍ୟରୁ ଅନ୍ୟତମ । କୋଠରି ବନ୍ଦ ଅବସ୍ଥାରେ ସେ ଏକେବାରେ ଉନ୍ମାଦ ହୋଇ ଯାଆନ୍ତି । ତାଙ୍କୁ ପାଗଳ ଗାରଦକୁ ପଠାଯାଏ; ପରେ ଭାରତବର୍ଷକୁ ଫେରାଇ ଅଣାଯାଏ । ବର୍ତ୍ତମାନ ବରହମ୍ପୁର ପାଗଳ ଗାରଦରେ ତାଙ୍କର ଦିନ କଟୁଛି ।

ଏପରି ଘଟଣାର ସଂଖ୍ୟା ଅଗଣିତ । କାହା କଥା ଛାଡ଼ି କାହା କଥା ଲେଖିବି ? ଛତ୍ର ସିଂ ନାମରେ ଜଣେ ଶିଖ ଲାୟଲପୁର ଖାଲ୍‌ସା ସ୍କୁଲରେ ଶିକ୍ଷକ ଥିଲେ । ଦେଶରେ ତାଙ୍କର ଅପରାଧ କ'ଣ ଜାଣେନି; କିନ୍ତୁ ପୋର୍ଟ ବ୍ଲେୟାରରେ ତାଙ୍କୁ ପ୍ରଥମରୁ କୋଠରି ବନ୍ଦ ଅବସ୍ଥାରେ ରଖା ହୁଏ । ଧର୍ମଘଟକୁ ନେଇ ଯେତେବେଳେ ଗୋଳମାଳ ଚାଲିଥିଲା, ସେତେବେଳେ ସେ ଦିନେ ଉତ୍ତେଜିତ ହୋଇ ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କୁ ଆକ୍ରମଣ କରିବାର ଚେଷ୍ଟା କରିଥିଲେ ବୋଲି ପ୍ରବାଦ ରହିଛି । ଫଳରେ ପ୍ରହରୀଗଣ ତାଙ୍କୁ ମାରି ମାରି ଅଜ୍ଞାନ କରି ଦେଲେ । ତା'ପରେ ତାଙ୍କୁ ଯେଉଁ କୋଠରିରେ ଭର୍ତ୍ତି କରାଗଲା ସେଠାରୁ ତାଙ୍କୁ ଦୁଇ ବର୍ଷରୁ ଅଧିକ ସମୟ ଆଉ ବାହାର କରାହୋଇ ନାହିଁ । ବାରଣ୍ଡାର ଗୋଟିଏ କୋଣରେ ଜାଲ ଘେରାଇ ତାଙ୍କ ପାଇଁ ପିଞ୍ଜରା ପ୍ରସ୍ତୁତ କରି ଦିଆଗଲା; ସେଇ ପିଞ୍ଜରା ମଧ୍ୟରେ ତାଙ୍କୁ ଆହାର, ମାଟି ହାଣ୍ଡିରେ ମଳମୂତ୍ର ତ୍ୟାଗ ଓ ରାତିରେ ନିଦ୍ରା ଯିବାକୁ ହୁଏ । ସୁତରାଂ କ୍ରମେ ତାଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହୋଇ ତାଙ୍କୁ ମରଣାପନ୍ନ ହେବାକୁ ହୋଇଥିଲା, ଏକଥା କହିବା ବାହୁଲ୍ୟ ମାତ୍ର । ଆଉ ଜଣେ ଶିଖ ଅମର ସିଂର ବି ଏହି ଭଳି ଅବସ୍ଥା ।

ମୃତ୍ୟୁର ହାର ଯେତେବେଳେ ବଢ଼ି ଚାଲିଲା ସେତେବେଳେ କର୍ତ୍ତୃପକ୍ଷଙ୍କର ଟିକେ ଭାଳେଣି ପଡ଼ିଲା । ଅନେକଙ୍କୁ ଅପେକ୍ଷାକୃତ ସହଜ କାର୍ଯ୍ୟ (ଦଉଡ଼ି ତିଆରି କରିବା) ଦିଆଗଲା । ଜଗତ୍‌ରାମ ବହୁଦିନ ପୃଥକ୍ କାରାବାସ (separate confinement)ରେ ରହିବା ଫଳରେ ଶିରୋରୋଗରେ ଭୋଗୁଥିଲେ, ତାଙ୍କୁ ଏବଂ ଆଉ ଜଣେ ଦୁଇଜଣଙ୍କୁ ଛାପାଖାନାର କାର୍ଯ୍ୟ ଦିଆଗଲା । ଦୟାନନ୍ଦ କଲେଜର ଭୂତପୂର୍ବ ଅଧ୍ୟାପକ ଭାଇ ପରମାନନ୍ଦ ଧର୍ମଘଟରେ କେବେ ବି ଯୋଗ ଦେଇ ନାହାନ୍ତି ବୋଲି ତାଙ୍କୁ ହସ୍‌ପିଟାଲରେ କମ୍ପାଉଣ୍ଡର କରି ଦିଆଗଲା । କିନ୍ତୁ ଅଧିକ ଦିନ ସେ ସୁଖ ତାଙ୍କୁ ଭୋଗ କରିବାକୁ ହେଲା ନାହିଁ । ତାଙ୍କ ସ୍ତ୍ରୀ ତାଙ୍କ ଚିଠିରୁ କିଛି ଅଂଶ ଉଦ୍ଧୃତ କରି ସମ୍ବାଦପତ୍ରକୁ ରାଜନୈତିକ କଏଦୀମାନଙ୍କ ଅବସ୍ଥା ସମ୍ବନ୍ଧରେ ଲେଖି ପଠାନ୍ତି । ଚିଫ୍ କମିଶନର୍ ଏଥିରେ ବିଶେଷ ଅସନ୍ତୁଷ୍ଟ ହୋଇ ପରମାନନ୍ଦଙ୍କୁ ବିନା ବିଚାରରେ ହାଜତରେ ବନ୍ଦ କରିବାରୁ ସେ କହିଲେ ଯେ ତାଙ୍କର ଏଇ ଚିଠି ଯଥାରୀତି ଜେଲର ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କ ହାତରେ ସ୍ୱୀକୃତ ହୋଇ ଯାଇଥିଲା । ସେକଥା ଅବିଶ୍ୱାସ କରିବାର କୌଣସି କାରଣ ନାହିଁ, କିନ୍ତୁ ତଥାପି ପରମାନନ୍ଦ ଲାଞ୍ଛନାରୁ ନିଷ୍କୃତି ପାଇଲେ

ନାହିଁ । ଜୀବନ ସହିତ ଏ ଲାଞ୍ଛନା ଚିରକାଳ ଜଡ଼ିତ ହୋଇ ରହିବ ଦେଖି ସେ ଆହାର ତ୍ୟାଗ କରି ଜୀବନ ତ୍ୟାଗ କରିବାକୁ କୃତ ସଂକଳ୍ପ ହେଲେ । ସୁଖର ବିଷୟ ଏହାର ଅଳ୍ପଦିନ ପରେହିଁ ସମ୍ରାଟଙ୍କ ଘୋଷଣା ଅନୁଯାୟୀ ତାଙ୍କୁ ମୁକ୍ତ କରାହେଲା । ଯେଉଁମାନେ ଏବେ ସୁଦ୍ଧା ଜେଲରେ ପଡ଼ି ରହିଛନ୍ତି, ସେହି ରାଜନୈତିକ କଏଦୀମାନଙ୍କର ଦୁରବସ୍ଥା କେବେ ଘୁଞ୍ଚିବ କେଜାଣି ?

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଅସ୍ଫୁଟ ଅଙ୍ଗୀକାର

## ଦୀପ୍ତି ମିଶ୍ର

ତଟିନୀ ମୁଁ
ପର୍ବତର ଅନ୍ଧାରି ଗୁହାରୁ
ବହିଯାଏ ଆଗକୁ ଆଗକୁ
ଚେତନାର ପାଖୁଡ଼ା ମେଲି
ପିନ୍ଧିବାକୁ ଟୋପାଏ ଆଲୋକ
ମଥାରେ ବିନ୍ଦି କରି ।
ଶୁଭିଯାଏ ମୋତେ ମହାସାଗରର
ଗୁରୁ ଗମ୍ଭୀର ଧ୍ୱନି
ହେଲେ ପ୍ରକୃତିର ରହସ୍ୟମୟତା
ଭିତରେ ନିଜକୁ ହଜାଇଛି ମୁଁ
କଳକଳ ଶବ୍ଦରେ ଚଉଦିଗ କରି ମୁଖରିତ
ଛଳଛଳ ଆବେଗରେ କେବେ କେବେ ହୁଏ ଆନମନା ।

ଏବେ ଆତ୍ମା ମୋର ଉତ୍‌ଫୁଲ୍ଲିତ –
ତୁମକୁ ସଜାଇଛି ମୋ ହୃଦୟ ରତନ ବେଦିରେ
ସମ୍ମୋହନେ ସାଇତିଛି ତୁମର ସେ
ରକ୍ତିମ ପଦ ଯୁଗଳ
ସତେ କି ସରସୀ ଜଳରେ ଭାସମାନ ଦୁଇଟି ଲୋହିତ ପଦ୍ମ
ଅଶ୍ରୁ ଜଳେ ଧୋଇ ଦେଇ
ସମର୍ପିଛି ମୋର ମନ, ପ୍ରାଣ ଆଉ ନଶ୍ୱର ଶରୀର ।

ସତେ ଆଜି କୃତାର୍ଥ ମୁଁ –
ପ୍ରତିଟି ନିଃଶ୍ୱାସେ ଅନୁଭବେ
ତୁମରି ଜୀବନ୍ତ ଆକର୍ଷଣ
ନୟନ ଯୁଗଳ ତବ
ସତେ ଅବା ଦୁଇଟି ସବିତା
ସେ ଜ୍ୱଳନ୍ତ ଚକ୍ଷୁର ତେଜରେ
ପୋଡ଼ି ଯାଏ କାମନା ବାସନା ଯେତେ
କାନ୍ଧରେ ମୋ ହୁଅଇ ସବାର
ଅବାଞ୍ଛିତ ଇଚ୍ଛା ଯେତେ ମୋର
ଟେକି ଦିଏ ସେ ନିଆଁଧାସକୁ ।

କୁହ ତେବେ
ଆଉ କେତେ ଦିନ, ମାସ ବା ବରଷ
ଆଉ କେତେ ଯୁଗ ଯୁଗାନ୍ତର
ଧାଇଁବାକୁ ହେବ ମୋତେ
ଗିରି, ମରୁପଥ ଅତିକ୍ରମି
ଛୁଇଁବାକୁ ତୁମର ସେ ପ୍ରସାରିତ ବକ୍ଷ
ଆକାଂକ୍ଷିତ ପ୍ରେମସିକ୍ତ ବର୍ତ୍ତୁଳ ମୁହାଣ ।

କେବେ ବା ହୋଇବ କୃତାର୍ଥ
ମୋର ଜନ୍ମ ଇତିହାସ
ପ୍ରାକ୍ କାଳେ ଥିଲା ଯାହା
ତୁମ ସାଥେ ମୋର ଅଙ୍ଗୀକାର
ତାହା ପୁଣି ନୀରବ ଅସ୍ଫୁଟ ।

❑❑❑



# ନୂତନ ଶିକ୍ଷାର ଆହ୍ୱାନ

## (୧୦)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ଆଧୁନିକ ଯୁଗର ଶିକ୍ଷା

ଆଧୁନିକ ଯୁଗର ଶିକ୍ଷାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରଥମ ପର୍ଯ୍ୟାୟଟି ହେଉଛି ସ୍ୱାଧୀନତାର ପୂର୍ବବର୍ତ୍ତୀ ବା ଇଂରେଜ ଶାସନ କାଳର ଶିକ୍ଷା ଏବଂ ଅନ୍ୟଟି ହେଲା ସ୍ୱାଧୀନୋତ୍ତର ବା ସ୍ୱାଧୀନ ଭାରତୀୟ ଶିକ୍ଷା ଯାହା ୧୯୪୭ ମସିହା ପରେ ବିକାଶ ଲାଭ କରିଛି ।

### ଇଂରେଜ ଶାସନ କାଳର ଶିକ୍ଷା

୧୪୯୮ ମସିହା ମେ ମାସ ୨୦ ତାରିଖରେ ପର୍ତ୍ତୁଗୀଜ ନାବିକ ଭାସ୍କୋଡ଼ାଗାମା ଜଳପଥରେ କେରଳର କାଲିକଟ୍ ବନ୍ଦରରେ ପହଞ୍ଚିଥିଲେ । ଏହି ଜଳପଥଟି ଆବିଷ୍କାର ହେବା ଦ୍ୱାରା ଇଉରୋପ ଓ ଭାରତ ମଧ୍ୟରେ ବାଣିଜ୍ୟ କାରବାର କରିବାର ପଥ ପରିଷ୍କାର ହୋଇଗଲା । ଭାସ୍କୋଡ଼ାଗାମା ତିନିଥର ଭାରତକୁ ଆସିଥିଲେ ଏବଂ ପର୍ତ୍ତୁଗୀଜର ବଣିକମାନେ ବାଣିଜ୍ୟ କାରବାର ଆରମ୍ଭ କରିଥିଲେ । ପରେ ସେମାନେ ବ୍ରିଟିଶର ବଣିକମାନଙ୍କୁ ବାଣିଜ୍ୟ କାରବାର କରିବା ପାଇଁ ସୁଯୋଗ ଦେଇଥିଲେ । ରାଣୀ ଏଲିଜାବେଥ୍ (ପ୍ରଥମ)ଙ୍କ ସ୍ୱୀକୃତି ଲାଭ କରି ବ୍ରିଟିଶ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ୧୬୦୦ ମସିହା ଡିସେମ୍ବର ୩୧ରେ ଗଠନ କରା ଯାଇଥିଲା । ଏହି କମ୍ପାନୀର ଉଦ୍ଦେଶ୍ୟ ଥିଲା ଭାରତର ଉପକୂଳ ଅଞ୍ଚଳରେ ବାଣିଜ୍ୟ କରିବା । ସେତେବେଳେ ଭାରତରେ ପର୍ତ୍ତୁଗୀଜ, ଡଚ୍ ଓ ଫରାସୀମାନେ ମଧ୍ୟ ବାଣିଜ୍ୟ କରୁଥିଲେ । ଇଂରେଜ ଜାତି ଚତୁର ଓ ବୁଦ୍ଧିମାନ୍ ଥିବାରୁ ସେମାନେ ଅନ୍ୟ ବଣିକଗୋଷ୍ଠୀମାନଙ୍କ ଅପେକ୍ଷା ଅତି ଶୀଘ୍ର ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ । ୧୬୧୩ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ଜାହାଙ୍ଗୀର ଇଷ୍ଟ୍ ଇଣ୍ଡିଆ କମ୍ପାନୀକୁ ଭାରତରେ ବାଣିଜ୍ୟ କରିବାକୁ ଅନୁମତି ଦେଇଥିଲେ । ଇଂରେଜ କମ୍ପାନୀ ଗୁଜୁରାଟ, ବମ୍ବେ ଉପକୂଳରେ ବାଣିଜ୍ୟ କାରବାର କରିବା ସକାଶେ ଅନୁମତି ପାଇବା ପରେ ନିଜର କାରଖାନାମାନ ପ୍ରତିଷ୍ଠା କଲେ । ଭାରତର ପୂର୍ବ ଉପକୂଳ, ବିଶେଷତଃ ବେଙ୍ଗଲ ଉପକୂଳ ଅଞ୍ଚଳଟି ଉର୍ବର ଓ ଧନଶାଳୀ ଥିବାରୁ ଏହି କମ୍ପାନୀ ବେଙ୍ଗଲ ଉପକୂଳରେ ନିଜର ବ୍ୟବସାୟ ଆରମ୍ଭ କଲେ ଏବଂ ୧୬୫୦ ମସିହାରେ ସେଠାରେ ପ୍ରଥମ କାରଖାନା ସ୍ଥାପନ କଲେ । ତତ୍ପରେ ମୋଗଲ ସମ୍ରାଟ ଆଉରଙ୍ଗଜେବ ଏହି କମ୍ପାନୀକୁ ମୁକ୍ତ ବାଣିଜ୍ୟ କାରବାର ପାଇଁ ଅନୁମତି ଦେଲେ ଏବଂ ୧୭୧୭ ମସିହାରେ ଦୁର୍ବଳ ମୋଗଲ ସମ୍ରାଟ ଫାରୁକ୍‌ସିଆର (Farrukhsiyar) ଏହି କମ୍ପାନୀ ସହିତ ଏକ ଚୁକ୍ତି କରିଥିଲେ ଯଦ୍ଦ୍ୱାରା କମ୍ପାନୀ ମୁକ୍ତ ଭାବରେ ନିଜର ବାଣିଜ୍ୟ ଦ୍ରବ୍ୟକୁ ପରିବହନ କରିବାର ସୁବିଧା ପାଇଲେ । ଫାରୁକ୍‌ସିଆର ୧୭୧୭ ମସିହାରେ ମୁର୍ସିଜ୍‌କ୍ୱାଲି ଖାଁଙ୍କୁ ବେଙ୍ଗଲର ପ୍ରଥମ ନବାବ ଭାବେ ନିଯୁକ୍ତି ଦେଲେ । ଧୀରେ ଧୀରେ ନବାବମାନଙ୍କର ଦୁର୍ବଳ ଶାସନର ସୁଯୋଗ ନେଇ ନାନା ପ୍ରଲୋଭନ ମାଧ୍ୟମରେ ଇଂରେଜ କମ୍ପାନୀ ବେଙ୍ଗଲ ଉପରେ ନିଜର ଆଧିପତ୍ୟ ବିସ୍ତାର କଲା । ବେଙ୍ଗଲର ଶେଷ ସ୍ୱାଧୀନ ନବାବ ଥିଲେ ସିରାଜୁଦ୍ଦୌଲା । ୧୭୫୭ ମସିହାରେ ରବର୍ଟ କ୍ଲାଇବ୍‌ଙ୍କ ନେତୃତ୍ୱରେ ପଲାସୀ ଯୁଦ୍ଧ ହୋଇଥିଲା ଏବଂ ଏଥିରେ ସିରାଜୁଦ୍ଦୌଲାଙ୍କର ପରାଜୟହିଁ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ପାଇଁ ମହାନ୍ ସୁଯୋଗ ଥିଲା । ତତ୍ପରେ ମିର୍‌କାଶିମ୍‌ଙ୍କ ସହିତ ୧୭୬୪ ମସିହାରେ ବକସାର ଯୁଦ୍ଧ ହୋଇଥିଲା । ଏହି କମ୍ପାନୀ ଏହି ଯୁଦ୍ଧରେ ଜୟଲାଭ କରିବାରୁ ଧୀରେ ଧୀରେ ସମଗ୍ର ମୋଗଲ ସାମ୍ରାଜ୍ୟକୁ ନିଜର ଅଧୀନରେ ରଖିବାର ସୁଯୋଗ ପାଇଲା ଏବଂ ୧୭୬୫ ମସିହାରେ ଆଲାହାବାଦ ଚୁକ୍ତି ଅନୁସାରେ କମ୍ପାନୀ ଭାରତର ବହୁ ଅଞ୍ଚଳରେ ନିଜର ସାମ୍ରାଜ୍ୟ ବିସ୍ତାର କଲା । ରବର୍ଟ କ୍ଲାଇବ୍ ବେଙ୍ଗଲ ରାଜ୍ୟର ପ୍ରଥମ ଗଭର୍ଣ୍ଣର ଭାବେ ଦ୍ୱୈତଶାସନ ଆରମ୍ଭ କରିଥିଲେ । ଧୀରେ ଧୀରେ କମ୍ପାନୀ ଦକ୍ଷିଣ ଭାରତର ଅନେକ ଅଞ୍ଚଳକୁ ନିଜ ଅଧିକାରକୁ ଆଣିଲା ଏବଂ ନବାବ ବା ସମ୍ରାଟମାନେ କମ୍ପାନୀର ହାତବାରିଶି ରୂପେ କାର୍ଯ୍ୟ କଲେ ।

ଲର୍ଡ଼ କ୍ଲାଇଭ୍‌ଙ୍କ ପରେ ୱାରେନ୍ ହେଷ୍ଟିଙ୍ଗସ୍, ଲର୍ଡ଼ କର୍ଣ୍ଣୱାଲିସ୍, ୱେଲ୍‌ସେଲି ଆଦି ଗଭର୍ଣ୍ଣରମାନେ ଇଂରେଜ ଅଧିକୃତ ରାଜ୍ୟମାନଙ୍କରେ ନିଜର ଶାସନ ଚଳାଇ ରଖିଲେ ଏବଂ ବିଭିନ୍ନ କ୍ଷେତ୍ରରେ ନାନା ପରିବର୍ତ୍ତନ ମଧ୍ୟ ଆସିଲା ।

ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍ (୧୮୨୮-୧୮୩୫)ଙ୍କ ସମୟରେ ଏକ ନୂତନ ଯୁଗର ସୂତ୍ରପାତ ହେଲା ଏବଂ ବିଭିନ୍ନ କ୍ଷେତ୍ରରେ ସଂସ୍କାର ମଧ୍ୟ ଆସିଲା । ତାଙ୍କ ସମୟରେ ସେ ଆଇନ, ଶାସନ, ଅର୍ଥନୀତି, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ନାନା ସଂସ୍କାର ଆଣିଥିଲେ । ଇଂରେଜମାନେ ବଣିକରୁ ଶାସକ ହେବାରୁ ସେମାନଙ୍କର ମତି ଗତି ବଦଳିଗଲା । ସେମାନେ କେବଳ ରାଜ୍ୟ ବିସ୍ତାର କରି ଧନ ସମ୍ପଦ ଲୁଟ୍ କରିବାକୁ ଚାହିଁ ନଥିଲେ ବରଂ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଭାରତୀୟମାନଙ୍କୁ ସେମାନଙ୍କର ଗୋଲାମ ରୂପେ ଖଟାଇବାକୁ ଚାହିଁଲେ । ଖ୍ରୀଷ୍ଟ ଧର୍ମର ପ୍ରସାର କରିବା ସହିତ ଇଂରାଜୀ ଭାଷାକୁ ଶିଖିବା ପାଇଁ ଭାରତୀୟମାନଙ୍କୁ ବାଧ୍ୟ କରିଥିଲେ ଏବଂ ସେଥିପାଇଁ ମିଶନାରୀ ଶିକ୍ଷା ପ୍ରଚଳନ କରିଥିଲେ । ଇଂରାଜୀ ଭାଷା ଶିକ୍ଷା କଲେ ଭାରତୀୟମାନଙ୍କୁ ନିମ୍ନ ଶ୍ରେଣୀର ଚାକିରିରେ ନିଯୁକ୍ତ କରି ନିଜର କାର୍ଯ୍ୟ ସୁଚାରୁରୂପେ କରାଇବା ତଥା ଇଂରେଜ ଦ୍ରବ୍ୟର ବ୍ୟବସାୟକୁ ବୃଦ୍ଧି କରିବାର ମନୋଭାବ ନେଇ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିଥିଲେ । ସେଥିପାଇଁ ଉଇଲିୟମ୍ ବେଣ୍ଟିକ୍ ୧୮୩୫ ମସିହାରେ ଏକ କମିଟି ଗଠନ କରିଥିଲେ ଏବଂ ସେହି କମିଟିର ମୁଖ୍ୟ ବା ସଭାପତି ଥିଲେ ଲର୍ଡ ମାକଲେ । ଲର୍ଡ଼ ମାକଲେଙ୍କ ରିପୋର୍ଟଟି ୧୮୩୫ ମସିହା ମାର୍ଚ୍ଚ ୭ ତାରିଖରେ ଲର୍ଡ଼ ବେଣ୍ଟିକ୍‌ଙ୍କ ସ୍ୱୀକୃତି ଲାଭ କରିଥିଲା । ୧୮୩୫ ମସିହାର ଶିକ୍ଷାନୀତିଟି 'Macaulay's Minute on Indian Education' ନାମରେ ପରିଚିତ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଂରାଜୀ ଭାଷାର ପ୍ରଚଳନ ଏବଂ ଇଂଲଣ୍ଡର ଶିକ୍ଷା, ସାହିତ୍ୟ, ବିଜ୍ଞାନ, ସଂସ୍କୃତି ଆଦିର ପ୍ରସାର । ଭାରତୀୟମାନଙ୍କୁ ଇଂରାଜୀ ଶିକ୍ଷା ଦେଇ ବିଭିନ୍ନ ମିଶନାରୀର ଶିକ୍ଷାକେନ୍ଦ୍ରରେ ଶିକ୍ଷକ ଏବଂ ସରକାରୀ କାର୍ଯ୍ୟରେ ସହାୟତା କରିବା ସକାଶେ କିରାନୀ ସୃଷ୍ଟି କରିବା ତଥା ଇଂରେଜର ସଭ୍ୟତାକୁ ଭାରତରେ ପ୍ରସାର କରିବା ଥିଲା ଏହି ଶିକ୍ଷାନୀତିର ଲକ୍ଷ୍ୟ । ଇଂରେଜମାନଙ୍କର ଉଦ୍ଦେଶ୍ୟ ହେଉଛି ଭାରତୀୟମାନେ ବର୍ଣ୍ଣ ଓ ରକ୍ତରେ ଭାରତୀୟ ହୋଇ ରୁହନ୍ତୁ; କିନ୍ତୁ ବେଶ ପୋଷାକ, ଖାଦ୍ୟ, ଚାଲିଚଳନ, ରୁଚି, ଆଚରଣ ଆଦିରେ ଇଂରେଜୀ ମାନସିକତା ରହୁ ଏବଂ ଇଂରେଜର ସଂସ୍କୃତିକୁ ଗ୍ରହଣ କରି ଭାରତୀୟମାନେ ଇଂରେଜର ଦାସତ୍ୱ ସ୍ୱୀକାର କରି ଜୀବନଯାପନ କରନ୍ତୁ ।

## ଲର୍ଡ଼ ମାକଲେଙ୍କ ଶିକ୍ଷାନୀତି

୧୮୩୫ ମସିହା ଫେବ୍ରୁଆରୀ ମାସରେ ଲର୍ଡ଼ ମାକଲେ ଇଂଲଣ୍ଡ ପାର୍ଲାମେଣ୍ଟରେ ଇଂରାଜୀ ଭାଷାର ପ୍ରଚଳନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ଯାହା କହିଥିଲେ ତାହାର ସାରାଂଶ ହେଲା – ଭାରତ ଏକ ସ୍ୱର୍ଣ୍ଣପ୍ରସୂ ଦେଶ । ସେଠାରେ ହଜାର ହଜାର ଗୁରୁକୁଳ ରହିଛି । ଭାରତର ଲୋକମାନେ ପ୍ରାୟ ଶିକ୍ଷିତ । ଗୁରୁକୁଳ ତଥା ଅନ୍ୟ ପାଠଶାଳାମାନଙ୍କରେ ସବୁପ୍ରକାର ଶିକ୍ଷା ଦିଆଯାଉଛି । ଶିକ୍ଷା ଓ ବିଦ୍ୟା – ଏହି ଦୁଇ ପ୍ରକାର ଜ୍ଞାନର ଚର୍ଚ୍ଚା ହେଉଛି । ଭାରତର ଧର୍ମ, ଅର୍ଥନୀତି, ସଂସ୍କୃତି, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ବିଜ୍ଞାନ, ଚିକିତ୍ସାବିଦ୍ୟା, ଧନୁର୍ବିଦ୍ୟା ଆଦି ଉଚ୍ଚକୋଟୀର ଅଟେ । ଏହା ଏପରି ଏକ ଭୂମି ଯାହା ଧନଧାନ୍ୟରେ ପରିପୂର୍ଣ୍ଣ । ଭାରତର ମେରୁଦଣ୍ଡ ହେଉଛି ତା'ର ଶିକ୍ଷା, ଧର୍ମ ଓ ସଂସ୍କୃତି । ଏହି ତିନୋଟି ଭୁଷୁଡ଼ି ପଡ଼ିଲେ ଭାରତର ମେରୁଦଣ୍ଡ ଭାଙ୍ଗିଯିବ । ଯଦି ଭାରତକୁ ଗୋଲାମ କରି ରଖିବାକୁ ହେବ ତେବେ ଖ୍ରୀଷ୍ଟ ଧର୍ମର ପ୍ରଚାର ସହିତ ଇଂରାଜୀ ଭାଷାର ପ୍ରଚଳନ କରିବା ଜରୁରୀ ଅଟେ । ଗୁରୁକୁଳ ତଥା ଧାର୍ମିକ ବିଧିବ୍ୟବସ୍ଥାକୁ ଅଚଳ କରିଦେବାକୁ ପଡ଼ିବ । ଭାରତୀୟମାନଙ୍କ ମନରେ ଇଂଲଣ୍ଡର ସଂସ୍କାର ଭରି ଦେବାକୁ ପଡ଼ିବ । ଏହାଦ୍ୱାରା ଭାରତର ପଶ୍ଚାଦ୍‌ଗତି ହେବ ଏବଂ ସ୍ୱର୍ଣ୍ଣପ୍ରସୂ ଭାରତ ଭୁଷୁଡ଼ି ପଡ଼ିବ । ୧୮୩୪ ରୁ ୧୮୩୮ ମସିହା ପର୍ଯ୍ୟନ୍ତ ସେ ଭାରତରେ ରହି ଇଂଲଣ୍ଡର ବିଚାର ବା ଆଇନ ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥାକୁ ଭାରତରେ ପ୍ରଚଳନ କରିଥିଲେ । ସେଥିପାଇଁ ତାଙ୍କର ଯୁକ୍ତି ହେଉଛି – ଆଧୁନିକ ଶିକ୍ଷା ବା ଉଚ୍ଚତର ଜ୍ଞାନ ପାଇଁ ଇଂରାଜୀ ଭାଷାହିଁ ସର୍ବୋତ୍ତମ । ଏହା ଆରବୀୟ ଓ ସଂସ୍କୃତ ଭାଷା ଅପେକ୍ଷା ଅଧିକ ଉପାଦେୟ ଅଟେ । ଶାସକ ଦଳର ଭାଷା ଇଂରାଜୀ ହୋଇଥିବାରୁ ଏହା ଭାରତର ସମସ୍ତ କାର୍ଯ୍ୟାଳୟ, ଶିକ୍ଷାକେନ୍ଦ୍ର, ବାଣିଜ୍ୟ କାରବାରରେ ସରକାରୀ ଭାଷା ରୂପେ ବ୍ୟବହୃତ ହେବା ଅନିବାର୍ଯ୍ୟ । ଏହା ଦ୍ୱାରା ଭାରତୀୟମାନଙ୍କ ମଧ୍ୟରେ ନୂତନ ଜାଗରଣ ଘଟିବ ଏବଂ ନୂତନ ସଭ୍ୟତାର ଅଭ୍ୟୁଦୟ ହେବ । ସାହିତ୍ୟ କହିଲେ କେବଳ ଇଂରାଜୀ ସାହିତ୍ୟକୁ ବୁଝାଏ । ଲକ୍‌ଙ୍କ ଦର୍ଶନ ଓ ମିଲ୍‌ଟନ୍‌ଙ୍କ ସାହିତ୍ୟକୁ ଯେଉଁମାନେ ପଢ଼ିଛନ୍ତି ଏବଂ ବୁଝିଛନ୍ତି ସେହିମାନେହିଁ ପଣ୍ଡିତ ଅଟନ୍ତି ।

ଲର୍ଡ଼ ମାକଲେଙ୍କ ରିପୋର୍ଟ ବିରୁଦ୍ଧରେ ଅନେକ ମତ ଆସିଥିଲା; କିନ୍ତୁ ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍‌ଙ୍କ ସମର୍ଥନ ଲାଭ କରିବାରୁ ଏହାକୁ ଭାରତରେ କାର୍ଯ୍ୟକାରୀ କରାଗଲା ଏବଂ ମାକଲେଙ୍କ ଦ୍ୱାରା ପ୍ରସ୍ତୁତ Indian Penal Code ମଧ୍ୟ ପ୍ରଚଳନ କରାଗଲା । ଭୟ ଓ ଦଣ୍ଡ ଦ୍ୱାରା ଇଂରାଜୀ ଭାଷାକୁ ସବୁ କ୍ଷେତ୍ରରେ ପ୍ରୟୋଗ କରାଗଲା । ସମସ୍ତ ବିଦ୍ୟାଳୟରେ ସଂସ୍କୃତ, ଆରବୀୟ ତଥା ଆଞ୍ଚଳିକ ଭାଷା ବଦଳରେ ଇଂରାଜୀ ଭାଷା ଶିକ୍ଷାଦାନର ମାଧ୍ୟମ ରୂପେ ପ୍ରଚଳନ କରାଗଲା । ଯେଉଁ ମହାବିଦ୍ୟାଳୟ-ମାନଙ୍କରେ ପ୍ରାଚ୍ୟ ଦର୍ଶନ ଓ ସାହିତ୍ୟ ଉପରେ ଆଲୋଚନା ବା ଶିକ୍ଷାଦାନ କରାଯାଉଥିଲା, ସେସବୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଗଲା । କେବଳ ଯେଉଁମାନେ ଇଂରାଜୀ ଭାଷା ଶିକ୍ଷା କରି ଶିକ୍ଷକତା କରିବା ପାଇଁ ଆଗ୍ରହୀ ହେବେ କିଂବା ସରକାରୀ କ୍ଷେତ୍ରରେ ଚାକିରି କରିବେ ସେହିମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ସୁଯୋଗ ଦିଆଯାଉଥିଲା । ମିଶନାରୀ ବିଦ୍ୟାଳୟମାନ ବହୁ ସଂଖ୍ୟାରେ ଖୋଲାଗଲା ଏବଂ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାରୀ ସାହାଯ୍ୟ ବନ୍ଦ କରି ଦିଆଗଲା । ଫଳରେ ପିଲାମାନେ ମିଶନାରୀ ବିଦ୍ୟାଳୟରେ ପଢ଼ିବା ପାଇଁ ବାଧ୍ୟ ହେଉଥିଲେ ଅଥବା ଅଶିକ୍ଷିତ ରହି ଗୋଲାମୀ କରୁଥିଲେ । ରାଜା ରାମମୋହନ ରାୟ ମଧ୍ୟ ଲର୍ଡ଼ ମାକଲେଙ୍କ ପ୍ରସ୍ତାବକୁ ସମର୍ଥନ କରିଥିଲେ । ଭାରତୀୟମାନଙ୍କୁ ସମ୍ପୂର୍ଣ୍ଣଭାବେ ବିଦେଶୀ ସଭ୍ୟତାର ରଙ୍ଗରେ ରଙ୍ଗାୟିତ କରି ବ୍ରିଟିଶରାଜ୍‌କୁ ସୁଦୃଢ଼ କରିବାର ମସୁଧା ଥିଲା ଇଂରେଜମାନଙ୍କର ଅଭିପ୍ରାୟ । ୧୮୪୫ ମସିହାରେ ଇଂରାଜୀ ଭାରତର ସରକାରୀ ଭାଷା (Official Language) ରୂପେ ପ୍ରଚଳିତ ହୋଇଥିଲା । ଏପରିକି ସବୁ କାର୍ଯ୍ୟରେ ଏହି ଭାଷା ବ୍ୟବହାର କରିବା ପାଇଁ ଆଇନ ମଧ୍ୟ ତିଆରି କରାଯାଇଥିଲା ।

ପ୍ରକୃତରେ ଇଂରାଜୀ ଭାଷା ଏକ ଖେଚୁଡ଼ି ଭାଷା । ଏହାର କେବଳ ୨୬ଟି ବର୍ଣ୍ଣ ରହିଛି । ଗ୍ରୀକ୍, ଲାଟିନ୍, ଫ୍ରେଞ୍ଚ୍ ଆଦି ଭାଷାର ସମ୍ମିଶ୍ରଣରେ ଏହି ଇଂରାଜୀ ଭାଷା ସମୃଦ୍ଧ ହୋଇଛି । ଏହାର ମୌଳିକତା ବହୁତ କମ୍ । କେତେକ ଆଦିମ ଶବ୍ଦ ଅବଶ୍ୟ ରହିଛି । ତଥାପି ଏହା ଏକ ଦରିଦ୍ର ଭାଷା । ଇଂରାଜୀର ଗୋଟିଏ ଶବ୍ଦ ‘Uncle’ ପାଇଁ ଭାରତୀୟ ଭାଷାରେ ଅନେକ ଶବ୍ଦ ରହିଛି । ଓଡ଼ିଆରେ ମାମୁ, ମଉସା, ପିଉସା, ଦାଦା, କକା ଆଦି ବହୁ ଶବ୍ଦ ‘Uncle’ ଶବ୍ଦ ପାଇଁ ପ୍ରଯୁଜ୍ୟ । ସେହିପରି ‘Aunty’ ପାଇଁ ମାଇଁ, ମାଉସୀ, ପିଉସୀ, କାକୀ, ଖୁଡ଼ି ଆଦି ଶବ୍ଦ ପ୍ରଚଳିତ । ଉଚ୍ଚାରଣରେ ମଧ୍ୟ ଭିନ୍ନତା ରହିଛି । ଉଦାହରଣ ସ୍ୱରୂପ Sun ଓ Son ର ଉଚ୍ଚାରଣ ସମାନ ହୋଇଥାଏ । ‘Put’ର ଉଚ୍ଚାରଣ ଯଦି ‘ପୁଟ୍’ ହୁଏ ତେବେ ‘But’ର ଉଚ୍ଚାରଣ ‘ବୁଟ୍’ ହେବା ସ୍ଥଳେ ‘ବଟ୍’ ହୁଏ । No ଓ Know ର ଉଚ୍ଚାରଣ ସମାନ ଥିବା ବେଳେ ଅର୍ଥ ଭିନ୍ନ ହୋଇଥାଏ । ଏହିପରି ସହସ୍ରାଧିକ ଶବ୍ଦ ରହିଛି ଯାହାର ଉଚ୍ଚାରଣ ଓ ଅର୍ଥ ମଧ୍ୟରେ ତାରତମ୍ୟ ରହିଛି । ଏବେ ଅନେକ ଦେଶର ଆଞ୍ଚଳିକ ଶବ୍ଦମାନ ଇଂରାଜୀ ଅଭିଧାନରେ ଦେଖିବାକୁ ମିଳୁଛି । ତଥାପି ଭାରତର ବିକାଶ ପାଇଁ ଇଂରାଜୀ ଭାଷା ପ୍ରଚଳନର ଆବଶ୍ୟକତା ଥିଲା । ଏହା ଅନ୍ତର୍ମୁଖୀ ଭାରତକୁ ବର୍ହିମୁଖୀ ହେବାରେ ତଥା ପାଶ୍ଚାତ୍ୟର ଶିକ୍ଷା, ଧର୍ମ, ସଭ୍ୟତା, ସଂସ୍କୃତି, ବିଜ୍ଞାନ, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ଶିଳ୍ପ, ସ୍ଥାପତ୍ୟ, ଆଇନ, ସାମାଜିକ ବିଧିବିଧାନ ଓ ଆଚାର-ବ୍ୟବହାର ଆଦିକୁ ଜାଣିବାରେ ତଥା ଭାବର ଆଦାନ-ପ୍ରଦାନରେ ଏକ ବଳିଷ୍ଠ ସାଧନ ବା ମାଧ୍ୟମ ରୂପେ କାର୍ଯ୍ୟ କଲା । ଭାରତର ଧର୍ମ, ବିଜ୍ଞାନ, ସାହିତ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ ଆଦି ବିଶ୍ୱ ଦରବାରରେ ପହଞ୍ଚାଇ ଦେଇ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଯୋଗସୂତ୍ରକୁ ସୁଦୃଢ଼ କରିବାରେ ଇଂରାଜୀ ଭାଷାର ବିଶେଷ ଅବଦାନ ମଧ୍ୟ ରହିଛି । ଭାରତର ବହୁ ଶିକ୍ଷାର୍ଥୀ, ଗବେଷକ ମଧ୍ୟ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ପାଇଲେ । ଭାରତକୁ ତା’ର ପରିପୂର୍ଣ୍ଣତା ଦିଗରେ ଆଗେଇ ନେବା ସକାଶେ ମାକଲେଙ୍କ ଶିକ୍ଷାନୀତି ସେହି ସମୟ ପାଇଁ ଉପଯୋଗୀ ଥିଲା । କିନ୍ତୁ ଏହି ଶିକ୍ଷାନୀତି ପ୍ରଚଳନ କରିବାର ପଶ୍ଚାତରେ ଇଂରେଜମାନଙ୍କର ଯେଉଁ ହୀନ ଚକ୍ରାନ୍ତ ତଥା ନୀଚ ମନୋଭାବ ସହ ମନ୍ଦ ଉଦ୍ଦେଶ୍ୟ ଜଡ଼ିତ ଥିଲା ତାହାହିଁ ମନୁଷ୍ୟ ସହିତ ମନୁଷ୍ୟର, ଜାତି ସହିତ ଜାତିର ସମ୍ପର୍କକୁ ତିକ୍ତ କରିଥିଲା, ଯଦ୍ଦ୍ୱାରା ମିତ୍ରତା ପରିବର୍ତ୍ତେ ଶତ୍ରୁତା, ଅହିଂସା ବଦଳରେ ହିଂସା, ପ୍ରେମ ବଦଳରେ ଘୃଣା, ସହଯୋଗ ବଦଳରେ ଅସହଯୋଗର ବହ୍ନିଶିଖା ଧୀରେ ଧୀରେ ପ୍ରଜ୍ୱଳିତ ହେବାରେ ଲାଗିଲା । ଭାରତୀୟମାନଙ୍କର ଧର୍ମ, ସଂସ୍କୃତି, ଶିକ୍ଷା, ସାମାଜିକ ବିଧିବିଧାନ, ଜୀବନଚର୍ଯ୍ୟାର ସ୍ୱାତନ୍ତ୍ର୍ୟକୁ ହରଣ କରି ଭାରତର ଆତ୍ମା ପ୍ରତି କୁଠାରଘାତ କରିବା ଦ୍ୱାରା ଅସନ୍ତୋଷର ବହ୍ନି ଜଳି ଉଠିଲା ଯାହା ଭାରତୀୟମାନଙ୍କର ସ୍ୱାଧୀନ ଚିନ୍ତାଧାରାକୁ ପଙ୍ଗୁ କରିଦେବା ସହ ଅଗ୍ରଗତିର ପଥରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ସମୟର ଚକ ଗଡ଼ି ଚାଲିଲା ଏବଂ ୧୮୫୪ ମସିହାରେ ଶିକ୍ଷା କ୍ଷେତ୍ରରେ ଆଉ ଏକ ସଂସ୍କାର ଯୋଡ଼ି ହୋଇଗଲା ।

(କ୍ରମଶଃ) ❑

# ବୃଦ୍ଧି ହ୍ରାସର ସରଳ ଧୂମାଳ ମାର୍ଗ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଉର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ବୃଦ୍ଧି ହ୍ରାସର ସରଳ ଧୂମାଳ ମାର୍ଗ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଘଟଣାଟିର ନାୟକ ନାୟିକାଙ୍କ ନାମ ଗୋପନ ରହୁ । ଅବଶ୍ୟ ସେ ଦୁହିଁଙ୍କୁ ନାୟକ-ନାୟିକା କହିବା ଠିକ୍ ହେବ କି ନା ଜାଣେନା । ଯୁବକର ନାମ ଧରାଯାଉ ସୌମ୍ୟକାନ୍ତ, ଯୁବତୀର ନାମ ଶ୍ରଦ୍ଧେୟା ।

ଶ୍ରଦ୍ଧେୟା ଯେତେବେଳେ ପଞ୍ଚମ ବାର୍ଷିକୀର ଛାତ୍ର, ସୌମ୍ୟକାନ୍ତ ସେତେବେଳେ ଷଷ୍ଠ ବର୍ଷରେ । ଉଭୟେ ଏକା ବିଶ୍ୱବିଦ୍ୟାଳୟରେ ପଢୁଥା'ନ୍ତି । ଉଭୟଙ୍କର ଘର ପ୍ରାୟ ପାଖାପାଖି । ଅଧିକାଂଶ ବେଳେ ମହାବିଦ୍ୟାଳୟ ଦିଗରେ ଯାଉଥିବା ଟାଉନ୍ ବସ୍‌ରେ ସେମାନେ ଯିବା ଆସିବା କରନ୍ତି । ସୌମ୍ୟକାନ୍ତ ଟିକିଏ ପୂର୍ବରୁ ବସ୍ ଆରୋହଣ କରିଥାଏ । ପରବର୍ତ୍ତୀ ଷ୍ଟପେଜ୍‌ରେ ଉଠେ ଶ୍ରଦ୍ଧେୟା । ସୌମ୍ୟକାନ୍ତ ଉଠିପଡ଼ି ନିଜ ଆସନଟି ତାକୁ ସମର୍ପି ଦେବାର ସୌଜନ୍ୟ ଦେଖାଏ । ତେବେ ଉଭୟେ ପୁଣି ଏକାଠି ବସି ଯାଆନ୍ତି । ଗପସପ ହୁଅନ୍ତି । ମନେ ହେଉଥାଏ ଉଭୟେ ଉଭୟଙ୍କୁ ପସନ୍ଦ କରୁଛନ୍ତି ।

ସେତେବେଳେ ବସ୍‌ମାନଙ୍କରେ ବା ସିନେମା ହଲ୍‌ରେ ବିଡ଼ି ସିଗାରେଟ ଟଣା ନିଷିଦ୍ଧ ହୋଇ ନଥାଏ । ପାଖ ଆସନରେ କେହି ସିଗାରେଟ ଟାଣିବାର ଦେଖିଲେ ଶ୍ରଦ୍ଧେୟା ହାତଯୋଡ଼ି ଯାତ୍ରୀଙ୍କୁ କହୁଥାଏ, ''କ୍ଷମା କରିବେ, ଆମେ ଆଉ ଅଳ୍ପ ସମୟ ଭିତରେ ଓହ୍ଲାଇ ଯିବୁ । ଆପଣ ତା'ପରେ ସିଗାରେଟ ପିଇଲେ ଅସୁବିଧା ହେବ କି ? ମୋର ସିଗାରେଟ ଧୂଆଁ ପ୍ରତି ଏଲର୍ଜି । ମୁଣ୍ଡ ବିନ୍ଧିବ ସଙ୍ଗେ ସଙ୍ଗେ ।'' ଯାତ୍ରୀମାନେ ପ୍ରାୟ ଝିଅଟିର ଅନୁରୋଧ ରକ୍ଷା କରନ୍ତି ।

ଥରେ ସହରରେ ବସ୍ ଧର୍ମଘଟ ହେଲା । ସୌମ୍ୟକାନ୍ତ ଶ୍ରଦ୍ଧେୟା ଘରକୁ ଆସି କହିଲା, ''ମୋ ମାମୁ ତାଙ୍କ କାର୍ ମୋ ଜିମା ରଖି ବିଦେଶ ଯାଇଛନ୍ତି କିଛିଦିନ ପାଇଁ । ମୁଁ କାର୍ ନେଇ ଆସିଛି । ଚାଲ ।''

ଶ୍ରଦ୍ଧେୟା ନିଃସଙ୍କୋଚରେ ସୌମ୍ୟକାନ୍ତ ପାଖରେ ବସି କଲେଜ ଗଲା । ଅନ୍ତରଙ୍ଗତା ବଢ଼ିଲା ।

''ଆଶା କରେ ତୁମେ ସିଗାରେଟ ପିଅ ନାହିଁ ।'' ଥଟ୍ଟା କରି କହିଲା ଶ୍ରଦ୍ଧେୟା ।

''ନା, ନା, ମୋର ସେ ବଦଭ୍ୟାସ ନାହିଁ ।'' ହସି ହସି କହିଲା ସୌମ୍ୟକାନ୍ତ । ତା'ପରେ ପୁଣି କଣ୍ଠରେ ରହସ୍ୟ ଫୁଟାଇବାର ଚେଷ୍ଟା କରି କହିଲା, ''ଭୟ କରନା ।''

''ଭୟ ? ଭୟ କରିବାର କାରଣ କିଛି ରହିଛି ବୋଲି ମନେ କରୁଛ କି ?'' ଶ୍ରଦ୍ଧେୟା ପ୍ରଶ୍ନ କଲା ।

''ଖାଲି ସିଗାରେଟ ଗନ୍ଧରୁ ରକ୍ଷା ମିଳିବ, ସେତିକି ନିଶ୍ଚେ ମୋ' ସହ କାର୍‌ରେ ଆସିବାର ଏକମାତ୍ର ପ୍ରେରଣା ନୁହେଁ !'' ମୃଦୁ କଣ୍ଠରେ କହିଲେ ସୌମ୍ୟକାନ୍ତ ।

କାର୍ ଯଥା ସ୍ଥାନରେ ପହଞ୍ଚିଲା । ସଲଜ୍ଜ ହସଟିଏ ଉପହାର ଦେଇ ଶ୍ରଦ୍ଧେୟା ତା' ଶ୍ରେଣୀକକ୍ଷ ଆଡ଼େ ଚାଲିଗଲା ।

ଭାଗ୍ୟକୁ ଦୁହିଁଙ୍କ ଭିତରେ ରୋମାଞ୍ଚକର ବାର୍ତ୍ତାଳାପ ଆଉ ଦୂରକୁ ଯାଇ ନଥିଲା ।

ପରଦିନ ଥିଲା ରବିବାର । ସୋମବାର ଦିନ ସୌମ୍ୟକାନ୍ତ କାର୍ ଧରି ଶ୍ରଦ୍ଧେୟା ଘରେ ପହଞ୍ଚିଲା ।

''ଧନ୍ୟବାଦ । କିନ୍ତୁ ବସ୍ ଧର୍ମଘଟର ଅବସାନ ଘଟି ସାରିଛି । ମୁଁ ବସ୍‌ରେ ଯିବି ।'' ଅତ୍ୟନ୍ତ ଗଦ୍ୟମୟ କଣ୍ଠରେ କହିଲା ଶ୍ରଦ୍ଧେୟା ।

''କିନ୍ତୁ ମୋଠିଁ କାର୍ ଥାଉଁ ଥାଉଁ ...''

''ଠିକ୍, ଠିକ୍, ଆଜି ମୁଁ ତୁମ ସହ କାର୍‌ରେ ଯିବା ଅବଶ୍ୟ ଜରୁରୀ । ଚାଲ ।'' ଦୁହେଁ କାର୍ ଆରୋହଣ କଲେ । କାର୍ ଚାଲିଲା ।

''ଆଜି ବଡ଼ ଗମ୍ଭୀର ମନେ ହେଉଛ !'' ଟିପ୍ପଣୀ ଦେଲା ସୌମ୍ୟକାନ୍ତ ।

''ଠିକ୍ ଧରିଛ । ମୋତେ ମିଛ ନକହିଲେ ଚଳିଥା'ନ୍ତା । ଗତକାଲି ମୁଁ ଓ ମୋ' ଭଉଣୀ ଭିଣୋଇ ମ୍ୟାଟିନି ଶୋ ଦେଖିବାକୁ ଚାଲି ଚାଲି ସିନେମା ହଲ୍‌କୁ ଯାଇଥିଲୁଁ । ଆମେ ଉପର ବକ୍ସରେ ଥିଲୁଁ । ତଳେ ତୁମ ସହ ତୁମର ଦୁଇ ସାଙ୍ଗକୁ ଦେଖି ପାରୁଥିଲି । ଦେଢ଼ ଘଣ୍ଟା ଭିତରେ ତୁମେ ଅନ୍ତତଃ ତିନି ଗୋଟି ସିଗାରେଟ ଟାଣିଛ । ସେ ବଦଭ୍ୟାସ ନାହିଁ ପରା ?''

ବିଚରା ସୌମ୍ୟକାନ୍ତ ଏଡ଼େ ବିଚଳିତ ହେଲା ଯେ କାର୍ ଗୋଟାଏ ଷଣ୍ଢ ସହ ଧକ୍କା ଖାଇବାରୁ ଅଳ୍ପକେ ବର୍ତ୍ତିଗଲା ।

''ବାସ୍ତବିକ ମୋର ସେ ବଦଭ୍ୟାସ ନାହିଁ । ଖାଲି ମୋ ମିତ୍ରମାନଙ୍କ ପ୍ରଭାବରେ ବାଧ ହୋଇ ପିଉଥିଲି ।'' ବିମର୍ଷ କଣ୍ଠରେ ସଫେଇ ଦେଲା ସୌମ୍ୟକାନ୍ତ ।

''ଅର୍ଥାତ୍, ମିତ୍ରମାନଙ୍କ କୁପ୍ରଭାବରୁ ନିଜକୁ ମୁକ୍ତ ରଖିବା ଭଳି ବ୍ୟକ୍ତିତ୍ୱ ଟିକକ ମଧ୍ୟ ତୁମର ନାହିଁ । ମିତ୍ରମାନେ ଯଦି ତୁମ ପ୍ରଭାବରେ ବାଧ ହୋଇ ସେତିକି ସମୟ ସିଗାରେଟ ଟାଣିବାରୁ ବିରତ ରହିଥା'ନ୍ତେ, ତେବେ ତୁମ ବ୍ୟକ୍ତିତ୍ୱର ମହତ୍ତ୍ୱ ପ୍ରତିପାଦିତ ହୋଇଥା'ନ୍ତା । ସିଗାରେଟ ଅଭ୍ୟାସ ଅଛି ବୋଲି ସେଦିନ ସ୍ୱୀକାର କରିଥିଲେ ସତ୍ୟବାଦୀ ବୋଲି ବୁଝିଥା'ନ୍ତି । ଏ ବଦଭ୍ୟାସ ତଥା ମିଥ୍ୟାଭାସ ଛାଡ଼ିବାର ଚେଷ୍ଟା କର ସୌମ୍ୟକାନ୍ତ ବାବୁ, ତେବେ ତୁମରହିଁ ମଙ୍ଗଳ ହେବ । ଶୁଣ, ଛୁଟି ହେଲେ ମୁଁ ବସ୍‌ରେ ଚାଲିଯିବି । ଅପେକ୍ଷା କରିବ ନାହିଁ ।''

ଶ୍ରଦ୍ଧେୟା ହସି ଦେଇ ଚାଲିଗଲା । ମନେହୁଏ ଦୁହିଁଙ୍କ ଭିତରେ ଏହା ପରେ ଆଉ କଥାବାର୍ତ୍ତା ହୋଇ ନାହିଁ ।

ଆଶା, ଶ୍ରଦ୍ଧେୟାର ମନ୍ତବ୍ୟ ଉପରେ ଅଧିକ କିଛି କହିବା ନିଷ୍ପ୍ରୟୋଜନ । ତେବେ କିଛି ପ୍ରାସଙ୍ଗିକ ତଥ୍ୟ ପରିବେଷଣ କରୁଛି, ନିକଟ ଅତୀତରେ ତେଲ୍‌ଆଭିଭ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମାର୍କ ଉଇଜାର୍ ଏବଂ ତାଙ୍କ ଗବେଷକ ଦଳ ପ୍ରମାଣ କରିଛନ୍ତି ଧୂମପାନ ଯୋଗୁଁ ଯେ ଖାଲି କ୍ୟାନସର ଭଳି ରୋଗ ହୁଏ, ସେତିକି ନୁହେଁ, ଯୁବକମାନଙ୍କର ବୁଦ୍ଧି ହ୍ରାସ ମଧ୍ୟ ହୁଏ । ସାଧୁ, ସାବଧାନ !

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୪୨-୪୬)

❑❑❑

ବାକ୍-ନିବୃତ୍ତି ଅପେକ୍ଷା ବାକ୍-ସଂଯମ ଅଧିକ ମହାନ୍ ଓ ଫଳପ୍ରଦ ତପସ୍ୟା । ସମଗ୍ର ପୃଥିବୀ ଅତ୍ୟଧିକ କଥନ ଦ୍ୱାରା ଭାରାକ୍ରାନ୍ତ ଓ ଶ୍ରବଣଶକ୍ତି-ରହିତ ହୋଇ ପଡ଼ିଛି । ଏବଂ ସେଥିପାଇଁ ସମୟ ସମୟରେ ମନେ ହୁଏ, ଏହି ସୁନ୍ଦର ପ୍ରକୃତିର ଏକ ସଂଗତିପୂର୍ଣ୍ଣ ନୀରବତାକୁ ଅନୁଭବ କରିହୁଏ ନାହିଁ । ଏହା ଏକ ଜଣାଶୁଣା ସତ୍ୟ ଯେ ମାନସିକ ଶକ୍ତି ଯେତେ କମ୍ ହେବ, ସେତେ ବେଶୀ କଥା କହିବା ପ୍ରବୃତ୍ତିର ଆବଶ୍ୟକତା ହେବ ।

— ଶ୍ରୀମା

# ପୁରାଣର ଏକ ଅନାଲୋଚିତ ବ୍ୟକ୍ତିତ୍ୱ
## ପ୍ରସାଦ ତ୍ରିପାଠୀ

ପୁରାଣରୁ କାହାଣୀଟିଏ । ଧର୍ମରାଜ ଯୁଧିଷ୍ଠିର ମହାଭାରତ ଯୁଦ୍ଧ ଅନ୍ତେ ଗୋଟିଏ ରାଜସୂୟ ଯଜ୍ଞର ବ୍ୟବସ୍ଥା କରିଥା'ନ୍ତି । ଏହା ଥିଲା ବିଧି । ଯୁଦ୍ଧ ଶେଷ ହେବା ପରେ ସମସ୍ତ ପ୍ରକାରର ବିଧି-ବ୍ୟବସ୍ଥା – ଯାହାସବୁ ଅସ୍ଥିର, ଅସଜଡ଼ା ଏବଂ ଅବ୍ୟବସ୍ଥିତ ହୋଇଥାଏ, ଜନମାନସ ମଧ୍ୟରେ ଯୁଦ୍ଧର ଘନଘଟା, ବିଭୀଷିକା ଆଦିର ଛାପ ଲିଭି ନଥାଏ, ସେସବୁକୁ ଦୂର କରି ପୁଣି ଏକ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ଏକ ଯଜ୍ଞର ଆବଶ୍ୟକ । ସେଥିପାଇଁ ଯାହା ଯାହା ବିଧି-ବ୍ୟବସ୍ଥା ଲୋଡ଼ା ସବୁକିଛି କରାଯାଇଥାଏ । ଯଜ୍ଞ ମଧ୍ୟରେ ସମଗ୍ର ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଏ ଏବଂ ସେମାନେ ସମସ୍ତେ ମଧ୍ୟ ମହାରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ଅତିଥି ହୋଇଥା'ନ୍ତି । ଯେତେ ଯେତେ ରାଜା, ମହାରାଜା, ମୁନି, ଋଷି, ବ୍ରାହ୍ମଣ ଠାରୁ ଆରମ୍ଭ କରି ସମସ୍ତ ଜନସାଧାରଣ ଆସି ଉପସ୍ଥିତ ହୁଅନ୍ତି । ନିଜେ ମହାରାଜା କିଂବା ତାଙ୍କର ନିର୍ବାଚିତ କେହି ଜଣେ ଆତ୍ମୀୟ ସମସ୍ତଙ୍କୁ ଆତିଥ୍ୟ ପ୍ରଦାନ କରନ୍ତି ଏବଂ ସ୍ୱୟଂ ପାଟମହିଷୀ ସମସ୍ତଙ୍କର ପଦ ପ୍ରକ୍ଷାଳନ କରିଦିଅନ୍ତି । ଶାସ୍ତ୍ରସମ୍ମତ ସର୍ବୋଚ୍ଚ ମର୍ଯ୍ୟାଦା ସହକାରେ ଅତିଥି ସତ୍କାର କରାଯିବା ପରେ ସମସ୍ତଙ୍କୁ ଭୂରି ଭୋଜନରେ ଆପ୍ୟାୟିତ କରାଯାଏ । ପୁନଶ୍ଚ ସମସ୍ତେ ବିଭିନ୍ନ ପ୍ରକାର ଉପଢୌକନ ଇତ୍ୟାଦି ଗ୍ରହଣ କରି ସ୍ୱ-ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି ଏବଂ ତାହାପରେ ହୁଏ ଯଜ୍ଞର ଉଦ୍‌ଯାପନ ।

ମହାରାଜା ଯୁଧିଷ୍ଠିର ନିଜର ଚାରି ଭାଇ ତଥା ଅମାତ୍ୟବର୍ଗଙ୍କ ସାହାଯ୍ୟରେ ରାଜସୂୟ ଯଜ୍ଞର ସମସ୍ତ ବ୍ୟବସ୍ଥାକୁ ପରିଚାଳନା କରୁଥା'ନ୍ତି । ସ୍ୱୟଂ ଶ୍ରୀକୃଷ୍ଣ ମହାରାଜାଙ୍କ ପରାମର୍ଶଦାତା ରୂପେ ଉପସ୍ଥିତ ଥାଆନ୍ତି । ଯଜ୍ଞ ଶେଷ ହେବା ପରେ ଯଜ୍ଞ ଶଙ୍ଖଧ୍ୱନି କରିବା ନିମନ୍ତେ ମହାରାଜା ଭୀମସେନଙ୍କୁ ନିର୍ଦ୍ଦେଶ ଦେଲେ ।

ମହାରାଜାଙ୍କ ନିର୍ଦ୍ଦେଶ ପାଇ ଅନୁଜ ଭୀମସେନ ଶଙ୍ଖଧ୍ୱନି କରିବା ପାଇଁ ଉଠିଗଲେ ଏବଂ ଶଙ୍ଖ ଫୁଙ୍କିବାକୁ ଚେଷ୍ଟା କଲେ । ମାତ୍ର ଆଶ୍ଚର୍ଯ୍ୟ ! ଶଙ୍ଖ ବାଜୁ ନାହିଁ । ମଲ୍ଲବୀର ଭୀମଙ୍କ ଭଳି ଜଣେ ମହାଶତ୍ରୁହନ୍ତା ମଧ୍ୟ ସାମାନ୍ୟ ଶଙ୍ଖକୁ ଫୁଙ୍କି ପାରୁ ନାହାନ୍ତି ! ବାରଂବାର ଚେଷ୍ଟା ଯୋଗୁଁ ବୃକୋଦରଙ୍କ ଶରୀରରୁ ସ୍ୱେଦ ଝରି ପଡ଼ିଲା ପଛେ ଶଙ୍ଖ ବାଜିଲା ନାହିଁ । ମହାରାଜା ଅନୁଜଙ୍କୁ ଶ୍ରୀକୃଷ୍ଣଙ୍କ ନିକଟକୁ ପଠାଇଲେ – ଶଙ୍ଖ ନ ବାଜିବାର କାରଣ କ'ଣ ଏବଂ କି ଉପାୟରେ ଯଜ୍ଞର ଉଦ୍‌ଯାପନୀ ଘୋଷଣା କରାଯିବ । ଶ୍ରୀକୃଷ୍ଣ ମତ ଦେଲେ, ସମସ୍ତ ଯଜ୍ଞ କାର୍ଯ୍ୟକ୍ରମରେ ଯଦି କୌଣସି ସ୍ଥଳରେ କିଛି ବି ତ୍ରୁଟି ଥିବ, ତେବେ ତା'ର ସଂଶୋଧନ ନହେବା ପର୍ଯ୍ୟନ୍ତ ଶଙ୍ଖ ବାଜିବ ନାହିଁ । ସେ ପ୍ରକାଶ କଲେ, ଯଦିଓ ରାଜ୍ୟର ସମସ୍ତ ପ୍ରଜା ଆସି ଆତିଥ୍ୟ ଗ୍ରହଣ କରି ଏଠାରୁ ଫେରିଛନ୍ତି ତଥାପି ଜଣେ ରହି ଯାଇଛନ୍ତି ଯାହାଙ୍କୁ ଆଦୌ ନିମନ୍ତ୍ରଣ କରାଯାଇ ନାହିଁ ଏବଂ ସେ ଆସି ନାହାନ୍ତି । ସେ ଆସି ଏଠାରେ ଆତିଥ୍ୟ ଗ୍ରହଣ ନକଲା ପର୍ଯ୍ୟନ୍ତ ଉଦ୍‌ଯାପନ ହୋଇ ପାରିବ ନାହିଁ ।

ତେବେ ସେ ବ୍ୟକ୍ତି ଜଣକ କିଏ ? ସେଇ ବ୍ୟକ୍ତି ଜଣକ ବିଷୟରେ ବର୍ଣ୍ଣନା କଲେ କେଶବ । ଏଠାରୁ ଅନେକ ଦୂର ଏକ ଗ୍ରାମରେ ଜଣେ ମୋଚି ବାସ କରନ୍ତି । ତାଙ୍କର ନାମ ବାଲ୍ମିକ ମୋଚି । ତାଙ୍କର ବ୍ୟବସାୟ ଚମଡ଼ାରେ ଜୋତା ସିଲାଇ କରି ବିକ୍ରୟ କରିବା । ସେ କେବଳ ନିଜର କୁଟୁମ୍ବ ପୋଷଣ ପାଇଁ ଯେତିକି ଆବଶ୍ୟକ ସେତିକିହିଁ ଉପାର୍ଜନ କରନ୍ତି । ସେଥିରୁ ମଧ୍ୟ ପ୍ରୟୋଜନ ହେଲେ କାହାରିକୁ ସାହାଯ୍ୟ କରନ୍ତି । ତାଙ୍କର ଚେହେରା କିଂବା ପୋଷାକ କିଛି ବି ଆକର୍ଷଣୀୟ ନୁହେଁ । କେବେହେଲେ କାହାରି ଠାରୁ କିଛି ମାଗନ୍ତି ନାହିଁ । ଯାହା ବି ଭୋଜନ ମିଳେ, ସେଥିରେ ସନ୍ତୁଷ୍ଟ ରହନ୍ତି । କାହାରି ମନରେ ଆଘାତ ଦିଅନ୍ତି ନାହିଁ, ଆଦୌ ଅନାବଶ୍ୟକ କଥା କୁହନ୍ତି ନାହିଁ । ସବୁବେଳେ ସ୍ମିତହାସ୍ୟ ସହ ନିଜର କାର୍ଯ୍ୟ କରୁଥା'ନ୍ତି । ଅନ୍ୟର ଦୁଃଖ ଆଦୌ ସେ ସହି ପାରନ୍ତି ନାହିଁ, ସାମର୍ଥ୍ୟ ଅନୁସାରେ ଅନ୍ୟ ପାଇଁ କିଛି ଖର୍ଚ୍ଚ ମଧ୍ୟ କରନ୍ତି । ସେ ବ୍ୟକ୍ତି କୌଣସି ମହାନ୍ ବ୍ୟକ୍ତିଙ୍କ ଠାରୁ ମଧ୍ୟ ଊଣା ନୁହନ୍ତି ।

ଅଜାଣତରେ ମହାରାଜା ନିଜର ଆୟୋଜନରେ ଏତେ ବଡ଼ ଏକ ତ୍ରୁଟି ଯୋଗୁଁ ଲଜ୍ଜିତ ହୋଇ ସଙ୍ଗେ ସଙ୍ଗେ ଭୀମଙ୍କୁ ରଥ ସହିତ ପଠାଇଦେଲେ ଉକ୍ତ ଗ୍ରାମରୁ ବାଲ୍ମିକ ମୋଚିଙ୍କୁ ସାଙ୍ଗରେ ପାଛୋଟି ଆଣିବା ପାଇଁ । ଭୀମସେନଙ୍କୁ ଦେଖି ତାଙ୍କର ପରିଚୟ ପାଇବା ପରେ ବାଲ୍ମିକ ହାତଯୋଡ଼ି କି ସେବା

କରିବି ବୋଲି ଜିଜ୍ଞାସା କରନ୍ତେ ଭୀମସେନ କହିଲେ, ନାହିଁ ମହାଭାଗ, ଆପଣ ନୁହନ୍ତି, ଆମର ଆପଣଙ୍କୁ ସେବା ଦେବାର ଅନିୟମିତତା ପାଇଁ ରାଜସୂୟ ଯଜ୍ଞ ଅଟକି ଯାଇଛି । ମୋର ଜ୍ୟେଷ୍ଠଭ୍ରାତା ମହାରାଜା ଯୁଧିଷ୍ଠିର ଆପଣଙ୍କୁ ପାଛୋଟି ନେବା ପାଇଁ ମୋତେ ପଠାଇଛନ୍ତି । ଆପଣ ଦୟା କରି କାଳ ବିଳମ୍ବ ନକରି ମୋ ସହିତ ଯିବା ପାଇଁ କୃପା କରନ୍ତୁ । ବାଲ୍ମିକଙ୍କୁ ସବୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଲାଗୁଥାଏ, ସବୁ କିମିଆ ଭଳି ଲାଗୁଥାଏ । ତା'ଭଳି ଏକ ଅତି ସାମାନ୍ୟ ବ୍ୟକ୍ତିଙ୍କୁ ନିଜେ ମହାରାଜା ଯୁଧିଷ୍ଠିର ଭୀମସେନଙ୍କୁ ପଠାଇଛନ୍ତି ରଥରେ ନେଇଯିବା ପାଇଁ ! ଅତି ସନ୍ତର୍ପଣରେ, ନମ୍ରତା ସହକାରେ ବାଲ୍ମିକ ଯୁଧିଷ୍ଠିର ମହାରାଜାଙ୍କ ରାଜସଭାରେ ପହଞ୍ଚିଲେ ।

ବାଲ୍ମିକଙ୍କୁ ରାଜସଭାରେ ଭୀମସେନ ସାଙ୍ଗରେ ନେଇ ପ୍ରବେଶ କରୁ କରୁ ସ୍ୱୟଂ ମହାରାଜା ସଭାସ୍ଥଳରୁ ଉଠି ଆସି ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଲେ ଏବଂ ତାଙ୍କ ନିମନ୍ତେ ଏକ ପୂର୍ବପ୍ରସ୍ତୁତ ସ୍ଥାନରେ ଉପବେଶନ କରାଇଲେ । ବାଲ୍ମିକ କିଛି ବୁଝି ପାରୁ ନଥା'ନ୍ତି । ସାକ୍ଷାତ୍ ହେଲେ କିପରି ପ୍ରଣାମ କରିବେ, କିପରି ନିଜର ସମ୍ମାନ ଜଣାଇବେ ଇତ୍ୟାଦି କଥା ଭାବି ଭାବି ସେ ଆସୁଥା'ନ୍ତି । କାରଣ ଆଗରୁ ଏଭଳି କିଂବା ତା'ର ସମାନ୍ତର କୌଣସି ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବାର ସୌଭାଗ୍ୟ ତାଙ୍କର ଜୀବନରେ କେବେ ହୋଇ ନାହିଁ । ମାତ୍ର ତା' ପାଇଁ ମହାରାଜାଙ୍କୁ ସମ୍ମାନ ପ୍ରଦର୍ଶନ କରିବାର କୌଣସି ସମ୍ଭାବନା ଆଦୌ ଆସିଲା ନାହିଁ । ସିଏ କ'ଣ ପ୍ରଣାମ କରିବେ ! ମହାରାଜା ନିଜେ ତାଙ୍କ ସିଂହାସନରୁ ଉଠିଆସି ତାଙ୍କୁ କୋଳାଗ୍ରତ କଲେ । ବାଲ୍ମିକଙ୍କୁ ରାଜସଭା ତାଙ୍କର କଳ୍ପନାର ସ୍ୱର୍ଗ ଭଳି ଲାଗୁଥାଏ ।

ତା'ପରେ ମହାରାଜା ନିଜେ ଆସି ବାଲ୍ମିକଙ୍କ ସମ୍ମୁଖରେ ହାତଯୋଡ଼ି କ୍ଷମା-ପ୍ରାର୍ଥନାସୂଚକ ଭଙ୍ଗିରେ କହିଲେ, 'ହେ ମହାଶୟ, ଆପଣଙ୍କ ଭଳି ଜଣେ ଅତ୍ୟନ୍ତ ସରଳ, ବିନମ୍ର, ଅମାୟିକ, ନିଷ୍ପାପ ତଥା ସାଧୁ ସ୍ଥାନୀୟ ବ୍ୟକ୍ତି ମୋ ରାଜ୍ୟରେ ଅଛନ୍ତି ଅଥଚ ଆପଣଙ୍କ ପ୍ରତି ମୁଁ ଉଚିତ ଆଚରଣ କରିପାରି ନାହିଁ, ସେଥିପାଇଁ କ୍ଷମାପ୍ରାର୍ଥୀ । ଆପଣଙ୍କ ଭଳି ବ୍ୟକ୍ତି ଯାହାର ଅନୁପସ୍ଥିତି ଏତେ ବଡ଼ ଏକ ରାଜସୂୟ ଯଜ୍ଞର ଉଦ୍‌ଯାପନୀ ଘୋଷଣା ଅଟକାଇ ଦେଲା, ସେ ଯେ ପ୍ରକୃତରେ ଅନ୍ତରରେ କେତେ ମହାନ୍ ହୋଇଥିବେ ତା'ର ଶାସ୍ତ୍ରସମ୍ମତ ଅନେକ ଦୃଷ୍ଟାନ୍ତ ଥିବ । ଆପଣ ଆମର ନିମନ୍ତ୍ରଣ ରକ୍ଷା କରି ମୋର ଅନୁଜ ଭୀମସେନ ସହିତ ଆମ ରାଜସଭାରେ ଉପନୀତ ହୋଇ ପାରିଛନ୍ତି ତାହା ଆମ ରାଜସଭାର ମର୍ଯ୍ୟାଦା ବହୁଗୁଣିତ କରିଅଛି । ଦୟାକରି ମୋ ସହିତ ଉଆସ ଭିତରକୁ ଆସନ୍ତୁ । ଯନ୍ତ୍ରଚାଳିତ ଭଳି ବାଲ୍ମିକ ମହାରାଜାଙ୍କ ପଛେ ପଛେ ତାଙ୍କ ଉଆସ ଭିତରକୁ ପ୍ରବେଶ କଲେ ।

ଆଗରୁ ପାଟମହାରାଣୀ ଦ୍ରୌପଦୀ ଜଳପାତ୍ର ଏବଂ ଶୁଭ୍ରବସ୍ତ୍ର ସହିତ ଅପେକ୍ଷା କରିଥିଲେ; ମାତ୍ର ମହାରାଜାଙ୍କ ସହିତ ଯିଏ ଆସୁଛନ୍ତି ସିଏ ଯେ ବାଲ୍ମିକ ସେକଥା ସେ ବିଶ୍ୱାସ କରି ପାରିଲେ ନାହିଁ । ତାଙ୍କର ବିସ୍ମୟଭରା ଦୃଷ୍ଟି ବାଲ୍ମିକଙ୍କ ଉପରେ ନିବଦ୍ଧ ହୋଇ ରହିଲା । ବାଲ୍ମିକଙ୍କୁ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ଆସନରେ ବସାଇ ମହାରାଜା ଦ୍ରୌପଦୀଙ୍କୁ ତାଙ୍କ ପଦ ପ୍ରକ୍ଷାଳନ ପାଇଁ ଇସାରା କଲେ । ଦ୍ରୌପଦୀ ଧୀରେ ଆସି ଅନେକ ଦିନରୁ ଅଯତ୍ନ ଭାବେ ବ୍ୟବହାର ହେଉଥିବା ପଦ ଦୁଇଟିକୁ ଜଳରେ ପ୍ରକ୍ଷାଳନ କରି ଶୁଭ୍ର ବସ୍ତ୍ରରେ ପୋଛି ଦେଲେ । ତା'ପରେ ମହାରାଜା ବାଲ୍ମିକଙ୍କୁ ଭୋଜନ ଗ୍ରହଣ କରିବା ନିମନ୍ତେ ଭୋଜନଶାଳାକୁ ନେଇଗଲେ ଏବଂ ଅନ୍ୟମାନଙ୍କ ସହିତ ନିଜେ ମଧ ଭୋଜନ ପରଷିବାକୁ ଲାଗିଲେ । ମହାରାଜାଙ୍କ ସହିତ ତାଙ୍କର ଅନୁଜଗଣ ମଧ ଉପସ୍ଥିତ ଥାଇ ଜ୍ୟେଷ୍ଠ ଭ୍ରାତାଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଥା'ନ୍ତି । ସମସ୍ତେ ଏଇଟା ନିଅନ୍ତୁ, ସେଇଟା ନିଅନ୍ତୁ ବୋଲି ଅନୁରୋଧ କରୁଥା'ନ୍ତି । ବାଲ୍ମିକ ତାଙ୍କ ଜୀବନରେ ଏଭଳି ଗରିଷ୍ଠ ତଥା ମୂଲ୍ୟବାନ୍ ଭୋଜନର ଏକ ଶତାଂଶ ମଧ କେବେ ଅତୀତରେ ଭୋଜନ କରି ନଥିଲେ । ନିଜର ଆବଶ୍ୟକତା ଅନୁଯାୟୀ ଏବଂ ଅନ୍ୟମାନଙ୍କୁ ବିନମ୍ରତାଭରା ନାସ୍ତିବାଣୀ ଶୁଣାଇ ନିଜର ଭୋଜନ ଶେଷ କଲେ ।

ତା'ପରେ ମହାରାଜାଙ୍କ ପଛେ ପଛେ ଆସି ବାଲ୍ମିକ ପୁନର୍ବାର ରାଜସଭାରେ ଉପବେଶନ କଲେ । ଏବେ ଭୀମସେନଙ୍କ ଦାୟିତ୍ୱ ଶଙ୍ଖଧ୍ୱନି କରିବା । ସ୍ୱୟଂ ମହାରାଜାଙ୍କ ସହିତ ସମସ୍ତ ସଭାସଦବର୍ଗ ଉପସ୍ଥିତ ଥାଇ ଭୀମସେନ ଶଙ୍ଖଧ୍ୱନି କଲେ । କି ଆଶ୍ଚର୍ଯ୍ୟ, ତଥାପି ମଧ ଶଙ୍ଖ ବାଜୁ ନଥାଏ । କୌଣସି ଶବ୍ଦ ହେଉ ନଥାଏ । ଏଥରକ ମହାରାଜା ବିଚଳିତ ହୋଇଗଲେ । ନିଶ୍ଚୟ ବଡ଼ ଧରଣର କିଛି ତ୍ରୁଟି ହୋଇ ଯାଇଛି ବୋଧହୁଏ । ନଚେତ୍ ବାଲ୍ମିକଙ୍କୁ ଆତିଥ୍ୟ ପ୍ରଦାନ କରିବା ପରେ ତ ଶଙ୍ଖ ବାଜିବା କଥା । ଶ୍ରୀକୃଷ୍ଣ ସମ୍ବାଦ ପାଇ ରାଜସଭାରେ ଆସି ଉପନୀତ ହେଲେ । ସେତେବେଳକୁ ସମସ୍ତେ ଅତି ବ୍ୟସ୍ତ, ଶଙ୍କାଗ୍ରସ୍ତ । କ'ଣ ଆଉ ତ୍ରୁଟି ରହିଲା !

ଶ୍ରୀକୃଷ୍ଣ ସବୁ ଶୁଣିଲେ ଏବଂ କହିଲେ ମହାରାଜାଙ୍କ ପରିବାର ଏବଂ ଯଜ୍ଞରେ ନିୟୋଜିତ ସମସ୍ତ ଯଜମାନ ରାଜସଭାରେ ଉପନୀତ ହୁଅନ୍ତୁ । ଅବିଳମ୍ବେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ସମସ୍ତେ ସଭାରେ ଉପସ୍ଥିତ ହେଲେ – ମହାରାଜାଙ୍କ ଚାରି ଭ୍ରାତା, ପାତ୍ର, ମନ୍ତ୍ରୀ, ପାଟରାଣୀ ଇତ୍ୟାଦି ସମସ୍ତେ । ତା'ପରେ ଶ୍ରୀକୃଷ୍ଣ କହିଲେ, ''ମୁଁ ଯେଉଁ ପ୍ରଶ୍ନ କରିବି, ତା' ଅତ୍ୟନ୍ତ ସରଳ ଭାବରେ ଉତ୍ତର ଦେବା ପାଇଁ ସମସ୍ତଙ୍କୁ ନିବେଦନ କରୁଅଛି ।''

ପ୍ରଶ୍ନ ହେଲା – ମହାରାଜାଙ୍କଠାରୁ ଆରମ୍ଭ କରି ଭୋଜନଶାଳାରେ ପରଷୁଥିବା ସେବାକାରୀ ପର୍ଯ୍ୟନ୍ତ, ଭୀମଙ୍କ ଠାରୁ ଆରମ୍ଭ କରି ପାଟରାଣୀ ଦ୍ରୌପଦୀଙ୍କ ପର୍ଯ୍ୟନ୍ତ କେହି ବି ବାଲ୍ମିକଙ୍କ ଏହି ରୂପ ତଥା ବେଶଭୂଷା ଦେଖି ନିଜର ସେବା କାର୍ଯ୍ୟରେ ସାମାନ୍ୟତମ ମଧ୍ୟ କୁଣ୍ଠିତ ଭାବ ପ୍ରକାଶ କରିଥିବେ, ସେକଥା ସେ ବା ସେମାନେ ଏବେ ସ୍ୱୀକାର କରନ୍ତୁ । ଦେଖାଗଲା, କେବଳ ପାଟରାଣୀ ଦ୍ରୌପଦୀ ନିଜ ସ୍ଥାନରେ ଛିଡ଼ା ହୋଇ ହାତଯୋଡ଼ି କହିଲେ, ''ବାଲ୍ମିକ ମହାଶୟଙ୍କର ପଦଧୌତ କଲାବେଳେ ତାଙ୍କର ଅତ୍ୟନ୍ତ ଅଯତ୍ନ ତଥା ଅପରିଚ୍ଛନ୍ନ ପାଦ ଦୁଇଟି ଦେଖି ସ୍ୱତଃ ମୋ ଅନ୍ତରରେ କୁଣ୍ଠାଭାବ ଆସିଥିଲା । ସେଥିପାଇଁ ଆପଣମାନଙ୍କ ସମ୍ମୁଖରେ ମୁଁ ଲଜ୍ଜିତ ଏବଂ ମୋର ଏହି ସ୍ୱୀକୃତି ପ୍ରଦାନ କରୁଛି ।'' ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ କହିଲେ, ''ନା, ନା, ଦ୍ରୌପଦୀ, ଏଥିରେ ଲଜ୍ଜିତ ହେବାର କିଛି ନାହିଁ । ତୁମେ ଯେ ସାହସର ସହିତ ନିଜର ଦୋଷ ସ୍ୱୀକାର କରିଛ ତାହାହିଁ ତୁମର ମହାନତା ପ୍ରତିପାଦନ କରୁଛି । ଯାଅ ବୃକୋଦର, ଏବେ ଶଙ୍ଖଧ୍ୱନି କର ।'' ଅତ୍ୟନ୍ତ ଚମତ୍କାର ତଥା ଗୁରୁଗମ୍ଭୀର ସ୍ୱରରେ ଯଜ୍ଞଶଙ୍ଖ ବାଜି ଉଠିଲା । ଉପସ୍ଥିତ ସମସ୍ତଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ନିର୍ଗତ ହେବାକୁ ଲାଗିଲା ।

ବାଲ୍ମିକ ସମସ୍ତଙ୍କ ଉପସ୍ଥିତିରେ ସମଗ୍ର ରାଜସଭାରେ ନିଜର ସାଷ୍ଟାଙ୍ଗ ପ୍ରଣିପାତ ଜଣାଇବା ପରେ ଭୀମସେନ ତାଙ୍କୁ ରଥାରୂଢ଼ କରାଇ ତାଙ୍କ ଗ୍ରାମରେ ଛାଡ଼ି ଦେବାକୁ ପ୍ରସ୍ଥାନ କଲେ ।

ଏହି କାହାଣୀର ସତ୍ୟତା ସମ୍ପର୍କରେ ବିଶେଷ ଜିଜ୍ଞାସା ନକରି ଏହାକୁ ଏକ ପ୍ରତୀକାତ୍ମକ କାହାଣୀ ବୋଲି ଆମେ ଗ୍ରହଣ କରିପାରିବା । ବ୍ୟକ୍ତିର ଅନ୍ତରର ବ୍ୟକ୍ତିତ୍ୱ ଯେ ତାହାର ବାହାରର ବେଶଭୂଷା ଉପରେ ଆଦୌ ନିର୍ଭର କରେ ନାହିଁ ଏବଂ ସଂସାରରେ ଏପରି ଅନେକ ବାଲ୍ମିକ ଅଛନ୍ତି ଯେଉଁମାନେ ତଥାପି ଲୁକ୍କାୟିତ – ଏ ସମ୍ପର୍କରେ ଅନୁଧ୍ୟାନ କରିବା । ସମ୍ଭବତଃ ଆମେ ଚେଷ୍ଟା କଲେ ସେହି ବାଲ୍ମିକମାନଙ୍କୁ ଆବିଷ୍କାର କରି ଆତ୍ମମାନଙ୍କ କାର୍ଯ୍ୟରେ ସାଙ୍ଗରେ ନେଇ ପାରିବା ।

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ଇତିହାସର ବିଚିତ୍ର କଥା :

# ଅଜ୍ଞାତ ଦ୍ୱୀପର ରାଜା

## ମନୋଜ ଦାସ

୧୮୩୦ ମସିହାର ଏପ୍ରିଲ ମାସ ୧୦ ତାରିଖ ଦିନ 'ହାମ୍ବୁରାବି' ନାମକ ଯେଉଁ ଜାହାଜଟି ଆସି ଅଷ୍ଟ୍ରେଲିଆର ବ୍ରିସବେନ୍ ବନ୍ଦରରେ ଲଙ୍ଗର ପକାଇଲା, ସେ ଜାହାଜରେ ଆସିଥା'ନ୍ତି ଅସ୍ୱାଭାବିକ ଧରଣର ଯାତ୍ରୀ – ସେମାନେ ହେଲେ ଇଂଲଣ୍ଡରେ ନାନାଦି ଅପରାଧରେ ଧୃତ ବନ୍ଦୀମାନେ । ସେମାନଙ୍କୁ ହୁଏତ ଦୀର୍ଘ କାରାଦଣ୍ଡ ଅଥବା ମୃତ୍ୟୁଦଣ୍ଡ ହେବାର କଥା । କିନ୍ତୁ ଇଂରେଜ ଜାତି ପକ୍କା ବ୍ୟବସାୟୀ ଜାତି । କାରାଗାରରେ କଏଦୀମାନଙ୍କୁ ରଖିବାର ଅର୍ଥ ସେମାନଙ୍କୁ ରାଜ୍ୟ ତରଫରୁ ପୋଷଣ କରିବା; ହତ୍ୟା କରିବା ଅର୍ଥ ମଧ ଗୋଟିଏ ମଣିଷଠୁ ଯେତିକି କାମ ଆଦାୟ କରି ହୁଅନ୍ତା ତାହାର ସମ୍ଭାବନାକୁ ବିନଷ୍ଟ କରିବା । ତେଣୁ ସେମାନେ ବନ୍ଦୀମାନଙ୍କୁ ଧରି ଅଷ୍ଟ୍ରେଲିଆ ରପ୍ତାନି କରୁଥିଲେ । ଅଷ୍ଟ୍ରେଲିଆରେ ସେତେବେଳେ ଯେଉଁ ଇଂରେଜମାନେ ଉପନିବେଶ ସ୍ଥାପନ କରୁଥିଲେ, ବଡ଼ ବଡ଼ କୃଷି-ଫାର୍ମ ଓ ଅନ୍ୟାନ୍ୟ ବ୍ୟବସାୟର ସୂତ୍ରପାତ କରୁଥିଲେ, ସେମାନେ ଅତି ଶସ୍ତାରେ ଏଇ ବନ୍ଦୀମାନଙ୍କୁ କିଣି ନେଉଥିଲେ ।

ସେଦିନ ହାମ୍ବୁରାବି ଜାହାଜରୁ ଯେଉଁ ବନ୍ଦୀମାନେ ଅବତରଣ କଲେ, ତାଙ୍କ ଭିତରେ ଥିଲେ ଜଣେ ସୁଦର୍ଶନ ଯୁବକ; ନାମ ଷ୍ଟିଫେନ୍ କୋନେଲି । ସେ ଥିଲେ ଆୟର୍ଲାଣ୍ଡର ବାସିନ୍ଦା । ମାତୃଭୂମିରୁ ଇଂରେଜ ପ୍ରଭୁତ୍ୱକୁ ଅପସାରଣ କରିବା ନିମନ୍ତେ ଷଡ଼ଯନ୍ତ୍ର କରିଥିବା ଅପରାଧରେ ସେ ନିର୍ବାସିତ ହୋଇଥିଲେ ।

ଜାହାଜର ଡକ୍ ଉପରେ ବନ୍ଦୀମାନଙ୍କୁ ଧାଡ଼ି ବାନ୍ଧି ଛିଡ଼ା ହେବାକୁ ପଡ଼ିଲା । ଇଂରେଜ ବ୍ୟବସାୟୀମାନେ ଗୋରୁ, ଘୋଡ଼ା ପରୀକ୍ଷା କରି ନେଲା ଭଳି ଏହି ବନ୍ଦୀମାନଙ୍କୁ ଉତ୍ତମ ରୂପେ ପରୀକ୍ଷା କରି ପାଞ୍ଚ ପାଉଣ୍ଡ ଲେଖାଏଁ ଦାମ୍‌ରେ ଜଣ ଜଣକୁ କିଣି ନେଲେ । ଏହି ପାଞ୍ଚ ପାଉଣ୍ଡ ବାବଦରେ ବନ୍ଦୀଟି ମାଲିକ ପାଖରେ ଆଜୀବନ କ୍ରୀତଦାସ ହୋଇ ରହିବ ।

ଉଇକ୍ସ ନାମଧେୟ ଜଣେ ବ୍ୟବସାୟୀ କୋନେଲି ଓ ଅନ୍ୟ ପାଞ୍ଚ ଜଣ ବନ୍ଦୀଙ୍କୁ କିଣିନେଲେ । କିନ୍ତୁ କିଣାକିଣି ଶେଷ ହେବା ବେଳକୁ ସନ୍ଧ୍ୟା ହୋଇ ଆସିଥାଏ । ରାତିଟି ପାଇଁ ବନ୍ଦୀମାନଙ୍କୁ କ୍ୟାପ୍‌ଟେନଙ୍କ ତତ୍ତ୍ୱାବଧାନରେ ରଖିଦେଇ ସେ ବିଦାୟ ନେଲେ । ସେଦିନ ରାତିରେ ପୁଣି ଜାହାଜର କର୍ମଚାରୀମାନେ ବଜାର ଭିତରକୁ ଚାଲି ଯାଇଥା'ନ୍ତି । ସେମାନେ ବନ୍ଦୀମାନଙ୍କ ହାତରେ ଓ ପାଦରେ ଶୃଙ୍ଖଳ ଲଗାଇ ସେମାନଙ୍କୁ ଜାହାଜର ଗୋଦାମ ଘର ଭିତରେ ରଖିଦେଇ ଯାଇଥା'ନ୍ତି । ଅବଶ୍ୟ ଦୁଇ ଜଣ ପ୍ରହରୀ ଜାହାଜର ଡେକ୍ ଉପରେ ପଦଚାରଣା କରୁଥା'ନ୍ତି ।

କୋନେଲି ଥିଲେ ଅସାଧାରଣ ବଳଶାଳୀ । ନିଜ ଶିକୁଳିକୁ ସେ ପ୍ରାଣାନ୍ତକ କଷ୍ଟ କରି, ମୋଡ଼ି ମୋଡ଼ି ଭାଙ୍ଗିଦେଲେ । ଅନ୍ୟମାନଙ୍କୁ ମଧ ମୁକ୍ତ କଲେ । ତା'ପରେ ଜାହାଜର ଯନ୍ତ୍ରପାତି ଥିବା କୋଠରିକୁ ଯାଇ ନିହାଣ, ହାତୁଡ଼ି ଇତ୍ୟାଦି ସଂଗ୍ରହ କରି ଅଚିରେ ନିଜ ଦେହରୁ ଲୌହ ବଳୟଗୁଡ଼ିକୁ କାଟି ବାହାର କରିଦେଲେ । ପ୍ରହରୀ ଦୁଇଜଣଙ୍କୁ ଆୟତ୍ତ କରି ପରାଭୂତ କରିବାକୁ ବେଶୀ ସମୟ ଲାଗିଲା ନାହିଁ ।

ତା'ପରେ ଜାହାଜରୁ ଗୋଟିଏ ନୌକା ବାହାର କରି ଯାହା ଖାଦ୍ୟପଦାର୍ଥ ମିଳିଲା ତାକୁ ସେଥିରେ ରଖି ଛଅ ଜଣ ବନ୍ଦୀ କୋନେଲିଙ୍କ ନେତୃତ୍ୱରେ ଅନ୍ଧକାର ସମୁଦ୍ର ଭିତର ଦେଇ ସେମାନଙ୍କର ଅଭିନବ ଯାତ୍ରା ଆରମ୍ଭ କଲେ । ଛୋଟ ନୌକା ଉପରେ ଭରସା କରି ସମୁଦ୍ରର ବିଶେଷ ଅଭ୍ୟନ୍ତରକୁ ଯିବାକୁ ସେମାନଙ୍କର ସାହସ ହେଉ ନଥାଏ । ଅତଏକ କୂଳକୁ ଆଖି ପାଆନ୍ତା ଭିତରେ ରଖି ସେମାନେ ଭାସି ବୁଲୁଥା'ନ୍ତି । ଝଡ଼ ଆସିଲେ କୂଳରେ ନୌକା ଲଗାଇ ଅପେକ୍ଷା କରନ୍ତି । ପୁଣି ଜନ୍ତୁଜାନୁଆର ଶିକାର ମଧ କରନ୍ତି ନିଜ ଖାଦ୍ୟ ପାଇଁ ।

କିନ୍ତୁ ଏପରି ଭାବରେ ଚଳିବା ନିରାପଦ ବୋଧ ହେଲା ନାହିଁ । କାରଣ ଦିନେ ସେମାନଙ୍କୁ ସ୍ଥାନୀୟ ଆଦିମ ଅଧିବାସୀମାନେ ଆକ୍ରମଣ କରି ସେମାନଙ୍କ ଭିତରୁ ଜଣକୁ ମାରି ପକାଇଲେ । ଦ୍ୱିତୀୟରେ, ଅଷ୍ଟ୍ରେଲିଆର ଉପକୂଳ ସମ୍ପର୍କରେ ସେମାନଙ୍କର କୌଣସି ଭୌଗୋଳିକ ଜ୍ଞାନ ନଥିବା ଦୃଷ୍ଟିରୁ ବୁଲୁ ବୁଲୁ ହଠାତ୍ ଦିନେ ଇଂରେଜ ଅଧିକୃତ କୌଣସି

ସ୍ଥାନରେ ପହଞ୍ଚିଯିବା ଅସମ୍ଭବ ନଥିଲା । ତାହାର ଅର୍ଥ ପୁନରାୟ ବନ୍ଦୀ ହେବାକୁ ପଡ଼ିବ ଓ ଅଶେଷ ଶାସ୍ତି ଭୋଗ କରିବାକୁ ପଡ଼ିବ । ଅତଏବ ସେମାନେ ନେଲେ ଏକ ଦୁଃସାହସିକ ପଦକ୍ଷେପ । ନିଜର ଛୋଟ ନୌକାଟିରେ ସେମାନେ ସୀମାହୀନ ସମୁଦ୍ରର ଅଭ୍ୟନ୍ତରକୁ ଯାତ୍ରାରମ୍ଭ କଲେ । ଖାଦ୍ୟ ଓ ପାନୀୟ କ୍ରମେ ଶେଷ ହେଲା । ହୁଏତ ସେହିପରି ଭାସି ଚାଲୁ ଚାଲୁ କ୍ରମେ ଜଣ ଜଣ କରି ପାଞ୍ଚ ଜଣ ଯାକ ଜୀବନ ହରାଇ ଥା'ନ୍ତେ । ହୁଏତ ଦିନେ ସାମୁଦ୍ରିକ ଝଡ଼ରେ ନୌକାଟି ଗୋଟିଏ ମୁହୂର୍ତ୍ତରେ ବିଲୀନ ହୋଇ ଯାଇ ପାରିଥା'ନ୍ତା । କିନ୍ତୁ ସେପରି କିଛି ଘଟିଲା ନାହିଁ । ହଠାତ୍ ଦିନକର ଉଜ୍ଜ୍ୱଳ ପ୍ରଭାତରେ ସେମାନେ ଅଦୂରରେ ଦେଖିଲେ ଗୋଟିଏ ସବୁଜ, ଛୋଟ ଦ୍ୱୀପ । ତା'ର ନାମ 'ତିମର' ।

ଏହି ଆଗନ୍ତୁକମାନଙ୍କୁ ଦେଖି ସେ ଦ୍ୱୀପର ଅଧିବାସୀମାନେ ସନ୍ଦିଗ୍ଧ ଭାବରେ ଅସ୍ତ୍ରଶସ୍ତ୍ର ଧରି ଆସିଲେ । କାରଣ ମଝେ ମଝେ ପର୍ତ୍ତୁଗୀଜମାନେ ଆସି ସେମାନଙ୍କୁ ବଡ଼ ହଇରାଣ କରୁଥା'ନ୍ତି । କୋନେଲି ଓ ତାଙ୍କର ସହଯାତ୍ରୀମାନେ ପର୍ତ୍ତୁଗୀଜ ନୁହନ୍ତି ବୋଲି ଜାଣିବା ପରେ ସେମାନେ ଅତ୍ୟନ୍ତ ଆନନ୍ଦରେ ଅତିଥିମାନଙ୍କୁ ସ୍ୱାଗତ କଲେ । କ୍ରମେ ପରସ୍ପରର ଭାଷାରେ ସେମାନଙ୍କର କିଛି କିଛି ବୋଧଶକ୍ତି ଜାତ ହେଲା । ସେହି ଜନବସତିର ନାମ 'କନ୍-ପ୍ଲଙ୍ଗ' । ସେଠାକାର ରାଜାର ନାମ 'ରାତାଙ୍ଗି' ।

କୋନେଲି ନିଜର ବୁଦ୍ଧି ଓ ବିଦ୍ୟା ସାହାଯ୍ୟରେ 'କନ୍-ପ୍ଲଙ୍ଗ'ର ଅଧିବାସୀମାନଙ୍କୁ ନାନା ପ୍ରକାର ଶିକ୍ଷା ଦେବାକୁ ଲାଗିଲେ । ଅଳ୍ପଦିନ ଭିତରେ ସେଠାକାର ଲୋକେ ଭୁଲିଗଲେ ଯେ କୋନେଲି ଜଣେ ବହିରାଗତ ବ୍ୟକ୍ତି । ଏପରିକି କୋନେଲିଙ୍କ ବ୍ୟବହାରରେ ମୁଗ୍ଧ ହୋଇ ରାଜା ରାତାଙ୍ଗି ନିଜର କନ୍ୟା 'ବନ୍‌ଶି' ସହିତ ତାଙ୍କର ବିବାହ ସମ୍ପାଦନ କଲେ । ୧୮୪୮ ମସିହାରେ ରାତାଙ୍ଗିଙ୍କ ମୃତ୍ୟୁ ହେଲା ଓ ତହିଁ ଉତ୍ତାରୁ ସେହି କ୍ଷୁଦ୍ର ଜନବସତି 'କନ୍-ପ୍ଲଙ୍ଗ'ର ରାଜା ହେଲେ କୋନେଲି । କ୍ରମେ କୋନେଲିଙ୍କ ନେତୃତ୍ୱରେ ଦ୍ୱୀପଟିର ସେହି ଅଞ୍ଚଳ ବେଶ୍ ସମୃଦ୍ଧିଶାଳୀ ହୋଇଉଠିଲା ।

ଜଣେ ପଳାତକ ବିଦେଶୀ କିପରି ଭାଗ୍ୟର ବିଚିତ୍ର ଗତିରେ ଗୋଟିଏ ଅଜ୍ଞାତ ଦ୍ୱୀପରେ ଯାଇ ରାଜ୍ୟ ତଥା ରାଜକନ୍ୟାଙ୍କୁ ଲାଭ କରି କାଳ ଅତିବାହିତ କରୁଥିଲେ, ଏକଥା ହୁଏତ ଦୁନିଆ କେବେ ମଧ୍ୟ ଜାଣିପାରି ନଥା'ନ୍ତା । କିନ୍ତୁ ୧୮୫୯ ମସିହାରେ ଦିନେ ସେହି 'ତିମର' ଦ୍ୱୀପ ଉପକୂଳରେ, ଠିକ୍ 'କନ୍-ପ୍ଲଙ୍ଗ' ରାଜ୍ୟର ସମ୍ମୁଖରେ ଗୋଟିଏ ଇଂରେଜ ଜାହାଜ ବିଧ୍ୱସ୍ତ ହେଲା । ସେହି ଜାହାଜରେ ଅନ୍ୟତମ ଯାତ୍ରୀ ଥିଲେ ହଂକଂର ତତ୍କାଳୀନ ବ୍ରିଟିଶ ରାଜଦୂତ ଲର୍ଡ଼ କ୍ରନ୍‌ୱାଲ୍ । କ୍ରନ୍‌ୱାଲ୍ ଓ ଅନ୍ୟ ଯାତ୍ରୀମାନେ ଯେତେବେଳେ ଲାଇଫ୍‌ବୋଟ୍ ସାହାଯ୍ୟରେ ଉପକୂଳରେ ଯାଇ ପହଞ୍ଚିଲେ, ସେମାନଙ୍କୁ ସ୍ୱାଗତ କଲେ ରାଜା କୋନେଲି । ଆଗନ୍ତୁକମାନେ କୋନେଲିଙ୍କ ବିଚିତ୍ର କାହାଣୀ ଶୁଣି ଯେତିକି ବିସ୍ମିତ ହେଲେ, ତାଙ୍କର ସହୃଦୟ ବ୍ୟବହାରରେ ସେତିକି ଆପ୍ୟାୟିତ ହେଲେ । ଯେତେବେଳେ କ୍ରନ୍‌ୱାଲ୍ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ତାଙ୍କ ସରକାରଙ୍କ ସହିତ କଥାବାର୍ତ୍ତା କରି କୋନେଲିଙ୍କର ସ୍ୱଦେଶକୁ ବାହୁଡ଼ି ଯିବାର ପଥ ପ୍ରଶସ୍ତ କରିଦେଲେ ।

କିନ୍ତୁ କୋନେଲି ସେ ସୁଯୋଗ ଗ୍ରହଣ କଲେ ନାହିଁ । ଅବଶିଷ୍ଟ ଜୀବନ ସେଇ ଦ୍ୱୀପରେ ବିତାଇ ଦେବାକୁହିଁ ସେ ସିଦ୍ଧାନ୍ତ କଲେ । ୧୮୬୫ ମସିହାରେ ତାଙ୍କର ମୃତ୍ୟୁ ହେଲା । ଗୋଟିଏ ସୁସଜ୍ଜିତ ନୌକାରେ ତାଙ୍କ ମୃତଦେହ ରଖି, ସେଥିରେ ଅଗ୍ନି ସଂଯୋଗ କରି ପ୍ରବଳ ପବନ ବହୁଥିବା ବେଳେ ତାକୁ ସମୁଦ୍ର ମଧ୍ୟକୁ ଠେଲି ଦିଆଗଲା । ପ୍ରଶାନ୍ତ ମହାସାଗର ଭିତରୁ ଦିନେ କୋନେଲି ସେହି ଦ୍ୱୀପରେ ଆସି ଆବିର୍ଭୂତ ହୋଇଥିଲେ । ସେହି ପ୍ରଶାନ୍ତ ମହାସାଗର ଭିତରେ କ୍ରମେ ଜ୍ୱଳନ୍ତ ନୌକା ସମେତ ତାଙ୍କ ଦେହଟି ବିଲୀନ ହୋଇଗଲା ।

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ ସଂଗୃହୀତ, ପୃଷ୍ଠା ୭୮୩ - ୭୮୬) ❑

ତୁମେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ବେଳେ, ନିଜର ଚତୁଃପାର୍ଶ୍ୱର ଜୀବନ୍ତ ଦିବ୍ୟ ଉପସ୍ଥିତି ଓ ଦିବ୍ୟ ରକ୍ଷାକାରୀ ଶକ୍ତିକୁ ଧରି ରଖିବାକୁ ସର୍ବଦା ଯଥେଷ୍ଟ ସଜାଗ ହୁଅ; ଯେତେଦୂର ସମ୍ଭବ କମ୍ କଥାବାର୍ତ୍ତା କର ।

— ଶ୍ରୀମା

# ପ୍ରଚ୍ଛଦ ପ୍ରେରଣା

## ସନ୍ତୋଷ ରଥ

ବାରଂବାର 'ନା' ଶୁଣୁଥିଲେ ବି ଅଟକ ରହିବାର ଯମଯନ୍ତ୍ରଣା ଯେ ଚିତ୍ରଗୁପ୍ତ ପଞ୍ଜିକାରୁ ଲୁପ୍ତ ହୋଇଯିବ ସେକଥା ନୁହେଁ । କିନ୍ତୁ ସେ କେମିତି 'ହଁ'କୁ ମାନି ନେବେ ! ଜୀବନବ୍ୟାପୀ ଆଦର୍ଶ ଓ ସଚ୍ଚୋଟତାର କଙ୍କର ଚଲା ବାଟ ଆଗେ ଏ ତ କିଛି ବି ନୁହେଁ । କେତେ କଣ୍ଟା ସେ ନିଜ ହାତରେ ପାଦରୁ ବାହାର କରିଛନ୍ତି, ଝୁଣ୍ଟିଛନ୍ତି ପୁଣି ପଡୁ ପଡୁ ଅଟକି ଯାଇ ଚାଲିଛନ୍ତି ନିଜକୁ ଆଶ୍ରା କରି । ଯାହାର ଜନ୍ମକୁଣ୍ଡଳୀର ଏମନ୍ତ ଦିଶା, ତା' ପାଇଁ ଥାନା ବାରଣ୍ଡା ବି ବଡ଼ଦାଣ୍ଡ ।

ବାଟା ହାୱାଇ ଚପଲରୁ ପାଦ ଏପଟ ସେପଟ କରି ବାଁ ପାଦକୁ ଟେକି ଦେଇ ଥକା ମାରିଲେ ମାଷ୍ଟର ମହାଶୟ; ବାରଣ୍ଡାର ଏକଣା ବେଞ୍ଚ ଉପରେ କାନ୍ଥ ଆଉଜା ହୋଇ । ବେଳ ଚାରିଟାରୁ ସଞ୍ଜ ଗଡ଼ିଲାଣି, ଚା କପଟିଏ ତୁଣ୍ଡ ଛୁଇଁନି । ବେଳେବେଳେ ସିପାହୀମାନଙ୍କ ନାଲି ଆଖି ପର୍ବ – ତତଲା ବୈଶାଖୀ । ତଥାପି ସାଲିସ କରିବାକୁ ମନ ବଳୁ ନଥାଏ ।

''ବୁଢ଼ା ହେଲଣି, ଏତେ ଆଣ୍ଟ, କିଏ ତ କହୁନି ତୁମେ ଚୋରି କରିଛ ବୋଲି । 'ହଁ' କହି ଦେଇଥିଲେ ଘରକୁ ଯାଆନ୍ତଣି । ଏବେ ବସିଥାଅ ବଡ଼ବାବୁ ଆସିବା ଯାଏଁ ।''– ନାଁ, ଗାଁ ଟିପି ସାରି ଦମ୍ଭୋକ୍ତି ପ୍ରଦାନ କଲେ ଥାନା ସାନବାବୁ ।

ଥାନା ଦୁଆର ସାହାଣ ମେଲା । ଆସିବା ଯିବାରେ ରୋକ ନାହିଁ । କେହି କେହି ଅଟକି ଯାଉଥିଲେ ତ୍ରିଶଙ୍କୁର ଭାବନା ନେଇ ତ ଆଉ କେହି ଭୋଗୁଥିଲେ ତକ୍ଷକର ଅଧାଗିଳା ଚୁଚୁନ୍ଦ୍ରା ବ୍ୟାଧି ।

''ତୁ କ'ଣ ଭାବିଛୁ ଏଫ.ଆଇ.ଆର୍.ଟା ଦେଇଦେଲେ ଫୋନ୍‌ଟା ମିଳିଯିବ ? ପୂଜା ଚାନ୍ଦା ନଦେଲେ କିଛି ହେବନି । ବରଂ ନୂଆଟେ କିଣି ଦେବାଟା ସଠିକ ସିଦ୍ଧାନ୍ତ ।''– ଦୁଇ ବନ୍ଧୁଙ୍କ ଅଙ୍କ କଷା ତଥାପି ଅଛିଣ୍ଡା ରହିଥାଏ ।

ଠିକ୍ ସେତିକି ବେଳକୁ ବାରଣ୍ଡା ସେ ପଟେ ଦି'ଜଣ ବିନା ଲାଇସେନ୍‌ସରେ ଗାଡ଼ି ଚଳାଇ ଧରା ପଡ଼ିଥିବାରୁ ନୁଙ୍ଗୁରୁ ପୁଙ୍ଗୁରୁ ହେଉଥା'ନ୍ତି । ନା ଭିତରକୁ ଯାଇ ପାରୁଥା'ନ୍ତି ନା ଏରୁଣ୍ଡି ଡେଇଁ ପାରୁଥା'ନ୍ତି । ଏସବୁ ଦେଖୁଥିଲେ ବି ବଡ଼ ନିର୍ବିକାର ମାଷ୍ଟରଙ୍କର ଚିତ୍ତ । ଭାବନା ଥିଲେ ବି ନଥିଲା ଲକ୍ଷ୍ମଣରେଖା ଟାଣିବାର ଯୋଜନା ନା ଡେଇଁବାର ଦ୍ୱିଧା । ଅପେକ୍ଷା ଖାଲି ବଡ଼ବାବୁଙ୍କୁ ।

ବେଳ ସେତେବେଳକୁ ମୁହଁ ଅନ୍ଧାର ଟପିଲାଣି । କ'ଣ ହେଲା କେଜାଣି ହଠାତ୍ ଦପ୍ତରବାସୀମାନେ କାର୍ଯ୍ୟବ୍ୟସ୍ତତାକୁ ଜାବୁଡ଼ି ଧରିଲେ । ମାଷ୍ଟ୍ରଙ୍କ ଚୋରା ହାଇଟା ମଧ୍ୟ ଚାପି ହୋଇଗଲା ଏସବୁ ଦେଖି । ବୁଝିଗଲେ ନିଶ୍ଚୟ ଏ ବଡ଼ବାବୁଙ୍କ ଜିପ୍ । ଭାଗ୍ୟକୁ ତାରିଫ ଜଣାଇଲେ ।

କିଛି ବଡ଼ ବର୍ଗର ଯଜମାନଙ୍କ ପାଇଁ ଜଳା ନାଲି ବତୀଟା ଲିଭିଯିବା ପରେ ଡକାହେଲେ ସାନବାବୁ । – ''ଆଜ୍ଞା, ସି.ସି. ଟି.ଭି. ଫୁଟେଜରୁ ଜଣକୁ ଚିହ୍ନଟ କରି ଡାକି ପଚରାଉଚରା କରିଛୁ । ଦୋକାନରେ ସେତେବେଳେ ସେ ଉପସ୍ଥିତ ଥିଲେ ବି ସନ୍ଦେହ ଘେରରେ ଥିବା ଯୁବକଙ୍କ ବିଷୟରେ ତାଙ୍କର କିଛି ମତାମତ ନାହିଁ ବୋଲି ସ୍ୱଷ୍ଟ କରି ଦେଇଛନ୍ତି । ଖାଲି ସେତିକି ନୁହେଁ, ପ୍ରଶ୍ନ କଲେ ପ୍ରତି ପ୍ରଶ୍ନର ଓଲଟା ଜବାବ । ସତେ ଯେମିତି ସେ ଗୋଟା ଧୂଆ ତୁଳସୀ ।'' – ଟେବୁଲ ଠାରୁ ଦୁଇହାତ ଦୂରରେ ଥାଇ ଉତ୍ତର ଦେଲେ ସାନବାବୁ, ବ୍ରିଟିଶ ଅମଳରୁ ଚଳି ଆସୁଥିବା ଅଧସ୍ତନର ସମ୍ଭ୍ରମତା ବଜାଇରଖି ।

''ଠିକ୍ ଅଛି, ତାଙ୍କୁ ଭିତରକୁ ପଠାଅ । ହଁ, ଆପଣ ଡନ୍ ବ୍ରଦରସ୍‌ଙ୍କ ଚାର୍ଯସିଟ୍ ଶୀଘ୍ର ପ୍ରସ୍ତୁତ କରନ୍ତୁ । ଏସ୍.ପି. ସାହେବ ତଲବ ଦେଲେଣି,'' – କହିଲେ ବଡ଼ବାବୁ ଅର୍ଜେଣ୍ଟ୍ ଫାଇଲ ଉପରୁ ଧ୍ୟାନ ନ ହଟାଇ ।

ରୁମ୍‌ର ପରିପାଟୀରେ ଅତ୍ୟାଧୁନିକତା ଖୁନ୍ଦି ହୋଇ ନଥିଲେ ବି ବଡ଼ବାବୁଙ୍କ ଉପସ୍ଥିତି ସବୁକିଛିକୁ ପାଲଟେଇ ଦେଉଥିଲା । ସାମନାରେ ବଡ଼ ଟେବୁଲ, ପଛପଟ କାନ୍ଥରେ ଟଙ୍ଗା ହୋଇଥାଏ ତଥାକଥିତ ଭାରତର ଭାଗ୍ୟ ବିଧାତାମାନଙ୍କ ତୈଳ ଚିତ୍ର, ବହୁତ ପୁରୁଣା । କାଚ କବାଟକୁ ଠେଲି ଭିତରକୁ ପଶିଲେ ମାଷ୍ଟ୍ର ମହାଶୟ – ନିର୍ଦ୍ୱନ୍ଦ୍ୱରେ ।

''ସାର୍, ଆପଣ ! ଆସନ୍ତୁ, ବହୁତ ଦିନରୁ ଭାବିଲିଣି ଆପଣଙ୍କୁ ଥରେ ଦେଖା କରିବି ବୋଲି, ହେଲେ କାର୍ଯ୍ୟବ୍ୟସ୍ତତାକୁ ବାହାନା କରି ମନ ବୁଝିଯିବାକୁ ବାଧ ହେଉଛି ।'' – ଅଧା ଝୁଙ୍କା ପ୍ରଣାମଟି ସାରି ପାଖ ଚୌକିରେ

ବସିବାର ଇଙ୍ଗିତ କଲେ ବଡ଼ବାବୁ । ଦୁହେଁ କିନ୍ତୁ ସେମିତି ଠିଆ ଠିଆ ।

''ଆପଣ ମୋତେ ଚିହ୍ନି ପାରୁଛନ୍ତି ତ ? ମୁଁ ସଂଗ୍ରାମ ପାଟଯୋଶୀ । ଆପଣଙ୍କ ଛାତ୍ର । ବହୁତ ଦୁଷ୍ଟ ଥିଲି ।''

— ''ଦୁଷ୍ଟ ପିଲାଙ୍କୁ ତ ମୁଁ ବେଶୀ ଭଲ ପାଏ ।''

— ''ସେଇଥି ପାଇଁ ତ ମୁଁ ଆଜି ମଣିଷ ହୋଇପାରିଛି । ଆପଣଙ୍କ ପ୍ରଚ୍ଛଦ ପ୍ରେରଣା ମୋ ଚଲା ବାଟର ସାମିଆନା ।

''ମନେ ଅଛି ସେଇଟା ମୋର ଶେଷ ବର୍ଷ — ଆପଣ ପ୍ରଧାନ ଶିକ୍ଷକ ପଦବୀକୁ ଉନ୍ନୀତ ହୋଇଥା'ନ୍ତି । ବିଜ୍ଞାନ ସହିତ ହେତୁ ଶାସ୍ତ୍ରର ସମୀକରଣ ଆପଣଙ୍କ ପଢ଼ାର ସ୍ୱତନ୍ତ୍ରତା, ଯାହା ଚୁମ୍ବକୀୟ । ସେଦିନ ଆପଣ ଆମ କ୍ଲାସର ପ୍ରଥମ ଧାଡ଼ିର ପାଞ୍ଚଜଣଙ୍କୁ ସାମନାକୁ ଡାକି ବାମ ହାତରେ ଗୋଟିଏ ବେଲୁନ୍ ଓ ଡାହାଣ ହାତରେ ଗୋଟିଏ ପିନ୍ ଧରାଇ ଦେଲେ । ମୁଁ ଥିଲି ମଝିରେ । ଆମେମାନେ କିଛି ବି ବୁଝିପାରୁ ନଥାଉ । ତା'ପରେ ଆପଣ ଘୋଷଣା କଲେ — 'ଏହା ମଧ୍ୟ ଏକ ପରୀକ୍ଷା । ପ୍ରତିସ୍ପର୍ଦ୍ଧାରେ ଚେତନାର ଅଭିନିବେଶତା । ମୁଁ ଏକରୁ ଦଶ ଗଣିବା ପରେ ଯାହା ହାତରେ ବେଲୁନ୍ ଥିବ ସେହିଁ ବିଜେତା ହେବ ଏବଂ ପୁରସ୍କାର ପାଇବ ।' ଆପଣଙ୍କ ଗଣା ନ ସରିବା ପୂର୍ବରୁ ଆମ ଭିତରେ ଆରମ୍ଭ ହେଇଗଲା ଖଣ୍ଡ ଯୁଦ୍ଧ, ମୁଁ ହିଁ ଆରମ୍ଭ କରିଥିଲି ଅନ୍ୟର ବେଲୁନ୍‌କୁ ଫୁଟାଇବାର ଅଭିପ୍ରାୟ । ଆୟୁଧ ସାଜିଲା ଡାହାଣ ହାତର ପିନ୍ ।''

— ''ହଁ ମନେ ପଡୁଛି । ଶ୍ରେଷ୍ଠ ହେବା ପାଇଁ ଏହା ଏକ ବିକୃତ ମାନସିକତା ।'' ଅର୍ଦ୍ଧ ପ୍ରଫୁଲ୍ଲିତ ବଦନରେ କହିଲେ ମାଷ୍ଟର ମହାଶୟ ।

''ଦଶ ଗଣିସାରି ଆପଣ ଫଳାଫଳ ଘୋଷଣା କରିବାକୁ ଯାଇ କହିଲେ — 'ପିଲାମାନେ ମୁଁ କହିଥିଲି ଯାହା ହାତରେ ବେଲୁନ୍ ଥିବ ସେ ବିଜୟୀ ହେବ । କିନ୍ତୁ ପ୍ରତିଦ୍ୱନ୍ଦ୍ୱୀର ଅନିଷ୍ଟ ଚିନ୍ତନହିଁ ତୁମ ସମସ୍ତଙ୍କ ପରାଜୟର ହେତୁ ପାଲଟିଛି । ମୁଁ ଦଶଟି ପୁରସ୍କାର ରଖିଥିଲି, ଚାହିଁଥିଲେ ତୁମେ ସମସ୍ତେ ତାହାର ହକଦାର ହୋଇ ପାରିଥା'ନ୍ତ ।' ତା' ପରଠୁ ମୋର ସମ୍ବିତ୍ ମୋତେ ଚେତାଇ ଦିଏ ପ୍ରତିଯୋଗିତାରେ ଶ୍ରେଷ୍ଠ ହେବା ନୁହେଁ, ଉତ୍ତମ ହେବାର ଅଭିଳାଷ ହିଁ ଯଥାର୍ଥ ସ୍ପର୍ଦ୍ଧା ।''

ବଡ଼ବାବୁଙ୍କ କୃତଜ୍ଞତାରେ ମୁଗ୍ଧ ହୋଇ ମାଷ୍ଟର ମହାଶୟ କହିଲେ — ''ବାଃ ! ଚମତ୍କାର । ଭାବିଥିଲି ମୋ ଶିକ୍ଷକ ଜୀବନ ଗୋଟାଏ ପରିତ୍ୟକ୍ତ ସରୋବର ।''

— ''ନା, ସାର୍ ଆପଣ ସେମିତି କାହିଁକି କହୁଛନ୍ତି । ପରିତ୍ୟକ୍ତ ସରୋବରହିଁ ପଦ୍ମ ଫୁଟାଇବାରେ ସାଜିପାରେ ପଟ୍ଟଭୂମି । ମୁଁ କ'ଣ ଭୁଲି ପାରିବି ସେ ଦିନକୁ । ଶେଷ ବର୍ଷର ପାଠ ଶେଷ କରି ପୁନରାବୃତ୍ତି ପାଇଁ ଆପଣ ତତ୍ପର । ଲଗାମ ଟିକିଏ ଢିଲା ହୋଇଗଲେ ଆମର କିନ୍ତୁ ଆରମ୍ଭ ହୋଇଯାଏ କେତେବେଳେ କ୍ରିକେଟ୍ ତ କେତେବେଳେ ତାରକାମାନଙ୍କର ଦାମ୍ପତ୍ୟ ଜୀବନର ଗୁମର ଚର୍ଚ୍ଚା ।

''ବିଜ୍ଞାନ ମେଳା ଆଉ ଅଳ୍ପ ଦିନ ଥାଏ । ଆପଣଙ୍କ ପ୍ରସ୍ତାବରେ ଆମେ ବହୁତ ଖୁସୀ — ଶେଷ ବର୍ଷର ପିଲାମାନଙ୍କର ମଡ଼େଲ ସ୍ମୃତିର ସନ୍ତକ ରୂପେ ସ୍କୁଲରେ ରଖାଯିବ ଯଦି ସେସବୁ ସ୍ୱତନ୍ତ୍ର ଓ ସ୍ୱକୀୟ ହୋଇଥାଏ । ଆରମ୍ଭ ହୋଇଗଲା ଯୋଜନା ପରେ ଯୋଜନା ବୁଦ୍‌ବୁଦ୍ ସମ ଭାବନାର ସୁଅରେ — ଘଡ଼ିକି ଘଡ଼ି ପଲଟୁଥାଏ । ଶେଷକୁ ସିଦ୍ଧାନ୍ତ ନେଲି ମଲ୍‌ଟି-ଲେନ୍ସଯୁକ୍ତ ଟେଲିସ୍କୋପିକ୍ କ୍ୟାମେରାଟିଏ ତିଆରି କରିବି । ଯାହାକୁ ଆଧାର କରି ଦେଖିହେବ ଗ୍ରହ ନକ୍ଷତ୍ରମାନଙ୍କ ଚଳନ । ଡ୍ରଇଂ କରି ଆପଣଙ୍କୁ ଦେଖାଇଲି, ସଂକ୍ଷିପ୍ତ ବିବରଣୀ ସହିତ । ଆପଣ ସଂଶୋଧନ କଲେ, ତାରିଫ ମଧ୍ୟ କଲେ ଗମ୍ଭୀର ଭାବରେ । ଜାଣିଥିଲି ବ୍ୟୟ ବହୁଳ ନୁହେଁ, ତତୋଽଧିକ । ଭଉଣୀ ବଳ ଦେଲା ବାପାଙ୍କଠୁ ବିଲ୍‌ଟା ପାଶ୍ କରିଦେବ ବୋଲି । କିନ୍ତୁ ସେସବୁ ସ୍ୱପ୍ନର ଇନ୍ଦ୍ରଧନୁ ।

— '' 'ତୁମେ କ'ଣ ଭାବିଛ ଝିଅ ବାହାଘର ପାଇଁ ସଞ୍ଚିତ ପଇସାଟା ଏଇଥିରେ ଖର୍ଚ୍ଚ କରିଦେବି । ଦୁଇ ଜଣଙ୍କର ସ୍କୁଲ ଦରମା ବ୍ୟତୀତ ଆଉ କିଛି ଦେଇ ପାରିବିନି । ଜାଣ ଘର କେମିତି ଚଳୁଛି ।' — ବୋଉକୁ ଏତିକି କହି ବାପା ସାଇକେଲ ଧରି ଚାଲିଗଲେ । ଯୋଗକୁ ଭଉଣୀ ଘରେ ନଥିଲା । ସେ ବି ଜାଣନ୍ତିନି ମୁଁ ଅଛି ବୋଲି । ବୋଉକୁ ବୁଝାଇଦେଲି — ଏଇଟା ମୋର ଭୁଲ୍, ତୋର ନୁହେଁ ।

''ସେତେବେଳକୁ ଦୁଇ ତିନି ଦିନ ହୋଇଯିବ । ମୋ କୁହୁଡ଼ି ପହଁରା ଭାବନାଟା ଫର୍ଚ୍ଚା ହୋଇଗଲାଣି । ଜାଣିଲିଣି ପିମ୍ପୁଡ଼ି ରୁଖା ଚଢ଼ିବାଟା ଠିକ୍ ନୁହେଁ । ମାତ୍ର ହଠାତ୍ ବିକ୍ରମ ଆସି କହିଲା — 'ଜାଣୁ, ସାର୍ ଆମ ଦଶ ଜଣଙ୍କୁ ପାଞ୍ଚଟି ଗ୍ରୁପ୍ କରି ଦେଇଛନ୍ତି । ମୁଁ ତୋ ସାଥିରେ ଅଛି । କହ କ'ଣ କରିବା ? ବଜେଟ୍ କଥା ଚିନ୍ତା କରନି । ବାବା 'ହଁ' କରିଛନ୍ତି । ଏମିତି ଗୋଟାଏ ଜିନିଷ କରିବା ଯାହା ପ୍ରଦର୍ଶନୀରେ ରେକର୍ଡ ହୋଇଯିବ ।' ତା' କଥା ଶୁଣି ମୁଁ ହତଭମ୍ବ ! ଭାବିଲି — ସାରଙ୍କ

ଯୋଜନା ପଲଟିଲା କେମିତି, ମୁଁ ତ କିଛି କହିନି ! ଶେଷରେ ସବୁ ସ୍ୱପ୍ନ ସତ ହୋଇଗଲା । ସମସ୍ତେ ଦେଖି ତାଜୁବ । ମଡ଼େଲଟି ଥିଲା ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ । 'ଏ ତ ଆକାଶ କଇଁଆ' – ପରସ୍ପର କଥା ହେଉଥା'ନ୍ତି । ଡ୍ରଇଂ ସ୍ପଷ୍ଟ କରି ଦେଉଥିଲା ଟେଲିସ୍କୋପିକ୍ କ୍ୟାମେରା ପ୍ରସ୍ତୁତିର ପ୍ରତିଟି ପର୍ଯ୍ୟାୟକୁ । ଦରକାର ପଡ଼ିଲେ ପଦେ ପଦେ କହି ବୁଝାଇ ଦେଉଥିଲି ଯେମିତି ବିକ୍ରମର ଅଜ୍ଞତାଟା ଧରା ନପଡ଼େ । ତା'ର ତ ପାଠଘର ଶୂନ ।

''ପ୍ରଦର୍ଶନୀର ଦ୍ୱିତୀୟ ଦିନ ବାପା ଆସିଥିଲେ । ଦେଖିସାରି ସନ୍ତର୍ପଣରେ ଆପଣଙ୍କ ହାତକୁ ଧରି ପକାଇ ଥିଲେ – 'ସବୁ ଆପଣଙ୍କ ପାଇଁ ।' ଆଖି ମୋର ଜକେଇ ଗଲା ।

''ପ୍ରଶଂସାର ଶିରପା ପିନ୍ଧିଥିଲା ମଡ଼େଲ ତଳେ ରଖା ଯାଇଥିବା ତାମ୍ର ଫଳକ, ଯହିଁରେ ମୋ ନାମ ଥିଲା ଉପରେ । ବିକ୍ରମ ନାମ ତଳେ ଛୋଟ ଅକ୍ଷରରେ ଲେଖା ଯାଇଥିଲା । ଅନ୍ୟ କେହି ନ ଜାଣିଲେ ବି ସେଇଟା ଯେ ଆପଣ ତିଆରି କରି ଆଣିଥିଲେ ସେକଥା ମୁଁ ନିଶ୍ଚିତ ଥିଲି । ହଠାତ୍ ଭିତରୁ ଗୋଟାଏ କୋହ ଉଠି କହିଦେଲା – ପ୍ରତିଟି ଅର୍ଜୁନ ପଛରେ ଜଣେ ଜଣେ ଦ୍ରୋଣାଚାର୍ଯ୍ୟଙ୍କର ହାତ ଅଛି ।''

ବଡ଼ବାବୁଙ୍କ କଥା ଶୁଣି ମାଷ୍ଟ୍ରେ ଭାବୁଥିଲେ – ଫଳନ୍ତି ଗଛ ନଇଁ ପଡ଼ିବାଟା ମିଛ ନୁହେଁ । କିନ୍ତୁ କେଉଁ ବୀଜ ଯେ କେତେ ବଡ଼ ଗଛ ହେବ ସେକଥା କିଏ ଜାଣେ !

ଠିକ୍ ସେତିକି ବେଳକୁ ସାନବାବୁ ରୁମ୍ ଭିତରକୁ ପଶି ଆସିଲେ – ''ସାର୍, ବୁଢ଼ାଙ୍କ ଠାରୁ କିଛି ବୟାନ ମିଳିଲା !''

– ''ଚୁପ୍ କର, ସେ ମୋ ସାର୍ । କ୍ଷମା ଯାଚନା କରି ତାଙ୍କୁ ଘରେ ଛାଡ଼ିଦେଇ ଆସ । ବ୍ୟବସ୍ଥା କର ଦୋଷୀ ଚିହ୍ନଟ ପାଇଁ ଆଉ ଯେମିତି ତାଙ୍କୁ ଡକରା ନପଡ଼େ ।''

ବାଟେଇ ଦେବାବେଳେ ବଡ଼ବାବୁଙ୍କ ଫୋନ୍ ଆସିବାରୁ ମାଷ୍ଟର ମହାଶୟ କିଛି କହିବାକୁ ଯାଇ ଥମ୍ ପଡ଼ିଗଲେ ।

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଘନ ଅରଣ୍ୟରେ ରାତି

## ବନମାଳୀ ଆଚାର୍ଯ୍ୟ

ଥରେ ଗୋଟିଏ ବଡ଼ ସହରରେ ଥିବା ଚିଡ଼ିଆଖାନାର ଦୁଇଜଣ କର୍ମଚାରୀ ଏକ ଯୋଜନା ପ୍ରସ୍ତୁତ କଲେ । ଯୋଜନାଟି ହେଲା ସେମାନେ ଘନ ଅରଣ୍ୟ ମଧ୍ୟକୁ ପ୍ରବେଶ କରି ବନ୍ୟଜନ୍ତୁଙ୍କ ଜୀବନ ଓ ପରିବେଶକୁ ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ । ଏଥିସକାଶେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ସେମାନେ ଅନୁମତି ପ୍ରାପ୍ତ ହେଲେ । ଅନୁମତି ପତ୍ରରେ ଉଲ୍ଲେଖ ଥିଲା ସେମାନେ ଜଙ୍ଗଲ ବିଭାଗ ଅଧୀନରେ ଆବଶ୍ୟକ ପ୍ରଶିକ୍ଷଣ ସମାପ୍ତ କରିବେ । ସେମାନଙ୍କୁ ଛୁଟି ଓ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ମାତ୍ର କୌଣସି ପ୍ରକାର ଦୁର୍ଘଟଣା ସକାଶେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ପ୍ରାରମ୍ଭିକ ପର୍ଯ୍ୟାୟଗୁଡ଼ିକୁ ଶେଷ କରି ସେମାନେ ଜଙ୍ଗଲ ସୀମାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲେ । ସ୍ଥାନଟି ଏକ ପାହାଡ଼ର ପାଦଦେଶକୁ ଲାଗି ଅବସ୍ଥିତ ଥିଲା । ଅଞ୍ଚଳଟି ନୀରବ ଓ ନିର୍ଜନ ଜଣା ପଡୁଥିଲା । ଗାଡ଼ିମୋଟର ଚାଲିବା ପାଇଁ ଦରଭଙ୍ଗା ଅଣଓସାରିଆ କଂକ୍ରିଟ୍ ରାସ୍ତାଟିଏ ଥିଲା । ଏହା କଡ଼ରେ ଅଳ୍ପ କେତୋଟି ଅନାମଧେୟ ଦୋକାନ ପଥଚାରୀମାନଙ୍କର ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଖୋଲା ଆକାଶ ତଳେ ଗଢ଼ି ଉଠିଥିଲା । ସୂର୍ଯ୍ୟାସ୍ତ ପୂର୍ବରୁ ସ୍ଥାନଟି ଅନ୍ଧାରରେ ଢାଙ୍କି ହୋଇ ଯାଉଥିଲା ଏବଂ ମନରେ ଭୟ ଜାତ କରୁଥିଲା ।

ଗୋଧୂଳିର ଆଲୋକ ଓ ଅନ୍ଧାର ଦେଇ ସେମାନେ ଗୋଟିଏ ଦୋକାନକୁ ଆସିଲେ । ଜଣେ ବୃଦ୍ଧ ବ୍ୟକ୍ତି ଲଣ୍ଠନ ସଫା କରିବା ଓ ସେଥିରେ ଅଗ୍ନି ସଂଯୋଗ କରିବା କାର୍ଯ୍ୟରେ ବ୍ୟସ୍ତ ଥିଲେ । ସେ ମୁଣ୍ଡ ଉଠାଇ ଦୁଇଜଣଙ୍କ ଆଡ଼କୁ ଅବିଶ୍ୱାସ ଭଙ୍ଗିରେ ଚାହିଁଲେ । କାରଣ ଦିବସର ସେ ସମୟରେ କୌଣସି ଅପରିଚିତଙ୍କ ଆଗମନ ଅପ୍ରତ୍ୟାଶିତ ଥିଲା । ସେ ପୁଣି ନିଜ କାମରେ ମନ ଦେଲେ । ଦୋକାନଟି ଛୋଟ ଥିଲା । ଝଟିମାଟି ଓ ପଥରର କାନ୍ଥ ଉପରେ ନଡ଼ାଛପର । ଗୋଟିଏ ବୋଲି କୋଠରି । ଭିତର କାନ୍ଥକୁ ଆଉଜା ହୋଇ ରହିଥିଲା ଖଟିଆଟିଏ ଏବଂ କିଛି ଜିନିଷପତ୍ର । ସମ୍ମୁଖକୁ ଲମ୍ବି ଆସିଥିବା ଛପର ତଳେ ଗରାଖଙ୍କ ବସିବା ପାଇଁ ଗୋଟିଏ କାଠବେଞ୍ଚ । ଆଗକୁ ରାସ୍ତା । ଆଗନ୍ତୁକଙ୍କ ମଧ୍ୟରୁ ଜଣେ କଥା ଆରମ୍ଭ କଲେ – ''ଆମେ ଦୁଇଜଣ ଚିଡ଼ିଆଖାନାର କର୍ମଚାରୀ । ସରକାରୀ କାମରେ ଏଠାକୁ ଆସିଛୁ । ଆସନ୍ତା କାଲି ସକାଳେ ଆମକୁ ଅରଣ୍ୟର ମଧ୍ୟସ୍ଥଳକୁ ଯିବାକୁ ହେବ । ଯଦି ଆମ ପାଇଁ ଆପଣ ଆଜି ରାତିର ରହିବା ଓ ଖାଇବାର ବନ୍ଦୋବସ୍ତ କରିବେ, ଆମେ ତାହାର ମୂଲ୍ୟ ବର୍ତ୍ତମାନ ପରିଶୋଧ କରି ଦେବୁ ।'' ବୃଦ୍ଧ ବ୍ୟକ୍ତି ଧୀର ସ୍ୱରରେ କହିଲେ, ''ମୁଁ ତୁମକୁ କେବଳ ଭାତ ଓ ଡାଲି ଦେଇ ପାରିବି । ତୁମକୁ ଚଟାଣ ଉପରେ ଶୟନ କରିବାକୁ ହେବ । ବଣ କୁକୁଡ଼ା ରାବିବା ପୂର୍ବରୁ ମୁଁ କବାଟ ଖୋଲିବି ନାହିଁ । ତୁମେ ଚାହିଁଲେ ଖାଇବା ବାବଦକୁ ଟଙ୍କା ଦେଇପାର, ମାତ୍ର ରହିବା ପାଇଁ ନୁହେଁ । ତୁମେ ଦୁହେଁ ତ ମୋର ଅତିଥି ।''

ସେମାନେ ବୃଦ୍ଧ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ନିଜର ଜିନିଷପତ୍ର ଭିତରକୁ ନେଲେ । ରାତ୍ର-ଭୋଜନ ସାରି ଚଟାଣ ଉପରେ ପଡ଼ିଥିବା ମସିଣା ଉପରେ ବିଶ୍ରାମ ନେଲେ । ବନ୍ଦ କୋଠରି ଭିତରେ ଲଣ୍ଠନ ଆଲୁଅ ମିଞ୍ଜିମିଞ୍ଜି ଜଳୁଥିଲା । ଖଟିଆ ଉପରେ ବସି ବୃଦ୍ଧ ବ୍ୟକ୍ତି ସେମାନଙ୍କୁ କହିଲେ, ''ତୁମେ ଦୁଇଜଣ ମୋର ପୁଅ ଭଳି । ତୁମ୍ଭମାନଙ୍କ ଉପରେ ମୋର ବିଶ୍ୱାସ ଅଛି । ଏହି ଘନ ଅରଣ୍ୟ ଭିତରକୁ ପାଦ ବଢ଼ାଇବାକୁ କେହି ବି ସାହସ କରନ୍ତି ନାହିଁ । ତୁମେ ତାହା ଭିତରକୁ ନଗଲେ ଭଲ ହେବ ।'' ବୃଦ୍ଧ ବ୍ୟକ୍ତିଙ୍କୁ ବୁଝାଇବାକୁ ଜଣେ ଚେଷ୍ଟା କଲେ । ସେ କହିଲେ, ''ଆମେ ଏ କାମ ପାଇଁ ତାଲିମ ନେଇଛୁ । ଆମ ପାଖରେ ଉପଯୁକ୍ତ ପୋଷାକ, ପୋକ୍ ଷ୍ଟିକ୍, କମ୍ପାସ, କ୍ୟାମେରା ଓ ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ରହିଛି । ଆମ ବିଷୟରେ ଆଦୌ ଚିନ୍ତା କରନ୍ତୁ ନାହିଁ ।'' ମାତ୍ର ବୃଦ୍ଧ ବ୍ୟକ୍ତି ପୁନର୍ବାର କହିଲେ, ''ତୁମ ଭଳି ବେଳେ ବେଳେ ଟ୍ରକ-ଚାଳକମାନେ ମଧ୍ୟ ଆମର ଅତିଥି ହୁଅନ୍ତି । ସାଧାରଣ ଲୋକେ ଏ ସ୍ଥାନରୁ ଦୂରେଇ ରହନ୍ତି । କାରଣ ରାତିବେଳା ଏହି ରାସ୍ତାରେ ଭୟଙ୍କର ବନ୍ୟପଶୁମାନେ ଦେଖାଯା'ନ୍ତି । କେବେହେଲେ ଅରଣ୍ୟର ମଧ୍ୟଭାଗକୁ ଯାଅ ନାହିଁ । ଆଜି ପର୍ଯ୍ୟନ୍ତ କେହି ଜଣେ ବି ସେଠାରୁ ଅକ୍ଷତ ଅବସ୍ଥାରେ ଫେରି ନାହିଁ ।''

ସମସ୍ତଙ୍କୁ ନିଦ ଲାଗିଗଲା । ରାତି ବଢ଼ିବା ସଙ୍ଗେ ସଙ୍ଗେ ବାହାରେ ଅରଣ୍ୟ ମଧ୍ୟରେ ଅନୁଧାବନ, ଯୁଦ୍ଧ ଓ ଶିକାରର

କୋଳାହଳ ବଢ଼ି ଚାଲିଲା । ବହଳ ଅନ୍ଧକାର ଭିତରେ ବନଭୂମି ଅଧିକ ରହସ୍ୟମୟ ହୋଇ ଉଠୁଥିଲା । ସକାଳ ହେବା ମାତ୍ରେ ଦୁଇ ବନ୍ଧୁ ନିଜର ଜିନିଷପତ୍ର ଧରି ଅରଣ୍ୟ ଭିତରକୁ ଲମ୍ବି ଯାଇଥିବା ସଂକୀର୍ଣ୍ଣ ପଥ ଦେଇ ଆଗେଇ ଚାଲିଲେ । ପ୍ରାୟ ଏକ କିଲୋମିଟର ରାସ୍ତା ଅତିକ୍ରମ କଲା ପରେ କଣ୍ଟାଝଟା ଓ ବଣୁଆ ଲଟାର ଦୁର୍ଗମ ବାଟରେ ସେମାନଙ୍କୁ ସାବଧାନତାର ସହ ଅଗ୍ରସର ହେବାକୁ ପଡ଼ିଲା । ସୁଉଚ୍ଚ ବୃକ୍ଷରାଜି ଯେପରି ଆକାଶକୁ ଛୁଇଁବା ଲାଗି ପ୍ରତିଯୋଗିତା କରୁଥିଲେ । ନାନା ପ୍ରକାରର ଜୀବଜନ୍ତୁ ସେମାନଙ୍କର ଦୃଷ୍ଟିକୁ ଆସିଲେ । ବିଭିନ୍ନ ରୂପର ମାଙ୍କଡ଼ମାନେ ଅଦ୍ଭୁତ ଶବ୍ଦ କରି କୁଦା ମାରୁଥିଲେ । ବିଭିନ୍ନ ରଙ୍ଗର ପକ୍ଷୀ ଓ ଗୁଣ୍ଡୁଚି ଶବ୍ଦ କରି ସ୍ଥାନ ପରିବର୍ତ୍ତନ କରୁଥିଲେ । ଶୁଖିଲା କାଠ ଓ ପତ୍ର ତଳେ ଛପି ରହିଥିବା ସରୀସୃପ, ବୁଢ଼ିଆଣୀ ଓ କୀଟପତଙ୍ଗ କ୍ଷତିକାରକ ହୋଇ ପାରନ୍ତି ମନେ କରି ସେମାନେ ନିଜ ଦେହକୁ ପୋଷାକ, ଶିରସ୍ତ୍ରାଣ, ଗ୍ଲୋଭସ୍, ଜୋତା ଆଦିରେ ଠିକ୍ ଭାବରେ ଢାଙ୍କି ରଖିଥିଲେ । ପୋକ୍ ଷ୍ଟିକ୍ ସାହାଯ୍ୟରେ ପାଦ ପକାଇବା ସ୍ଥାନକୁ ଭଲ ଭାବେ ଦେଖୁଥିଲେ । ଧୀରେ ଧୀରେ ସେମାନେ ଅରଣ୍ୟର ମଧ୍ୟସ୍ଥଳକୁ ଆସିଗଲେ ।

ଦିନ ଗୋଟାଏ ବେଳେ ସେମାନେ ଏକ ବିରାଟ ବରଗଛ ତଳେ ପହଞ୍ଚିଲେ । ତାହାର ସୁଦୀର୍ଘ ଗୋଲାକାର ଶାଖାଗୁଡ଼ିକ ଚତୁର୍ଦ୍ଦିଗକୁ ଲମ୍ବି ଯାଇଥିଲା । ସେମାନେ ଗୋଟିଏ ଶାଖା ଉପରେ ବସି ମଧ୍ୟାହ୍ନ ଭୋଜନ ଶେଷ କଲେ । ଅନତିଦୂରରେ ଏକ ପାହାଡ଼ର ପଥୁରିଆ ତୀଖପାର୍ଶ୍ୱ ସେମାନଙ୍କର ଦୃଷ୍ଟିଗୋଚର ହେଲା । ଅତି ବେଶୀରେ ଏହା ସେମାନଙ୍କଠାରୁ ଦୁଇଶହ ମିଟର ଦୂରରେ ଥିଲା । ଏହାକୁ ଲାଗି ଏକ ପ୍ରଶସ୍ତ ପଥୁରିଆ ଚଟାଣ ଉପରେ ପ୍ରବହମାନ ଏକ ଅଗଭୀର ଝରଣା ଯାହା ଏକ ଜଳାଶୟର ଭ୍ରମ ସୃଷ୍ଟି କରୁଥିଲା । ଅବଶ୍ୟ ଏପରି ଏକ ଘଞ୍ଚ ବନଭୂମିର ମଧ୍ୟଭାଗରେ ଜଳ ଓ ଘାସର ବିସ୍ତୀର୍ଣ୍ଣ ମୁକ୍ତ ଅଞ୍ଚଳ ଦେଖାଯିବା ବିରଳ । ଯାହାବି ହେଉ, ଏହା ସେମାନଙ୍କର ଲକ୍ଷ୍ୟ ପୂରଣ ଦିଗରେ ଏକ ସହାୟକ କ୍ଷେତ୍ର ଥିଲା । ସେମାନେ ବୃକ୍ଷ ଶାଖାରେ କ୍ୟାମେରା ସ୍ଥାପନ କଲେ, ଯେପରିକି ତାହା ସେହି ଅଞ୍ଚଳର ଘଟଣାବଳିର ଫଟୋ ସଂଗ୍ରହ କରିପାରିବ । ତୃଷାର୍ତ୍ତ ପଶୁପକ୍ଷୀମାନେ ଜଳପାନ ଉଦ୍ଦେଶ୍ୟରେ ସେଠାରେ ରୁଣ୍ଡ ହେଉଥିଲେ । ସେମାନେ ସେଠାରେ ସେତିକି ସମୟ ରହୁଥିଲେ, ଯେତେବେଳ ପର୍ଯ୍ୟନ୍ତ ନିଜକୁ ନିରାପଦ ମନେ କରୁଥିଲେ । ତୃଣଭୋଜୀମାନେ ଅନ୍ୟର ଶିକାର ହେବା କାରଣରୁ ପ୍ରବୃତ୍ତିଗତଭାବେ ଅଧିକ ଅସ୍ଥିର, ଚଞ୍ଚଳ ଓ ସତର୍କ ଜଣା ପଡୁଥିଲେ । ମାଂସାହାରୀ ପଶୁମାନେ ଅଧିକ ଧୂର୍ତ୍ତ ଓ ହିଂସ୍ର ଥିଲେ । ଏ ସ୍ଥାନଟି ସେମାନଙ୍କର ଶିକାର ଭୂମି ଥିଲା । ଚିଲ ପକ୍ଷୀର ଆକ୍ରମଣରୁ ବର୍ତ୍ତିବା ପାଇଁ ଠେକୁଆଟିଏ ଘାସ ଭିତର ଦେଇ ଦୌଡ଼ିବା ଏବଂ ପରେ ହେଟାବାଘର ପାଟିକୁ ଯିବା ଦୃଶ୍ୟଟି ଏଠାରେ ଚାଲିଥିବା ନିମ୍ନ ପ୍ରାଣିକ ଜୀବନଧାରାର ଏକ ପରିଷ୍କାର ନମୁନା । ଏହିପରି କିଛି ନା କିଛି ଘଟଣା ଏଠାରେ ଅହରହ ଚାଲିଥାଏ । ବୃହତ୍ତର ପ୍ରାଣସତ୍ତା କ୍ଷୁଦ୍ରତ୍ତର ପ୍ରାଣସତ୍ତାକୁ ଅବଶୋଷଣ କରି ନେବାରେ ଆନନ୍ଦ ପାଇଥାଏ । ବନ୍ୟପଶୁମାନଙ୍କର ଭିଡ଼ ଅପରାହ୍ନରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବଢ଼ି ଚାଲିଲା । ତା'ପରେ ଧୀରେ ଧୀରେ ବହଳ ଅନ୍ଧକାର ତଳେ ବନଭୂମି ଢାଙ୍କି ହୋଇଗଲା, ସତେ ଯେପରି ବର୍ଷର ଅନ୍ଧକାରତମ ରାତ୍ରି ଓହ୍ଲାଇ ଆସିଥିଲା । ଅରଣ୍ୟର ବିଭିନ୍ନ କୋଣରୁ ଶୁଭୁଥିବା ବନ୍ୟଜନ୍ତୁମାନଙ୍କର ଗର୍ଜନ ଓ ସ୍ୱର ଅତୀବ ଭୟଙ୍କର ଲାଗୁଥିଲା ।

ବରଗଛର ଶାଖା ଉପରେ ଦୁଇବନ୍ଧୁ ପାଖାପାଖି ବସି ରହିଲେ । ଅଧିକ ନିରାପତ୍ତା ଦୃଷ୍ଟିରୁ ନିଜକୁ ବେଲ୍ଟ ଦ୍ୱାରା ଶାଖା ସହିତ ବାନ୍ଧି ଦେଲେ । ଅନ୍ଧକାର ରାତିରେ ବନ ଭୂମିର ଘଟଣାଗୁଡ଼ିକ ବିଷୟରେ ଅଧିକ ଜ୍ଞାତ ହେବା ସକାଶେ ସଚେତନ ଭାବେ ଆଖି ଓ କାନକୁ ଖୋଲା ରଖିଲେ । ମଧ୍ୟରାତ୍ର ପରର ଘଟଣା । କୌଣସି ଏକ ବନ୍ୟ ପଶୁ ବୁଦାଗୁଡ଼ିକୁ ଦଳି ମକଚି ଅସ୍ୱାଭାବିକ ଗତିରେ ବରଗଛ ଆଡ଼କୁ ଆଗେଇ ଆସୁଥିଲା । ହଠାତ୍ ତା'ର ଆସିବାର ଶବ୍ଦ ବନ୍ଦ ହୋଇଗଲା । ସେ ହୁଏତ ସେମାନଙ୍କର ନିକଟରେ ଏବଂ ଗଛ ତଳେ କେଉଁଠି ଠିଆ ହୋଇଗଲା । ସେମାନେ ତା'ର ନିଃଶ୍ୱାସ-ପ୍ରଶ୍ୱାସ ଶବ୍ଦକୁ ଶୁଣି ପାରୁଥିଲେ ।

''ଏହା କ'ଣ ଏକ ବଣୁଆ ମଇଁଷି ନା ଗଣ୍ଡା ?''

''ଛୋଟ ହାତୀ ବି ହୋଇପାରେ ।''

''ତା'ର ନିଃଶ୍ୱାସ-ପ୍ରଶ୍ୱାସ ଶବ୍ଦରୁ ତୁମର ମନେ ହେଉଛି କି ଏହା ଏକ ଭାଲୁ ବା ବାର୍ହା ?''

''ନା, ମୁଁ ସେପରି ଭାବୁ ନାହିଁ । ମାତ୍ର ଏହା ନିଶ୍ଚୟ ଏକ ବଡ଼ ପଶୁ ।''

''ଟର୍ଚ୍ଚ ଜଳାଇବି ?''

''ବର୍ତ୍ତମାନ ନୁହେଁ । ସେପରି କରିବା ଦ୍ୱାରା ବରଂ ବିପଦ ଆସିପାରେ ।''

ସେମାନେ ନୀରବ ରହିଲେ । ସେମାନଙ୍କର ହୃତ୍‌ସ୍ପନ୍ଦନ ବଢ଼ିଗଲା । ପଶୁଟି ଏଥର ଗର୍ଜନ କଲା ।

ଜଣେ କହିଲା, ''ନିଶ୍ଚୟ ଏହା ଏକ ବିଶାଳକାୟ ବାଘ । ଏହାର ନିଃଶ୍ୱାସ ଓ ଗତି ମନରେ ଭୟ ସଞ୍ଚାର କରୁଛି । ତୁମକୁ ଜଣା ଅଛି କି ବାଘ ଗଛ ଚଢ଼ିପାରେ ? ଆମର ଉପସ୍ଥିତି ବିଷୟରେ ଆମେ ତାକୁ ଜାଣିବାକୁ ଦେବା ନାହିଁ । ଯେକୌଣସି ସମୟରେ ସେ ଆମ ନିକଟରେ ପହଞ୍ଚି ଯାଇପାରେ । ସାହସ ରଖ । କାନ ଦୁଇଟିକୁ ଖୋଲା ରଖ ।''

ବାଘଟି ପୁନର୍ବାର ଗର୍ଜନ କଲା । ତା'ର ଶକ୍ତିଶାଳୀ ନଖଯୁକ୍ତ ମାଂସଳ ପାଦକୁ ଭୂମି ଉପରେ ପିଟିବାକୁ ଲାଗିଲା, ଯେପରିକି ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲା । ବରଗଛର ଶୀର୍ଷରୁ ଦୁଇଟି ଆଲୋକ ରଶ୍ମି ଆସି ତଳେ ପଡ଼ିବା ଭଳି ସେମାନଙ୍କୁ ଜଣା ପଡ଼ିଲା । ବୋଧହୁଏ ଅନ୍ଧାର ଭିତରେ ଏହା ଦୁଇଟି ଜ୍ୱଳନ୍ତ ଆଖି ଥିଲା । ଏହାପରେ ଉପରୁ ତଳକୁ ବିରାଟକାୟ କିଛି ଗୋଟାଏ ଲମ୍ଫ ଦେଲା । ସେମାନଙ୍କ ଠାରୁ ଅଳ୍ପ ଦୂରରେ ଥିବା କେତେକ ଶାଖାପ୍ରଶାଖା ଶବ୍ଦ କରି ଭାଙ୍ଗି ପଡୁଥିଲା । ସେମାନେ ଭୀତ ଅବସ୍ଥାରେ ଥାଇ କିଛି ଭାବିବା ପୂର୍ବରୁ ବଟବୃକ୍ଷ ତଳେ ଅସ୍ୱାଭାବିକ ଗର୍ଜନ ଓ ବିକଟ ଶବ୍ଦରେ ବନଭୂମି ଏକ ଅଶାନ୍ତ ଯୁଦ୍ଧ ଭୂମିରେ ପରିଣତ ହୋଇଗଲା ।

ସେମାନଙ୍କ ଭିତରୁ ଜଣେ ସାହସ ସଞ୍ଚୟ କରି ଭଗ୍ନସ୍ୱରରେ କହିଲା, ''ସମ୍ଭବତଃ ଏହା ଏକ ବିଶାଳକାୟ ଅଜଗର ସାପ । ଭଗବାନଙ୍କ ନିକଟରେ ଅଶେଷ କୃତଜ୍ଞତା ଯେ ସେ ଆମର ଜୀବନ ରକ୍ଷା କଲେ । ଏହା ଆମ ମସ୍ତକର ଯଥେଷ୍ଟ ଊର୍ଦ୍ଧ୍ୱରେ ଏବଂ ବୃକ୍ଷର ଶୀର୍ଷରେ ଥିଲା । ବର୍ତ୍ତମାନ ଏହା ଆମ ତଳେ ମାଟି ଉପରେ ରହିଛି । ଆମେ ଆମର ସାହସକୁ ଦୁଇଗୁଣ ବଢ଼ାଇ ଦେବା ଏବଂ ସାବଧାନ ରହିବା ।''

ବାଘ ଓ ଅଜଗର ମଧ୍ୟରେ ଲଢ଼େଇ ଅଧଘଣ୍ଟାରୁ ଅଧିକ ସମୟ ଲାଗି ରହିଲା । ଦୁଇଟି ଜିଦ୍‌ଖୋର ଶକ୍ତିଶାଳୀ ଜୀବଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ । ବାତାବରଣରେ କେବଳ ଯନ୍ତ୍ରଣାର ସ୍ୱର ଓ ସ୍ପନ୍ଦନ । ମଝିରେ ମଝିରେ ହୃଦୟ ବିଦାରକ ଶବ୍ଦ । ସେହି ଲଢ଼େଇରେ କେହି ବି ଆତ୍ମସମର୍ପଣ କରୁ ନଥିଲେ କିଂବା ପଛକୁ ହଟିଯିବାକୁ ଚାହୁଁ ନଥିଲେ । ପରିଶେଷରେ କୌଣସି ଶବ୍ଦ ଶୁଣାଗଲା ନାହିଁ । ସେହି ଲଢ଼େଇ ଯେପରି ଅପ୍ରତ୍ୟାଶିତ ଭାବେ ଆରମ୍ଭ ହୋଇଥିଲା ସେହିପରି ଶେଷ ହୋଇଗଲା ।

''ସେମାନଙ୍କର ଲଢ଼େଇ କ'ଣ ସରିଗଲା ?''

''ହୁଏତ ସେମାନେ ଅତିମାତ୍ରାରେ ଆହତ ହୋଇ ପଡ଼ିଛନ୍ତି ।''

''ବର୍ତ୍ତମାନ ଟର୍ଚ୍ଚ ଚଳାଇବି ?''

''ବର୍ତ୍ତମାନ ନୁହେଁ । ଏହାର ଆଲୋକ ଏତେ ବଡ଼ ଦୃଶ୍ୟକୁ ଦେଖାଇବା ପାଇଁ ଯଥେଷ୍ଟ ହେବ ନାହିଁ ।''

ସକାଳ ହେବା ପର୍ଯ୍ୟନ୍ତ ସେମାନେ ବୃକ୍ଷ ଶାଖାରେ ଅପେକ୍ଷା କରି ରହିଲେ । ସେପର୍ଯ୍ୟନ୍ତ ସେମାନେ ଅନିଦ୍ରା ଓ ମାନସିକ ଅସ୍ଥିରତାକୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ବୃକ୍ଷରୁ ଓହ୍ଲାଇ ସେମାନେ ଏକ ଭୟଙ୍କର ଦୃଶ୍ୟ ଦେଖିଲେ । ଅସ୍ୱାଭାବିକ ଭାବେ ଦୀର୍ଘକାୟ ଏକ ବାଘ ଓ ଅନ୍ୟଟି ଅସମ୍ଭବ ଭାବରେ ଲମ୍ବା ଓ ମୋଟା ଏକ ଅଜଗର ମୃତ ଅବସ୍ଥାରେ ତଳେ ପଡ଼ି ରହିଥିଲେ । ବାଘ ଶରୀରର ଲାଞ୍ଜ ପାଖ ଅର୍ଦ୍ଧାଂଶରେ ଅଜଗର ଗୁଡ଼ାଇ ହୋଇ ଚାପି ଧରିଥିଲା । ଅଜଗରର ମସ୍ତକ ପାର୍ଶ୍ୱ ଅଂଶଟି ବାଘର ଦାନ୍ତ ଓ ନଖ ଦ୍ୱାରା ବିଦୀର୍ଣ୍ଣ ହୋଇ ଯାଇଥିଲା । ସେମାନଙ୍କର ମୃତ ଦେହ ରକ୍ତର ଧାରା ଉପରେ ପଡ଼ି ରହିଥିଲା ।

''ଆଉ ଆଗକୁ ଯିବା ନାହିଁ । ଏହିଠାରୁ ଫେରିଯିବା ।''

''ତୁମେ ଠିକ୍ କହିଛ । ଆମେ ଏହିଭଳି ଅନ୍ୟ ଏକ ଦୃଶ୍ୟ ଦେଖିଲେ ସହ୍ୟ କରିପାରିବା ନାହିଁ ।''

''ବନ୍ୟଜନ୍ତୁଙ୍କ ଜୀବନଧାରା ଉପରେ ସମସ୍ତ ତଥ୍ୟ ଲେଖାଯାଇ ପାରିବ ନାହିଁ । ଏହା ଯୁଦ୍ଧ, କ୍ରୋଧ, ଭୟ ଓ ସ୍ୱାଧୀନତା ଉପରେ ଆଧାରିତ ।''

ଅବିଳମ୍ବେ ସେମାନେ ଦ୍ରୁତ ପଦପାତରେ ପ୍ରତ୍ୟାବର୍ତ୍ତନ କଲେ ।

*

କାହାଣୀଟି ଦୃଶ୍ୟମାନ ଜଗତର ଏକ ସାଧାରଣ ଚିତ୍ର । ମାତ୍ର ଏହାର ଶିରୋନାମା ଏକ ପ୍ରତୀକାତ୍ମକ ଅର୍ଥକୁ ବହନ କରେ । ଏଥିରେ ଥିବା ଦୁଇ ଶବ୍ଦ ଅରଣ୍ୟ ଓ ରାତ୍ରି ନିମ୍ନ ପ୍ରାଣିକ ଅବସ୍ଥାକୁ ସୂଚିତ କରୁଛି । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ପଞ୍ଚବଟୀ ଠାରେ ଅବସ୍ଥାନ କରିବା କାଳରେ ଦଣ୍ଡକ ଅରଣ୍ୟରେ ରାକ୍ଷସମାନଙ୍କୁ ନିଧନ କରିଥିଲେ । 'ଯୋଗ ପତ୍ରାବଳୀ'ରେ ପରମପ୍ରଭୁ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି – ''ସବୁରି ଭିତରେ ନିମ୍ନତର ପ୍ରାଣ ସବୁଠାରୁ ଅଧିକ ଅଜ୍ଞାନତା, କାମନାବାସନା ଏବଂ ମିଥ୍ୟା ଦ୍ୱାରା ପରିପୂର୍ଣ୍ଣ ଥାଏ ।'' ଏହା ଯୋଗରେ ଏକ ବଡ଼ ବାଧା । କାରଣ ନିମ୍ନ ପ୍ରକୃତି ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ । ବିବର୍ତ୍ତନର ଶୀର୍ଷରେ ଦିବ୍ୟଜୀବନ ଅଛି । ମନୁଷ୍ୟ

ବିବର୍ତ୍ତନର ମଧ୍ୟଭାଗରେ ରହିଛି । ସେ ବିବର୍ତ୍ତନର ଶିଖରରେ ପହଞ୍ଚି ନାହିଁ । ତା'ର ଜୀବନ ଦିବ୍ୟ ହୋଇ ନାହିଁ । ମନୁଷ୍ୟ ସ୍ତରର ତଳକୁ ସମସ୍ତ ଜୀବନ ଅଦିବ୍ୟ ହୋଇ ରହିଛି । ଦିବ୍ୟର ଅର୍ଥ ହେଲା ପରିପୂର୍ଣ୍ଣ ଜ୍ଞାନର ଜୀବନ । ଅଦିବ୍ୟର ଅର୍ଥ ହେଲା ଅଜ୍ଞାନତାର ଜୀବନ ଯାହା ଅସଙ୍ଗତି ଓ ଅପୂର୍ଣ୍ଣତାର ଏକ ସ୍ଥାୟୀ ମୋହର । ସୀମାବଦ୍ଧତା ଏହାର ଲକ୍ଷଣ । ସାଧାରଣ ମନ ଓ ପ୍ରାଣିକ ଅହଂ ମନୁଷ୍ୟର ଜୀବନକୁ ଅବରୋଧ କରି ରଖିଛି ଓ ନିୟନ୍ତ୍ରଣ କରୁଛି । 'ଯୋଗ ପତ୍ରାବଳୀ'ରେ ଉଲ୍ଲେଖ ଅଛି – ''ଏକ ସ୍ଥିର ଚୈତ୍ୟ ଉନ୍ମୀଳନ, ବିରୋଧୀ ଶକ୍ତିରାଜିର ପ୍ରତ୍ୟାଖ୍ୟାନ, ସମସ୍ତ ବିରୋଧୀ ପରାମର୍ଶରୁ ନିଜକୁ ପୃଥକ୍ ରଖିବା, ମା'ଙ୍କ ଶକ୍ତିର ଶୁଦ୍ଧତା, ସ୍ଥିରତା, ଆଲୋକ ଓ ଶାନ୍ତିକୁ ନିଜ ମଧ୍ୟକୁ ଆସିବାକୁ ଦେବା ଦ୍ୱାରା ପରିଶେଷରେ ଅବରୋଧରୁ ମୁକ୍ତି ମିଳିଥାଏ ।''

❑❑❑

## ନିଉଟନ୍‌ଙ୍କ ଧୈର୍ଯ୍ୟ



ଆପଦ ବିପଦରେ ଧୈର୍ଯ୍ୟ ଧାରଣ କରିବାରେ ଆଇଜାକ୍ ନିଉଟନ୍ (Isaac Newton)ଙ୍କର ତୁଳନା ନାହିଁ । ଆକସ୍ମିକ ଭାବରେ ଯାହା ଘଟିଯାଏ, ତାକୁ ସହିନେବାରେ ତଥା ଆତ୍ମସଂଯମ ରକ୍ଷା କରିବାରେ ତାଙ୍କର ଅଭ୍ୟାସ ଥିଲା । ନିଉଟନ୍‌ଙ୍କ ପୋଷା କୁକୁରର ନାମ ଥିଲା ଡାୟମଣ୍ଡ । କୁହାଯାଏ ଯେ ଯେଉଁଦିନ ସେ ମାଧ୍ୟାକର୍ଷଣ ତତ୍ତ୍ୱର ପ୍ରବନ୍ଧଟି ପୂରା ଲେଖିଦେଲେ, ଲେଖିସାରି ସେ ବାହାରି ଗଲେ ବଗିଚାରେ ବୁଲିବା ପାଇଁ । ପ୍ରବନ୍ଧଟି ଥୁଆ ହୋଇଥାଏ ଟେବୁଲ ଉପରେ । କିଛି ସମୟ ପରେ ବଗିଚା ବୁଲିସାରି ପଢ଼ାଘର ଭିତରକୁ ଫେରି ଆସିଲେ ନିଉଟନ୍ । କିନ୍ତୁ ତାଙ୍କ ଅନୁପସ୍ଥିତିରେ ଘଟିଛି ସର୍ବନାଶ । ଟେବୁଲ ଉପରେ ରହିଥିବା ଯାବତୀୟ କାଗଜପତ୍ର ପୋଡ଼ି ପାଉଁଶରେ ପରିଣତ । ହୁଏତ ବିରାଡ଼ିଟିଏ ଓ ଡାୟମଣ୍ଡ ଗୋଡ଼ାଗୋଡ଼ି ହେବା ସମୟରେ ଡାୟମଣ୍ଡ ଡେଇଁ ପଡ଼ିଛି ଟେବୁଲ ଉପରକୁ । ଡିଆଁଡେଇଁ କରିବା ବେଳେ ଜଳନ୍ତା ଲ୍ୟାମ୍ପଟି ଓଲଟି ପଡ଼ି କାଗଜପତ୍ରଗୁଡ଼ିକରେ ନିଆଁ ଲାଗିଯାଇଛି । ନିଉଟନ୍ ଏ କାଣ୍ଡ-କାରଖାନା ଦେଖି ବିଚଳିତ ହୋଇ ପଡ଼ିଲେନି । ସେ କୁଆଡ଼େ ପୋଷା କୁକୁରକୁ ସମ୍ବୋଧନ କରି କହିଥିଲେ, ''ଡାୟମଣ୍ଡ, ହେ ଡାୟମଣ୍ଡ, ଆଜି ତୁ କି ପ୍ରକାରର କ୍ଷତି କରି ପକାଇଲୁ ତାହା ତୁ ବୁଝି ପାରିବୁନି !''

କଥିତ ଅଛି ଯେ ସେ ତାଙ୍କର ଜଣେ ବନ୍ଧୁଙ୍କୁ କହିଥିଲେ, ''ବସ୍ତୁସକଳ ପରସ୍ପରକୁ ଆକର୍ଷଣ କରୁଥିବାର ମୁଁ ଜାଣେ । କିନ୍ତୁ ବତିର ଶିଖା ପୋକଗୁଡ଼ିକୁ ଆକର୍ଷଣ କରିବା, ପୋକଗୁଡ଼ିକ ବିରାଡ଼ିକୁ ଆକର୍ଷଣ କରିବା ଓ ପରିଶେଷରେ ବିରାଡ଼ିଟି ମୋ କୁକୁରକୁ ଆକର୍ଷଣ କରିବା ବିଷୟରେ ମୁଁ ଆଦୌ ଅବଗତ ନଥିଲି । ଏହି ଆକର୍ଷଣ କ୍ରିୟାର ପରିଣାମରେ କୁକୁରଟି ବତିଟିକୁ ଟେବୁଲ ଉପରେ ପକେଇ ଦେଲା ଓ ବତିର ନିଆଁରେ ଜଳିପୋଡ଼ି ପାଉଁଶ ହୋଇଗଲା ମୋର ସବୁତକ କାଗଜପତ୍ର ।'' ❑

# ଗୋଟିଏ ମଣିଷଖିଆ ବାଘର କାହାଣୀ

**[ଛୋଟ ପିଲାଙ୍କ କ୍ଲାସରେ ଶ୍ରୀମା'ଙ୍କ ଦ୍ୱାରା କଥିତ କାହାଣୀ]**

[୧୯୫୦ ମସିହା ନଭେମ୍ୱର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ଆଠ, ଦଶ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳ ସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ – ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେହି ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦା'ଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ତାହା ପ୍ରକାଶିତ ହେଉଥିଲା । ୮ ମାର୍ଚ୍ଚ, ୧୯୫୭ ମସିହା ଶୁକ୍ରବାର କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

### ବୌଦ୍ଧଧର୍ମରୁ ଗୋଟିଏ କାହାଣୀ

ଶ୍ରୀମା କହିବାକୁ ଆରମ୍ଭ କଲେ :

''ଆଜି ସନ୍ଧ୍ୟାରେ ମଧ ମୁଁ ତୁମ୍ଭମାନଙ୍କୁ କିଛି ପଢ଼ି ଶୁଣାଇ ପାରିବି ନାହିଁ । ମୁଁ ତୁମ୍ଭମାନଙ୍କୁ ଗୋଟିଏ ଗପ କହୁଛି । ଏହା ବୌଦ୍ଧଧର୍ମାବଲମ୍ବୀଙ୍କର ଏକ ଗପ, ଯାହାକୁ ତୁମେମାନେ ପ୍ରାୟ ଜାଣିଛ । ଏହି ଗପଟି ଏବେକାର କିନ୍ତୁ ତାହା ଏକ ପ୍ରାମାଣିକ କଥା । ତୁମ୍ଭେମାନେ ବୋଧହୁଏ ଜାଣିଛ ଯେ ଶ୍ରୀମତୀ 'ଜ' ହେଉଛନ୍ତି ଜଣେ ବୌଦ୍ଧଧର୍ମାବଲମ୍ବିନୀ । ସେ ଲାସାରେ ସର୍ବପ୍ରଥମ ଇଉରୋପୀୟ ନାରୀ ଭାବରେ ପ୍ରବେଶ କରିଥିବାରୁ ବିଶେଷ ଭାବରେ ଜଣାଶୁଣା । ତାଙ୍କର ତିବ୍ବତ-ଯାତ୍ରା ଅତ୍ୟନ୍ତ ବିପତ୍‌ସଙ୍କୁଳ ଓ ଦୁଃସାହସପୂର୍ଣ୍ଣ ଥିଲା । ତାଙ୍କର ସେହି ଯାତ୍ରାର ଅନେକ ଘଟନା ମଧ୍ୟରୁ ମୋତେ ସେ ଗୋଟିଏ କହିଛନ୍ତି । ଆଜି ସନ୍ଧ୍ୟାରେ ମୁଁ ସେହି ଘଟନାଟିକୁ କହିବାକୁ ଯାଉଛି ।

''ଏକ କାରାଭାନ୍‌ରେ ଯାଉଥିଲା ପରି ଶ୍ରୀମତୀ 'ଜ' କେତେ ଜଣ ସହଯାତ୍ରୀଙ୍କର ଗୋଟିଏ ଦଳ ଭିତରେ ଯାଉଥିଲେ ଏବଂ ଇଣ୍ଡୋଚୀନ୍ ମଧ୍ୟଦେଇ ତିବ୍ବତରେ ପ୍ରବେଶ କରିବା ଅପେକ୍ଷାକୃତ ଅଧିକ ସହଜ ହୋଇଥିବାରୁ ସେମାନେ ସେହି ବାଟ ଦେଇ ଯାଉଥିଲେ । ଇଣ୍ଡୋଚୀନ୍ ଅଞ୍ଚଳ ସବୁ ବିରାଟ ବିରାଟ ଜଙ୍ଗଲରେ ପୂର୍ଣ୍ଣ । ଏହି ଜଙ୍ଗଲଗୁଡ଼ିକ ଭିତରେ ବାଘ ଅଛନ୍ତି, ଏବଂ ସେମାନଙ୍କ ମଧ୍ୟରୁ କେତେକ ବାଘ ମଣିଷଖିଆ ବି ହୋଇଯା'ନ୍ତି । ବାଘ ମଣିଷ ଖାଇଲେ ସେତେବେଳେ ତାକୁ 'ଶ୍ରୀଯୁକ୍ତ ବ୍ୟାଘ୍ର'(Mr. Tiger) ବୋଲି କୁହାଯାଉଥିଲା ।

''ଏକ ବିଳମ୍ବିତ ସନ୍ଧ୍ୟାରେ ସେମାନେ ସମସ୍ତେ ଗୋଟିଏ ଘଞ୍ଚ ଜଙ୍ଗଲ ଅତିକ୍ରମ କରି ଯାଉଥା'ନ୍ତି । ଆଶ୍ରୟ ନେବା ପାଇଁ ସେମାନଙ୍କୁ ଜଙ୍ଗଲଟି ପାର ହୋଇ ଏକ ନିରାପଦ ସ୍ଥାନରେ ତମ୍ବୁ ପକାଇବାକୁ ହେବ । ଏହି ସମୟରେ ଶ୍ରୀମତୀ 'ଜ' ତାଙ୍କର ଧ୍ୟାନ କରିବାର ସମୟ ହୋଇ ଯାଇଛି ବୋଲି ଅନୁଭବ କଲେ । ସେତେବେଳେ ସେ ନିର୍ଦ୍ଦିଷ୍ଟ ସମୟରେ ନିୟମିତ ଭାବରେ ଧ୍ୟାନ କରୁଥିଲେ । ଏଥିରେ ସେ କେବେହେଲେ ବ୍ୟତିକ୍ରମ କରୁ ନଥିଲେ । ସେ ତାଙ୍କର ସାଙ୍ଗମାନଙ୍କୁ କହିଲେ, 'ଆପଣମାନେ ଆଗେ ଆଗେ ଯାଉଥା'ନ୍ତୁ, ମୁଁ ଏଇଠି ବସି ଧ୍ୟାନ କରିନେବି ଏବଂ ଧ୍ୟାନ ସାରି ପୁଣି ଆପଣମାନଙ୍କ ସହିତ ମିଶିବି । ଏହା ମଧ୍ୟରେ ଆପଣମାନେ ପରବର୍ତ୍ତୀ ସ୍ଥାନରେ ପହଞ୍ଚି ଡେରା ପକାଇବା ଆରମ୍ଭ କରି ଦିଅନ୍ତୁ ।' ସେକଥା ଶୁଣି ଦଳରୁ ଜଣେ କୁଲି କହିଲା, 'ନାହିଁ ଆଜ୍ଞା, ଏହା ଅସମ୍ଭବ, ସମ୍ପୂର୍ଣ୍ଣ ଭାବରେ ଏହା ଅସମ୍ଭବ !' ସେହି ଲୋକଟି ତା'ର ସ୍ୱାଭାବିକ ତିବ୍ବତୀୟ ଭାଷାରେ କଥାଗୁଡ଼ିକ କହିଲା । ମାତ୍ର ଶ୍ରୀମତୀ 'ଜ' ଜଣେ ତିବ୍ବତୀୟମାନଙ୍କ ପରି ତିବ୍ବତୀୟ ଭାଷା ଜାଣିଥିଲେ । ତା'ପରେ କୁଲିଟି ପୁଣି କହିଲା, 'ସେକଥା କଦାପି ହେବ ନାହିଁ । ଏହି ଜଙ୍ଗଲରେ ଗୋଟିଏ ମଣିଷଖିଆ ବାଘ ରହିଛି । ଠିକ୍ ଏଇ ସମୟରେହିଁ ତା'ର ବାହାରକୁ ବାହାରି ଶିକାର ଧରିବାର ସମୟ । ଆମେ ଆପଣଙ୍କୁ ଛାଡ଼ି ଯାଇ ପାରିବୁ ନାହିଁ କିମ୍ବା ଆପଣ ଏଠାରେ ରହି ପାରିବେ ନାହିଁ ।' ଶ୍ରୀମତୀ 'ଜ' ଉତ୍ତର ଦେଲେ ଯେ ସେ ଏ ବିଷୟରେ ଆଦୌ ଚିନ୍ତା କରୁ ନାହାନ୍ତି,

କାରଣ ତାଙ୍କ ଲାଗି ନିରାପଦରେ ଯିବା ଅପେକ୍ଷା ଧ୍ୟାନର ମୂଲ୍ୟ ଯଥେଷ୍ଟ ଅଧିକ । ତେଣୁ ସେମାନେ ସମସ୍ତେ ଚାଲି ଯାଆନ୍ତୁ ଓ ସେ ସେଠାରେ ଏକୁଟିଆ ରହିବେ ବୋଲି ଇଚ୍ଛା କରୁଛନ୍ତି ।

''ବହୁତ ଅନିଚ୍ଛା ସତ୍ତ୍ୱେ ସେମାନେ ସମସ୍ତେ ଆଗକୁ ବାହାରି ଗଲେ, କାରଣ ଶ୍ରୀମତୀ 'ଜ'ଙ୍କ ସହିତ ଯୁକ୍ତି କରିବା ଅସମ୍ଭବ ଥିଲା । ସେ ଯାହା କରିବାକୁ ଥରେ ନିଷ୍ପତ୍ତି ନେଉଥିଲେ, କୌଣସି ଜିନିଷ ସେଥିରୁ ତାଙ୍କୁ ନିବୃତ୍ତ କରିପାରୁ ନଥିଲା । ତେଣୁ ଅନ୍ୟମାନେ ସେଠାରୁ ଚାଲିଗଲେ ଓ ସେ ଶାନ୍ତ ହୋଇ ଗୋଟିଏ ଗଛ ମୂଳରେ ବସି ଧ୍ୟାନସ୍ଥ ହେଲେ । କିଛି ସମୟ ପରେ ସେ ଏକ ପ୍ରକାର ଅସ୍ୱସ୍ତିକର ଉପସ୍ଥିତି ଅନୁଭବ କଲେ । ପ୍ରକୃତ ଘଟନା କ'ଣ ଜାଣିବାକୁ ସେ ତାଙ୍କର ଆଖି ଖୋଲିଲେ, ଏବଂ ତାଙ୍କର ଠିକ୍ ସମ୍ମୁଖରେ ପ୍ରାୟ ତିନି, ଚାରି ଖୋଜ ଦୂରରେ ମଣିଷଖିଆ ବାଘଟିଏ ଥିଲା । ତୀବ୍ର ଲୋଲୁପ ଦୃଷ୍ଟିରେ ସେ ତାଙ୍କୁ ଅନାଇ ରହିଥିଲା । ଜଣେ ନିଷ୍ଠାବାନ୍ ବୌଦ୍ଧ ପରି ସେ କହିଲେ, 'ଠିକ୍ ଅଛି, ଯଦି ଏହିପରି ଭାବରେହିଁ ମୋର ନିର୍ବାଣ ଲାଭ କରିବାର କଥା ତେବେ ତାହାହିଁ ହେଉ । ବର୍ତ୍ତମାନ ମୋତେ କେବଳ ଉପଯୁକ୍ତ ଭାବରେ ଓ ଯଥାର୍ଥ ମନୋଭାବ ସହିତ ଶରୀରତ୍ୟାଗ କରିବା ଲାଗି ପ୍ରସ୍ତୁତ ହେବାକୁ ହେବ ।' ତେଣୁ ମୋଟେ ନ ଘୁଞ୍ଚି, ଏପରିକି ଟିକିଏ ବି ହେଲେ ହଲଚଲ ନହୋଇ ସେ ପୁଣି ଆଖି ମୁଦି ଦେଲେ ଓ ପୁନର୍ବାର ଧ୍ୟାନମଗ୍ନ ହୋଇଗଲେ । ସଂସାରର ମାୟାରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ପୃଥକ୍ କରିନେଇ ନିର୍ବାଣ ମଧ୍ୟକୁ ପ୍ରବେଶ କରିବା ଲାଗି ପ୍ରସ୍ତୁତ ହୋଇ ଏକ ଗଭୀରତର ଧ୍ୟାନସମାହିତ ଅବସ୍ଥାକୁ ଚାଲିଗଲେ । ... ପାଞ୍ଚ ମିନିଟ ଗଲା, ଦଶ ମିନିଟ ଗଲା, ଏହିପରି ଅଧଘଣ୍ଟାଏ ବିତିଗଲା, — ମାତ୍ର କୌଣସି ଘଟଣା ଘଟିଲା ନାହିଁ । ତା'ପରେ ଧ୍ୟାନ ସମାପ୍ତ ହେବାର ସମୟ ହୋଇଯିବାରୁ ସେ ଆଖି ଖୋଲିଲେ ... ମାତ୍ର ଆଉ ବାଘ ସେଠାରେ ନଥିଲା । ନିଃସନ୍ଦେହ ଭାବେ ବାଘଟି ଏପରି ଗୋଟିଏ ଅଚଳ ଶରୀରକୁ ଦେଖି ଭାବିଲା ଯେ ଏହା ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । କାରଣ କେବଳ ହେଟାକୁ ଛାଡ଼ି ଦେଲେ ସବୁ ହିଂସ୍ରଜନ୍ତୁଙ୍କ ପରି ବାଘମାନେ ବି କେବେହେଲେ କୌଣସି ମୃତଦେହକୁ ଆକ୍ରମଣ କରନ୍ତି ନାହିଁ କିଂବା ଖାଆନ୍ତି ନାହିଁ । ମୁଁ କହୁ ନାହିଁ ଯେ ଧ୍ୟାନର ନିବିଷ୍ଟତା ଯୋଗୁଁ ସେ ଛାଡ଼ି ଚାଲିଗଲା, ମାତ୍ର ପ୍ରାୟ ଏପରି ଏକ ଅଚଳ ଶରୀରକୁ ଦେଖି ବାଘ ସେଠାରୁ ପଳାଇ ଯାଇଥିଲା । ଶ୍ରୀମତୀ 'ଜ' ନିଜକୁ ବିପଦମୁକ୍ତ ଭାବରେ ଏକୁଟିଆ ପାଇଲେ । ସେ ଶାନ୍ତ ଭାବରେ ତାଙ୍କ ରାସ୍ତାରେ ଯାଇ ତମ୍ବୁ ନିକଟରେ ପହଞ୍ଚିଲେ ଓ କହିଲେ, 'ମୁଁ ଆସିଲିଣି' ।

''ଏଇଠି ଗପଟି ସରିଲା । ଆମେ ବର୍ତ୍ତମାନ ଶ୍ରୀମତୀ 'ଜ'ଙ୍କ ପରି ଧ୍ୟାନରେ ବସିବା, ଅବଶ୍ୟ ଆପଣାକୁ ନିର୍ବାଣ ଲାଗି ପ୍ରସ୍ତୁତ କରିବାକୁ ନୁହେଁ (*ସମସ୍ତେ ହସିଲେ*), ମାତ୍ର ଆମର ଚେତନାକୁ ଉତ୍ତୋଳିତ କରି ନେବା ଲାଗି ଧ୍ୟାନରେ ବସିବା ।''

ଅନୁବାଦ : ଶେଷଦେବ କର

(Ref. CWM, Vol. 9, pp. 53 - 54) ❑

ପ୍ରାଣିକ ଶକ୍ତିଗୁଡ଼ିକ ପ୍ରାୟ ସବୁ ସ୍ଥାନରେ ଥାଆନ୍ତି । ଯଦି ତୁମେ ସେହି ଶକ୍ତିମାନଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କର, ତେବେ ତୁମେ ଯେଉଁଠି ଥାଅ ନା କାହିଁକି, ସେମାନେ ତୁମ ଭିତରକୁ ସହଜରେ ପ୍ରବେଶ କରିବେ । ଯିଏ ସାଧନା କରିବାକୁ ଚାହେଁ, ସେ ଏସବୁ ଭୟ ଆତଙ୍କକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଯୋଗ-ଜୀବନ ସକାଶେ ଏପରି ଦୁର୍ବଳତା ନିହାତି ଅସଂଗତ କଥା । ଯଦି ସାଧକ ଏହାକୁ ଦୂରକୁ ଫିଙ୍ଗି ଦେଇ ନ ପାରେ, ତେବେ ଯୋଗ-ଜୀବନ ପାଇଁ ଚେଷ୍ଟା ନ କରିବା ବରଂ ଅଧିକ ନିରାପଦ ହେବ । ନିଜ ମଧ୍ୟରେ ଗୋଟିଏ ବିଜୟ ଲାଭ କରିବା ଅର୍ଥ ଅଧିକ ବିଜୟ ହାସଲ କରିବା ଦିଗରେ ବୃହତ୍ତର ଶକ୍ତି ଲାଭ କରିବା ।

ଯେତେବେଳେ ତୁମ ମଧ୍ୟରେ କୌଣସି ଦୁର୍ବଳତା ଦେଖାଦିଏ, ସେତେବେଳେ ତୁମେ ଜାଣିବାର ସୁଯୋଗ ପାଅ ଯେ ଚେତନାର କେଉଁ ଅଂଶଟି ଏପର୍ଯ୍ୟନ୍ତ ରୂପାନ୍ତରିତ ହୋଇ ନାହିଁ, ଏବଂ ସେହି ଅଂଶକୁ ଶକ୍ତିଶାଳୀ କରିବା ପାଇଁ ଊର୍ଦ୍ଧ୍ୱସ୍ଥ ଶକ୍ତିକୁ ଆବାହନ କରିବ ।

— ଶ୍ରୀଅରବିନ୍ଦ

# ସଂଖ୍ୟା '୯'ର କୌତୁକ

## ଧର୍ମକୁମାର ଶତପଥି

ସମୟର ଘୂର୍ଣ୍ଣନରେ ଆଉ ଏକ ରବିବାର ହାଜର ହୋଇଯାଇଛି । ମୋର ରୁଟିନ୍‌ବନ୍ଧା କାର୍ଯ୍ୟକ୍ରମରୁ ବିରତି ନେଇ ମୁଁ ଏହି ରବିବାରରେ ଘରକରଣା ଯନ୍ତ୍ରପାତିକୁ ସଜଡ଼ାସଜଡ଼ି କରିବା ଅଥବା ମୋର ପୁରୁଣା ବହିପତ୍ରସବୁକୁ ସଫାସଫି କରି ଯତ୍ନରେ ରଖିବା କାମ କରିଥାଏ । ମୋର ଛାତ୍ର ଜୀବନରେ ପଢ଼ିଥିବା ବହି ଓ ପୁରୁଣା ପତ୍ରିକା ଇତ୍ୟାଦିକୁ ସଜାଡ଼ି ରଖିବାକୁ ପ୍ରସ୍ତୁତ ହୁଏ । ସେଥିପାଇଁ ମୋର ଅନୁଭବ ହୁଏ ସତେ ଯେମିତି ଏହି ରବିବାରଗୁଡ଼ିକ ମରୁଭୂମିରେ ଗୋଟିଏ ଗୋଟିଏ ମରୁଦ୍ୟାନ ଭଳି । ଆରବ ଦେଶର ମରୁଯାତ୍ରୀମାନେ ମରୁଭୂମିରେ ଯାଉଁ ଯାଉଁ ଏକ ମରୁଦ୍ୟାନ ପାଇଲେ ଯେମିତି କିଛି ସମୟ ପାଇଁ ଥକ୍କା ମାରିଥା'ନ୍ତି, ସଙ୍ଗରେ ପାଣି ନେବା ସହ ତୃଷ୍ଣା ମେଣ୍ଟାଇ ଥା'ନ୍ତି ଏବଂ ପୁଣି ତାଙ୍କର ଯାତ୍ରାକୁ ଆରମ୍ଭ କରିଥା'ନ୍ତି – ଠିକ୍ ସେହିପରି । ସପ୍ତାହର ସୋମବାର ଠାରୁ ଜୀବନଯାତ୍ରାରେ ମୋର ଫୁରୁସତ ପାଇବାର ଆଶ୍ରୟସ୍ଥଳୀ ହେଉଛି ଏଇ ରବିବାର ଗୋଟିକ ।

ଏମିତି ସକାଳଟେ ଧରି ରବିବାର ଆସିଛି । ମୁଁ ମୋ ପଢ଼ା ଘରେ ପୁରୁଣା ବହିପତ୍ର ସଫାସଫି କରିଚାଲିଛି । ଅଳ୍ପ ଦୂରରେ ବାରଣ୍ଡାରେ ଝିଅ ବସି ତା'ର ସ୍କୁଲର ପାଠ୍ୟକର୍ମକୁ ପ୍ରସ୍ତୁତ କରୁଛି । ମଝିରେ ମଝିରେ ମୋତେ ପଚାରି ତା'ର ପାଠ ବିଷୟରେ ଥିବା କିଛି ସନ୍ଦେହ ଦୂର କରୁଛି ।

ତା'ର ପାଠପଢ଼ାର ମଗ୍ନତାରେ ମୁଁ ଖୁସି ଅଛି । ପ୍ରତିଦିନ ସକାଳୁ ସିଏ ଗଣିତ ବିଷୟ ପଢ଼େ । କିଛି ସନ୍ଦେହ ଥିଲେ ପଚାରେ । ମୋ'ଠୁ ଠିକ୍ ଉତ୍ତର ପାଇଲେ ସିଏ ବି ଖୁସି ହୁଏ । ଏହା ତା'ର ଚିରାଚରିତ ଅଭ୍ୟାସ ।

କିଛି ସମୟ ନୀରବରେ କଟି ଯାଇଛି । ହଠାତ୍ ଝିଅ ଏକପ୍ରକାର ବିସ୍ଫୋରଣ କରିବା ପରି କହିଉଠିଲା – ''ବାପା ! ବାପା ! ଜାଣିଲଣି ? ଏହି ପଣକିଆରେ '୯'ର ଟେବୁଲରେ କେମିତି ଏକ ଯାଦୁକରୀ ଗୁଣ ଛପି ରହିଛି ?''

ମୁଁ ମୋର ସେମିତି କାମରେ ବ୍ୟସ୍ତ ଥାଇ ଓଲଟା ପଚାରିଲି – ''୯ର ଟେବୁଲ ! ଯାଦୁକରୀ ଗୁଣ ! କ'ଣ ସେଇଟା ?

– ''ବାପା, ଏଇ ୯ର ଟେବୁଲରେ ମିଳୁଥିବା ୯, ୧୮, ୨୭, ୩୬, ୪୫, ୫୪, ୬୩, ୭୨, ୮୧ ଓ ୯୦ ପ୍ରତ୍ୟେକ ସଂଖ୍ୟାରେ ଅଙ୍କମାନଙ୍କର ସମଷ୍ଟି '୯' ହେଉଛି । ଅନ୍ୟ ଟେବୁଲରେ ଏପରି ହେଉ ନାହିଁ । ପୁଣି ୯ ରୁ ୪୫ ଯାଏ ଗଲା ପରେ ସେଇ ସଂଖ୍ୟାର ଅଙ୍କମାନଙ୍କର ସ୍ଥାନ ବଦଳି ସଂଖ୍ୟାଟି ଓଲଟି ଯାଉଛି । ବେଶ୍ ମଜାକଥା ! ନୁହେଁ ?''

ମୁଁ ଝିଅର ଏ ଆବିଷ୍କାରକୁ ନୀରବରେ ଭାବିହେଲି – ଏ ମଜାକଥାଟି ଧରି ପାରିଛି ବୋଲି ଝିଅ ଖୁସିରେ ଏ ବିସ୍ଫୋରଣ କରୁଛି । ଏଇ '୯' ସଂଖ୍ୟାର ଆହୁରି କେତେ ଯେ ମଜାକଥା ଅଛି ଯା'କୁ ଜଣାଇ ଦେଲେ ସେ କେତେ ଖୁସି ନ ହେବ !

ମୋର ଅନୁମାନ ହେଲା, ଝିଅ ଏହି ସଂଖ୍ୟା ଜ୍ଞାନରେ ଏକ ପ୍ରକାର 'କୂପମଣ୍ଡୁକ' ହୋଇ ରହି ଯାଇଛି । କୂଅ ଭିତରେ ରହି ଆସିଥିବା କୌଣସି ଏକ ବେଙ୍ଗ ଯେବେ ଉପରକୁ ଆଖି ବୁଲାଏ, ତେବେ କୂଅର ପରିସର ପରିମିତ ଆକାଶକୁ ସେ ଦେଖିପାରେ ଏବଂ ଆକାଶର ବ୍ୟାପକତା ସେତିକି ବୋଲି ତା'ର ଧାରଣା ରହେ । ମାତ୍ର ଯଦି କୂଅରୁ ସେ କୌଣସି ପ୍ରକାରେ ବାହାରକୁ ବାହାରି ଆସେ, ସେତେବେଳେ ଆକାଶର ପରିସର କେତେ ବ୍ୟାପକ, ପ୍ରସାରିତ ସେ ବିଷୟ ଉପଲବ୍ଧି କରି ଆଚମ୍ବିତ, ଚକିତ ହୋଇଥାଏ । ଏଇଆ ଭାବି ମୁଁ ମୋ କାମକୁ ସେଇଠି ରଖି ତା' ପାଖକୁ ଆସିଲି । କହିଲି, ''ତୁ ଠିକ୍ କହିଛୁ । ଏହି '୯' ସଂଖ୍ୟାଟି ଏକ ଅଦ୍ଭୁତ ସଂଖ୍ୟା । ଏହାର ଅନେକ କୌତୁକ ଗୁଣ ରହିଛି । ସେଥିରୁ କେତୋଟି କହିବି, ଶୁଣିବୁ ?''

ଝିଅ ଆଗ୍ରହୀ ହୋଇ କହିଲା, ''ହଁ, କୁହ ବାପା । ଏଇ '୯'ର କୌତୁକ ଗୁଣ କ'ଣ, କ'ଣ ?''

ମୁଁ ତା'ର ଖାତା କଲମ ଆଣି ଲେଖିବାକୁ ଗଲି ଓ କହିଲି, ''ଏଇ ତଳର ଯୋଗଫଳକୁ ଲକ୍ଷ୍ୟ କର : ୧୨+ ୯ = ୨୧, ୨୩+୯ = ୩୨, ୩୪+୯ = ୪୩, ୪୫+୯ = ୫୪, ୫୬+୯ = ୬୫, ୬୭+୯ = ୭୬, ୭୮+୯ = ୮୭, ୮୯+୯ = ୯୮ : ଏଠାରେ ତୁ କ'ଣ ଲକ୍ଷ୍ୟ କରୁଛୁ ଏଇ ଯୋଗଫଳରୁ ?''

ସେ କିଛି ସମୟ ଗୁଣୁ ଗୁଣୁ ହୋଇ ଏଇ ଯୋଗଫଳକୁ ଲକ୍ଷ୍ୟ କରିଗଲା ବେଶ୍ ମନଯୋଗ ଦେଇ । ଉତ୍ତର ଦେଲା, ''ହଁ, ବାପା, କ୍ରମିକ ସଂଖ୍ୟାମାନଙ୍କ ଦ୍ୱାରା ତିଆରି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ '୯' ଯୋଗକଲାରୁ ଅଙ୍କ ଦୁଇଟିର ସ୍ଥାନ ବଦଳି ଯାଉଛି । ଫଳରେ ଓଲଟା ସଂଖ୍ୟା ମିଳୁଛି । ଏଇଆ ତ ! ମୁଁ ଠିକ୍ କହିଲି ନା !''

ଝିଅର ଆତ୍ମବିଶ୍ୱାସପୂର୍ଣ୍ଣ ଉତ୍ତର ମୋତେ ମୁଗ୍ଧ କଲା । ମୁଁ ଉତ୍‌ଫୁଲ୍ଲିତ ହୋଇ କହିଲି, ''ଦେଖିଲୁ, '୯'ର କୌତୁକ ଗୁଣ କେମିତି ?''

ଝିଅ ପୁଣି ଆଖି ବୁଲାଇ ନେଲା ଏଇ ଯୋଗଫଳ ଉପରେ । ମୋ ଆଡ଼କୁ ଅନାଇଲା । ମୁଁ ଆଗକୁ କ'ଣ କହିବି ତାକୁ ଉତ୍ସୁକ ହୋଇ ଶୁଣିବାକୁ ଅପେକ୍ଷା କଲା । ମୁଁ କହିଲି, ''ଆଚ୍ଛା ଝିଅ, ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା କେତୋଟି ଅଛି କହିବୁ ?''

– ''ହଁ ! ୧୦ ଠାରୁ ୯୯ ପର୍ଯ୍ୟନ୍ତ ସଂଖ୍ୟାମାନେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ।'' – ଝିଅ ଉତ୍ତର ଦେଲା ।

– ''ହଁ ଯେ ! ଏମାନଙ୍କର ସଂଖ୍ୟା କେତେ ?'' ମୁଁ ପୁଣି ଦୋହରାଇଲି । ଝିଅ ଚଟାପଟ ଉତ୍ତର ଦେଲା, ''୯୯ – ୯ = ୯୦ଟି ସଂଖ୍ୟା ଦୁଇ ଅଙ୍କ ବିଶିଷ୍ଟ ଅଟନ୍ତି । ମୁଁ କହିଲି – ''ସାବାସ । ଏହି ୯୦ଟି ସଂଖ୍ୟା ମଧ୍ୟରୁ ଯେକୌଣସି ସଂଖ୍ୟା (ତା'ର ଅଙ୍କମାନେ କ୍ରମିକ ହୋଇ ନଥିଲେ ମଧ୍ୟ) ନେବୁ ଓ ତହିଁରେ '୯'କୁ ମିଶାଇ ମିଶାଇ ଯିବୁ, ତେବେ ଏପରି କିଛି ବାଟ ଗଲାପରେ ତୁ ଜାଣିବୁ ଯେ ଅଙ୍କ ଦୁଇଟିର ସ୍ଥାନ ବଦଳି ଯାଇଛି । ଅବଶ୍ୟ ୧୧, ୨୨, ୩୩ ଇତ୍ୟାଦି ସଂଖ୍ୟାକୁ ବାଦ୍ ଦେଇ; ଯେଉଁଠି ଉଭୟ ଅଙ୍କ ସମାନ ହେତୁ ବଦଳିବାର ପ୍ରଶ୍ନ ନାହିଁ ।''

– ''ସତରେ ! କିପରି ?'' – ଝିଅ ପୁଣି ଜିଜ୍ଞାସା କଲା ।

ସରଳ ଭାବେ ବୁଝାଇବା ପାଇଁ ମୁଁ ଏକ ଉଦାହରଣ ନେଲି । କହିଲି – ''ଧରିନେ ୧୯ । ଏହା ସହିତ '୯'କୁ ମିଶାଇ ମିଶାଇ ଗଲେ କେତେ ବାଟ ପରେ ତୁ ଏହାର ଓଲଟା ସଂଖ୍ୟା ପାଇବୁ । ପରୀକ୍ଷା କର ।''

ସେ ପରୀକ୍ଷା କଲା – ୧୯+୯ = ୨୮, ୨୮+୯ = ୩୭, ୩୭+୯ = ୪୬, ୪୬+୯ = ୫୫, ୫୫+୯ = ୬୪, ୬୪+୯ = ୭୩, ୭୩+୯ = ୮୨, ୮୨+୯ = ୯୧ । ''ଆରେ, ସତେ ତ ! ଠିକ୍ କଥା !'' – ସେ ଜୋର୍ ଦେଇ କହିଲା ।

ମୁଁ କହିଲି – ''ଆଉ ଗୋଟିଏ ଉଦାହରଣ ନେ : ୨୬ । ୨୬+୯ = ୩୫, ୩୫+୯ = ୪୪, ୪୪+୯ = ୫୩, ୫୩+୯ = ୬୨ । ଏହିପରି ତୁ ୧୩, ୧୫, ୨୩, ୨୮, ୪୯ ଇତ୍ୟାଦି ସଂଖ୍ୟା ନେଇ '୯' ଯୋଗ କରି କରି ଗଲେ ଏମାନଙ୍କର ଓଲଟା ସଂଖ୍ୟା ପାଇବୁହିଁ ପାଇବୁ ।''

ଝିଅ ଖାତା କଲମ ଧରି ଗୋଟେ, ଦୁଇଟା ସଂଖ୍ୟାର ପରୀକ୍ଷା କଲା । ସବୁ ସ୍ଥଳରେ ସେଇ ଏକହିଁ ଫଳ ପାଇଲା ।

ମୁଁ ଲକ୍ଷ୍ୟ କରୁଥିଲି, କେତେ ମନୋଯୋଗ ସହକାରେ ସେ ଏହି '୯'ର ଯୋଗଫଳକୁ ଆତ୍ମସ୍ଥ କରୁଛି । କିଛି ସମୟ ନୀରବରେ କଟିଗଲା । ନୀରବତା ଭାଙ୍ଗି ମୁଁ ଝିଅକୁ ଉତ୍ସୁକାଇବା ଭଙ୍ଗିରେ କହିଲି, ''ଏହି ଯେଉଁ ୯ର ଯୋଗଫଳରେ ସଂଖ୍ୟାମାନ ପାଇ ପାଇ ଶେଷରେ ଓଲଟା ସଂଖ୍ୟାକୁ ଜାଣୁଛୁ, ଏଥିରେ ଆଉ ଗୋଟିଏ ମଜାଳିଆ କୌତୁକ ଗୁଣ ବି ଛପି ରହିଛି । ତାହା କ'ଣ ତୁ ଠଉରାଇ ପାରୁଛୁ ?''

– ''ଆଉ ଗୋଟିଏ ଯାଦୁକରୀ ଗୁଣ ? ନା' ତ ବାପା । ୟା ଭିତରେ ପୁଣି କି ଯାଦୁକରୀ ଗୁଣ ଛପି ରହିଛି ? ତାହା ତ ମୁଁ ଠଉରାଇ ପାରୁ ନାହିଁ ।'' ସେ ଅସହାୟ କଣ୍ଠରେ ଉତ୍ତର ଦେଲା ।

ମୁଁ ପୁଣି ଫେରିଗଲି ସେଇ ୧୯ର ଯୋଗଫଳର ଉଦାହରଣ ପାଖକୁ । କହିଲି – ''ଏହି ଯେଉଁ ୧୯ରେ ୯ ମିଶାଇ, ମିଶାଣ ଫଳରେ ପୁଣି '୯' ମିଶାଇ ଆଗକୁ ଆଗକୁ ଗଲୁ, ସବୁ ଯୋଗଫଳରେ ୧୯, ୨୮, ୩୭, ୪୬... ଇତ୍ୟାଦି ପାଇଲୁ । ଲକ୍ଷ୍ୟ କର ଏଇ ସଂଖ୍ୟାମାନଙ୍କର ଅଙ୍କମାନଙ୍କର ସମଷ୍ଟି '୧୦' ହେଉଛି; ଅର୍ଥାତ୍ ୧+୯ = ୧୦, ୨+୮ = ୧୦, ୩+୭ = ୧୦, ୪+୬ = ୧୦, ୫+୫ = ୧୦ ୬+୪ = ୧୦ ଇତ୍ୟାଦି ଇତ୍ୟାଦି । ପ୍ରତ୍ୟେକ ଯୋଗଫଳରେ ଅଙ୍କମାନଙ୍କର ସମଷ୍ଟି ସମାନ ହେଉଛି । ପୁଣି ଅଙ୍କମାନେ ଏକ ନିର୍ଦ୍ଦିଷ୍ଟ ଛାଞ୍ଚରେ ରହିଲା ପରି ୧ ଓ ୯, ୨ ଓ ୮, ୩ ଓ ୭, ୪ ଓ ୬, ୫ ଓ ୫ ଏମିତି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ (System)ରେ ସଜାଇ ହୋଇ ରହିଛନ୍ତି । ବୁଝିଲୁ ?''

ଝିଅ ତା'ର ଉଦାହରଣ ୨୫କୁ ଦେଖି କହିଲା – ''ଆରେ, ସତେ ତ । ମୋ ଉଦାହରଣ ୨୫+୯ = ୩୪, ୩୪+୯ = ୪୩, ୪୩+୯ = ୫୨ରେ ମଧ୍ୟ ୩+୪ = ୭, ୪+୩ = ୭, ୫+୨ = ୭ ହିଁ ରହିଯାଉଛି । ପୁଣି ଆଗ ଭଳି ୩, ୪ ଓ ୫ ଦଶକ ଅଙ୍କ ହେଲା ବେଳକୁ ୪, ୩ ଓ ୨

ଏକକ ଅଙ୍କ ହେଉଛି, ଏକ ତରଙ୍ଗାୟିତ ଭଙ୍ଗିଳ ଢଙ୍ଗରେ । ବେଶ୍ ମଜାଦାର । ଖାଲି ବୁଝି ପାରିଲେ ହେଲା ।''

ଏହାପରେ ମୁଁ ୯ର ଅନ୍ୟ ଏକ ଯାଦୁକରୀ ଗୁଣ କଥା ଉପସ୍ଥାପନା କରିବାକୁ ଗଲି । କହିଲି – ''ଝିଅରେ, ଏଇ ଯେଉଁ ଗଣିବା ପାଇଁ ବ୍ୟବହୃତ ସଂଖ୍ୟା ୧, ୨, ୩, ୪, ୫, ୬ ... ... ଇତ୍ୟାଦି ଅପରିସୀମ ସଂଖ୍ୟା ରହିଛି, ଏମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାକ୍ରମରେ ରଖି ଯୋଗ କଲେ, ଯାହା ଯୋଗଫଳ ପାଇବା ତାକୁ ମଧ୍ୟ '୯'ର ସମ୍ପର୍କିତ କରି ରଖିପାରିବା ।''

ଝିଅର ସେଇ ଚିରାଚରିତ ଜିଜ୍ଞାସା – ''କିପରି ?''

– ''୧ ଠାରୁ ଆଗକୁ ଯେତେ ଅନିର୍ଦ୍ଦିଷ୍ଟ ସଂଖ୍ୟା ଅଛନ୍ତି, ଏମାନଙ୍କୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ଯୋଗ କରି କରି ଗଲେ, ପ୍ରତ୍ୟେକଟି ଯୋଗଫଳକୁ '୯' ସଂଖ୍ୟାର ଘାତ ହିସାବରେ ଲେଖି ପାରିବା । ଏହା ତୋତେ ସାମାନ୍ୟ କଠିନ ହୋଇପାରେ; ମାତ୍ର ବୁଝିଗଲେ ବେଶ୍ ମଜାଦାର ଲାଗିବ !'' – ମୁଁ କହିଲି ।

ପୁଣି କହିଲି – ''ଏଇ ତଳର ସଂଖ୍ୟା ସଜ୍ଜୀକରଣକୁ ଲକ୍ଷ୍ୟ କର :

୧ = ୯° (୯ ସଂଖ୍ୟାର ଶୂନ ଘାତ) । କୌଣସି ସଂଖ୍ୟାର ଘାତ 'ଶୂନ' ହେଲେ, ତା'ର ମୂଲ୍ୟ '୧' ହୁଏ । ୨+୩+୪ = ୯ (୯ ସଂଖ୍ୟାର ପ୍ରଥମ ଘାତ) ।

୫+୬+୭+୮+୯+୧୦+୧୧+୧୨+୧୩ => ୯x୯ = ୯ର ଦ୍ୱିତୀୟ ଘାତ ।

୧୪+୧୫+୧୬+୧୭+... ... ... + ୩୮+୩୯+୪୦ => ୯x୯x୯ = ୯ର ତୃତୀୟ ଘାତ ।

୪୧+୪୨+୪୩+୪୪+୪୫+ ... ... ... + ୧୧୯+୧୨୦+୧୨୧ => ୯x୯x୯x୯ = ୯ର ଚତୁର୍ଥ ଘାତ ।

୧୨୨ + ୧୨୩ + ୧୨୪ +୧୨୫ + ... ... ... + ୩୬୨+୩୬୩+୩୬୪ => ୯x୯x୯x୯x୯ = ୯ର ପଞ୍ଚମ ଘାତ ।

ଏହିପରି ଆଗକୁ ସମସ୍ତ କ୍ରମିକ ସଂଖ୍ୟାମାନଙ୍କର ସମଷ୍ଟିକୁ ଆମେ ୯ର ଉଚ୍ଚତର ଘାତ ମାଧ୍ୟମରେ ଲେଖି ପାରିବା । ପୁଣି ଏଇ ସଜ୍ଜୀକରଣକୁ ଅନୁଧ୍ୟାନ କଲେ ଆମେ କେତୋଟି ମଜା କଥା ଜାଣିବା :

ପ୍ରଥମ ଧାଡ଼ିରେ ୧ ଅଛି । ମାତ୍ର ଗୋଟିଏ ଅଙ୍କ ।

ଦ୍ୱିତୀୟ ଧାଡ଼ିରେ ୨, ୩ ଓ ୪ । ଏଠାରେ ୩ଟି ସଂଖ୍ୟା ଅଛି । ମଝି ସଂଖ୍ୟାଟି ୩ ।

ତୃତୀୟ ଧାଡ଼ିରେ ୫ରୁ ୧୩ ଯାଏ ୯ଟି ଅଙ୍କ ଅଛି । ଏମାନଙ୍କର ଠିକ୍ ମଝି ଅଙ୍କଟି ୯ ।

ଚତୁର୍ଥ ଧାଡ଼ିରେ ୧୪ରୁ ୪୦ ପର୍ଯ୍ୟନ୍ତ ୨୭ଟି ଅଙ୍କ ଅଛି । ଏହାର ମଝି ଅଙ୍କଟି ୨୭ । ଏମିତି ଧାଡ଼ି ସଂଖ୍ୟା ବଢ଼ି ବଢ଼ି ଗଲେ ଅଙ୍କ ସଂଖ୍ୟା ଏବଂ ଠିକ୍ ମଝି ଅଙ୍କ ସମାନ ରହିବ । ତାହା ପୁଣି ଗୁଣୋତ୍ତର କ୍ରମରେ ୧, ୩, ୯, ୨୭, ୮୧, ୨୪୩, ୭୨୯ ... ଏହିପରି କ୍ରମରେ । ଜାଣିଲୁ !''

ଝିଅ ଅତ୍ୟନ୍ତ ମୁଗ୍ଧ ହୋଇ ଯାଇଥିଲା ବୋଧହୁଏ । ସେଥିପାଇଁ ସେ କିଛି ନକହି ଚୁପ୍‌ଚାପ୍ ରହିଥିଲା । ପୁଣି ବିଷୟ ବସ୍ତୁ ତା' ପାଇଁ କେତେ ପରିମାଣରେ ଦୁର୍ବୋଧ ହୋଇଥିବ ମଧ୍ୟ । ଏହା ବୁଝିପାରି ମୁଁ ତାକୁ ଗଣିତ ବିଷୟରୁ ମୁକ୍ତ ହେବା ପାଇଁ କହିଲି – ''ଦଶଟା ବାଜି ଗଲାଣି । ଯା' ଝିଅ ଗାଧୁଆ ପାଧୁଆ କରିବୁ ଓ ଅନ୍ୟ କାମରେ ମନ ଦେବୁ ।'' ସିଏ ଉଠିଗଲା ସେମିତି ନୀରବ ଭାବେ ତା'ର ଖାତା, କଲମ ଧରି ।

ମୁଁ ପୁଣି ମୋ ନିଜସ୍ୱ କାର୍ଯ୍ୟଧାରାକୁ ଫେରି ଆସିଲି ।

❑❑❑

You are rich only by the money that you give to the Divine Cause.
*(30 January 1959)* – *The Mother*

ଯେଉଁ ସମ୍ପତ୍ତି ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପିତ ହୁଏ, ତାହାହିଁ ଯଥାର୍ଥ ସମ୍ପତ୍ତି ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଶୃଗାଳ-ଗଞ୍ଜା ଘଟିତ ପ୍ରଜ୍ଞାର ଉଦ୍‌ଭାସନ

ଭାଷା, ବଚନ, ବାକ୍, ଶବ୍ଦ – ଏସବୁ ସମ୍ପର୍କରେ ଆମର ଶାସ୍ତ୍ରୀୟ ସାହିତ୍ୟରେ ବ୍ୟାପକ ଆଲୋଚନା ଓ ତତ୍ତ୍ୱ ରହିଛି । ଏଠାରେ ଶାସ୍ତ୍ର କଥା କହୁ ନାହିଁ । Classical ଅର୍ଥରେ 'ଶାସ୍ତ୍ରୀୟ' ଅଭିବ୍ୟକ୍ତ ବ୍ୟବହାର କରୁଛି । ଆମର ଦର୍ଶନ ସାହିତ୍ୟ ଏହାର ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଂଶ । ନ୍ୟାୟ ଦର୍ଶନ କହେ, ଏକ ଶବ୍ଦ ବା ବାକ୍ୟର ଅର୍ଥ ଯଥାର୍ଥ ଭାବରେ ବୁଝିବା ପାଇଁ ଉଚ୍ଚାରଣକାରୀର ଉଦ୍ଦେଶ୍ୟ ସମ୍ପର୍କରେ ଆମକୁ ଅବହିତ ହେବାକୁ ପଡ଼ିବ । ମୀମାଂସା କହେ, ଥରେ ଉଚ୍ଚାରିତ ହେବା ପରେ ବାକ୍ୟ ବା ଶବ୍ଦର ଏକ ସ୍ୱାଧୀନ ସ୍ଥିତି ଆସିଗଲା । ବକ୍ତାର ଉଦ୍ଦେଶ୍ୟ ସେଠି ଅପ୍ରାସଙ୍ଗିକ ।

ଉଭୟ ତତ୍ତ୍ୱରୁ କୌଣସି ଗୋଟିକୁ ଆମେ ଭୁଲ୍ ବୋଲି କହିପାରିବା ନାହିଁ । ଉଭୟଟି ସତ୍ୟ କିଂବା ସତ୍ୟ ଉଭୟରେ ସନ୍ନିହିତ । ତଥାପି କେତେ ଯୁକ୍ତି, କେତେ ତର୍କ ଏ ଉଭୟ ତତ୍ତ୍ୱକୁ ଭିତ୍ତି କରି ସମ୍ଭବପର । ସେସବୁ ଦାର୍ଶନିକ ତର୍କ ବୃଥା ନୁହେଁ; ତହିଁ ଭିତରୁ ସତ୍ୟ ଓ ବାସ୍ତବତାର କେତେ ଦିଗ ଆମ ଆଗରେ ଉଦ୍ଭାସିତ ହୁଏ ।

ଏହି ସତ୍ୟର ଏକ ପ୍ରାଜ୍ଞ ଦିଗ ହେଲା ବାକ୍‌ଶକ୍ତିର ପ୍ରୟୋଗ ଓ ବାକ୍‌ସଂଯମ ଦିଗରେ ସତର୍କତା ସ୍ଥୂଳ ଜୀବନରେ ବହୁବିଧ ସମସ୍ୟା ଏଡ଼ାଇ ଯିବାରେ ଆମକୁ ସାହାଯ୍ୟ କରିପାରେ । ଦୈନନ୍ଦିନ ଅଭିଜ୍ଞତାହିଁ ଆମକୁ ଜଣାଇଦିଏ ଆମେ ଯେତେ କଥା କହିଥାଉଁ, ତା'ର ବହୁଳାଂଶ ନ କହିଥିଲେ ଚଳିଥା'ନ୍ତା । ସେତିକି ନୁହେଁ, ନ କହିଥିଲେ ମଙ୍ଗଳହିଁ ହୋଇଥା'ନ୍ତା ।

ଅନ୍ୟ ଦିଗରେ, ବକ୍ତାର ଉଦ୍ଦେଶ୍ୟ ପ୍ରତି ଧ୍ୟାନ ନଦେଇ ତା' ବାକ୍ୟ ଗ୍ରହଣ କରିବା ଥରେ ଥରେ ଭୟଙ୍କର ମଧ୍ୟ ହୋଇପାରେ । ଉଚ୍ଚାରିତ ବାକ୍ୟ ତ ନିଶ୍ଚୟ ଶ୍ରୋତା ଉପରେ ପ୍ରଭାବ ପକାଇବ – କାରଣ ଶବ୍ଦ ଏକ ସ୍ୱାଧୀନ ଶକ୍ତି – କିନ୍ତୁ ଉଚ୍ଚାରଣୀ ଉତ୍ସକୁ ଯାଇ ଆମେ ଯଦି ବକ୍ତାର ଚରିତ୍ର ଓ ମତଲବ ନିରୂପଣ କରି ପାରିଥା'ନ୍ତୁ, ତେବେ ହୁଏତ ସେ ପ୍ରଭାବରୁ ନିଜକୁ ମୁକ୍ତ ରଖିପାରନ୍ତୁ ।

ଦୃଷ୍ଟାନ୍ତ ରୂପେ ଯେଉଁ କାହାଣୀ ମନକୁ ଆସୁଛି, ସେ କାହାଣୀର ଜନପ୍ରିୟତା ଅବିସମ୍ବାଦିତ । ଭାରତବର୍ଷହିଁ ତା'ର ଜନ୍ମସ୍ଥାନ । ସାମାନ୍ୟ ଅଦଳ ବଦଳ ହୋଇ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ତାହା ପହଞ୍ଚିଲା ଯାଇ ଇଂଲଣ୍ଡରେ । ଚସର୍‌ଙ୍କ ''କ୍ୟାଣ୍ଟରବୋରି ଟେଲ୍‌ସ''ରେ ସ୍ଥାନ ପାଇ ଇଂରାଜୀ ଭାଷା ଅଧ୍ୟୁଷିତ ପୃଥିବୀର ସବୁ ଦେଶର ଶିଶୁ କଥାରେ ତାହା ଅମରତ୍ୱ ପ୍ରାପ୍ତ :

ବଣକୁ ଲାଗି ନିପଟ ପଲ୍ଲୀ । ପଲ୍ଲୀ ସୀମାନ୍ତର କୁଡ଼ିଆରେ ଥାଏ ବୁଢ଼ୀଟିଏ । ବୁଢ଼ୀର ଐଶ୍ୱର୍ଯ୍ୟର ବିଶେଷ ଅଂଶ ହେଲା ତା'ର ସୁପାଳିତ କୁକୁଡ଼ା ପଲ । ଯେଉଁ ସୁଦୃଶ୍ୟ ସୁଠାମ ଗଞ୍ଜା ଗୋଟିକ ସେ ପଲର ରାଜକୀୟ ନେତା, ନାମ ତା'ର ଚଣ୍ଟିକ୍ଲିଆର୍ । ତା'ର ପ୍ରେୟସୀ ମୁରଗୀଟିର ନାମ ମାଡ଼ାମ୍ ପାର୍ଟିଲୋଟି ।

ଯେତେବେଳେ ନାନାଦି ଆକାର ପ୍ରକାରର ବହୁ ମୁରଗୀ ପରିବେଷ୍ଟିତ ଗୋବରଗଦା ଜାତୀୟ ଢିପଟାଏ ଉପରେ ଠିଆ ହୋଇ ଚଣ୍ଟିକ୍ଲିଆର୍ ତା'ର ଉଦାତ୍ତ କଣ୍ଠ ମେଲିଦିଏ ସେତେବେଳେ ବଣର ପକ୍ଷୀକୁଳ ନିସ୍ତବ୍ଧ ହୋଇ ଯାଆନ୍ତି । ସେହି ନିସ୍ତବ୍ଧତା ଭିତରେ କଣ୍ଟାବାଡ଼ ଆରପାଖରୁ ଗଞ୍ଜା ଉପରେ ଲୋଲୁପ ଦୃଷ୍ଟି ରଖି ବସିଥାଏ ବଣର ପ୍ରମୁଖ ଶୃଗାଳ ବାପୁଡ଼ା । ଚସର୍-ପ୍ରଦତ୍ତ ତା'ର ନାମଟି ଚଟାପଟ ମନେ ପକାଇପାରୁ ନାହିଁ । ତେବେ ସେ ଜଣେ 'ସାର୍' ।

ଦିନେ ବାଡ଼ର ଅପେକ୍ଷାକୃତ ପାଖରେ ଚଲାବୁଲା ଏବଂ ପ୍ରାତରାଶ ଅନୁସନ୍ଧାନ କରୁଥାଏ ଚଣ୍ଟିକ୍ଲିଆର୍ । ସୁଯୋଗ ପାଇ ସାର୍ ଶୃଗାଳ ତାକୁ ଶୁଣାଇ ଖାଲି ''ଆହା, ଆହା ଚୁ ଚୁ'' ହେଲା । ମୁରଗୀରାଜ କୌତୂହଳୀ ହୋଇ ତା' ଆଡ଼େ ଦୃଷ୍ଟିପାତ କରନ୍ତେ ସାର୍ ଶୃଗାଳ କହିଲା, ''ତୁମକୁ ଦେଖିଲେ ତୁମ ସ୍ୱର୍ଗତଃ ପିତୃଦେବଙ୍କ ସ୍ମୃତିରେ ମୋ ହୃଦୟ ଆନ୍ଦୋଳିତ ହୋଇଉଠେ । ସେମିତି ମିତ୍ରଟିଏ ଏ ଜୀବନରେ ପାଇବି ସେ ଆଶା ନାହିଁ । ଯେତେବେଳେ ସେ କଣ୍ଠଖୋଲି ଗୀତ ବୋଲୁ ଥାଆନ୍ତି, ସେତେବେଳେ ମୁଁ ଅଭିଭୂତ ଅନୁଭବ କରୁଥାଏଁ; ତାଙ୍କର ସେହି କଣ୍ଠକଳା ଜନ୍ମ ସୂତ୍ରେ ତୁମକୁ ମିଳିଛି କି ନା ଜାଣେନା ।''

''ମିଳିଛି; ଅବଶ୍ୟ ମିଳିଛି !'' ଉତ୍ସାହଭରେ ଘୋଷଣା କଲା ବେଶ୍ କିଛି ମାତ୍ରାରେ ଫୁଲି ଉଠିଥିବା ଗଞ୍ଜା । ସଙ୍ଗେ ସଙ୍ଗେ ସେ ମେଲି ଦେଲା କଣ୍ଠ ।

''ଚମତ୍କାର, ଚମତ୍କାର !'' ସାବାସି ଦେଲା ଶୃଗାଳ ଏବଂ ଗମ୍ଭୀର ଭାବରେ କହିଲା, ''ତେବେ ତୁମ ପିତାଙ୍କର ଏକ ବିଶେଷତ୍ୱ ଥିଲା । ସେ ଗୀତ ଗାଇଲା ବେଳେ ନୟନ

ଯୋଡ଼ିକ ମୁଦ୍ରିତ ରଖୁଥିଲେ । ସେ ଭାବାବେଶ ତାଙ୍କ ସଙ୍ଗୀତକୁ ଦେଉଥିଲା ଏକ ନୂତନ ସ୍ପନ୍ଦନ ।''

''ମୋତେ ବି ଆଖି ବନ୍ଦ କରି ଗୀତ ବୋଲିବାର ଶୈଳୀ ମାଲୁମ ଅଛି । ମୁଁ ତ ପୁଣି ବାପ୍‌କା ବେଟା !'' କହି ଚଣ୍ଟିକ୍ଲିଆର୍ ଆଖି ବୁଜି ପୁନର୍ବାର ସଙ୍ଗୀତ ପରିବେଷଣ ଆରମ୍ଭ କରନ୍ତେ ଶୃଗାଳ ଦମ୍ ନେଇ ହଠାତ୍ ତା' ଉପରକୁ କୁଦି ପଡ଼ି ତାକୁ କାମୁଡ଼ି ଧରି ବଣ ଭିତରକୁ ଦୌଡ଼ିଲା ।

ସେ ନାଟକୀୟ ହରଣଚାଲ ଦୃଶ୍ୟ ଦେଖି ପକାଇଲା ମାଡ଼ାମ୍ ପାର୍ଟିଲୋଟି । ସେ ମର୍ମନ୍ତୁଦ ଚିତ୍କାର ଯୋଗେ ଖାଉନ୍ଦାଣୀକୁ ଚମକାଇ ଦେଲା । ଖାଉନ୍ଦାଣୀ ବୁଢ଼ୀ, ତା' ପଛେ ପଛେ ତା' ଝିଅ, ପଛେ ପଛେ କୁକୁର — ଏମିତି ସଶସ୍ତ୍ର ବାହିନୀ ଚିତ୍କାର କରି ଲାଠି ବାଡ଼ି ଗଛ ବୁଦା ଉପରେ ପ୍ରହାର କରି ମୁର୍ଗୀରାଜର ପୁନରୁଦ୍ଧାର ପ୍ରୟାସରେ ବଣ ଭିତରକୁ ଦୌଡ଼ ଦେଲେ । ହୋମରଙ୍କ ପ୍ୟାରିସ୍ ହେଲେନ୍ ଅଫ୍ ଟ୍ରୟଙ୍କୁ ଧରି ଚମ୍ପଟ ମାରିବା ବେଳେ ବି ପରିସ୍ଥିତି ଏଡ଼େ ଉତ୍କଣ୍ଠାମୟ ହୋଇ ନଥିଲା ।

ହତଚକିତ, ବିମୂଢ଼ ଚଣ୍ଟିକ୍ଲିଆର୍ ମୁହୂର୍ତ୍ତକ ପରେ ନିଜକୁ ସଜାଡ଼ି ନେଇ କହିଲା, ''ଶୃଗାଳ ପୁଙ୍ଗବ ! ସେ ବୁଢ଼ୀ ଆଉ ତା' ସାଥିରେ ଦୌଡ଼ୁଥିବା ପଲକଯାକ ପ୍ରାଣୀ କେଡ଼େ ଓଲୁ ସତେ ! ସେମାନଙ୍କ ଶ୍ରମ ବୃଥା ବୋଲି ଥରେ ଅଟ୍ଟହାସ୍ୟ ସହକାରେ କହି ଦେଉନା !''

''ଠିକ୍, ଠିକ୍ ! କହି ଦେଉଛି !''

ସାଫଲ୍ୟ-ଗର୍ବିତ ଶୃଗାଳ ମୁହଁ ଖୋଲିବା ମାତ୍ରେ ଚଣ୍ଟିକ୍ଲିଆର୍ ବିଜୁଳି ବେଗରେ ଖସି ଯାଇ ଗୋଟାଏ ଗଛ ଚଢ଼ି ବସିଲା । ମୁହୂର୍ତ୍ତକ ଭିତରେ କେତେ କ'ଣ ଘଟିଗଲା ! ଆଉ ଅବଶ୍ୟ ବିପଦ ନାହିଁ । ବୁଢ଼ୀ ଓ ତା' ଦଳ ଅଚିରେ ପହଞ୍ଚି ଯିବେ । ଶୃଗାଳ ପ୍ରାଣ ଧରି ପଳାଇବାକୁ ବାଟ ପାଇଯିବ ମାତ୍ର !

ଶୃଗାଳ ନିଜ ମୂର୍ଖତା ସମ୍ପର୍କରେ ଚେତି ଉଠିଥାଏ । ଏକ ଶେଷ ଉଦ୍ୟମ ରୂପେ କହିଲା, ''ବନ୍ଧୁ ପୁତ୍ର, ହେ ଅନିନ୍ଦ୍ୟ ଗାୟକ ! ତୁମ ମୋ ସମ୍ପର୍କ କଥା ଏ ମୂର୍ଖମାନେ କ'ଣ ବୁଝିବେ ? ତୁମକୁ ପାଗଳ ଜନତାଠାରୁ ଦୂରକୁ ନେଇ ଯାଇ ନିକାଞ୍ଚନରେ ଗୀତ ବୋଲିବାର ସୁଯୋଗ ଦେବା ଦିଗରେ ମୋର ଯେଉଁ ଗଠନମୂଳକ ସାଧୁ ଉଦ୍ୟମ, ତାକୁ ସମ୍ମାନ ଦେବା ଦିଗରେ ସେମାନଙ୍କୁ କେତେ ଜନ୍ମ ଲାଗିବ କିଏ ଜାଣେ !''

''ହେଲା, ହେଲା ! ଅଧିକ ଚତୁରତା କରନା ଧୂର୍ତ୍ତ ପାଷଣ୍ଡ ! ଧିକ୍ ମୋତେ; ଯେତେବେଳେ ମୁଁ ଅପଲକ ସତର୍କ ରହିବା କଥା, ସେତିକିବେଳେ ଆଖି ବନ୍ଦ ରଖିଲି !'' ସନ୍ତପ୍ତ କଣ୍ଠରେ କହିଲା ଚଣ୍ଟିକ୍ଲିଆର୍ ।

''ଧିକ୍ ମୋତେ; ଯେତେବେଳେ ମୁଁ ପାଟି ବନ୍ଦ ରଖିବା କଥା, ସେତିକିବେଳେ ପାଟି ଖୋଲିଦେଇ ବହୁ ଯୋଜନା ଏବଂ ଶ୍ରମଲବ୍ଧ ସମ୍ପଦଟି ହରାଇଲି !'' ଏହା କହି ଶୃଗାଳ ପଳାୟନ କଲା । ବୁଢ଼ୀ ଓ ତା' ଦଳ ନିକଟବର୍ତ୍ତୀ ହୋଇ ଆସୁଥିଲେ ।

ଆପାତ ଶ୍ରବଣରେ ମାମୁଲି ଲାଗିବା ଏ ଲୋକକଥାଟିର ତାତ୍ପର୍ଯ୍ୟ ମହତ୍, ଏହାର ବାର୍ତ୍ତା ବିପୁଳ ପ୍ରଜ୍ଞା-ସଂଜାତ; କିନ୍ତୁ ସାଧାରଣ, ଅସାଧାରଣ, ସମସ୍ତ ପର୍ଯ୍ୟାୟର ମଣିଷଙ୍କ ସକାଶେ ବାର୍ତ୍ତାଟି ସମାନ ଭାବରେ ପ୍ରଯୁଜ୍ୟ ।

ପ୍ରତ୍ୟେକ କର୍ମ ପାଇଁ ଏକ ମୁହୂର୍ତ୍ତ ରହିଛି । ମୁହୂର୍ତ୍ତ ଓ କର୍ମର ସମନ୍ୱୟ ସାଧନ କମ୍ କୃତିତ୍ୱ ନୁହେଁ । ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ କେତେବେଳେ ଆଖି ଖୋଲା ରଖିବା କଥା ଓ କେତେବେଳେ ପାଟି ବନ୍ଦ ରଖିବା କଥା, ଆମେ ଯଦି ସେତିକି ଜ୍ଞାନ ଆୟତ୍ତ କରିପାରନ୍ତୁ, ଜୀବନର ଗତି ହୁଅନ୍ତା ଅପେକ୍ଷାକୃତ ବାଧାମୁକ୍ତ ।

ବର୍ତ୍ତମାନ ଦାର୍ଶନିକ ଗଭୀରତା ଭିତରୁ କାହାଣୀର ବାର୍ତ୍ତାକୁ ଅନୁଶୀଳନ କରାଯାଉ । ନ୍ୟାୟ ଦର୍ଶନ କହେ, ଶବ୍ଦର ଅର୍ଥ ଉଚ୍ଚାରଣକାରୀର ଉଦ୍ଦେଶ୍ୟ ଅନୁସାରେହିଁ ନିରୂପିତ ହୋଇପାରେ । ଚଣ୍ଟିକ୍ଲିଆର୍ ସେ ତତ୍ତ୍ୱ ପ୍ରତି ଦୃକ୍‌ପାତ ନକରି ସାର୍ ଶୃଗାଳର ପ୍ରଶଂସାକୁ ନିଜ ଅହଂକୁ ସୁହାଇବା ରୀତିରେ ଗ୍ରହଣ କରି ଭୁଲ୍ କଲା । ପୁଣି ଚଣ୍ଟିକ୍ଲିଆର୍ ଯେତେବେଳେ ନିଜ ଜୀବନର ଚୂଡ଼ାନ୍ତ ସଙ୍କଟ ବେଳେ ବାକ୍‌ପଟୁତାର ଆଶ୍ରୟ ନେଲା ସେତେବେଳେ ସାର୍ ଶୃଗାଳ ମଧ୍ୟ କଥାଟି ତା' ନିଜ ବାହାଦୁରି ପ୍ରତି ଅନୁକୂଳ ହୋଇଥିବା ଦୃଷ୍ଟିରୁ ନିଜ କୌଶଳ ଭୁଲିଯାଇ ପାଟି ଖୋଲିଲା ଓ ଦୁଷ୍ପ୍ରାପ୍ୟ ଉପାର୍ଜନ ବିସର୍ଜନ ଦେବାକୁ ବାଧ୍ୟ ହେଲା ।

ବର୍ତ୍ତମାନ ମୀମାଂସା ଦୃଷ୍ଟିରୁ ଦେଖିବା : ସମଗ୍ର କାହାଣୀ ଯେଉଁ ବାର୍ତ୍ତା ଦେଉଛି, ତାହା ଏକ ସାର୍ବଭୌମ ସତ୍ୟ ! କାହାଣୀ ଭିତରେ ମଧ୍ୟ ଶବ୍ଦସବୁ ଉଚ୍ଚାରଣକାରୀର ମତଲବ-ନିରପେକ୍ଷ ହୋଇ ସ୍ୱାଧୀନ ଭାବରେ ନିଜ ପ୍ରଭାବ ବିସ୍ତାର କରିଛନ୍ତି ।

**— ମନୋଜ ଦାସ**

('ଜୀବନ ଜିଜ୍ଞାସା ଏବଂ ସ୍ମରଣିକା ସ୍ତବକ'ରୁ
ସଂଗୃହୀତ, ପୃଷ୍ଠା : ୨୭ - ୩୧) ❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 7** **R.N.I. No. 18163/70.**
Navaprakash (Monthly), July, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ଦ୍ୱିତୀୟ ଖଣ୍ଡ)**




ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**